ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୦/୨୦୨୨ (୧୬ ପୃଷ୍ଠା) | Sambalpur, Thursday, October 20/2022 | Page 16 | ₹ 7.00 | ★★
୧୮ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 302 | ମୂଲ୍ୟ ₹୭/-



### ଶ୍ରାବଣୀଙ୍କୁ ରୌପ୍ୟ

ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ରେସ୍‌ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି।

୧୬

୧୦

### ଆଉ ଏକ ବାୟୋପିକ୍‌ରେ କଙ୍ଗନା

ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ କଙ୍ଗନା ରଣାଓ୍ୱତ ଥିଏଟର ଆର୍ଟିଷ୍ଟ ବିନୋଦିନୀଙ୍କ ବାୟୋପିକ୍‌ରେ ଅଭିନୟ କରିବେ।





କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନେରେଡ଼ିବାଲାସାରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପି. ରାଜନା ଦୋରାଙ୍କୁ ଭବ୍ୟ ସ୍ୱାଗତ କରି ନିଆଯାଉଛି।

# କୋଟିଆ ଲୋଭ ଛାଡୁନାହିଁ ଆନ୍ଧ୍ର

**ପଟ୍ଟାଙ୍ଗୀ, ୧୯।୧୦(ଡି.ଏନ୍.ଏ.)**

- **ପ୍ରଶାସନିକ ଅଧିକାରୀଙ୍କ ପରେ ପଶିଲେଣି ନେତା**
- **ନେରେଡ଼ିବାଲାସାରେ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ**
- **ପ୍ରଲୋଭିତ କରିବାକୁ 'ଗାଡ଼ପଗାଡ଼ପ' ଯୋଜନା**
- **ଗୁରୁବାର କାର୍ଯ୍ୟକ୍ରମ ଭଣ୍ଡୁର ଲାଗି ପଟ୍ଟାଙ୍ଗୀ ପ୍ରଶାସନ ସଜାଗ**

ଆନ୍ଧ୍ର ଆଖିରେ ଲାଖିଯାଇଛି କୋଟିଆ ଲୋଭ। ସେଇଥିପାଇଁ କଳେବଳେ, କୌଶଳେ ଓଡ଼ିଶାର ପ୍ରାଚୁର୍ଯ୍ୟଭରା ଭୂଖଣ୍ଡକୁ ହାତେଇବା ପାଇଁ ଗୋଟିଏ ପରେ ଗୋଟିଏ ଚକ୍ରାନ୍ତ ଚଳାଇଛି। ସୀମାନ୍ତ ଗ୍ରାମକୁ କବ୍‌ଜା କରିବା ଲାଗି ପ୍ରଥମେ ପ୍ରଶାସନିକ ଅଧିକାରୀ ବାରମ୍ବାର ଅନୁପ୍ରବେଶ କରୁଥିବାବେଳେ ଏବେ ବଡ଼ ବଡ଼ ନେତାମାନେ ଆସି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ପ୍ରଲୋଭିତ କରିବା ଆରମ୍ଭ କଲେଣି। କୋଟିଆ ଗ୍ରାମପଞ୍ଚାୟତ ପ୍ରତି ରାଜ୍ୟ ସରକାର ଏବଂ କୋରାପୁଟ ଜିଲା ପ୍ରଶାସନର ଅହେତୁକ ଅବହେଳା ପଡ଼ୋଶୀ ରାଜ୍ୟ ପାଇଁ ସୁଯୋଗ ଆଣିଦେଇଥିବାବେଳେ ବୁଧବାର ନେରେଡ଼ିବାଲାସା ଗ୍ରାମରେ ସାଲୁର ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପି. ରାଜନା ଦୋରାଙ୍କ ଉପସ୍ଥିତି ଆନ୍ଧ୍ରର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଅନ୍ୟପଟେ ଉପମୁଖ୍ୟମନ୍ତ୍ରୀ ଦୋରା କାର୍ଯ୍ୟକ୍ରମ ସାରି ଫେରିବା ପରେ ସୁପ୍ତ ଅବସ୍ଥାରେ ଥିବା ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି। ତଳଗଞ୍ଜେଇପଦରରେ ଗୁରୁବାର ନିର୍ଦ୍ଧାରିତ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ଲାଗି ରାତାରାତି ଯୋଜନା କରାଯାଇଛି। ସେଠାରେ ବିଜୁ ପକ୍କାଘର ଏବଂ ବଳରାମ ଯୋଜନାର ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ଲାଗି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ପଟ୍ଟାଙ୍ଗୀ ବ୍ଲକ କର୍ତ୍ତୃପକ୍ଷଙ୍କ ଚରମ ଉଦାସୀନତା କାରଣରୁ କୋଟିଆ ଗ୍ରାମପଞ୍ଚାୟତ ଉପରେ ☞ପୃଷ୍ଠା-୪

# ୭ ଜିଲାକୁ ବାତ୍ୟା ଭୟ

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**



- **କେନ୍ଦ୍ରାପଡ଼ାରୁ ବାଲେଶ୍ୱର ମଧ ଦେଇ ସ୍ଥଳଭାଗ ଛୁଇଁପାରେ ବାତ୍ୟା 'ସିତ୍ରାଙ୍ଗ'**
- **୧୦୦ରୁ ୧୨୦ କି.ମି. ବେଗରେ ବହିପାରେ, ସତର୍କ କଲେ ଏସ୍ଆର୍‌ସି**
- **୨୨ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଗୁରୁବାର ଲଘୁଚାପରେ ପରିଣତ ହେବ। ଆସନ୍ତା ୨୨ ତାରିଖରେ ଏହା ଅବପାତ ରୂପ ନେବ। ୨୨ରୁ ୨୪ ତାରିଖ ମଧ୍ୟରେ ଧୀରେ ଧୀରେ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହି ବାତ୍ୟାର ନାଁ ରହିବ 'ସିତ୍ରାଙ୍ଗ'। ଥାଇଲାଣ୍ଡ କରିଥିବା ନାମକରଣ ଅନୁସାରେ ଏହା ରଖାଯାଇଛି। ତେବେ ଏ ପର୍ଯ୍ୟନ୍ତ ବାତ୍ୟାର ଚିତ୍ର ସ୍ପଷ୍ଟ ହୋଇପାରି ନାହିଁ। ସିତ୍ରାଙ୍ଗ କେଉଁ ଦିଗ ଦେଇ ଗତିକରିବ, ଏହାର ତୀବ୍ରତା କେତେ ରହିବ, କେଉଁଠି ଲ୍ୟାଣ୍ଡଫଲ୍ କରିବ ତାହା ସ୍ପଷ୍ଟ ହୋଇପାରି ନାହିଁ। କେତେକ ପାଣିପାଗ ମଡେଲ କହୁଛି, ବାତ୍ୟା କେନ୍ଦ୍ରାପଡ଼ାରୁ ବାଲେଶ୍ୱର ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିପାରେ। ତେବେ ୭ ଜିଲା ପୁରୀ, ଖୋର୍ଦ୍ଧା, ବାଲେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ ଓ ଭଦ୍ରକ ପ୍ରତି ବାତ୍ୟା ଭୟ ରହିଛି। ଏହିସବୁ ଜିଲାର ଜିଲାପାଳମାନଙ୍କୁ ଆଲର୍ଟ ରହିବାକୁ ଏସ୍ଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏସ୍ଆରସି ଉପକୂଳବର୍ତ୍ତୀ ଜିଲା ପ୍ରଶାସନ ସହିତ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଆଲୋଚନା କରିଛନ୍ତି। ଏଥିସହ ଅଧିକାରୀମାନଙ୍କୁ ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଥିବା ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

# ଫସଲ ଚିନ୍ତାରେ ଚାଷୀ

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ବିଲରେ ବର୍ଷକ ପରିଶ୍ରମର ଫଳକୁ ଚାହିଁଛନ୍ତି ଚାଷୀ। ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ମନଲୋଭାଣିଆ ଧାନ ଫସଲ ହୋଇଛି। ମାସକ ପରେ ଧାନ ଅମଳ କରିବେ। ଏହି ଖୁସିରେ ବିଭୋର ଚାଷୀଙ୍କ ପାଇଁ ଏବେ କଳାବାଦଲ ଘୋଟି ଆସୁଛି। ବଙ୍ଗୋପସାଗରର ଦକ୍ଷିଣ ଆଣ୍ଡାମାନରେ ଏକ ବାତ୍ୟା ଦାନା ବାନ୍ଧିଲାଣି। ଆସନ୍ତା ୨୪ କିମ୍ବା ୨୫ ତାରିଖରେ ଏହା ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କଲାଣି। ଯଦିଓ ବାତ୍ୟାର ଗତିପଥ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ, ତେବେ ଏହା ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ଆଶଙ୍କାକୁ ଏଡ଼ାଯାଇ ନାହିଁ। ଯଦି ବାତ୍ୟା ଓଡ଼ିଶାରେ ପ୍ରବେଶ କରିବ, ତେବେ ଫସଲ ଉଜୁଡିବା ଏକ ପ୍ରକାର ନିଶ୍ଚିତ। ଏକଥା ଶୁଣି ଚାଷୀଙ୍କ ମନରେ ଛନକା ପଶିଛି। ପବନ ଓ ବର୍ଷା ଦାଉରୁ ଫସଲକୁ କିପରି ବଞ୍ଚାଇବେ କିଛି ବୁଦ୍ଧି ବାଟ ପାଉନାହାନ୍ତି। ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ଚାଷୀମାନଙ୍କୁ ଏ ପର୍ଯ୍ୟନ୍ତ କୌଣସି ଆଶ୍ୱାସନା ଦିଆଯାଇ ନାହିଁ। କରୋନା ମହାମାରୀରେ ଚାଷୀଙ୍କ ଅଣ୍ଟା ଭାଙ୍ଗି ପଡ଼ିଥିବା ବେଳେ ସମ୍ଭାବ୍ୟ ବାତ୍ୟା ଆଉ ଏକ ଦୁର୍ଦ୍ଦଶା ନେଇ ଆସୁଛି। ଅର୍ଥ ଓ ଶ୍ରମ ଦେଇ ବଞ୍ଚାଇଥିବା ଫସଲ ହାତକୁ ଫେରିବ କି ନାହିଁ ସେ ନେଇ ଚାଷୀମାନେ ସନ୍ଦିହାନ ହୋଇ ପଡ଼ିଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବିଷ୍ଣୁପୁରର ଚାଷୀ ନୀଳକଣ୍ଠ ଜେନା କହିଛନ୍ତି ଯେ, ବାତ୍ୟା ହେଲେ ପନିପରିବା ଚାଷ ଉଜୁଡ଼ିଯିବ। ଯଦି ବନ୍ୟା ହୁଏ, ତା'ହେଲେ ପନିପରିବା ସହିତ ଧାନଚାଷ ବହୁଳ ମାତ୍ରାରେ କ୍ଷତି ହେବ। ☞ପୃଷ୍ଠା-୪




### ଆଜିର ସମ୍ପାଦକୀୟ

**ଶିକ୍ଷା ଅଧିକାର ପାଇଁ ଲଢ଼େଇ**

ବିଜେଡିରୁ ବହିଷ୍କୃତ ହେଲେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ

ପୃଷ୍ଠା-୧୩




# ମଲ୍ଲିକାର୍ଜୁନ ଖାର୍ଗେ କଂଗ୍ରେସ ଅଧ୍ୟକ୍ଷ



ଏଆଇସିସିର ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ମଲ୍ଲିକାର୍ଜୁନ ଖାର୍ଗେ

- **ଖାର୍ଗେଙ୍କ ସପକ୍ଷରେ ୭,୮୯୭ ଭୋଟ**
- **ଶଶୀ ଥରୁର ପାଇଲେ ୧,୦୭୨**

**ନୂଆଦିଲ୍ଲୀ,୧୯।୧୦**

ବରିଷ୍ଠ କଂଗ୍ରେସ ନେତା ତଥା ଗାନ୍ଧୀ ପରିବାରର ଅଘୋଷିତ ପ୍ରାର୍ଥୀ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି)ର ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଖାର୍ଗେଙ୍କ ସପକ୍ଷରେ ୭,୮୯୭ ଖଣ୍ଡ ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ମାତ୍ର ୧,୦୭୨ ଭୋଟ ପାଇଛନ୍ତି। କଂଗ୍ରେସର ନୂଆ ଅଧ୍ୟକ୍ଷ ଭାବେ ଖାର୍ଗେ ଆସନ୍ତା ୨୬ରେ ଦାୟିତ୍ୱ ଗ୍ରହଣ କରିବେ। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଜଣେ ଅଣଗାନ୍ଧୀ ପରିବାରର ବ୍ୟକ୍ତି ଦେଶର ସର୍ବପୁରାତନ ଦଳର ମଙ୍ଗ ଧରିବାକୁ ଯାଉଛନ୍ତି। ଏହାକୁ ନେଇ ଉଲ୍ଲସିତ ତାଙ୍କ ସମର୍ଥକମାନେ ଏଆଇସିସି ମୁଖ୍ୟାଳୟରେ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଅନ୍ୟପକ୍ଷେ ବିଦାୟୀ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପରାଜିତ ପ୍ରାର୍ଥୀ ଥରୁର ଖାର୍ଗେଙ୍କୁ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଥରୁର ନିଜ ପରାଜୟ ସ୍ୱୀକାର କରିବା ସହ ଖାର୍ଗେଙ୍କୁ ସବୁ ପ୍ରକାର ସହଯୋଗ ଦେବେ ବୋଲି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ବିରୋଧୀ ଦଳର ନୂଆ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଖାର୍ଗେଙ୍କ କାର୍ଯ୍ୟକାଳ ସଫଳ ହେଉ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଧ୍ୟକ୍ଷ ପଦରୁ ରାହୁଲ ☞ପୃଷ୍ଠା-୪

# ତରଳୁଥିବା ହିମବାହରୁ ମହାମାରୀ ଆଶଙ୍କା

## ଗ୍ଲେସିୟରରେ ଲୁଚି ରହିଛନ୍ତି ୧୫ ହଜାର ବର୍ଷ ପୁରୁଣା ଭୂତାଣୁ

**ଓଟ୍ଟାଓ୍ୱା,୧୯।୧୦**

କୋଭିଡ୍-୧୯ ପରେ ବିଶ୍ୱରେ ପରବର୍ତ୍ତୀ ସଂକ୍ରାମକ ମହାମାରୀ ବାଦୁଡ଼ି କିମ୍ବା ଅନ୍ୟ କୌଣସି ପକ୍ଷୀଠାରୁ ନୁହେଁ, ବରଂ ଗ୍ଲେସିୟର (ହିମବାହ) ତରଳିବାରୁ ଆସିପାରେ। ଗ୍ଲେସିୟର ମଧ୍ୟରେ ବହୁ ପୁରୁଣା ଭୂତାଣୁ ଲୁଚି ରହିଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ହିମବାହ ତରଳିଲେ ଭୂତାଣୁ ସଂକ୍ରମଣ ଘାତକ ସାଜିପାରେ। କାନାଡାସ୍ଥିତ ଏଲେସ୍‌ମିୟର ଦ୍ୱୀପର ଆର୍କଟିକ୍ ହ୍ରଦର ମୃତ୍ତିକା ଓ ପଟୁମାଟିରେ ଥିବା ଡିଏନ୍ଏ ଏବଂ ଆର୍ଏନ୍ଏକୁ ଏକ କମ୍ପ୍ୟୁଟର ଆଲ୍‌ଗୋରିଥମ୍ ଜରିଆରେ ପରୀକ୍ଷା କରି ଓଟ୍ଟାଓ୍ୱା ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହି ବିଷୟ ଜାଣିବାକୁ ପାଇଛନ୍ତି। ଉଦାହରଣ ସ୍ୱରୂପ ୨୦୧୬ରେ ସାଇବେରିଆରୁ ଆସିଥିବା ଏକ ଆନ୍ଥ୍ରାକ୍ସ ବହୁ ଶିଶୁଙ୍କ ଜୀବନ ନେଇଥିଲା।



କେତେ ପ୍ରକାର ଭୂତାଣୁ ଗ୍ଲେସିୟର୍‌ରେ ମହଜୁଦ ଅଛନ୍ତି। ସେ ନେଇ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରେ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ବୈଜ୍ଞାନିକ ଦଳର ଅଧ୍ୟୟନ ଜାରି ଥିବାବେଳେ ଭୂତାଣୁ ମଣିଷଙ୍କ ଶରୀରକୁ କିପରି ସଂକ୍ରମିତ କରିବେ ତାହା ଜାଣିବା ପାଇଁ ଆଗାମୀ ଦିନରେ ଗବେଷଣା କରାଯିବ। ଗତବର୍ଷ ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ବୈଜ୍ଞାନିକ ଦଳ ହିମବାହରୁ ୩୩ ପ୍ରକାର ଭୂତାଣୁଙ୍କ ଅନୁବଂଶୀୟ ଗୁଣସୂତ୍ର ଠାବ କରିଥିଲେ। ସେଥିମଧ୍ୟରୁ ୨୮ ପ୍ରକାର ଭୂତାଣୁ ଚାଇନାର ତିବ୍ବତ ଗ୍ଲେସିୟରରୁ ମିଳିଥିଲା। ସେମାନଙ୍କ ଅବସ୍ଥିତିକୁ ଆକଳନ କରାଗଲେ ଏହି ଭାଇରସଗୁଡ଼ିକ ୧୫ ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ସାଇବେରିଆର ତୁଷାରଭୂମିରେ ବିପୁଳ ପରିମାଣରେ ଭୂତାଣୁ ☞ପୃଷ୍ଠା-୪



ଆଶ୍ରମ ଅନ୍ତେବାସିନୀମାନଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଡେରା ସଚ୍ଚା ସୌଦାର ବିବାଦୀୟ ମୁଖ୍ୟ ଗୁରମିତ୍ ରାମ ରହିମ୍ ସିଂ ହରିୟାଣାର ସୁନାରିଆ ଜେଲ୍‌ରୁ ଗତ ୧୫ ତାରିଖରେ ୪୦ ଦିନିଆ ପାରୋଲରେ ଆସିଛନ୍ତି। ସେ ଅନ୍‌ଲାଇନରେ ପ୍ରବଚନ ଦେଉଥିବା ଭିଡିଓ ଭାଇରାଲ ହୋଇଛି। କର୍ନାଲର ପୂର୍ବତନ ମେୟର ତଥା ଭାଜପା ନେତ୍ରୀ ରେଣୁବାଳା ଗୁପ୍ତାଙ୍କ ସମେତ ଅନେକ ଅନୁଗାମୀ ଗୁର୍‌ମିତଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ସଂକ୍ଷେପରେ

### ଦିଲ୍ଲୀରେ ବାଣ ଫୁଟାଇଲେ ୬ ମାସ ଜେଲ

**ନୂଆଦିଲ୍ଲୀ,୧୯।୧୦:** ଦୀପାବଳି ଅବସରରେ ଦିଲ୍ଲୀରେ ବାଣ ଫୁଟାଇଲେ ୬ ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ। ଅନ୍ୟପକ୍ଷେ ଯେଉଁବ୍ୟକ୍ତି ବାଣ ବିକ୍ରି କରିବେ, ସେମାନଙ୍କୁ ବିସ୍ଫୋଟକ ଆକ୍ଟ ୯ବି ଅନ୍ତର୍ଗତ ୫ ହଜାର ଟଙ୍କା ଜରିମାନା ଏବଂ ତିନିବର୍ଷର ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ସେହିପରି ବାଣ କିଣୁଥିବା ବ୍ୟକ୍ତିଙ୍କଠାରୁ ଫାଇନ୍ ବାବଦକୁ ୨ଶହ ଟଙ୍କା ଆଦାୟ କରାଯିବ। ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାଇ ବୁଧବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଏହି ସୂଚନା ଦେଇଛନ୍ତି। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ବାଣ ତିଆରି, ବିକ୍ରି ଓ ଦୀପାବଳିରେ ବାଣ ଫୁଟାଇବା ନେଇ କଟକଣା ଲଗାଇଛନ୍ତି। ସରକାରଙ୍କ ପକ୍ଷରୁ ବାଣ ଉପରେ ଲାଗୁ କଟକଣା ଉପରେ ନଜର ରଖିବା ପାଇଁ ସରକାରଙ୍କ ପକ୍ଷରୁ ୪୦୮ ଏବଂ ଦିଲ୍ଲୀ ପୋଲିସ ପକ୍ଷରୁ ୨୧୦ଟି ଦଳ ଗଠନ କରାଯାଇଛି।

### ଶାହିଦ୍ ମହମ୍ମଦଙ୍କୁ ଆତଙ୍କବାଦୀ ଘୋଷଣା ପ୍ରସ୍ତାବ ରୋକିଲା ଚାଇନା

**ଜାତିସଂଘ, ୧୯।୧୦:** ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ଲିଡର ଶାହିଦ୍ ମହମ୍ମଦଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ସହ ତାଙ୍କ ଉପରେ କଟକଣା ଲଗାଯିବାକୁ ଭାରତ ଓ ଆମେରିକା ପକ୍ଷରୁ ଜାତିସଂଘରେ ପ୍ରସ୍ତାବ ଅଣାଯାଇଥିଲା। ୧୨୬୭ ଅଲ୍‌କାଏଦା ସାଙ୍କ୍‌ସନ୍ସ କମିଟି ଅଧୀନରେ ଏହି ପ୍ରସ୍ତାବ ଆଗତ ହୋଇଥିଲା। ତେବେ ଚାଇନା ଭିଟୋ ପାୱାର ପ୍ରୟୋଗ କରି ଏହି ପ୍ରସ୍ତାବ ପାରିତ ହେବା ଦିଗରେ କଣ୍ଟା ସାଜିଛି। ଏହାକୁ ମିଶାଇ ଗତ କିଛି ମାସରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ବ୍ଲାକଲିଷ୍ଟ କରିବା ପାଇଁ ଅଣାଯାଇଥିବା ପ୍ରସ୍ତାବକୁ ଚାଇନା ୪ ଥର ଅଟକାଇଛି। ୨୦୧୬ ଡିସେମ୍ବରରେ ଶାହିଦ୍ ମହମ୍ମଦଙ୍କୁ ଆମେରିକା ଅର୍ଥ ବିଭାଗ ବିଶ୍ୱ ଆତଙ୍କବାଦୀ ଘୋଷଣା କରିଥିଲା।

### ଆରାମାନେ ଗିରିଧର ନୂଆ ପ୍ରତିରକ୍ଷା ସଚିବ



**ନୂଆଦିଲ୍ଲୀ,୧୯।୧୦:** ଆଇଏଏସ୍ ଅଫିସର ଆରାମାନେ ଗିରିଧରଙ୍କ ନାମ ଦେଶର ନୂଆ ପ୍ରତିରକ୍ଷା ସଚିବ ଭାବେ ମନୋନୀତ କରାଯାଇଛି। ଏହାପୂର୍ବରୁ ଗିରିଧର ପରିବହନ ଓ ହାଇୱେ ସଚିବ ଭାବେ କାର୍ଯ୍ୟ କରୁଥିଲେ। ପ୍ରତିରକ୍ଷା ସଚିବ ଦାୟିତ୍ୱରେ ଥିବା ଅଜୟ୍ କୁମାର ଅକ୍ଟୋବର ୩୧ରେ ଅବସର ନେବା ପରେ ଗିରିଧରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବ। ବୁଧବାର କେନ୍ଦ୍ର ସରକାର ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ତେବେ ୧୯୮୮ ବ୍ୟାଚ୍ ଆଇଏଏସ୍ ଗିରିଧରଙ୍କ ପରେ ଟ୍ରାନ୍ସପୋର୍ଟ ଆଣ୍ଡ ହାଇୱେ ସଚିବ ଭାବେ ଅଲକା ଉପାଧ୍ୟାୟ ଦାୟିତ୍ୱ ଗ୍ରହଣ କରିବେ।

# ଗାନ୍ଧୀଙ୍କ ମାର୍ଗ ଅନୁସରଣ କରୁ ଭାରତ



## ମାନବାଧିକାରକୁ ସମ୍ମାନ ଦେଲେ ବିଶ୍ୱସନୀୟତା ବଢ଼ିବ: ଗୁଟେରସ୍

ମୁମ୍ବାଇ, ୧୯।୧୦

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ୩ ଦିନିଆ ଭାରତ ଗସ୍ତରେ ଥିବାବେଳେ ବୁଧବାର ଆଇଆଇଟି ବମ୍ବେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ଗୁଟେରସ୍ କହିଛନ୍ତି, ମାନବାଧିକାରକୁ ସମ୍ମାନ ଓ ଏହାର ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଦ୍ୱାରା ଦେଶ ବିଶ୍ୱ ସ୍ତରରେ ବିଶ୍ୱସନୀୟତା ହାସଲ କରିବ। ଭାରତ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ର ନିର୍ବାଚିତ ସଦସ୍ୟ ହୋଇଥିବାରୁ ସାରା ବିଶ୍ୱରେ ମାନବ ଅଧିକାର ରକ୍ଷା, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସମେତ ସମସ୍ତ ବ୍ୟକ୍ତିଙ୍କ ଅଧିକାରକୁ ସୁରକ୍ଷା ଦେବା ଏହି ଦେଶର ଗୁରୁଦାୟିତ୍ୱ। ଭାରତର ବହୁବାଦ ନମୁନା ସରଳ ହୋଇଥିଲେ ବି ବୁଝାମଣାରେ ପରିପୂର୍ଣ୍ଣ। ଉଚ୍ଚକୋଟୀର ବିବିଧତା ଦେଶକୁ ଆହୁରି ସୁନ୍ଦର ଏବ ମଜଭୁତ କରୁଛି। ଏହାକୁ ଜାଣିବା ଏବଂ ବୁଝିବା ପ୍ରତି ଭାରତୀୟଙ୍କ ଜନ୍ମଗତ ଅଧିକାର। ହେଲେ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ପ୍ରତିଦିନ ଏହାର ନବୀକରଣ ଏବଂ ମଜଭୁତ କରାଯିବା ଜରୁରୀ ବୋଲି ଗୁଟେରସ୍ କହିଥିଲେ। ମହାତ୍ମା ଗାନ୍ଧୀଙ୍କ ମୂଲ୍ୟବୋଧକୁ ଆପଣାଇ ସବୁ ବର୍ଗର ବିଶେଷକରି ଦୁର୍ବଳ ଶ୍ରେଣୀର ନାଗରିକଙ୍କ ଅଧିକାର ଏବଂ ସମ୍ମାନ ବଜାୟ ରହିବା ଜରୁରୀ। ବହୁ-ଧାର୍ମିକ, ବହୁ-ସାଂସ୍କୃତିକ, ବହୁ ଜାତି ତଥା ସମାଜର ମୂଲ୍ୟ ଏବଂ ସେମାନଙ୍କ ଅବଦାନକୁ ଗୁରୁତ୍ୱ ଦିଆଯିବା ସହ ଘୃଣା ମନ୍ତବ୍ୟକୁ ନିନ୍ଦା କରିବା ଦ୍ୱାରା ମାନବାଧିକାର ରକ୍ଷା କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଏହା ପୂର୍ବରୁ ଗୁଟେରସ୍ ୨୬/୧୧ ମୁମ୍ବାଇ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।





ଫ୍ରାନ୍ସରେ ତୈଳ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିବାରେ ଲାଗିଛି। ମୁଦ୍ରାସ୍ଫୀତି ବୃଦ୍ଧି ଉପରେ ଇମାନୁଏଲ ମାକ୍ରଁ ସରକାରଙ୍କ ବିଫଳତା ପ୍ରତିବାଦରେ ରାଜଧାନୀ ପ୍ୟାରିସ୍‌ରେ ଲକ୍ଷାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୟୁକ୍ରେନ୍‌ର ୪ ଅଞ୍ଚଳରେ ମାର୍ଶାଲ ଲ

## ସାମରିକ ଶାସନ ଲାଗୁକଲେ ପୁଟିନ୍

■ରୁଷିଆକୁ ଅଧିକ ଡ୍ରୋନ୍ ଓ ମିଶାଇଲ ଦେବ ଇରାନ

■ତେହରାନ ଉପରେ କଟକଣା ପାଇଁ ଇୟୁର ପ୍ରସ୍ତୁତି

ମସ୍କୋ/କିଭ୍,୧୯।୧୦



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବେଆଇନ ଭାବେ ଦଖଲ କରିଥିବା ୪ ୟୁକ୍ରେନୀୟ ଅଞ୍ଚଳରେ ବୁଧବାର ସ୍ଥାନୀୟ ଆଇନକୁ ଶେଷକରି ସାମରିକ ଶାସନ ଜାରି କରିଛନ୍ତି। ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରୋଝିଆରେ ଗଣଭୋଟ କରାଯିବା ପରେ ନିକଟରେ ରୁଷିଆ ଏହି ୪ ଅଞ୍ଚଳକୁ ନିଜ ଦେଶ ସହ ମିଶ୍ରଣ ଘୋଷଣା କରିଥିଲା। ଜାତୀୟ ସୁରକ୍ଷା ପରିଷଦ ବୈଠକରେ ବୁଧବାର ପୁଟିନ୍ କହିଛନ୍ତି, ଏହି ୪ ଅଞ୍ଚଳର ଅଧିବାସୀମାନେ ରୁଷିଆର ବାସିନ୍ଦା ହୋଇସାରିଥିବାରୁ ଆଇନତଃ ସେମନେ ଆମ ସାର୍ବଭୌମତ୍ୱ ଅଧୀନରେ ରହିବେ। ମାର୍ଶଲ ଲ ଗୁରୁବାର ମଧ୍ୟରାତ୍ରିରୁ ଲାଗୁ କରାଇବା ନେଇ ସେ ଏକ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ଏଥିସହ ରୁଷିଆ ସରକାରଙ୍କ ବିଭିନ୍ନ ବିଭାଗକୁ ଏ ସମ୍ପର୍କିତ କାର୍ଯ୍ୟ ଯୋଜନାର ସବିଶେଷ ରିପୋର୍ଟ ୩ ଦିନ ମଧ୍ୟରେ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଦୀର୍ଘ ୮ ମାସ ଧରି ୟୁକ୍ରେନ୍ ଦଖଲର ଉଦ୍ୟମ ଭିତରେ ରୁଷିଆର ସଶସ୍ତ୍ର ବଳ ସାମରିକ ଦୃଷ୍ଟିରୁ ଦୁର୍ବଳ ହୋଇଯାଇଥିବା କୁହାଯାଉଛି। କାରଣ ୟୁକ୍ରେନ୍ ଉପରେ ପୂର୍ବରୁ ରୁଷିଆ ମିଶାଇଲ ମାଡ଼ କରୁଥିବାବେଳେ ଏବେ ଡ୍ରୋନ୍‌ରେ ଆକ୍ରମଣ କରୁଛି। ଏହି ଡ୍ରୋନ୍‌ଗୁଡ଼ିକ ଇରାନ ଦେଇଛି। ଆଗକୁ ମଧ ଇରାନ ରୁଷିଆକୁ ଡ୍ରୋନ୍ ଓ ଭୂପୃଷ୍ଠରୁ ଭୂପୃଷ୍ଠକୁ ଟାର୍ଗେଟ କରିପାରୁଥିବା ମିଶାଇଲ ରପ୍ତାନି କରିବ ବୋଲି କହିଛି। ଅକ୍ଟୋବର ୬ରେ ଇରାନର ଫାଷ୍ଟ ଭାଇସ୍ ପ୍ରେସିଡେଣ୍ଟ ମହମ୍ମଦ ମୋଖବେର, ଶକ୍ତିଶାଳୀ ରିଭୋଲ୍ୟୁଶନାରି ଗାର୍ଡସର ଦୁଇ ଓ ସୁପ୍ରିମ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲର ଜଣେ ଅଧିକାରୀ ମସ୍କୋ ଗସ୍ତ କରିଥିଲେ। ଏହି ଗସ୍ତବେଳେ ଯୁଦ୍ଧାସ୍ତ୍ର ଯୋଗାଣ ନେଇ ଆଲୋଚନା ହୋଇଥିଲା। ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍ ସପକ୍ଷରେ ବାହାରିଥିବାରୁ ସେଗୁଡ଼ିକର ଉଦ୍ୟମକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଇରାନ ରୁଷିଆକୁ ଶହୀଦ-୧୩୬ ଏବଂ କାମିକାଜି ଡ୍ରୋନ୍ ସମେତ ଫତେହ-୧୧୦ ଓ ଜୋଲଫାଘର ଭଳି ଅନ୍ୟ କେତେକ କ୍ଷେପଣାସ୍ତ୍ର ଯୋଗାଇବାକୁ ରାଜି ହୋଇଛି। ଗତ ସପ୍ତାହ ମଧ୍ୟରେ ୟୁକ୍ରେନୀୟ ସହରଗୁଡ଼ିକ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ଡ୍ରୋନ୍‌ଗୁଡ଼ିକୁ ଇରାନ ଯୋଗାଇଦେଇଥିବାବେଳେ ଆଗକୁ ମଧ ଏଭଳି ସାମରିକ ଯୋଗାଣ ଜାରି ରଖିବା ନେଇ ଆମେରିକା ଗୋଇନ୍ଦା ସୂଚନା ପାଇଛି। ଏଥିଯୋଗୁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ) ଇରାନ ଉପରେ କଟକଣା ଜାରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

> ରୁଷିଆ କବ୍‌ଜାରେ ଥିବା ୪ ଅଞ୍ଚଳରେ ମାର୍ଶଲ ଲ' କାର୍ଯ୍ୟକାରୀ କରିବା ହେଉଛି ୟୁକ୍ରେନୀୟଙ୍କ ସମ୍ପତ୍ତି ଲୁଟ୍‌ର ଛଦ୍ମ ବୈଧକରଣ। ଏଥିଯୋଗୁ ୟୁକ୍ରେନ୍‌ରେ କୌଣସି ପରିବର୍ତ୍ତନ ଘଟିବାକୁ ଯାଉନାହିଁ। ଆମେ ନିଜ ଭୂଖଣ୍ଡକୁ ମୁକ୍ତ କରିବା ପାଇଁ ଉଦ୍ୟମ ଜାରି ରଖିବୁ।
>
> **-ମିଖାଲିଓ ପୋଡୋଲ୍ୟକ, ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପରାମର୍ଶଦାତା**

# ମହିଳାଙ୍କୁ ୨ ଦିନ ଗଣବଳାତ୍କାର

■ଗାଜିଆବାଦରେ ନିର୍ଭୟା କାଣ୍ଡର ପୁନରାବୃତ୍ତି

■ଗୁପ୍ତାଙ୍ଗରେ ରଡ୍ ପୂରାଇ ରାସ୍ତାକଡ଼ରେ ଫୋପାଡ଼ିଦେଲେ

ନୂଆଦିଲ୍ଲୀ, ୧୯।୧୦

ଦିଲ୍ଲୀର ଜଣେ ୩୮ ବର୍ଷୀୟା ମହିଳାଙ୍କୁ ୫ ଜଣ ଅପହରଣ ପରେ ଉତ୍ତରପ୍ରଦେଶର ଗାଜିଆବାଦରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ୨ ଦିନ ଧରି ମହିଳାଙ୍କୁ ବଳାତ୍କାର ସହ ତାଙ୍କ ଗୁପ୍ତାଙ୍ଗରେ ଲୁହାରଡ୍ ପୂରାଇଦେଇଥିଲେ। ଗୋଡ଼ହାତ ବନ୍ଧା ସହ ସେହିପରି ଅବସ୍ଥାରେ ତାଙ୍କୁ ଏକ ବ୍ୟାଗ୍‌ରେ ପୂରାଇ ରାସ୍ତାକଡ଼ରେ ଛାଡ଼ିଦେଇଥିଲେ। ଗାଜିଆବାଦର ଆଶ୍ରମରୋଡରୁ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏ ନେଇ ଦିଲ୍ଲୀ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ଗାଜିଆବାଦ ପୋଲିସକୁ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣା ଦିଲ୍ଲୀ ନିର୍ଭୟା କାଣ୍ଡକୁ ପୁଣି ମନେପକାଇଦେଇଛି ବୋଲି ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ସ୍ୱାତୀ ମାଲିୱାଲ କହିଛନ୍ତି। ପୋଲିସ ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଥିବାବେଳେ ୪ ଜଣଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁସାରେ, ମହିଳା ଜଣକ ଦିଲ୍ଲୀର ଏକ ହସ୍ପିଟାଲରେ ନର୍ସ ଅଛନ୍ତି। ଗତ ୧୬ ତାରିଖରେ ସେ ଭାଇଙ୍କ ଜନ୍ମଦିନ ଉତ୍ସବରେ ସାମିଲ ହେବା ପାଇଁ ଗାଜିଆବାଦରେ ଅଟୋକୁ ଅପେକ୍ଷା କରିଥିଲେ। ସେହି ସମୟରେ ଏକ ଏସ୍‌ୟୁଭିରେ ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତି ଉଠାଇନେଇଥିଲେ।





୫ ଜଣ ମହିଳାଙ୍କୁ ଗଣବଳାତ୍କାର ପରେ ତାଙ୍କ ସହ ଅମାନବୀୟ କାଣ୍ଡ ମଧ ଘଟାଇଛନ୍ତି। ୧୮ ତାରିଖରେ ଗୁରୁତର ଅବସ୍ଥାରେ ତାଙ୍କୁ ରାସ୍ତାକଡ଼ରୁ ଉଦ୍ଧାର ପରେ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଜିଆବାଦ ପୋଲିସ ଦିନୁ, ଶାହରୁଖ, ଡୋଲା, ଜାଭେଦ୍, ଔରଙ୍ଗଜେବ୍ ଓରଫ୍ ଜାହିରଙ୍କ ନାଁରେ ମାମଲା ରୁଜୁ ସହ ୪ ଜଣଙ୍କୁ ଗିରଫ କରିଛି। ଡୋଲାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଡିସିଡବ୍ଲ୍ୟୁ ମୁଖ୍ୟ ସ୍ୱାତୀ ଦାବି କରିଛନ୍ତି।

# ଆମେରିକା ଦେବ ୧୫ ନିୟୁତ ବ୍ୟାରେଲ ରିଜର୍ଭ ତୈଳ

## ୟୁରୋପରେ ଇନ୍ଧନ ସଙ୍କଟ

ୱାଶିଂଟନ୍, ୧୯।୧୦



ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକା ଗଚ୍ଛିତ ରଖିଥିବା ଅଏଲ ରିଜର୍ଭରୁ ୧୫ ନିୟୁତ ବ୍ୟାରେଲ ମାର୍କେଟକୁ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛି। ଆବଶ୍ୟକ ପଡ଼ିଲେ ଆହୁରି ଅଧିକ ରିଜର୍ଭ ତୈଳ ରିଲିଜ କରାଯିବ ବୋଲି ଜୋ ବାଇଡେନ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣଜନିତ ତୈଳଦର ବୃଦ୍ଧି ଜବାବରେ ଆମେରିକା ପକ୍ଷରୁ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭରୁ ୧୮୦ ନିୟୁତ ବ୍ୟାରେଲ କ୍ରୁଡ୍ ଅଏଲ୍ ଯୋଗାଣ ପାଇଁ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେବାକୁ ଯାଉଛି। ୟୁକ୍ରେନ୍ ଯୁଦ୍ଧ ପାଇଁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇଥିବାରୁ ଜବାବରେ ମସ୍କୋ ମଧ ପାଶ୍ଚାତ୍ୟକୁ ତେଲ ଯୋଗାଣ ହ୍ରାସ କରିଛି। ବଜାରରେ ତେଲ ଦର ବଢ଼ିବାରେ ଲାଗିଥିବାବେଳେ ବିଶ୍ୱ ଅର୍ଥନୀତି ଉପରେ ମଧ ଏହାର ପ୍ରଭାବ ପଡ଼ିଛି। ଅନ୍ୟପକ୍ଷେ ତେଲ ଅଭାବରୁ ଆଗାମୀ ଶୀତଋତୁ ୟୁରୋପୀୟ ଦେଶଗୁଡ଼ିକ ପାଇଁ ଆହ୍ୱାନପୂର୍ଣ୍ଣ ହେବ। ଏପରି ସ୍ଥିତିରେ ଆମେରିକା ଉକ୍ତ ନିଷ୍ପତ୍ତି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ କିଛିମାତ୍ରାରେ ଆଶ୍ୱସ୍ତି ଆଣିଦେବ।

# ତୁରନ୍ତ ୟୁକ୍ରେନ୍ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୧୯।୧୦

ୟୁକ୍ରେନ୍ ରାଜଧାନୀ କିଭ୍ ସମେତ ବିଭିନ୍ନ ସହରରେ ରୁଷିଆ ଆକ୍ରମଣ ଜୋରଦାର କରିଥିବାରୁ ଭାରତୀୟମାନେ ତୁରନ୍ତ ଏହି ପୂର୍ବ ୟୁରୋପୀୟ ଦେଶ ଛାଡ଼ିବାକୁ ବୁଧବାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦଖଲ କରିଥିବା ୟୁକ୍ରେନ୍‌ର ୪ ଅଞ୍ଚଳରେ ସାମରିକ ଶାସନ ଲାଗୁକରିବା ପରେ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଭାରତର ନାଗରିକମାନେ ଏହି ଦେଶ ଛାଡ଼ିବାକୁ ଆଡ୍‌ଭାଇଜରି ଜାରି ହୋଇଛି।

# ସ୍ମାର୍ଟଫୋନ୍ କିଣିବାକୁ ନିଜ ରକ୍ତ ବିକ୍ରି

କୋଲକାତା, ୧୯।୧୦

ପଶ୍ଚିମବଙ୍ଗର ଦିନାଜପୁରରେ ଜଣେ ୧୬ ବର୍ଷୀୟା ନାବାଳିକା ନିଜ ରକ୍ତ ବିକ୍ରି କରି ସ୍ମାର୍ଟଫୋନ୍ କିଣିବାକୁ ଉଦ୍ୟମ କରୁଥିବା ଖବର ସାମ୍ନାକୁ ଆସିଛି। ଘଟଣାଟି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ନାବାଳିକା ଜଣକ ଦ୍ୱାଦଶ ଶ୍ରେଣୀରେ ପଢ଼ୁଥିବାବେଳେ ସେ ଅନ୍‌ଲାଇନ୍‌ରେ ୯ ହଜାର ଟଙ୍କାର ଏକ ସ୍ମାର୍ଟଫୋନ୍ ଅର୍ଡର କରିଥିଲେ। ଫୋନ୍ ପାଇଁ ଟଙ୍କା ଯୋଗାଡ଼ କରି ନ ପାରିବାରୁ ସେ ନିଜ ରକ୍ତ ବିକ୍ରି କରିବା ପାଇଁ ବାଲୁଘାଟ ଜିଲା ଚିକିତ୍ସାଳୟରେ ପହଞ୍ଚିଥିଲେ। ରକ୍ତ ନେଇ ଟଙ୍କା ଦେବା କଥା ଯେତେବେଳେ ସେ ହସ୍ପିଟାଲର ଜଣେ କର୍ମଚାରୀଙ୍କୁ ଜଣାଇଥିଲେ, ସେ ସମୟରେ ସମ୍ପୂର୍ଣ୍ଣ ଘଟଣାଟି ପଦାକୁ ଆସିଥିଲା। ଅଧିକାରୀ ଜଣକ ଏହାର ସୂଚନା ଶିଶୁ କଲ୍ୟାଣ ବିଭାଗକୁ ଦେଇଥିଲେ। ବିଭାଗ କର୍ମକର୍ତ୍ତା ହସ୍ପିଟାଲରେ ପହଞ୍ଚି ଘଟଣା ବାବଦରେ ନାବାଳିକାଙ୍କୁ ପଚାରି ବୁଝିଥିଲେ।



ଦୀପାବଳି ପାଇଁ ଉତ୍ତରପ୍ରଦେଶର ମୋରଦାବାଦ୍‌ରେ ଜଣେ ମହିଳା କିଣାକିଣି କରୁଛନ୍ତି।

# କଶ୍ମୀର ଦେଶର ଲୋକଙ୍କୁ କ'ଣ କୁହାଯାଏ

## ବିହାରରେ ପ୍ରଶ୍ନପତ୍ର ବିବାଦ

ପାଟନା, ୧୯।୧୦



1. What are the people of the following countries called? for you.
(i) The people of China are called the ............ Chinese
(ii) The people of Nepal are called the ............
(iii) The people of England are called the ............
(iv) The people of Kashmir are called the ............
(v) The people of India are called the ............

ବିହାରର ଏକ ସରକାରୀ ସ୍କୁଲରେ ୭ମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ କଶ୍ମୀର ଉପରେ ପଚରାଯାଇଥିବା ପ୍ରଶ୍ନକୁ ନେଇ ବିବାଦ ଦେଖାଦେଇଛି। ଏଥିରେ କଶ୍ମୀରକୁ ଏକ ଦେଶ ଦର୍ଶାଯିବା ସହ କଶ୍ମୀରବାସୀଙ୍କୁ କ'ଣ କୁହାଯାଏ ବୋଲି ପ୍ରଶ୍ନ ପଚରାଯାଇଛି। କିଶନଗଞ୍ଜ ଜିଲାରେ ଥିବା ଏହି ସ୍କୁଲର ଅର୍ଦ୍ଧବାର୍ଷିକୀ ପରୀକ୍ଷାରେ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଏପରି ପ୍ରଶ୍ନ କରାଯିବାକୁ ନେଇ ରାଜ୍ୟ ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖର ସିଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଶ୍ନପତ୍ରରେ ଉଲ୍ଲେଖ କରାଯାଇଛି, ନିମ୍ନରେ ଦିଆଯାଇଥିବା ଦେଶର ଲୋକଙ୍କୁ କ'ଣ କୁହାଯାଏ। ଯେପରି ଚାଇନା ଲୋକଙ୍କୁ ଚାଇନିଜ୍, ସେପରି କଶ୍ମୀର ଲୋକଙ୍କୁ କ'ଣ କୁହାଯାଏ। ଭାରତର ଲୋକଙ୍କୁ କ'ଣ ଡକାଯାଏ ବୋଲି ପ୍ରଶ୍ନ ରହିଛି। ତେବେ ଷ୍ଟେଟ୍ କାଉନସିଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏସ୍‌ସିଇଆର୍‌ଟି) ଏହି ପ୍ରଶ୍ନପତ୍ର ପ୍ରସ୍ତୁତ କରିଛି। ଏହି ଦାୟିତ୍ୱ ବିହାର ଏଜୁକେଶନ ପ୍ରୋଜେକ୍ଟ କାଉନ୍‌ସିଲ (ବିଇପିସି) ଏବଂ ଏଥିରେ ଜିଲାର କୌଣସି ଭୂମିକା ନାହିଁ ବୋଲି ଜଣେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ କହିଛନ୍ତି। ଘଟଣାରେ ବିଇପିସିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ଏସ୍.କେ. ଦାସ ଏହାକୁ ମାନବୀୟ ତ୍ରୁଟି ବୋଲି କହିଛନ୍ତି।

କଶ୍ମୀରରେ ରହୁଥିବା ଲୋକଙ୍କୁ କ'ଣ କୁହାଯାଏ ବୋଲି ପ୍ରଶ୍ନ କରାଯିବାର ଥିଲା। ହେଲେ ଭୁଲ୍‌ବଶତଃ ଏହାକୁ 'କେଉଁ ଦେଶର ଲୋକଙ୍କୁ କ'ଣ କୁହାଯାଏ' ପ୍ରଶ୍ନ ତାଲିକାରେ ରଖାଯାଇଥିବା ସେ କହିଛନ୍ତି। ଏହାକୁ ନେଇ ବିହାର ଭାଜପା ନୀତୀଶ କୁମାରଙ୍କ ସରକାରଙ୍କୁ ଟାର୍ଗେଟ କରିଛି। ରାଜ୍ୟ ସରକାର ତୁରନ୍ତ ଦୋଷୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିହାର ଭାଜପା ସଭାପତି ସଞ୍ଜୟ ଯଶୱାଲ ଦାବି କରିଛନ୍ତି। ଘଟଣାର ଯାଞ୍ଚ କରି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଶିକ୍ଷାମନ୍ତ୍ରୀ ଜିଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୧୦,୫୪,୩୬୬ | ୬୫,୭୪,୭୦୯ | ୬୧,୦୧,୪୬,୯୩୩ |
| ଭାରତ | ୪,୪୬,୩୪,୩୭୬ | ୫,୨୮,୯୨୩ | ୪,୪୦,୭୯,୪୮୫ |
| ଓଡ଼ିଶା | ୧୩,୩୫,୬୩୫ | ୯୧୯୯(+୫୩) | ୧୩,୨୫,୮୭୩ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବଜାୟ ରହିଲା ମୋକିମ୍‌ଙ୍କ ବିଧାୟକ ପଦ

## ଭିଜିଲାନ୍ସ କୋର୍ଟ ଜେଲ ଦଣ୍ଡାଦେଶ ବିରୋଧରେ ମାମଲା




- ଦୋଷୀ ସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ
- ଫେବୃୟାରୀ ୨୨ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୯।୧୦

ମେଟ୍ରୋ ବିଲ୍‌ଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କୁ ବୁଧବାର ବଡ଼ ଆଶ୍ୱସ୍ତି ମିଳିଛି। ଭିଜିଲାନ୍ସ କୋର୍ଟର ଦଣ୍ଡାଦେଶ ବିରୋଧରେ ମୋକିମ୍‌ଙ୍କ ଦ୍ୱାରା ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ବିଭୁପ୍ରସାଦ ରାଉତରାୟ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ ଏହି ସ୍ଥଗିତାଦେଶକୁ ଏକ ବ୍ୟତିକ୍ରମ ଭାବେ ବିଚାରପତି ବିଭୁବର୍ଣ୍ଣନା କରିଛନ୍ତି। ହାଇକୋର୍ଟ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରି ନ ଥିଲେ ମୋକିମ୍ ବିଧାୟକ ପଦ ହରାଇବାର ଆଶଙ୍କା ରହିଥିଲା। ତେବେ ଏବେ ସ୍ଥଗିତାଦେଶ ପରେ ବିଧାୟକ ପଦ ସୁରକ୍ଷିତ ବୋଲି କୁହାଯାଉଛି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୨୨କୁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ମୋକିମ ଭିଜିଲାନ୍ସ କୋର୍ଟର ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୦ତାରିଖରେ ହାଇକୋର୍ଟ ଆବେଦନର ଶୁଣାଣି କରି ମୋକିମ୍‌ଙ୍କୁ ଦିଆଯାଇଥିବା ୩ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୫୦ ହଜାର ଟଙ୍କା ଜୋରିମାନା ଆଦାୟ ରାୟ ଉପରେ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ୧ ଲକ୍ଷ ଟଙ୍କା ଓ ୨ ଜଣ ଜାମିନ୍‌ଦାରଙ୍କ ବଦଳରେ ମୋକିମ୍‌ଙ୍କୁ ଜାମିନ ପ୍ରଦାନ କରିଥିଲେ। ପରେ ଗତ ୧୩ ତାରିଖରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିଲା। ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ପ୍ରଦତ୍ତ ବିଭିନ୍ନ ରାୟକୁ ଆଧାର କରି ଯୁକ୍ତି ଉପସ୍ଥାପନ କରିବା ସହ ନିମ୍ନ ଅଦାଲତଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିବା ଆଇନସମ୍ମତ ବୋଲି ଯୁକ୍ତି ବାଢ଼ିଥିଲେ। ମୋକିମଙ୍କ ବିଧାୟକ ପଦ ଚାଲିଗଲେ ଉପନିର୍ବାଚନ ହେବାର ଆଶଙ୍କା ରହିଛି। ଏହାହେଲେ ରାଜକୋଷକୁ ପ୍ରଭାବିତ କରିବା ସହ ଏକ ଅପୂରଣୀୟ କ୍ଷତି ହେବ ବୋଲି ଆଚାର୍ଯ୍ୟ କହିଥିଲେ। ଉକ୍ତ ଶୁଣାଣି ଉପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିବା ସହ ବୁଧବାର ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ମୋକିମ କହିଛନ୍ତି, ଓଆର୍‌ଏଚ୍‌ଡିସିରୁ ୩ଥର ଲୋନ୍ ଆଣି ଠିକ ଭାବେ ଶୁଝିଛୁ। ୪ର୍ଥ ଥର ପାଇଁ ଦିଆଯାଇଥିବା ଲୋନ୍‌ରେ ଏଭଳି ଅଦାଲତି ମାମଲାରେ ଛନ୍ଦି ହେବାକୁ ପଡ଼ିଛି। ହେଲେ କୌଣସି ଅନ୍ୟାୟ, ଅନୀତି କରିନାହିଁ। ଲୋକଙ୍କ ସହିତ ରହିଛି। ନିମ୍ନ ଅଦାଲତଙ୍କ ରାୟ ପରେ ମୋର ବିଧାୟକ ପଦ ଯାଇଥାନ୍ତା। ହେଲେ ହାଇକୋର୍ଟ ମୋତେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି। ତେଣୁ ହାଇକୋର୍ଟଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି। ହାଇକୋର୍ଟରୁ ମୋତେ ନିଶ୍ଚିତ ନ୍ୟାୟ ମିଳିବ ବୋଲି ମୋର ଭରସା ରହିଛି ବୋଲି ମୋକିମ କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲ୍‌ଡର୍ସକୁ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ଦୁର୍ନୀତି ମାମଲାରେ ଭିଜିଲାନ୍ସ ଅଦାଲତ ବିଧାୟକ ମହମ୍ମଦ ମୋକିମଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍ ସହ ଜୋରିମାନା ଦଣ୍ଡାଦେଶ ଦେଇଥିଲେ। ସେହିପରି ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ମୋକିମଙ୍କ ବ୍ୟତୀତ ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ଓ ମେଟ୍ରୋ ବିଲ୍‌ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଥିଲା।

# ଓଟିଇଟି ଆବେଦନ ତାରିଖ ବଢ଼ିଲା

କଟକ ଅଫିସ,୧୯।୧୦

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)-୨୦୨୨ ଦ୍ୱିତୀୟ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆବେଦନ ତାରିଖ ବୃଦ୍ଧି କରାଯାଇଛି। ଆସନ୍ତା ୨୬ ତାରିଖ ୧୧ଟା ୪୪ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଆବେଦନ କରିପାରିବେ। ଏ ନେଇ ବୋର୍ଡ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଆବେଦନ ତାରିଖ ଗତ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ରହିଥିଲା। ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର, ରାଉରକେଲା, କଟକ, ବ୍ରହ୍ମପୁର ସହର ଭଳି ସମସ୍ତ ଜିଲା ମୁଖ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯିବ। ୨ଟି ପେପରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ।

# ବିଧାୟକ ପ୍ରଦୀପଙ୍କ ସ୍ତ୍ରୀଙ୍କୁ ଇଡିର ୭ଘଣ୍ଟା ଜେରା


ସୁଜାତା ପାଣିଗ୍ରାହୀ

- ମଙ୍ଗଳବାର ଜେରା ହୋଇଥିଲେ ଝିଅ
- ବେଆଇନ ଆର୍ଥିକ କାରବାର ନେଇ ପଚରାଉଚରା

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସ୍ତ୍ରୀ ସୁଜାତା ପାଣିଗ୍ରାହୀ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି। ଏହି ଦୁଇ ମାମଲାରେ ହୋଇଥିବା ବେଆଇନ ଅର୍ଥ କାରବାରର ତଦନ୍ତ କରୁଥିବା ଇଡି ସୁଜାତାଙ୍କୁ ହାଜର ପାଇଁ ପୂର୍ବରୁ ନୋଟିସ୍ କରିଥିଲା। ତେବେ ଭୁବନେଶ୍ୱରସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ସୁଜାତା ପହଞ୍ଚିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରୁ ଅପରାହ୍ନ ପ୍ରାୟ ୫ଟା ୩୦ ପର୍ଯ୍ୟନ୍ତ ୭ଘଣ୍ଟା ଧରି ମାରାଥନ୍ ଜେରା କରାଯାଇଛି। ମଙ୍ଗଳବାର ମଧ୍ୟ ପ୍ରଦୀପଙ୍କ ଝିଅ ଶ୍ରୁତିଙ୍କୁ ଦ୍ୱିତୀୟଥର ପାଇଁ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜେରା କରାଯାଇଥିଲା। ଏହାପୂର୍ବରୁ ଗତବର୍ଷ ବିଧାୟକ ପ୍ରଦୀପ, ଝିଅ ଶ୍ରୁତିଙ୍କ ସହ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ ଇଡି ଜେରା କରିଥିଲା। ଏହି ସମୟରେ ଦୁଇ ପରିବାର ମଧ୍ୟରେ ବିପୁଳ ଅର୍ଥ କାରବାର ନେଇ ବହୁ ତଥ୍ୟ ମିଳିଥିଲା। ଶ୍ରୁତିଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଏକାଧିକ ଅର୍ଥ ନେଣଦେଣ ହୋଇଥିବା ଇଡି ଜାଣିବାକୁ ପାଇଥିଲା। ଆକାଶଙ୍କ ସହ ଶ୍ରୁତିଙ୍କର ବିବାହ ସ୍ଥିର ହୋଇଥିଲା। କରୋନା ସମୟରେ ଉଭୟ ପରିବାର ବିଦେଶ ଯିବା ସହ ବିଭିନ୍ନ ଷ୍ଟାର ହୋଟେଲ୍‌ରେ ରହିଥିଲେ। ସେଥିରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା, ଉଭୟ ପରିବାରର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ନେଣଦେଣ ହୋଇଥିଲା, ଏଭଳି ବିଭିନ୍ନ ଦିଗକୁ ନେଇ ଏବେ ସୁଜାତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶଙ୍କୁ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହାପରେ ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବମ୍ବେ ଓଡ଼ିଶା ଭବନ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମୁମ୍ବାଇସ୍ଥିତ ଓଡ଼ିଶା ଭବନ ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମୁମ୍ବାଇସ୍ଥିତ ଓଡ଼ିଶା ଭବନର ସମ୍ପ୍ରସାରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ କାର୍ଯ୍ୟରେ ମୁମ୍ବାଇ ଆସୁଥିବା ସରକାରୀ ଅଧିକାରୀ ଓ ଜନସାଧାରଣଙ୍କୁ ମୁମ୍ବାଇ ଭଳି ମେଟ୍ରୋ ସହରରେ ସୁଲଭ ମୂଲ୍ୟରେ ରହଣି ଉଦ୍ଦେଶ୍ୟରେ ଓଡ଼ିଶା ଭବନ, ବମ୍ବେ କାର୍ଯ୍ୟ କରୁଛି। ଏହି ଭବନରେ ୨୮ ଗୋଟି ଏସି ରୁମ୍ ଓ ୪ଟି ଏସି ଡର୍ମିଟୋରି ରହିଛି। ଏହିସବୁ ରୁମ୍ ମଧ୍ୟରୁ ୧୬ ଟି ୨ ଶଯ୍ୟା ବିଶିଷ୍ଟ ଏସି ରୁମ୍ ଓ ୨ଟି ଏସି ଡର୍ମିଟୋରି ବମ୍ବେରେ କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ନିମନ୍ତେ ଆସୁଥିବା ଓଡ଼ିଆ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଏହି ରହଣି ସୁବିଧା ଦ୍ୱାରା ଓଡ଼ିଶାର ଆର୍ଥିକ ଦୁର୍ବଳ ଶ୍ରେଣୀର ରୋଗୀମାନେ ବିଶେଷଭାବେ ଉପକୃତ ହୋଇ ଆସୁଛନ୍ତି। ତେବେ ବମ୍ବେ ଓଡ଼ିଶା ଭବନରେ ରୋଗୀମାନଙ୍କ ପାଇଁ ଅଧିକ ରୁମ୍‌ର ବ୍ୟବସ୍ଥା କରିବାକୁ ଓଡ଼ିଶାର ଜନସାଧାରଣ ତଥା ବମ୍ବେସ୍ଥିତ ବିଭିନ୍ନ ଓଡ଼ିଆ ସଙ୍ଗଠନ ତରଫରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନ, ନିର୍ମାଣ ବିଭାଗ ଓ ଇଡ୍‌କୋର ଅଧିକାରୀ ବୃନ୍ଦ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡ଼ିଆ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓଡ଼ିଶା ଭବନ, ମୁମ୍ବାଇର ଏହି ସମ୍ପ୍ରସାରଣ ପୂର୍ଣ୍ଣ ହେଲେ ବମ୍ବେ ଭଳି ବ୍ୟୟବହୁଳ ସହରରେ ଅଧିକ କ୍ୟାନ୍‌ସର ପୀଡିତଙ୍କୁ ସ୍ୱଳ୍ପ ମୂଲ୍ୟରେ ରହଣି ଯୋଗାଇ ଦିଆଯାଇପାରିବ। ଏଥିଲାଗି ଓଡ଼ିଶାର ଜନସାଧାରଣ ତଥା ବମ୍ବେସ୍ଥିତ ବିଭିନ୍ନ ଓଡ଼ିଆ ସଙ୍ଗଠନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୀଳଗିରି କଲେଜର ଛାତ୍ର ଅଶାନ୍ତି

ନୀଳଗିର, ୧୯।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି କଲେଜର ଯୁକ୍ତ ୩ କଳା ଇଂଲିଶ ଇଣ୍ଟରନାଲ ପରୀକ୍ଷା ଫଳାଫଳକୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ଦୁଇ ଅଧ୍ୟାପକଙ୍କ ବିରୋଧରେ ଆଣିଥିବା ଅଭିଯୋଗ, ଧାରଣାକୁ ଶେଷରେ କର୍ତ୍ତୃପକ୍ଷ ଓ ଅଧ୍ୟାପକଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଛି।

# ମନ୍ତ୍ରୀଙ୍କ ବାତ୍ୟା ପ୍ରସ୍ତୁତି ସମୀକ୍ଷା

**'ଆବଶ୍ୟକ ଯନ୍ତ୍ରପାତି, ସରଞ୍ଜାମ ପ୍ରସ୍ତୁତ ରଖ'**

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ ମୁକାବିଲା ପାଇଁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆବଶ୍ୟକ ଯନ୍ତ୍ରପାତି ଓ ସାଜ ସରଞ୍ଜାମ ଠୁଳକରିବା ଏବଂ ମାନବ ଶକ୍ତି ପରିଚାଳନା କରିବା ଅତ୍ୟନ୍ତ ଜରୁରୀ ଥିବାରୁ ମନ୍ତ୍ରୀ ଦେବ ଏହି କାର୍ଯ୍ୟକୁ ଆଗୁଆ ଭାବେ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଛନ୍ତି। ସତର୍କତାମୂଳକ କାର୍ଯ୍ୟ ଭାବେ ଗଛଡାଳ କଟା କାର୍ଯ୍ୟ ତ୍ୱରାନ୍ୱିତ ସହିତ ବାତ୍ୟା ଆଶଙ୍କା ଥିବା ସ୍ଥାନ ଚିହ୍ନଟକରି ଆଗୁଆ ଭାବେ କର୍ମଚାରୀ ମୁତୟନ କରିବାକୁ ସେ କହିଛନ୍ତି।

# କାର୍ଯ୍ୟକାରୀ ହେଉନି ଏସ୍‌ଆରଟିପି

## ଖଣି ଅଞ୍ଚଳରେ ବିଧାନସଭା ଗୃହ କମିଟିର ଯାଞ୍ଚ

- ନଦୀକୁ ସିଧାସଳଖ ଛଡ଼ାଯାଉଛି କାରଖାନା ବର୍ଜ୍ୟବସ୍ତୁ
- ଖିଲାପକାରୀଙ୍କୁ ୬ ମାସର ରିପୋର୍ଟ ମାଗିଲେ

ଯୋଡ଼ା/ବଡ଼ବିଲ୍, ୧୯।୧୦(ଡି.ଏନ.ଏ/ସ୍ୱ.ପ୍ର)


କାରଖାନା ପରିଦର୍ଶନ କରୁଛନ୍ତି ବିଧାନସଭା ଗୃହ କମିଟି ସଦସ୍ୟ।

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳର ଶିଳ୍ପ ସଂସ୍ଥା ଗୁଡ଼ିକୁ ବିଧାନସଭା ଗୃହ କମିଟିର ସବ୍ କମିଟି ୨ ପରିଦର୍ଶନ କରିଛନ୍ତି। କାରଖାନାରେ ଥିବା ବର୍ଜ୍ୟ ପରିଚାଳନା, ଜଳ ଏବଂ ବାୟୁ ପ୍ରଦୂଷଣ ଆଦି ଯାଞ୍ଚ କରିଥିଲେ। ବିଭିନ୍ନ କାରଖାନାରେ ସର୍ଫେସ ରନ୍ ଅପ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଆରଟିପି) କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ନିୟମ ଖିଲାପ କରୁଥିବା ୨ କାରଖାନାକୁ ରିପୋର୍ଟ ମାଗିବା ସହ କାର୍ଯ୍ୟରେ ଅବହେଳା ପାଇଁ ପ୍ରଦୂଷଣ ବିଭାଗକୁ ମଧ୍ୟ ତାଗିଦା କରିଥିଲେ।

ବୁଧବାର ପୂର୍ବାହ୍ନ ୧୦ଟାରେ ୩ ଜଣିଆ କମିଟିର ସଦସ୍ୟ( ଅଧ୍ୟକ୍ଷ ମୋହନ ଚରଣ ମାଝୀ, ବିଧାୟକ ସିଏସ୍ ରାଜନ ଏକ୍କା, ବିଧାୟକ ନାଉରୀ ନାୟକ) ପ୍ରଥମେ ଆର୍ଯ୍ୟା ଷ୍ଟିଲ୍, ଶ୍ରୀ ମେଟାଲିକ୍ସ ଏବଂ ଜେଏସ୍‌ପିଏଲରେ ଜଳ, ବାୟୁ ପ୍ରଦୂଷଣ ସଂକ୍ରାନ୍ତରେ ଯାଞ୍ଚ କରିଥିଲେ। ୩ କାରଖାନା ମଧ୍ୟରୁ ଆର୍ଯ୍ୟା କାରଖାନାରେ ସର୍ବାଧିକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ସବ୍‌କମିଟି ୨ର ଅଧ୍ୟକ୍ଷ ମାଝୀ କହିଛନ୍ତି। ସେହିପରି କମିଟିରେ ଥିବା ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା କହିଛନ୍ତି ଯେ, କାରଖାନାଗୁଡ଼ିକରେ ସର୍ଫେସ ରନ୍ ଅପ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ୱାଟର ସ୍ପ୍ରେଟଲିଂ ପଏଣ୍ଟ, ୱାଟର ରିଜର୍ଭର, ଇଟିପିଡି ଡଷ୍ଟିଂ ସିଷ୍ଟମ, ଷ୍ଟକ୍ ମନିଟରିଂ ସିଷ୍ଟମ, ଗ୍ରାଉଣ୍ଡ ପଣ୍ଡ ଆଦିର ରିପୋର୍ଟ ମଗାଯାଇଥିଲେ ହେଁ ସନ୍ତୋଷଜନକ ଉତ୍ତର ମିଳି ପାରି ନ ଥିଲା। ବହୁ କାରଖାନାରେ ସର୍ଫେସ ରନ୍ ଅପ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଥାଇ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ବର୍ଷା ଜଳ ତଥା ଶିଳ୍ପର ବର୍ଜ୍ୟବସ୍ତୁ ସିଧାସଳଖ ନଦୀ ଓ ନାଳରେ ମିଶୁଛି। ଫଳରେ ଜଳକୁ ପ୍ରଦୂଷିତ କରୁଥିବାରୁ ଜନସାଧାରଣ ହଇରାଣ ହେଉଛନ୍ତି। ଏହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ୩ ସଦସ୍ୟ ମତ ଦେଇଥିଲେ। ୬ ମାସର ରିପୋର୍ଟ ଦେବା ପାଇଁ ଆର୍ଯ୍ୟା ଷ୍ଟିଲ୍ ଓ ଶ୍ରୀ ମେଟାଲିକ୍ସକୁ ନିର୍ଦ୍ଦେଶ ଦେଇଥିଲେ।

ଏପରିକି କେନ୍ଦୁଝର ପ୍ରଦୂଷଣ ବିଭାଗ ମଧ୍ୟ ଠିକ୍ ଭାବେ ଅନୁଧ୍ୟାନ କରୁ ନ ଥିବାରୁ ଏହା ଦାୟିତ୍ୱହୀନତା ବୋଲି କମିଟିରେ ଥିବା ସଦସ୍ୟ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଥିଲେ। କମିଟି ଚେୟାରମ୍ୟାନ ମାଝୀ କହିଥିଲେ ଯେ, ସରକାରୀ ଅଧିକାରୀମାନଙ୍କର ଅବହେଳା କାରଣରୁ ଏହିପରି ଅନିୟମିତତା ପରିଲକ୍ଷିତ ହେଉଛି। ଏ ନେଇ ଗୃହ କମିଟି ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦା କରିଥିଲେ।

ଯାଞ୍ଚ ସମୟରେ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝୀ, ବିଧାନସଭାର ୩ ଅଧିକାରୀ ରାଜେନ୍ଦ୍ର ପିଟର ବାର୍ଲା, ଭବାନୀ ଶଙ୍କର ନାୟକ, କେନ୍ଦୁଝର ପ୍ରଦୂଷଣ ବିଭାଗ ଅଧିକାରୀ ପ୍ରଶାନ୍ତ କର, ପରିବେଶୀୟ ଯନ୍ତ୍ରୀ ନିବେଦିତା ଦାସ ବେବର୍ତ୍ତା, ଦେବବ୍ରତ ମହାନ୍ତିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। କମିଟି ସବିଶେଷ ରିପୋର୍ଟ ବାଚସ୍ପତିଙ୍କୁ ପ୍ରଦାନ କରିବେ ବୋଲି କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁହିତା ଦୁଇ କୁଳକୁ ହିତା,
ଦୁଇ କୁଳକୁ ପିତା।**

ସାଧାରଣତଃ କନ୍ୟାଟି ବିଭାହୋଇ ଶାଶୁଘରକୁ ଆସିବା ପରେ ପରିବାରର ସମସ୍ତ ସଦସ୍ୟଙ୍କ ମନ ନେଇ ଚଳିବାକୁ ହୋଇଥାଏ। ନିଜର ଗୁଣ ତଥା ଆଚାର ବ୍ୟବହାରରେ ଶାଳୀନତା ରକ୍ଷା କରିବା ସହ ସମସ୍ତଙ୍କୁ ଆପଣାର କରିବା ଉଚିତ ହୋଇଥାଏ। ଏପରି କରିବା ଫଳରେ ସେ ଉଭୟ ବାପଘର ଓ ଶାଶୁଘରେ ସୁନାମ ଅର୍ଜନ କରିଥାଏ ନଚେତ୍ ନିନ୍ଦା ଓ ଅପବାଦ ପାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦୂର ପର୍ବତ ସୁନ୍ଦର,
ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ। କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡେ। ସେହିପରି ଦୂର ବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣାପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦୁର୍ଘଟଣାରେ ସେବାୟତ ମୃତ, ୨ ଗୁରୁତର

**ପୁରୀ ଅଫିସ୍,୧୯।୧୦:** ପୁରୀ ସଦର ଥାନା ଅନ୍ତର୍ଗତ ମାଳତୀପାଟପୁରଠାରେ ବୁଧବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ଶ୍ରୀମନ୍ଦିରର ଜଣେ ସେବାୟତଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପୁରୀ ଦୋଳମଣ୍ଡପ ସାହିର ଲକ୍ଷ୍ମୀଧର ପଣ୍ଡା(୩୪)। ଦୁର୍ଘଟଣାରେ ଲକ୍ଷ୍ମୀଧରଙ୍କ ବନ୍ଧୁ ରାଧାମୋହନ ପାଢ଼ୀ ଆହତ ହୋଇଛନ୍ତି। ସେହିପରି ଲକ୍ଷ୍ମୀଧରଙ୍କୁ ଧକ୍କା ଦେଇଥିବା ଚନ୍ଦନପୁରର ବାଇକ୍ ଚାଳକ ହେମନ୍ତ ମହାପାତ୍ରଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।


# classifieds Everyday
0674-2580101, 2549302




### SALE

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

Gita College ନିକଟରେ 6 ଏକର Yellow Zone ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363 / 9778928492. D-73654

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General-350/- 9439660381. D-74139

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky-9853150290. D-74136

### PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140




**Full body massage by smart/expert therapist @999 only. 9078484455.** D-73652

Newly opened full body massage center by expert therapist. 7381172169. D-73653

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

"Contact for only professional massage & Steam Bath, Bhubaneswar -9861550765.". D-1787

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

### AFFIDAVIT

By virtue of an affidavit before the Executive Magistrate, Bhubaneswar, I have changed my name from Mamata Pati to Mamata Kar. Henceforth, I shall be known as Mamata Kar, W/o Pradeepta Kumar Kar for all future purposes. D-71542

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**


ପ୍ରଥମ ପୃଷ୍ଠାରୁ...

## କୋଟିଆ ଲୋଭ...

ବାରମ୍ବାର ସ୍ଥିତି ଦର୍ଶାଉଛି ଆନ୍ଧ୍ର। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ସୀମାନ୍ତବାସୀଙ୍କୁ ପ୍ରଲୋଭିତ କରି ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଅହରହ ଉଦ୍ୟମ ଜାରି ରଖିଛନ୍ତି ସେଠାକାର ସରକାର। ଓଡ଼ିଶା ଭୂଖଣ୍ଡ ଅନ୍ତର୍ଭୁକ୍ତ ସୀମାନ୍ତ ଗ୍ରାମଗୁଡ଼ିକୁ ଦଖଲକୁ ନେବା ଲାଗି ମନଲୋଭା ଯୋଜନା କାର୍ଯ୍ୟକାରୀ କରାଯିବା ସହ ଦିଆଯାଉଛି ପର୍ଯ୍ୟାପ୍ତ ପ୍ରୋତ୍ସାହନ। ଏହିକ୍ରମରେ କୋଟିଆର ନେରେଡ଼ିବାଲାସା ଗ୍ରାମକୁ ବୁଧବାର ଗସ୍ତ କରିଥିଲେ ଉପମୁଖ୍ୟମନ୍ତ୍ରୀ ଦୋରା। ସେଠାରେ ଆନ୍ଧ୍ର ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ 'ଗାଡ଼ପଗାଡ଼ପ' (ଘର ଘର ବୁଲି) ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ସବୁଠାରୁ ବଡ଼କଥା ହେଉଛି, ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଗ୍ରାମର ମହିଳାମାନେ ଭବ୍ୟ ସ୍ୱାଗତ କରିବା ଏବଂ ଆଦିବାସୀ ନୃତ୍ୟର ତାଳେତାଳେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନେବା ସୀମାନ୍ତ ଗ୍ରାମରେ ଆନ୍ଧ୍ରର ମଜଭୁତ୍ ସ୍ଥିତିକୁ ଦର୍ଶାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଦୋରା ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ୩ବର୍ଷ ମଧ୍ୟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ ମୋହନ ରେଡ୍ଡୀ ସରକାର ସୀମାନ୍ତ ଗ୍ରାମର ଉନ୍ନତି ଲାଗି ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଆନ୍ଧ୍ର ସରକାର ଭୂମିହୀନ ପରିବାର, ଜଙ୍ଗଲ ଜମି ପଟ୍ଟା ପାଇଥିବା ଲୋକଙ୍କୁ ୫୮ ହଜାର ଟଙ୍କା ଏବଂ ଆବାସ ଯୋଜନାର ହିତାଧିକାରୀଙ୍କୁ ୨ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଭିନ୍ନକ୍ଷମଙ୍କୁ ୩୦୦୦ ଟଙ୍କା ଏବଂ ଅନ୍ୟ ଅସହାୟଙ୍କୁ ୨,୭୫୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଥିବା ସେ ସୂଚନା ଦେଇଥିଲେ। ଏଥିସହ ଗୁରୁବାର କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦରରେ ଅନୁରୂପ କାର୍ଯ୍ୟକ୍ରମ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାରିକି ସରପଞ୍ଚ ଜି. ସତ୍ୟାବତୀ, ଏଏମ୍‌ସି ଅଧ୍ୟକ୍ଷ ଡି. ଅନନ୍ତ କୁମାରୀ, ଏମ୍‌ପିଡିଓ ଜି. ପାର୍ବତୀ, କୁରୁକୁଟି ସରପଞ୍ଚ ଭି. ଆପାରାଓ ଏବଂ ୱାଇସିପି ନେତା ବି. ପରିମାଳା ପ୍ରମୁଖ ଉପସ୍ଥିତ ଥିଲେ। କୋଟିଆ ପଞ୍ଚାୟତ ପାଇଁ ନିଯୁକ୍ତ ସର୍କଲ ଇନ୍ସପେକ୍ଟର ରୋହିନି ପାଥିଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ଅନ୍ୟପଟେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଫେରିଯିବା ପରେ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉପମୁଖ୍ୟମନ୍ତ୍ରୀ ଦୋରା କାର୍ଯ୍ୟକ୍ରମରେ କେଉଁ ସବୁ ସୂଚନା ଦେଇଛନ୍ତି, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ଗୁରୁବାର ତଳଗଞ୍ଜେଇପଦରରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ବିଫଳ କରିବାକୁ ଯୋଜନା କରାଯାଉଥିବା ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଏପିଓ ତଥା ମିଡିଆ ସଂଯୋଜକ ସୌମେନ୍ଦ୍ର ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ପ୍ରଶାସନ ଆଗୁଆ ପଦକ୍ଷେପ ନେଇ ଏଭଳି ତତ୍ପରତା ଦେଖାଇଥିଲେ ଆନ୍ଧ୍ରର ଯୋଜନା ଫସର ଫାଟନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ୍ ମାନ୍ୟମ ଜିଲା ଅଧୀନରେ ରହିଛି ସାଲୁର ବ୍ଲକ ସାରିକି ପଞ୍ଚାୟତର ୩ ଗ୍ରାମ। ସେଠାରେ ଆନ୍ଧ୍ର ପ୍ରଶାସନ ପକ୍ଷରୁ 'ଗାଡ଼ପଗାଡ଼ପ' ଯୋଜନା ଆରମ୍ଭ କରାଯାଇଛି। ଏବେ ଏହାକୁ କୋଟିଆ ଗ୍ରାମପୁଞ୍ଜିକୁ ପରିବର୍ଦ୍ଧିତ କରିବାକୁ ଲକ୍ଷ୍ୟ ରଖିଛି ଆନ୍ଧ୍ର ପ୍ରଶାସନ। ତଦନୁଯାୟୀ ଓଡ଼ିଶାର ନେରେଡ଼ିବାଲାସାକୁ ନିଜର ବୋଲି ଦାବି କରୁଥିବା ଆନ୍ଧ୍ର ଏଠାରେ 'ଗାଡ଼ପଗାଡ଼ପ' କାର୍ଯ୍ୟକ୍ରମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି।

## ମଲ୍ଲିକାର୍ଜୁନ ଖାର୍ଗେ...

ଗାନ୍ଧୀ ଇସ୍ତଫା ଦେଇଥିଲେ। ସେବେଠୁ ତାଙ୍କ ମା' ସୋନିଆ ଗାନ୍ଧୀ ଅନ୍ତରୀଣ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଉଥିଲେ। ଦଳର ୧୩୭ ବର୍ଷର ଇତିହାସରେ ଅଧ୍ୟକ୍ଷ ପଦ ପାଇଁ ସୋମବାର ଷଷ୍ଠ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୯୩୮୫ ଜଣ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପ୍ରତିନିଧି ଭୋଟ ଦେଇଥିଲେ। ବୁଧବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଭୋଟ ଗଣତି ହୋଇଥିଲା। ଖାର୍ଗେ ୭,୮୯୭ (୮୪.୧୪%) ଓ ଥରୁର ୧,୦୭୨ (୧୧.୪%) ଭୋଟ ପାଇଥିବାବେଳେ ୪୧୬ ଖଣ୍ଡ ନାକଚ ହୋଇଯାଇଥିବା ନେଇ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ମୁଖ୍ୟ ମଧୁସୂଦନ ମିସ୍ତ୍ରି ସୂଚନା ଦେଇଛନ୍ତି। ଏହି ଐତିହାସିକ ବିଜୟ ସହ ପ୍ରାୟ ଅଢ଼େଇ ଦଶନ୍ଧି ପରେ ଖାର୍ଗେ ପ୍ରଥମ ଅଣଗାନ୍ଧୀ ନେତା ଭାବେ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି।

ଅନ୍ୟପକ୍ଷେ ଥରୁର ୧୦୦୦ ଭୋଟ ମାର୍କ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ୧୯୯୭ରେ ସୀତାରାମ କେଶରୀଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ଶରଦ ପାୱାର ପାଇଥିବା ଭୋଟଠାରୁ ଥରୁରଙ୍କ ଭୋଟ ସଂଖ୍ୟା ଅଧିକ। ଏହା ପୂର୍ବରୁ ୨୦୦୦ ମସିହାରେ ଅଧ୍ୟକ୍ଷ ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ ସୋନିଆଙ୍କଠାରୁ ଜିତେନ୍ଦ୍ର ପ୍ରସାଦ ପରାଜିତ ହୋଇଥିଲେ। ସଦ୍ୟ ନିର୍ବାଚନ ପରିଚାଳନାରେ ଅନେକ ଅନିୟମିତତା ହୋଇଥିବା ଥରୁର ଅଭିଯୋଗ ଆଣିଥିଲେ। ଫଳାଫଳ ଆସିବା ପରେ ସେ ଖାର୍ଗେଙ୍କୁ ଭେଟି ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଖାର୍ଗେ ସାରା ଦେଶର ଅଗଣିତ ଶୁଭେଚ୍ଛୁଙ୍କ ଆଶା ଆକାଂକ୍ଷା ପୂରଣ କରିବେ ବୋଲି ସେ ଆଶାବାଦୀ ଥିବା ଥରୁର କହିଛନ୍ତି। ମିସ୍ତ୍ରି ଥରୁରଙ୍କ ଅଭିଯୋଗକୁ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି।

## ତରଳୁଥିବା ହିମବାହରୁ...

ଥିବା ୨୦୧୪ରେ ଫ୍ରାନ୍ସର ଆଇକ୍ସ ମାର୍ସେଲେର ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚର ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ। ୩୦ହଜାର ବର୍ଷ ବ୍ୟବଧାନରେ ଏହି ଭୂତାଣୁ ସଂକ୍ରମଣ ଘଟାଉଥିବା ଷ୍ଟଡି ଅଥର୍ ଜିନ୍ ମାଇକେଲ କ୍ଲାଭେରି କହିଛନ୍ତି। ଯେପର୍ଯ୍ୟନ୍ତ ଏହି ଭୂତାଣୁ ହିମ ମଧ୍ୟରେ ଅଛନ୍ତି, ସେ ପର୍ଯ୍ୟନ୍ତ ଏମାନଙ୍କ ପ୍ରଭାବ ଜୀବଜଗତ ଉପରେ ପଡ଼ିବ ନାହିଁ ବୋଲି ବୈଜ୍ଞାନିକଙ୍କ ପକ୍ଷରୁ ଦାବି କରାଯାଇଛି। ଜଳବାୟୁ ପରିବର୍ତ୍ତନ କାରଣରୁ ବ୍ୟାକ୍ଟେରିଆ ଓ ଭାଇରସଙ୍କ ସ୍ଥିତିରେ ପରିବର୍ତ୍ତନ ଆଶଙ୍କା କରାଯାଇଛି, ଯେଉଁ ପରିମାଣରେ ତାପମାତ୍ରାରେ ବୃଦ୍ଧି ଘଟିବ ସେ ଅନୁସାରେ ହିମବାହରେ ଲୁଚିଥିବା ଭାଇରସ ଦ୍ୱାରା ବିଶ୍ୱରେ ଘଟିବାକୁଥିବା ବିପର୍ଯ୍ୟୟର ଆଶଙ୍କା ପାଖେଇଆସିବ ବୋଲି ଆବେରିଷ୍ଟୱିଥ୍ ୟୁନିଭର୍ସିଟିର ଇଣ୍ଟରଡିସିପ୍ଲିନାରି ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ମାଇକ୍ରୋବାୟୋଲୋଜିର ନିର୍ଦ୍ଦେଶକ ଏରୱିନ୍ ଇଡ୍‌ୱାର୍ଡସ୍ କହିଛନ୍ତି। ଅଣୁଜୀବଙ୍କ ବିଷୟରେ ଅଧିକ ଗବେଷଣା କରାଗଲେ ହିମବାହରେ ଥିବା ବ୍ୟାକ୍ଟେରିଆ ତଥା ଭାଇରସଙ୍କ ବ୍ୟବହାର ସମ୍ପର୍କରେ ବିସ୍ତୃତ ସୂଚନା ମିଳିବ। ଆଗାମୀ ମହାମାରୀ ପାଇଁ ବର୍ତ୍ତମାନ ସୁଦ୍ଧା ଦୁଇଟି ଜିନିଷ ସ୍ପଷ୍ଟ ହୋଇପାରିଛି। ପ୍ରଥମଟି ଗ୍ଲୋବାଲ ୱାର୍ମିଂ ପାଇଁ ଦିନକୁ ଦିନ ଆର୍କଟିକ ହିମବାହ ତରଳିବାରେ ଲାଗିଛି, ଯାହା ଆଗାମୀ ଦିନରେ ମନୁଷ୍ୟଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବ। ଦ୍ୱିତୀୟତଃ ହିମବାହ ତରଳିବା ଦ୍ୱାରା ଏଥିରେ ଲୁଚିଥିବା ଭୂତାଣୁ ସଂକ୍ରମଣ ଖେଳାଇବା ପାଇଁ ମାଧ୍ୟମ ଖୋଜିବା ସହଜ ହେବ।

## ୭ ଜିଲାକୁ ବାତ୍ୟା...

କେତେକ ପାଣିପାଗ ମଡେଲ ଅନୁଯାୟୀ, ଉପରୋକ୍ତ ୭ ଜିଲା ସମେତ କଟକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲା ଅଧିକ ପ୍ରଭାବିତ ହୋଇପାରେ। ବାତ୍ୟାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୩୦ କିଲୋମିଟର ରହିବ ବୋଲି ଅନୁମାନ କରାଯାଉଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏପରି କି କେତେକ ସ୍ଥାନରେ ୨୦୦ ମିଲିମିଟରରୁ ମଧ୍ୟ ଅଧିକ ବର୍ଷା ମଧ୍ୟ ହୋଇପାରେ। ଆସନ୍ତା ୨୨ ତାରିଖରୁ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳ ଗଭୀର ସମୁଦ୍ରରେ ଝଡ଼-ପବନ ଘଣ୍ଟା ପ୍ରତି ବେଗ ୪୫ରୁ ୫୫ କିମି ଓ ବେଳେ ବେଳେ ୬୫ କିମି ଯାଏ ବହିପାରେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖରୁ ୨୫ ତାରିଖ ଯାଏ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସତର୍କ କରାଯାଇଛି। ବାତ୍ୟା ଦାନା ବାନ୍ଧୁଥିବାରୁ ଆସନ୍ତା ୨୩ ତାରିଖ ସକାଳ ଯାଏ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା ନ ଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏ ନେଇ ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି।

## ଫସଲ ଚିନ୍ତାରେ...

ଧାର କରଜ କରିଥିବା ଚାଷୀର ମେରୁଦଣ୍ଡ ଭାଙ୍ଗିଯିବ। ଏବେ ନୂଆ କରି ବାଇଗଣ, କୋବି, କାକୁଡି ସହିତ ବିଭିନ୍ନ ପ୍ରକାର ପନିପରିବା ଫଳୁଛି। ତାହା ନଷ୍ଟ ହୋଇଯିବ। ଏଥିପ୍ରତି କୌଣସି ଆଗୁଆ ପଦକ୍ଷେପ ନେଇହେବ ନାହିଁ। ସେହିପରି ଭୋଗରାଇ ବ୍ଲକ ଗୋପୀନାଥପୁର ଗ୍ରାମର ନୀଳକଣ୍ଠ ଘୋଷ କହିଛନ୍ତି ଯେ, ସେ ଭୋଗରାଇ ପାହି ଅଞ୍ଚଳ ଓ ନିଜ ଗ୍ରାମ ଧାନଜମିରେ ଦୁଇ ଏକର ଧାନଚାଷ କରିଛନ୍ତି। ଚାଷ ବାବଦକୁ ୫୦ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ବାତ୍ୟା ସହିତ ସମୁଦ୍ର ଜୁଆର ମାଡ଼ି ଆସିଲେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ। ଚାଷ ନଷ୍ଟ ହେଲେ ରବି ଚାଷ ପାଇଁ ସରକାର ଆଗୁଆ ବିହନ ଓ ସାର କୀଟନାଶକ ଔଷଧ ଯୋଗାଇ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି, ଏବେ ଲୋକଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ। ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ କୌଣସି ସୂଚନା ଆସିଲେ ଆମେ ଲୋକଙ୍କୁ ଜଣାଇବୁ। ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ପାଇଁ ପ୍ରସ୍ତୁତ ରହିଛୁ ବୋଲି ଜିଲାପାଳ ସିନ୍ଦେ କହିଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି ଯେ, ସେ ଚଳିତବର୍ଷ ନିଜର ୧୨ ଏକର ସମେତ ୬ ଏକର ଜମି ବାହାର ଲୋକଙ୍କଠାରୁ ଭାଗରେ ଆଣି ଧାନଚାଷ କରିଛନ୍ତି। ଏଥିସହ ବାଡିରେ ପନିପରିବା ଚାଷ କରିଛନ୍ତି। କରୋନା ସଂକ୍ରମଣ ସମୟରେ ପ୍ରବାସରୁ ଫେରି ଚାଷ ପ୍ରତି ଧ୍ୟାନ ଦେଇଥିଲେ। ଏସବୁ ଚାଷ ପାଇଁ ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ଆଣିଛନ୍ତି। ଏବେ ବାତ୍ୟା ଭୟ ଦେଖାଦେଲାଣି। ଧାନ ଥୋଡ ବାହାରିଛି। ଏହି ସମୟରେ ଅଧିକ ବାତ୍ୟା ପବନ ହେଲେ ପନିପରିବା ସହ ଧାନ ଫସଲ ନଷ୍ଟ ହେବ। ଏବେ ଚାଷ ଏପରି ସ୍ଥିତିରେ ଅଛି ଯେ, ଏହାର ସଂରକ୍ଷଣ ହୋଇପାରିବ ନାହିଁ। ଆଣିଥିବା ଋଣ କିପରି ଶୁଝିବେ ସେହି ଚିନ୍ତାରେ ସେ ଅଛନ୍ତି। କେନ୍ଦ୍ରାପଡ଼ାର କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ କେନ୍ଦ୍ରାପଡ଼ା ଜିଲା ପରିଚାଳିତ। ଏଠାରେ ବନ୍ୟା, ବାତ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ଦେଖାଯାଉଛି। କୃଷି ଓ କୃଷକଙ୍କ ପାଇଁ ଜଳ ପରିଚାଳନା ଏକ ସମସ୍ୟା ହୋଇଛି। ଚଳିତବର୍ଷ ୧ ଲକ୍ଷ ୨୪ ହଜାର ହେକ୍ଟର ଚାଷଜମି ମଧ୍ୟରୁ ପ୍ରାୟ ୬୮ ହଜାର ହେକ୍ଟର ଜମିରେ ଜଳ ନିଷ୍କାସନ ସମସ୍ୟା ରହିଛି। ସମ୍ଭାବ୍ୟ ବାତ୍ୟା କୃଷି ଅର୍ଥନୀତିକୁ ଦୋହଲାଇ ଦେବ। ଜଳସେଚନ ଓ ନିଷ୍କାସନ ପ୍ରତି ସ୍ଥାନୀୟ ରାଜନେତା ଓ ପ୍ରଶାସକ ଧ୍ୟାନ ଦେଉନାହାନ୍ତି ବୋଲି ସେ କହିଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ଉହାଡ଼ ଗ୍ରାମର ହରେକୃଷ୍ଣ ବେହେରା କହିଛନ୍ତି, ୪ ଏକରରୁ ଊର୍ଦ୍ଧ୍ୱ ଜମିରେ ସେ ଉନ୍ନତମାନର ବିହନ ସ୍ୱର୍ଣ୍ଣମୁଖୀ ଓ କନକ ପ୍ଲସ ଧାନ ଚାଷ କରିଛନ୍ତି। ଏବେ ଧାନ ଫସଲର ଥୋଡ଼ ମଞ୍ଜ ଆସିଗଲାଣି। ବାତ୍ୟା ଯୋଗୁ ବର୍ଷା ଓ ଅଧିକ ପବନ ହେଲେ ଥୋଡ଼ ମଞ୍ଜ କ୍ଷତିଗ୍ରସ୍ତ ହେବ। ଇରମ ସେବା ସମବାୟ ସମିତିରୁ ୫୦ହଜାର ଟଙ୍କା ଋଣ ଆଣି ସେ ଚାଷ କାମରେ ଲଗାଇଛନ୍ତି। ଚାଷ ନଷ୍ଟ ହୋଇଗଲେ ଋଣ ଶୁଝିବା କଷ୍ଟକର ହୋଇପଡ଼ିବ। ସେହିପରି ୧୦ ଗୁଣ୍ଠ ଜମିରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ବାତ୍ୟା ହେଲେ ତାଙ୍କ ପରି ଶତାଧିକ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ ବୋଲି ବେହେରା କହିଛନ୍ତି।

ଚଳିତ ଖରିଫରେ ଜଗତ୍‌ସିଂହପୁର ଜିଲାର ମୋଟ ୧,୦୪୦୦୦ ହେକ୍ଟର ଜମି ମଧ୍ୟରୁ ୯୯,୮୨୮ ହେକ୍ଟରରେ ଫସଲ ହୋଇଛି। ସେଥିମଧ୍ୟରୁ ୮୫,୯୯୬ ହେକ୍ଟରରେ କେବଳ ଧାନଚାଷ କରାଯାଇଛି। ଏହାବାଦ ପନିପରିବା ୧୧,୫୧୯ ହେକ୍ଟର, ଡାଲିଜାତୀୟ ୫୦, ତୈଳବୀଜ ୪, ଝୋଟ ୫୬, ମସଲା ଜାତୀୟ ୧୫୯୫, ଆଖୁ ୫୬୫, ଘାସ ୫ ହେକ୍ଟର ଜମିରେ ଚାଷ ହୋଇଛି। ଧାନ ଚାଷରେ ଏବେ ଗର୍ଭାବସ୍ଥା। କେତେକ ସ୍ଥାନରେ ଥୋଡ଼ ଧରିଲାଣି। ଚାଷୀ ବହୁ ଅର୍ଥ ଓ ଶ୍ରମ ଦେଇ ଫଳ ଅମଳକୁ ଚାହିଁ ବସିଛନ୍ତି। କିନ୍ତୁ ବାତ୍ୟା ଭୟ ଚାଷୀଙ୍କ ହୃଦ୍‌ଚାପ ବଢ଼ାଇ ଦେଇଛି ବୋଲି ରଘୁନାଥପୁର ବ୍ଲକ ଅଞ୍ଚଳର ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ ସ୍ୱାଇଁ, ତିର୍ତ୍ତୋଲର ଭାସ୍କର ରାଉତ, ଜଗତ୍‌ସିଂହପୁରର କୈଳାସ ଚନ୍ଦ୍ର ପାଳ, ବିରିଡ଼ିର ଅଭୟ ରାଉଳ ଓ ନାଉଗାଁର ସରୋଜ କୁମାର ନାୟକ ପ୍ରମୁଖ କହିଛନ୍ତି। ଏନେଇ ଡେପୁଟି କଲେକ୍ଟର ମନୋରମା ଜାଲି କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ନେଇ ପ୍ରସ୍ତୁତ ରହିବାକୁ ପଡ଼ିବ। ଏବେ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରାଯାଉଛି। ଯଦି ବାତ୍ୟା ହୁଏ ଏବଂ ଏହା ଜଗତ୍‌ସିଂହପୁର ଜିଲାର ସ୍ଥଳଭାଗ ଛୁଏଁ, ତେବେ ତା' ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରିବାକୁ ପଡ଼ିବ ବୋଲି ଡେପୁଟି କଲେକ୍ଟର ଜାଲି କହିଛନ୍ତି।

ଖୋର୍ଦ୍ଧା ଜିଲା ନୂଆଗାଁର କାଶୀନାଥ ପ୍ରଧାନ କହିଛନ୍ତି ଯେ, ଗତବର୍ଷ ଏହି ସମୟରେ ବାତ୍ୟାରେ କ୍ଷତି ସହିଥିଲୁ। ଧାନ ଅମଳ ସମୟରେ ବିଲରେ ପଚି ଶଢ଼ି ନଷ୍ଟ ହୋଇଗଲା। ଚଳିତବର୍ଷ ମଧ୍ୟ ସମ୍ଭାବ୍ୟ ବାତ୍ୟାକୁ ନେଇ ମନରେ ଭୟ ରହିଛି। ଧାନର ଥୋଡ଼ ବାହାରିବା ସମୟ ହେଲାଣି। ଏହି ସମୟରେ ବର୍ଷା ହେଲେ ଧାନ ଫସଲ ନଷ୍ଟ ହେଇଯିବ। କିଛି ବିଲରେ ସେ କୋଶଳା ଶାଗ, ଭେଣ୍ଡି, ବାଇଗଣ, ଝୁଡ଼ଙ୍ଗ ଚାଷ କରିଛନ୍ତି। ବାତ୍ୟାକୁ ନେଇ ଗଣମାଧ୍ୟମରେ ଯେଉଁଭଳି ଭାବେ ଚର୍ଚ୍ଚା ଲାଗି ରହିଛି, ତାହାକୁ ନେଇ ମନରେ ଭୟ ସଞ୍ଚରିଛି ବୋଲି ପ୍ରଧାନ କହିଛନ୍ତି।

ଯାଜପୁର ଜିଲାରେ ଅଳ୍ପଦିନିଆ ଧାନ ଫସଲ ଏବେ ଅମଳକ୍ଷମ ହୋଇସାରିଛି। ଏନେଇ ବରୀ ବ୍ଲକ ବାଲିବିଲି ଗ୍ରାମର ଅଶୋକ ପଢ଼ିହାରୀ କହିଛନ୍ତି, ବାତ୍ୟା ଆଶଙ୍କାରେ ତରବରିଆ ଭାବେ ଧାନକଟା ଚାଲିଛି। ତଥାପି ବାତ୍ୟା ନିର୍ଦ୍ଧାରିତ ଦିନ ପୂର୍ବରୁ ଧାନ ସମ୍ପୂର୍ଣ୍ଣ କାଟିବା ସମ୍ଭବପର ନୁହେଁ। ଇତିମଧ୍ୟରେ ୩୦ରୁ ୪୦% ଧାନ କାଟି ହେବାର ସମ୍ଭାବନା ରହିଛି। ବାତ୍ୟା ଆସିଲେ ସବୁକିଛି ଧାନ ଝଡିଯିବ। ଚାଷୀ ଚଳିତବର୍ଷ ଭଲ ଅମଳ ହେବାର ଯେଉଁ ଆଶା ରଖିଥିଲା ତାହା ମଉଳିଯିବ। ଏଥିପାଇଁ ଆଉ କୌଣସି ପ୍ରତିକାର ବ୍ୟବସ୍ଥା ନାହିଁ। ସେହିପରି ରସୁଲପୁର ବ୍ଲକ ଭଗୀରଥପୁରର ପନିପରିବା ଚାଷୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି ଯେ, କୋବି, ବାଇଗଣ, କାକୁଡିରେ ବର୍ତ୍ତମାନ ଭଲ ଫାଇଦା ମିଳୁଛି। କୋବି କେଜି ପ୍ରତି ୫୦ରୁ ୬୦ ଟଙ୍କା, ବାଇଗଣ ଓ କାକୁଡି କେଜି ପ୍ରତି ୩୦ ଟଙ୍କାରେ ବେପାରୀଙ୍କଠାରେ ବିକ୍ରି ହେଉଛି। ଏହା ଚାଷୀଙ୍କ ଦୀର୍ଘଦିନ ଅପେକ୍ଷାର ଫଳ। କିନ୍ତୁ ଏହି ସମୟରେ ବାତ୍ୟା ଆଶଙ୍କା ଚିନ୍ତା ବଢ଼ାଇଛି। ବ୍ୟାପକ ଫସଲ ନଷ୍ଟ ଆଶଙ୍କାରେ ଚାଷୀଙ୍କ ନିଦ ହଜି ଯାଇଛି। ଏହାର ପ୍ରତିକାର ସମ୍ଭବପର ହେଉ ନଥିଲେ ହେଁ ଗଛମୂଳରେ ମାଟି ହୁଡ଼ା ପକାଯାଉଛି, ଯାହାକି ପବନରୁ କିଛିଟା ରକ୍ଷା କରିପାରିବ ବୋଲି ଆଶା କରାଯାଉଛି। ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶଚନ୍ଦ୍ର ଲେଙ୍କା କୁହନ୍ତି ଯେ, ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଯାଜପୁର ଜିଲାର ନାମ ନାହିଁ। ତଥାପି ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବାକୁ ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ପ୍ରଶାସନ ସଜାଗ ରହିଛି ବୋଲି ଲେଙ୍କା କହିଛନ୍ତି।

କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟା ଧାନଚାଷରେ ରୋଗ ପୋକ ବଢ଼ାଇବାର ଆଶଙ୍କା ରହିଛି। ବର୍ଷା ପରେ କ୍ଷେତରୁ ଜଳ ନିଷ୍କାସନ ଜରୁରୀ। ପନିପରିବା ଚାଷୀ କୀଟନାଶକ ସିଞ୍ଚନ ବର୍ଷା ସମୟରେ ବନ୍ଦ କରନ୍ତୁ। ଅଧିକ ବର୍ଷା ସମୟରେ ବାଇଗଣ, ବିଲାତି ବାଇଗଣ, ଫୁଲକୋବି, ବନ୍ଧା କୋବି, ବ୍ରୋକଲି ପ୍ରଭୃତି ଚାରା ଗଛକୁ ଘୋଡାଇଲେ କ୍ଷତି କମ୍ ରହିବ। ବର୍ଷା ପରେ ଗଛର ସ୍ଥିତିକୁ ଦେଖି ସାର ଓ ଔଷଧ ସିଞ୍ଚନ କରିପାରିବେ। ସତର୍କ ରହିଲେ ବାତ୍ୟାଜନିତ କ୍ଷତି କମ୍ ରହିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଟକିଥିବା କାମକୁ ସମ୍ପୂର୍ଣ୍ଣ କରି ଆତ୍ମତୃପ୍ତି ଲଭିବେ। ବିବାଦୀୟ ଘଟଣାର ସମାଧାନପୂର୍ବକ ଅବୁଝା ବନ୍ଧୁଙ୍କୁ ବୁଝାଇବାରେ ସମର୍ଥ ହୋଇପାରିବେ। ବାଣିଜ୍ୟ, ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ। ଅଫିସରେ କୌଣସି ବିଷୟ ନେଇ ବୁଝାମଣାରେ ତିକ୍ତତା ଦେଖାଦେଇପାରେ।

**ବୃଷ**
ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ। ଆତ୍ମୀୟମାନଙ୍କ ସ୍ନେହ, ଶ୍ରଦ୍ଧା ଓ ସଦିଚ୍ଛା ଦାନରେ ସହାୟକ ହୋଇପାରନ୍ତି।

**ମିଥୁନ**
ଦୀର୍ଘଦିନରୁ ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ଓ ସମ୍ମାନ ସାଙ୍ଗକୁ ବନ୍ଧୁଙ୍କ ସାନ୍ନିଧ୍ୟଲାଭ କରି ଖୁସି ରହିବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ**
ଭାବପ୍ରବଣବଶତଃ କିମ୍ବା ନିଜର କ୍ଷମତାର ଅପବ୍ୟବହାର କରି ସମାଲୋଚିତ ହେବେ। ପରକଥାରେ ପ୍ରଭାବିତ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ଆକସ୍ମିକ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**ସିଂହ**
ଆପଣଙ୍କ କଥା ଓ କାମରେ ମେଳ ନ ରହିବା କାରଣରୁ ଅବିଶ୍ୱାସର ପାତ୍ର ହୋଇପାରନ୍ତି। ପାରିବାରିକ ଆବଶ୍ୟକତାକୁ ନେଇ ବ୍ୟୟର ମାତ୍ରା ବଢ଼ିବା ହେତୁ ଅବସାଦ ବୃଦ୍ଧି ପାଇବ। ଏକାଧିକ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ତଥାପି ଅସମର୍ଥିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା**
ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଲଟେରି କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ତୁଳା**
ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରି ସଫଳତା ପାଇବେ । ବନ୍ଧୁମାନଙ୍କ ସହ ହସ ଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍‌ଗୁଲ୍ ରହିବେ।

**ବିଛା**
ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ ।

**ଧନୁ**
ନିଜ ଲୋକମାନଙ୍କ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗ କାରଣଜନିତ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବା ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**ମକର**
ଉଚ୍ଚପଦାଧିକାରୀଙ୍କ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବଦୀୟ ଘଟଣାରେ ମଧ୍ୟସ୍ଥତା କରି ବନ୍ଧୁଙ୍କୁ ବିପଦମୁକ୍ତ କରାଇପାରନ୍ତି ।

**କୁମ୍ଭ**
କର୍ମକ୍ଷେତ୍ରରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁଗହଣରେ, ଆନୁଷ୍ଠାନିକ କାମରେ, ମେଳା ମହୋତ୍ସବରେ, ନୃତ୍ୟ ଓ ସଙ୍ଗୀତରେ ମଜିରହିପାରନ୍ତି। ଜନହିତକର କାମରେ ଅର୍ଥ ବିନିଯୋଗ କରି ଉଚ୍ଚପ୍ରଶଂସିତ ହେବେ । କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ**
ଆପଣଙ୍କ ଲୋକପ୍ରିୟତା ଅନ୍ୟମାନଙ୍କର ଗାତ୍ରଦାହର କାରଣ ହୋଇପାରେ। ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। ବନ୍ଧୁ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି । କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା କର୍ମକ୍ଷେତ୍ରରେ ସମାଲୋଚିତ ହେବେ।

ଆଜି ଅକ୍ଟୋବର ୨୦ ତାରିଖ, ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁଦିବସ, ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, କାର୍ତ୍ତିକ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଗୁରୁବାର, ରାଶିନକ୍ଷତ୍ର- ସକାଳ.ଘ.୧।୨୯ ଗତେ ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୬ ଗତେ ଘ.୦୭।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୧୨।୫୭ ଗତେ ଘ.୦୨।୨ ମଧ୍ୟେ ରାହୁକାଳ।

# ନନ୍ଦନକାନନ ସୀମାରେ ୨୦ ବଣୁଆ ହାତୀ

■ ଡ୍ରୋନ୍ କ୍ୟାମେରା ଦ୍ୱାରା ଗତିବିଧି ଉପରେ ନଜର

■ ଚନ୍ଦକା ବନ ବିଭାଗ ଓ ନନ୍ଦନକାନନର ସୁରକ୍ଷା ଟିମ୍ ମିଶି ଜଗିଛନ୍ତି

ବାରଙ୍ଗ,୧୯।୧୦(ଡି.ଏନ୍.ଏ.)

କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପ୍ରାଚୀର ନିକଟରେ ପୁଣି ହାତୀପଲ ଆସିଥିବା ଦେଖିବାକୁ ମିଳିଛି। ବୁଧବାର ପୂର୍ବାହ୍ନ ସମୟରେ ନନ୍ଦନକାନନ ସୀମା ନିକଟ ଜଙ୍ଗଲରେ ୨୦ଟିକିଆ ବଣୁଆ ହାତୀପଲ ବୁଲୁଥିବାର ସ୍ଥାନୀୟ ଲୋକ ଦେଖିଛନ୍ତି, ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ବୁଧବାର ସକାଳ ୧୦ଟା ପାଖାପାଖି ନନ୍ଦନକାନନର ପୂର୍ବ-ପଶ୍ଚିମପଟ ସୁରକ୍ଷା ପ୍ରାଚୀର ପାଖ କୁମାରକୁଦ ଜଙ୍ଗଲରେ ଦୁଇଟି ଦଳରେ ୨୦ଟିକିଆ ହାତୀପଲ ବୁଲୁଥିବାର ରଘୁନାଥପୁର ଗାଁର କେତେଜଣ ଚାଷୀ ଦେଖିଥିଲେ। ପ୍ରାୟ ୩୦ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ରଘୁନାଥପୁର ଗାଁର ଚାଷୀମାନେ ଏଥର ଶାରଦ ଧାନ କରିଛନ୍ତି। ବୁଧବାର ସକାଳେ ବିଲକୁ ଚଢେଇ ଘଉଡ଼ାଇବାକୁ ଯାଇଥିବାବେଳେ ଖରାର ମାତ୍ରା ବଢିବା ପରେ ହାତୀପଲ କୁମାରକୁଦ ଜଙ୍ଗଲରୁ ବାହାରିବାକୁ ଚେଷ୍ଟା କରିଥିଲେ। ଚାଷୀମାନେ ଏକାଠି ହୋଇ ବାଣ ଫୁଟାଇ ପାଟି କରି ହାତୀପଲଙ୍କୁ ଜଙ୍ଗଲରୁ ବାହାରିବାକୁ ଦେଇ ନ ଥିଲେ। ହାତୀଥିବା ଖବର ପ୍ରଚାର ହେବାପରେ ଚନ୍ଦକା ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ପୋଲିସ ଆସି ହାତୀପଲଙ୍କୁ ଜଗି ରହିଥିଲେ।

ଅନ୍ୟପଟେ ନନ୍ଦନକାନନ ତରଫରୁ ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀର ଗତିବିଧି ଜାଣିବାକୁ ଉଦ୍ୟମ କରାଯାଇଥିଲା। ହାତୀ ନନ୍ଦନକାନନ ସୀମା ନିକଟରେ ଥିବାର ଜଣାପଡିବା ପରେ ନନ୍ଦନକାନନର ଏକ ଟିମ୍ ସେଠାକୁ ଯାଇ ହାତୀଙ୍କୁ ଜଗି ରହିଥିଲେ। ସନ୍ଧ୍ୟା ହେବାପରେ ଚନ୍ଦକା ବନ ବିଭାଗ ଓ ନନ୍ଦନକାନନର ସୁରକ୍ଷା ବିଭାଗ ଟିମ୍ ମିଶି ନନ୍ଦନକାନନ ସୁରକ୍ଷା ପାଚେରି କଡ଼କୁ ନ ଆସିବା ପାଇଁ ହାତୀମାନଙ୍କୁ ଚନ୍ଦକା ଜଙ୍ଗଲକୁ ଫେରାଇ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କାଳେ ହାତୀ ନନ୍ଦନକାନନ ସୁରକ୍ଷା ପାଚେରି ଭାଙ୍ଗି ଭିତରେ ପ୍ରବେଶ କରି ଜୀବଜନ୍ତୁଙ୍କ ଏନକ୍ଲୋଜର ଆଡ଼କୁ ପଶିଆସିବେ ସେଥିପ୍ରତି ଏହି ଟିମ୍ ତୀକ୍ଷ୍ଣ ନଜର ରଖାଯାଇଛି। ହାତୀ ଉପସ୍ଥିତିକୁ ନେଇ ବିଶେଷ କରି ଚନ୍ଦକା-ପିତାପଲ୍ଲୀ ରାସ୍ତାରେ ଯାଉଥିବା ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।



ନନ୍ଦନକାନନ ପ୍ରାଚୀର ନିକଟ ଜଙ୍ଗଲରେ ହାତୀପଲ।

# ଜଗନ୍ନାଥଙ୍କୁ ଚପଲ ପିନ୍ଧି ପୂଜାକଲେ ଜିଲା ପରିଷଦ ଅଧ୍ୟକ୍ଷା

ମାଲକାନଗିରି,୧୯।୧୦(ଡି.ଏନ୍.ଏ.)

ଓଡ଼ିଆଙ୍କ ଆରାଧ୍ୟ ଦେବତା ସ୍ୱୟଂ ଜଗନ୍ନାଥ ମହାପ୍ରଭୁଙ୍କୁ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଅବମାନନା କରିଛନ୍ତି। ଏକ କାର୍ଯ୍ୟକ୍ରମରେ ସେ ଚପଲ ପିନ୍ଧି କାର୍ଯ୍ୟକ୍ରମକୁ ଧୂପ ଦେଇ ଉଦ୍‌ଘାଟନ କରି ପୂଜା କରିଛନ୍ତି। ଏହାକୁ ସବୁ କ୍ଷେତ୍ରରେ ନିନ୍ଦା କରାଯାଇଛି। ଏହାର ଫଟୋ ଭାଇରାଲ ହୋଇଛି। ଖବରରୁ ଜଣାପଡିଛି, ମଙ୍ଗଳବାର ମାଲକାନଗିରି ପୁରୁଣା ମେଡିକାଲ ପରିସରରେ ବକ୍ରପାଦ ଅସ୍ତ୍ରୋପଚାର କ୍ୟାମ୍ପ ଆୟୋଜନ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ଟାଙ୍ଗୁଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପ୍ରଥମେ ମଞ୍ଚରେ ଉପସ୍ଥିତ ଥିବା କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜା କରାଯାଇଥିଲା। ଏହି ସମୟରେ ଟାଙ୍ଗୁଲ ପାଦରେ ଚପଲ ପିନ୍ଧି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଧୂପ ଦେଇ ପୂଜା କରିଥିଲେ।



କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଚପଲ ପିନ୍ଧି ଶ୍ରୀ ଜଗନ୍ନାଥଙ୍କୁ ଧୂପ ଦେଇ ପୂଜା କରୁଛନ୍ତି।

# ସରିଲା ୩ ନୂତନ ଡ୍ରାଇଭିଂ ତାଲିମ, ଗବେଷଣା କେନ୍ଦ୍ର

■ ଯନ୍ତ୍ରପାତି, ତାଲିମ ଉପକରଣ ପାଇଁ ଖର୍ଚ୍ଚ ହେବ ୨.୬୭ କୋଟି

■ ପିପିପି ମୋଡ୍‌ରେ ଚାଲିବ ଅନୁଷ୍ଠାନ

■ ବଡ଼ ଗାଡ଼ି ଶିଖିବାକୁ ୩୦, ଛୋଟ ଗାଡ଼ି ପାଇଁ ୨୧ ଦିନ ତାଲିମ ମିଳିବ

■ ଯୁବତୀଯୁବକଙ୍କୁ ଦିଆଯିବ ମାଗଣା ଟ୍ରେନିଂ, ଖାଇବାକୁ ବି ମିଳିବ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

'ସ୍କିଲ୍‌ଡ ଇନ୍ ଓଡ଼ିଶା' ଅଭିଯାନର ଅନ୍ୟ ଏକ ସମ୍ପ୍ରସାରିତ ପଦକ୍ଷେପ ଭାବେ ଏବେ ସୁନ୍ଦରଗଡ଼, ବ୍ରହ୍ମପୁର ଏବଂ କେନ୍ଦୁଝରଠାରେ ୩ଟି ନୂଆ ଡ୍ରାଇଭିଂ ତାଲିମ ଏବଂ ଗବେଷଣା ଅନୁଷ୍ଠାନ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ନୂଆ ଅନୁଷ୍ଠାନଗୁଡ଼ିକର ପରିଚାଳନା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପିତ କରିଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷାକରି ଚଳିତ ବର୍ଷ ଶେଷସୁଦ୍ଧା ୩ଟି ଯାକ ଅନୁଷ୍ଠାନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠାନଗୁଡ଼ିକର ପରିଚାଳନା ନିମନ୍ତେ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସୋସାଇଟି ଗଠନ ହେବ। ଏହାଦ୍ୱାରା ସରକାରୀ ଘରୋଇ ସହଭାଗିତା (ପିପିପି ମୋଡ୍) ନିୟାମକ ଅନୁସାରେ ଅନୁଷ୍ଠାନଗୁଡିକ ପରିଚାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତି ଅନୁଷ୍ଠାନରେ ତାଲିମ ଗାଡି, ଡୁଆଲ୍ କଣ୍ଟ୍ରୋଲ ଡ୍ରାଇଭିଂ ଡିଭାଇସ୍, ସିମୁଲେଟର, ୱାର୍କଶପ୍ ଯନ୍ତ୍ରପାତି ଓ ତାଲିମ ଉପକରଣ ଆଦି ପାଇଁ ପ୍ରାୟ ୨.୬୭ କୋଟି ଟଙ୍କା ସୋସାଇଟିଙ୍କୁ ଦିଆଯିବ। ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ଘରୋଇ ଭାଗୀଦାର ସଂସ୍ଥା କରିବେ। ଆଧୁନିକ ଜ୍ଞାନକୌଶଳ ସହ ଉଚ୍ଚମାନର ତାଲିମ ଦେବା ଏବଂ ତାଲିମ ପରେ ଯୁବତୀଯୁବକମାନଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି, ବର୍ତ୍ତମାନ ଯାଜପୁର ଜିଲାର ଛତିଆସ୍ଥିତ ଗୋଟିଏ ଅନୁଷ୍ଠାନ ପିପିପି ମୋଡ୍‌ରେ ସଫଳତାର ସହ କାର୍ଯ୍ୟ କରୁଛି। ଅଶୋକ ଲେଲାଣ୍ଡ କମ୍ପାନୀ ଏହା ପରିଚାଳନା କରୁଛି। ଏହି ନୂଆ ଅନୁଷ୍ଠାନକୁ ମିଶାଇଲେ ୪ଟି ଉଚ୍ଚମାନର ଅନୁଷ୍ଠାନ ପିପିପି ମୋଡ୍‌ରେ ପରିଚାଳିତ ହେବ। ବର୍ତ୍ତମାନ ଛତିଆ ସ୍ଥିତ ଅନୁଷ୍ଠାନ ୧୫୦ ସିଟ୍ ବିଶିଷ୍ଟ ଅଛି। ନବନିର୍ମିତ କେନ୍ଦୁଝର ଅନୁଷ୍ଠାନ ୧୩୪ ସିଟ୍, ସୁନ୍ଦରଗଡ଼ ୧୫୦ ସିଟ୍ ଏବଂ ବ୍ରହ୍ମପୁର ୧୪୦ ସିଟ୍ ବିଶିଷ୍ଟ ହେବ। ଏହି ସବୁ ଅନୁଷ୍ଠାନରେ ଉଭୟ ଛୋଟ ଏବଂ ବଡ଼ ଗାଡ଼ି (ଏଲ୍‌ଏମ୍‌ଭି ଏବଂ ଏଚ୍‌ଏମ୍‌ଭି) ଡ୍ରାଇଭିଂ ତାଲିମ ଦିଆଯିବ। ବଡ଼ ଗାଡ଼ି ପାଇଁ ତାଲିମ ଅବଧି ୩୦ ଦିନ ଏବଂ ଛୋଟ ଗାଡ଼ି ପାଇଁ ଅବଧି ୨୧ ଦିନ ରହିବ। ଓଡ଼ିଶାର ବିଭିନ୍ନ ଜିଲାରୁ ଆସୁଥିବା ଯୁବତୀଯୁବକଙ୍କୁ ଏହି ଅନୁଷ୍ଠାନରେ ମାଗଣା ଆବାସିକ ତାଲିମ ଦିଆଯିବ।

# ପ୍ରତିରକ୍ଷା ଷ୍ଟାର୍ଟଅପ୍ କ୍ଷେତ୍ରରେ କାର୍ଯ୍ୟ କରିବ କିଟ୍ ଟିବିଆଇ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିଟ୍-ଟିବିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର ଓ ଅନ୍ୟମାନେ।

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

ଇନୋଭେଶନ୍ ଫର୍ ଡିଫେନ୍ସ ଏକ୍ସିଲେନ୍ସ(ଆଇଡେକ୍ସ) ନିମନ୍ତେ କିଟ୍ ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର (କିଟ୍ ଟିବିଆଇ) ଏକ ସହଯୋଗୀ ଇନ୍‌କ୍ୟୁବେଟର ଭାବେ ମନୋନୀତ ହୋଇଛି। ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରାଇବା ସହ ସର୍ଜନା ଓ ବୈଷୟିକ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଆଇଡେକ୍ସ ହେଉଛି ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ପ୍ରତିରକ୍ଷା ଉତ୍ପାଦନ ବିଭାଗର ଏକ ପ୍ରୟାସ। ଆଇଡେକ୍ସ ନିମନ୍ତେ ଦେଶରୁ ୫ ଇନ୍‌କ୍ୟୁବେଟର ସହଯୋଗୀ ମନୋନୀତ ହୋଇଥିବାବେଳେ ଏଥିରେ କିଟ୍-ଟିବିଆଇ ହେଉଛି ଅନ୍ୟତମ। ଏ ସମ୍ପର୍କରେ ଗୁଜରାଟର ଅହମ୍ମଦାବାଦଠାରେ ଚାଲିଥିବା ଡିଫେନ୍ସ ଏକ୍ସପୋ-୨୦୨୨ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରତିରକ୍ଷା ସଚିବ ଡ. ଅଜୟ କୁମାର, ପ୍ରତିରକ୍ଷା ଉତ୍ପାଦନ ବିଭାଗର ଅତିରିକ୍ତ ସଚିବ ସଞ୍ଜୟ ଜଜୁ, ସେନାବାହିନୀ ପ୍ରମୁଖ ଜେନେରାଲ ଅନିଲ ଚୌହାନ, ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ, ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଆର୍. ହରି କୁମାର, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ୍ ଭି.ଆର୍. ଚୌଧୁରୀଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା। ଏନେଇ କିଟ୍-ଟିବିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର ଓ ଆଇଡେକ୍ସ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଆଇଡେକ୍ସର ସହଯୋଗୀ ଇନ୍‌କ୍ୟୁବେଟର୍ ଭାବେ କିଟ୍-ଟିବିଆଇ ପ୍ରତିରକ୍ଷା ସମ୍ପର୍କିତ ଷ୍ଟାର୍ଟଅପ୍‌ର କ୍ଷମତା ନିର୍ମାଣ କରିବା ସହ ଏହାର ଅଭିବୃଦ୍ଧି ଦିଗରେ ମାର୍ଗଦର୍ଶନ କରିବ ବୋଲି ଡ. ସୁଆର କହିଛନ୍ତି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଡ. ସୁଆରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜବତ ମଦ ବିକି ୩ କନ୍‌ଷ୍ଟେବଲ ନିଲମ୍ବିତ

ବଲାଙ୍ଗୀର ଅଫିସ, ୧୯।୧୦

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଏକ ଲଜ୍‌ରେ ରହୁଥିବା ତେଲଙ୍ଗନାର ଇଟାଭାଟି ମାଲିକ ଏବଂ ଦାଦନ ସର୍ଦ୍ଦାରଙ୍କୁ ଜୁଆଡି ସଜାଇ ଜଣେ ପୋଲିସ ଅଧିକାରୀ ଲକ୍ଷାଧିକ ଟଙ୍କା ଆତ୍ମସାତ ଉଦ୍ୟମ କରି ଧରା ପଡିବା ଓ ନିଲମ୍ବିତ ହେବା ଘଟଣା ହଇଚଇ ସୃଷ୍ଟି କରିଥିଲା। ଏଭଳି ଦୁର୍ନାମର ଚର୍ଚ୍ଚା ଥମି ନ ଥିବାବେଳେ ବଲାଙ୍ଗୀର ଟାଉନ୍ ଥାନାର ତିନିଜଣ କନଷ୍ଟେବଲ ଜବତ ମଦକୁ ବିକି ଦେଇ ପୋଲିସର ଛବିକୁ କଳଙ୍କିତ କରିଛନ୍ତି। ଜଣେ ମଦବେପାରୀଙ୍କଠାରୁ ଜବତ କରିଥିବା ମଦକୁ ପୁଣି ମଦ ବେପାରୀଙ୍କୁ ବିକ୍ରି କରିଦେଇଥିବା ଜଣାପଡିବା ପରେ ଏସ୍‌ପି ୩ଜଣ କନ୍‌ଷ୍ଟେବଲଙ୍କୁ ଚାକିରିରୁ ବୁଧବାର ନିଲମ୍ବିତ କରିଛନ୍ତି। ନିଲମ୍ବିତ କନ୍‌ଷ୍ଟେବଲମାନେ ହେଲେ ରମାକାନ୍ତ ସୁନା, ବିଜୟ ମୁଦୁଲି ଏବଂ ଭୁବନ ମାଝି। ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ପାଟ୍ରୋଲିଂ କରୁଥିବାବେଳେ ସହରର ସୁଦପଡାଠାରେ ଜଣେ ମଦବେପାରୀଙ୍କଠାରୁ ଏହି ତିନି କନ୍‌ଷ୍ଟେବଲ ବ୍ୟାପକ ପରିମାଣର ମଦ ଜବତ କରିଥିଲେ। ତେବେ ଜବତ ମଦକୁ ଟାଉନ୍ ଥାନାରେ ଜିମା ନଦେଇ ପୁଣି ଜଣେ ମଦବେପାରୀଙ୍କୁ ବିକ୍ରି କରିଦେଇଥିଲେ। ଏହା ଜାଣିବା ପରେ ଏସ୍‌ପି ନୀତିନ କୁଶଲକର ଟାଉନ୍ ଥାନା ଆସି ଘଟଣାର ତଦନ୍ତ କରିଥିଲେ। ସତାସତ୍ୟ ଜାଣିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

# ରାୟପୁର, କୋଲକାତାରେ ପରବର୍ତ୍ତୀ ଇନ୍‌ଭେଷ୍ଟର୍ସ ମିଟ୍

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଦୁବାଇରୁ ଆରମ୍ଭ ହୋଇଥିବା ଇନଭେଷ୍ଟର୍ସ ମିଟ୍ ଏବେ ହାଇଦ୍ରାବାଦରେ ସରିଛି। ଆଗକୁ ଏହି ମିଟ୍ ରାୟପୁର ଓ କୋଲକାତାରେ ହେବ। ଅକ୍ଟୋବର ୨୭ରୁ ୨୯ ପର୍ଯ୍ୟନ୍ତ ରାୟପୁରରେ, ନଭେମ୍ବର ୪ରୁ ୬ ଯାଏଁ କୋଲକାତାରେ ନିବେଶକ ସମ୍ମିଳନୀ ହେବ। ଏନେଇ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଦୁଇବାରୁ ଆରମ୍ଭ ହୋଇ ହାଇଦ୍ରାବାଦରେ ସରିଥିବା ସମସ୍ତ ନିବେଶକ ସମ୍ମିଳନୀରେ ଭଲ ରେସପନ୍ସ ମିଳିଛି। ଓଡ଼ିଶା ଆସି ପୁଞ୍ଜି ନିବେଶ କରିବାକୁ ପୁଞ୍ଜିପତିମାନେ ଆଗ୍ରହ ଦେଖାଇଛନ୍ତି। ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟରେ ୩୭ ଜଣ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରିଛନ୍ତି। ଏହି ସମ୍ମିଳନୀରେ ୪୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।

# ଏସ୍‌ପି ଅଫିସ୍ ନିକଟ ଗହଣା ଦୋକାନରୁ ଲୁଟ୍

**ପୋଲିସକୁ ଚ୍ୟାଲେଞ୍ଜ**

**୫୦ ଲକ୍ଷରୁ ଊର୍ଦ୍ଧ୍ୱ ଗହଣା ନେଇଗଲେ**

କେନ୍ଦୁଝର,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ସହର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଏସ୍‌ପିଙ୍କ କାର୍ଯ୍ୟାଳୟର ଅନତି ଦୂରରେ ଥିବା ସାଇରାମ ଗହଣା ଦୋକାନରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତ କାନ୍ଥ କଣା ପରି ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ନେଇ ଯାଇଥିବା ଦୋକାନ ମାଲିକ ଅସିତ୍ ଶତପଥୀ ଅଭିଯୋଗ କରିଛନ୍ତି। ଏଭଳି ଚୋରି ପୋଲିସ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ଦୋକାନ ପଛ ପଟରେ ଥିବା ଡିଏଫ୍‌ଓଙ୍କ ଆବାସ ପାଚେରି କାନ୍ଥ କଣା କରି ସାଇରାମ ଗହଣା ଦୋକାନ ଭିତରେ ପଶିଥିଲେ। ଆଗକୁ ଧନତେରାସ ଥିବାରୁ ଦୋକାନରେ ଥିବା ପାଖାପାଖି ଅଧ କିଲୋ ସୁନା ଓ ଦେଢ଼ କିଲୋ ରୁପା ନେଇଥିବା ଜଣାପଡ଼ିଛି। ଚୋରି ଗହଣାର ମୂଲ୍ୟ ୫୦ ଲକ୍ଷରୁ ଅଧିକ ହେବ ବୋଲି ଦୋକାନ ମାଲିକ କହିଛନ୍ତି। ଚୋରି ପରେ ଦୁର୍ବୃତ୍ତ ଦୋକାନରେ ଲାଗିଥିବା ସିସିଟିଭିର ରେକର୍ଡିଂ ବକ୍ସକୁ ମଧ୍ୟ ନେଇଯାଇଛନ୍ତି। ବୁଧବାର ସକାଳେ ମାଲିକ ଦୋକାନ ଖୋଲି ଚୋରି ହୋଇଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

# ନିୟମ ମାନୁନାହିଁ ସରକାରୀ ସଂସ୍ଥା

**ପାନ୍ଥନିବାସକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୋଟିସ**

ସମ୍ବଲପୁର,୧୯।୧୦(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସଂସ୍ଥା ଓଟିଡିସି ଦ୍ୱାରା ପରିଚାଳିତ ସମ୍ବଲପୁର ପାନ୍ଥନିବାସ ଖୋଦ ରାଜ୍ୟ ସରକାରଙ୍କ ନିୟମ ମାନୁନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନୋଟିସ ଜାରି ବେଳେ ଏହି ଘଟଣା ସାମନାକୁ ଆସିଛି। ପାନ୍ଥନିବାସରେ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଅଚଳ ହେବା ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ପ୍ରଦୂଷଣ ବିଭାଗର ଏକ ଟିମ୍ ପରିଦର୍ଶନ କରିଥିଲା। ତଦନ୍ତ ପରେ ଏହି ଟିମ୍ ୨ ଡିଜି ସେଟ୍ ଚଲାଇ ଶବ୍ଦ ପ୍ରଦୂଷଣ, ହୋଟେଲ ଓ ବାର୍‌ରୁ ବାହାରୁଥିବା ପାଣି ବିନା ଟ୍ରିଟ୍‌ମେଣ୍ଟରେ ନାଳରେ ଛାଡିବା, ପାନ୍ଥନିବାସ ପରିସରରେ ପଲିଥିନ, ନଷ୍ଟ ନ ହେବା ବର୍ଜ୍ୟବସ୍ତୁ ପଡିଥିବା ଦେଖିବାକୁ ପାଇଥିଲା। ଏହାକୁ ନେଇ ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଥିଲା। ୧୫ଦିନ ଭିତରେ ପକ୍ଷ ରଖିବାକୁ ମ୍ୟାନେଜର ଦେବାଶିଷ ସାହୁଙ୍କୁ ନୋଟିସରେ ଉଲ୍ଲେଖ ରହିଛି। ଉତ୍ତର ସନ୍ତୋଷଜନକ ନ ହେଲେ ଓ ସମସ୍ତ ନିୟମ ପାଳନ କରା ନ ଗଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ ଶାଖା ଆର୍‌ଓ ରମେଶ ଏକ୍କା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା କେତେକ ପାନ୍ଥନିବାସରେ ଏସ୍‌ଟିପି ଲଗାଇବାରେ ବ୍ୟାପକ ଅନିୟମିତତା ହୋଇଥିଲା। ପ୍ରଦୂଷଣ ବିଭାଗର ଜଣେ ପୂର୍ବତନ ଉଚ୍ଚପଦସ୍ଥ ଅଧିକାରୀଙ୍କ ଚାପ ଓ ସୁପାରିସରେ ପାନ୍ଥନିବାସରେ ଏହି ଏସ୍‌ଟିପି ଲାଗିଥିଲା। ନିମ୍ନମାନର ହୋଇଥିବାରୁ କିଛିମାସ ପରେ ଏହା ଅଚଳ ହୋଇପଡିଥିଲା। ନିୟମ ଦୃଷ୍ଟିରୁ ପାନ୍ଥନିବାସରେ ଏସ୍‌ଟିପି ସବୁସମୟରେ କାର୍ଯ୍ୟକ୍ଷମ ରହିବା କଥା। ଏଠାରେ ରହିବା ବ୍ୟବସ୍ଥା ସହ ବିଦେଶୀ ମଦ ବାର୍ ରହିଛି। ମିଟିଂ ହଲ୍ ଓ ବଡ଼ କିଚେନ ରହିଛି। ପ୍ରତିଦିନ ହଜାର ହଜାର ଲିଟର ପାଣିର ଆବଶ୍ୟକ ରହୁଛି। ବ୍ୟବହାର ହେଉଥିବା ପାଣିକୁ ଏସ୍‌ଟିପିରେ ବିଶୋଧନ କରିବା ପରେ ଡ୍ରେନ୍‌କୁ ଛଡାଯାଇଥାଏ। ହେଲେ ବିଶୋଧନ ନ ହେବାରୁ ଲୋକଙ୍କୁ ଅଜଣା ରୋଗ ହେବା ଆଶଙ୍କା ରହୁଛି।


## Office of District Manager
## ODISHA STATE CIVIL SUPPLIES CORPORATION LTD. (OSCSC)
Rayagada District, Phone : 9438200057
District Website : www.rayagada.nic.in

**Tender No. 2140** **Date : 19.10.2022**

District Manager, Odisha State Civil Supplies Corporation Ltd., Rayagada invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport Contractor for transportation of Paddy by Road from PPC to Rice Mills within District or out side the District with the State of Odisha for the units of **Rayagada Sub-Division & Gunupur Sub-Division.** |
| 2 | Availability of bid document in the portal | **From Dt.20.10.2022** |
| 3 | Last Date / Time for receipt of bids in the portal | **Dt.09.11.2022** up to **5.30 PM** |
| 4 | Date / Time of opening of Technical Bid | **Dt.10.11.2022** at **11.00 AM** |
| 5 | Name and address of Officer Inviting Tender | **District Manager, OSCSC Ltd., Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/corrigendum/cancellation/retenders etc. if any shall be published in above websites.

**Sd/- District Manager**
**OSCSC Ltd., Rayagada**



## Capital Region Urban Transport
Plot No. 548/1452, Kalarahanga,Patia,Bhubaneswar – 751024,Odisha,
Phone No. 0674 - 3501580,E-Mail Id : crutbbsr@gmail.com

**Bid Identification No.2242** **Date. 18/10/2022**

**INVITATIONS FOR BIDS (IFB)**

General Manager (Engg.), CRUT, Bhubaneswar on behalf of Managing Director, CRUT invites percentage rate bids in **Double Cover system** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of work | Estimated Cost (in Rs) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Special repair to the E.I portion of City bus Stop at Master canteen square, Bhubaneswar | 11,07,636.00 | Bid Security declaration | 6000/- + 18% GST | 15 (Fifteen Days) |

1. The Bid documents will be available in the website : https://tendersodisha.gov.in from **21.10.2022 at 17.00 Hours**. Any addendum / corrigendum / cancellation of tender can also be seen in the said website.
2. Bids shall be received only **"On line"** on or before **01.11.2022 up to 17.00 Hours**. The bidder must possess compatible Digital Signature Certificate (DSC) of Class - II or Class - III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website https://tendersodisha.gov.in

**General Manager (Engg.) on behalf of Managing Director,**
**CRUT, Bhubaneswar**



## ସମ୍ବଲପୁରୀ ବସ୍ତ୍ରାଳୟ
DSPL-223

କାଳିପୂଜା ଓ ଦୀପାବଳି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୧୮।୧୦।୨୦୨୨ରୁ ତା୨୪।୧୦।୨୦୨୨ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/13/0001/2223



## ODISHA PUBLIC SERVICE COMMISSION, CUTTACK
### NOTICE

**No. 9631/PSC** **Dt.19.10.2022**
**(1E-17-2022-23) (DR-II)**
**Website: http://www.opsc.gov.in**

No. D-196: In continuation to this office notice No. 9549/PSC, Dt.15.10.2022, it is for information of all concerned that the Commission have decided to conduct the Physical verification of original certificates & documents and Viva Voce Test simultaneously in respect of **44** candidates (bearing following Roll Nos.), qualified in written examination, **for special recruitment to the post of Assistant Agriculture Officer,** pursuant to Advt. No. 27 of 2021-22, **from 01.11.2022 to 03.11.2022** in the Office of the Commission, at 19, Dr. P.K. Parija Road, Cuttack - 753001, as per the following programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, proof of identity etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the viva voce test**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verification | Time of Viva Voce Test | Roll Numbers of Candidates |
|---|---|---|---|
| 01.11.2022 | 8.30 A.M. | 10.45 A.M. | 100002, 100006, 100014, 100021, 100023, 100028, 100029, 100035, 100046 & 100051 = **10 Candidates** |
| | 1.30 P.M. | 3.00 P.M. | 100057, 100059, 100069, 100076, 100084, 100098 & 100099 = **07 Candidates** |
| 02.11.2022 | 8.30 A.M. | 10.45 A.M. | 100102, 100110, 100116, 100129, 100153, 100156, 100160, 100168, 100172 & 100184 = **10 Candidates** |
| | 1.30 P.M. | 3.00 P.M. | 100185, 100194, 100200, 100203, 100211, 100212 & 100217 = **07 Candidates** |
| 03.11.2022 | 8.30 A.M. | 10.45 A.M. | 100222, 100223, 100231, 100240, 100250, 100251, 100257, 100262, 100268 & 100283 = **10 Candidates** |

**N.B.: The candidates are advised to report at the Office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

**OIPR-12002/11/0183/2223** **Sd./- Secretary**

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା



# ଶିକ୍ଷା ଅଧିକାର ପାଇଁ ଲଢ଼େଇ




ଗର୍ଡନ ବ୍ରାଉନ
ପୂର୍ବତନ ପ୍ରଧାନମନ୍ତ୍ରୀ, ଇଂଲଣ୍ଡ

ୟସ୍ମିନ ଶରିଫ
ଡାଇରେକ୍ଟର, ଏଡୁକେଶନ କ୍ୟାନ୍ ନଟ୍ ୱେଟ୍ (ୟୁଏନ୍)

ଶିକ୍ଷା ଅଧିକାରର ବାରମ୍ବାର ଉଲ୍ଲଂଘନକୁ ପ୍ରତିବାଦ କରି ଅନେକ ହଜାର ମହିଳା ଓ ଝିଅ ଆଫଗାନିସ୍ତାନ ସହରଗୁଡ଼ିକର ରାସ୍ତାକୁ ଓହ୍ଲାଇଛନ୍ତି। ଇରାନ୍‌ରେ ହିଜାବକୁ ନେଇ ଆନ୍ଦୋଳନ ଚାଲିଥିଲାବେଳେ ସମାନ ସମୟରେ ଉକ୍ତ ପ୍ରତିବାଦ ଆରମ୍ଭ ହୋଇଛି। ଗତ ସେପ୍ଟେମ୍ବର ମାସରେ କାବୁଲ୍‌ର ଏକ ଶିକ୍ଷାକେନ୍ଦ୍ରରେ ସନ୍ତ୍ରାସବାଦୀ ଆକ୍ରମଣରେ ୫୩ ଜଣ ଛାତ୍ର ନିହତ ଓ ୧୧୦ରୁ ଉର୍ଦ୍ଧ୍ୱ ଆହତ ହେବା ପରେ ଉକ୍ତ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆକ୍ରମଣରେ ନିହତ ଓ ଆହତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରୀ ଓ ଯୁବତୀ। ଅନେକ ଦିନ ଧରି ବହୁବାର ଛାତ୍ରୀମାନଙ୍କ ବିରୋଧରେ ହୋଇଆସୁଥିବା ଆକ୍ରମଣଗୁଡ଼ିକ ମଧ୍ୟରେ ଏହା ଏକ ସଦ୍ୟତମ ଦୃଷ୍ଟାନ୍ତ ଯେଉଁଥିରେ ହଜାରା ସମୁଦାୟର ଝିଅମାନେ ଅଧିକ ଶିକାର ହୋଇଛନ୍ତି। ନିୟମିତ ଭାବେ ହୋଇ ଆସୁଥିବା ଏକ ୟୁନିଭର୍ସିଟି ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀମାନେ ପ୍ରସ୍ତୁତ ହେଉଥିବା ସମୟରେ ଏହି ଭୟଙ୍କର ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରେ ଝିଅମାନଙ୍କ ଶିକ୍ଷା ବର୍ଷେ ପୂରା ନଷ୍ଟ ହେବାର ଠିକ୍ ପରେ ପରେ ଉକ୍ତ ପରୀକ୍ଷା ହେଉଥିଲା।

୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରାଯିବା ପରେ ତାଲିବାନ୍ ଆଫଗାନିସ୍ତାନ ଦଖଲ କଲା। ସେତେବେଳେ ତାଲିବାନ୍ ନେତାମାନେ ଉଭୟ ଛାତ୍ରୀ ଓ ଛାତ୍ରମାନଙ୍କ ପାଇଁ ସବୁ ପ୍ରାଥମିକ, ମାଧ୍ୟମିକ ଏବଂ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶୀଘ୍ର ଉକ୍ତ ପ୍ରତିଶ୍ରୁତି ଫେରାଇ ନେଇଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ସେମାନେ ଷଷ୍ଠ ଶ୍ରେଣୀ ପରେ ଛାତ୍ରୀମାନଙ୍କୁ ସ୍କୁଲ ଯିବା ବନ୍ଦ କରି ଶିକ୍ଷା ଅଧିକାରରୁ ସେମାନଙ୍କୁ ବଞ୍ଚିତ କରିବାରେ ସଫଳ ହୋଇଥିଲେ। ଏହି କଟକଣା ବିରୋଧରେ କାବୁଲ ଓ ଅନ୍ୟ ସବୁ ସହରରେ ମହିଳାମାନେ ଆନ୍ଦୋଳନ କଲାବେଳେ ତାଲିବାନ୍ ସୁରକ୍ଷାବଳ ଏହାକୁ ହିଂସାତ୍ମକ ଉପାୟରେ ଦମନ କରିଥିଲେ। ପ୍ରତିବାଦକାରୀମାନଙ୍କୁ ପିଟିବା ସହ ସେମାନଙ୍କ ମୁଣ୍ଡକୁ ୱାର୍ନିଂ ଶୁଟ୍ କରିଥିଲେ। ଏବେ ପାଖାପାଖି ୧,୮୮୦ ବାଳିକା ମାଧ୍ୟମିକ ସ୍କୁଲ ବନ୍ଦ ରହିଛି। ଯେଉଁ କେତୋଟି ସ୍କୁଲ ଏବେ ଚାଲିଛି ତାହାକୁ ମଧ୍ୟ ବନ୍ଦ କରିଦେବା ଲାଗି ତାଲିବାନ୍ ଧମକ ଦେଇଛି। ଏହି ସମୟରେ ସଂଘର୍ଷ ଓ ହିଂସା ବଢ଼ିବା ସହ ଏକ ଉତ୍କଟ ମରୁଡ଼ି ଏବଂ ଲାଗି ରହିଥିବା ଆର୍ଥିକ ଝଟ୍‌କା ଆଫଗାନିସ୍ତାନର ମହିଳା ଓ ଝିଅମାନଙ୍କୁ ଅଧିକ ବିପଦ ମଧ୍ୟକୁ ଠେଲି ଦେଇଛି। ତାଲିବାନ୍ ଶାସନ ଦାୟିତ୍ୱ ନେବା ପରଠାରୁ ଏହିସବୁ କାରଣ ଯୋଗୁ ମହିଳାଙ୍କ ଅଧିକାର ଅଧିକତର ନିମ୍ନଗାମୀ ହୋଇଛି, ଯାହା ଆଫଗାନିସ୍ତାନର ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ହାରରୁ ସ୍ପଷ୍ଟ ପ୍ରମାଣିତ।



ଝିଅମାନଙ୍କ ମାଧ୍ୟମିକ ଶିକ୍ଷା ବନ୍ଦ କରିବା ପାଇଁ ତାଲିବାନ୍‌ର ନିଷ୍ପତ୍ତି ଅତ୍ୟନ୍ତ ଦୁଃଖଦ। ଆଫଗାନିସ୍ତାନରେ ଦୁଇ ଦଶନ୍ଧି ଧରି ଝିଅମାନଙ୍କୁ ଶିକ୍ଷା ଦେବାରେ ଯେଉଁ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା ତାହାକୁ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଓଲଟପାଲଟ କରିଦେଇଛି। ତାଲିବାନ୍ ଶାସନ ପୂର୍ବ ତଥ୍ୟକୁ ଦେଖିଲେ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସ୍ପଷ୍ଟ ପ୍ରତୀୟମାନ ହୁଏ। ୨୦୦୦ରେ ୧ ଲକ୍ଷ ଆଫଗାନୀ ଝିଅ ସ୍କୁଲରେ ନାମ ଲେଖାଇଥିଲାବେଳେ ଏହା ବୃଦ୍ଧି ପାଇ ୨୦୧୯ରେ ୩.୫ ମିଲିୟନରୁ ଅଧିକରେ ପହଞ୍ଚିଥିଲା ଏବଂ ୨୦୧୧ରୁ ୨୦୧୮ ମଧ୍ୟରେ ମହିଳା ସାକ୍ଷରତା ଦୁଇଗୁଣ ବଢ଼ିଥିଲା। କିନ୍ତୁ ଜରୁରୀ ଓ ଦୀର୍ଘ ସଙ୍କଟରେ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଜାତିସଂଘର ବୈଶ୍ୱିକ ଫଣ୍ଡ 'ଏଡୁକେଶନ କ୍ୟାନ୍ ନଟ୍ ୱେଟ୍' ଏବଂ ଏହାର ଭାଗୀଦାରି ସଂସ୍ଥା ୟୁନିସେଫ୍, ନରୱିଜିଅନ୍ ରିଫ୍ୟୁଜି କାଉନ୍‌ସିଲ ଓ ସେଭ୍ ଦି ଚିଲ୍‌ଡ୍ରେନ ମିଳିତ ଭାବେ ଆଫଗାନୀ ଝିଅମାନଙ୍କ ନିକଟରେ ପହଞ୍ଚି ସହଯୋଗ କରିବାକୁ ଚାହୁଁଥିବାବେଳେ ତାଲିବାନ୍‌ର କଟକଣା ନିଃସନ୍ଦେହରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସ୍କୁଲ ଛାଡ଼ିବା ଲାଗି ବାଧ୍ୟ କରିଛି।

ଆଫଗାନିସ୍ତାନର ରାସ୍ତାଗୁଡ଼ିକରେ ମହିଳା ଓ ଝିଅମାନେ ଜୀବନକୁ ବାଜି ଲଗାଇ ସେମାନଙ୍କ ମୌଳିକ ଅଧିକାର ପାଇଁ ଲଢ଼େଇ କରୁଛନ୍ତି। ଆମେ ସେମାନଙ୍କ ନେତୃତ୍ୱକୁ ଅନୁସରଣ କରିବା ସହ ତତ୍କାଳୀକ ପଦକ୍ଷେପ ନେବା ଦରକାର। ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ କୋ-ଅପରେଶନ ସହ ଆରମ୍ଭରୁ ଜଡ଼ିତ ବ୍ୟକ୍ତି ଓ ସଦସ୍ୟମାନେ ସେମାନଙ୍କ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବା ଆବଶ୍ୟକ। ବିଶ୍ୱ ସମୁଦାୟ ଦ୍ୱାରା ଆଇନଗତ ଭାବେ ସ୍ୱୀକୃତ ହୋଇ ନ ଥିବା ଆଫଗାନିସ୍ତାନର ତାଲିବାନ ସରକାର ଦ୍ୱାରା କିଭଳି ମାଧ୍ୟମିକ ସ୍କୁଲ ଛାତ୍ରୀମାନେ ସ୍କୁଲକୁ ଫେରିବେ ତାହା ନିଶ୍ଚିତ କରିବା ଲାଗି ସେମାନେ ଦାବି ଉପସ୍ଥାପନ କରିବା ଉଚିତ। ଏହାସହ ଶିକ୍ଷାନୁଷ୍ଠାନ, ଶିକ୍ଷକ ଏବଂ ଛାତ୍ରମାନେ ବିଶେଷକରି ଝିଅମାନଙ୍କୁ କିପରି ଆକ୍ରମଣରୁ ସୁରକ୍ଷିତ ରଖାଯାଇପାରିବ ତାହା ମଧ୍ୟ ନିଶ୍ଚିତ କରିବାକୁ ହେବ। ସର୍ବୋପରି ସମସ୍ତ ଯୁବତୀ ଓ କିଶୋରୀଙ୍କ ସହିତ ଶିକ୍ଷକମାନଙ୍କୁ ଶ୍ରେଣୀଗୃହକୁ ଫେରାଇବା ପ୍ରକ୍ରିୟାକୁ ସ୍ୱାଗତ କରାଯିବା ଦରକାର। ଭିତ୍ତିଭୂମିର ପୁନଃ ସଂସ୍ଥାପନ କରାଯିବା ଆବଶ୍ୟକ। ଏହାବ୍ୟତୀତ ଗୁଣବତ୍ତା ଶିକ୍ଷା ଯୋଗାଇଦେବା ପାଇଁ ଆନୁଷଙ୍ଗିକ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଫଗାନିସ୍ତାନରେ ଆର୍ଥିକ ଓ ମାନବୀୟ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହି ସ୍ଥିତିକୁ ଲକ୍ଷ୍ୟ କରି ଅନ୍ତର୍ଜାତୀୟ ସମୁଦାୟ ନିଶ୍ଚିତ କରିବା ଦରକାର ଯେ, ସ୍କୁଲଗୁଡ଼ିକରେ ସବୁ ବାଳିକା ଓ ବାଳକଙ୍କ ପାଇଁ ସୁରକ୍ଷା, ସୁରକ୍ଷିତ ସ୍ଥାନ ଏବଂ ଉଚ୍ଚମାନର ଶିକ୍ଷା ଯୋଗାଇ ଦେବାକୁ ପର୍ଯ୍ୟାପ୍ତ ସଂସାଧନ ରହିଛି। ଏପରି କି ଦିବ୍ୟାଙ୍ଗମାନଙ୍କ ଲାଗି ଏଭଳି ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ହେବ। ଉଚ୍ଚମାନର ଶିକ୍ଷା ସକାଶେ ଉତ୍ତମ ଶିକ୍ଷକଙ୍କ ଆବଶ୍ୟକତା ମଧ୍ୟ ରହିଛି। ଏଣୁ ଆମକୁ ଆଫଗାନ୍ ଶିକ୍ଷକମାନଙ୍କୁ ସେମାନଙ୍କ ଛାତ୍ରମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଏବଂ ଉପକରଣ ଯୋଗାଇ ଦେବା ଦରକାର। ଆଫଗାନିସ୍ତାନ ଯୁଦ୍ଧ ଏବଂ ବିପର୍ଯ୍ୟୟରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏଭଳି ଏକ ଦେଶରେ ସବୁ ବାଳିକା ଓ ବାଳକଙ୍କ ପ୍ରତି ଦୃଷ୍ଟିଦେବା ଆବଶ୍ୟକତା ଅଧିକ। ସେ ଦୃଷ୍ଟିରୁ ସେମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସଂସାଧନ ଉପଲବ୍ଧ କରାଇବା ଓ ମନସ୍ତାତ୍ତ୍ୱିକ ସହଯୋଗ ଯୋଗାଇବାର ଦାୟିତ୍ୱ ଆମକୁ ବହନ କରିବାକୁ ହେବ। ସରକାରୀ ସ୍କୁଲଗୁଡ଼ିକୁ ଯାଇପାରୁ ନ ଥିବା ଝିଅ ଓ ପୁଅମାନଙ୍କ ପାଇଁ ବିକଳ୍ପ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ସକାଶେ ଆମେ ସମସ୍ତେ କାର୍ଯ୍ୟ କରିବା ଉଚିତ।

୨୦୧୭ ପରଠାରୁ ଏଡୁକେଶନ କ୍ୟାନ୍ ନଟ୍ ୱେଟ୍ ଫଣ୍ଡ ଆଫଗାନିସ୍ତାନରେ ଶିକ୍ଷା କ୍ଷେତ୍ରରେ ୫୮ ମିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏଥି ମଧ୍ୟରୁ କିଛି ଜରୁରୀ ଭିତ୍ତିରେ ଏବଂ ଆଉ କିଛି ୨୦୧୯ରେ ଆରମ୍ଭ କରାଯାଇଥିବା ବହୁବର୍ଷୀୟ ସାମର୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଆମ ଅଂଶୀଦାରମାନଙ୍କର ସମର୍ପିତ କାର୍ଯ୍ୟ ଯୋଗୁ ଯୋଗାଇ ଦିଆଯାଇଥିବା ଉକ୍ତ ପାଣ୍ଠି ଆଫଗାନିସ୍ତାନର ୫୧% କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ଛାତ୍ରୀ ଏବଂ ମୋଟରେ ୧,୮୧,୦୦୦ରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକଙ୍କ ପାଖରେ ପହଞ୍ଚିପାରିଛି। ଏହା ବ୍ୟତୀତ ବାଳିକା ଓ ବାଳକଙ୍କୁ ଅଧିକ କମ୍ୟୁନିଟି ଆଧାରିତ ଶିକ୍ଷା ଉପଲବ୍ଧ କରାଇବା ଲାଗି ଖୁବ୍ ଶୀଘ୍ର ଆମେ ଏକ ନୂଆ ବହୁବର୍ଷୀୟ କାର୍ଯ୍ୟକ୍ରମ ଆରମ୍ଭ କରିବୁ। ଏପରି କି ଅତ୍ୟନ୍ତ ଦୁର୍ଗମ ଓ ଆହ୍ୱାନପୂର୍ଣ୍ଣ ପରିବେଶଗୁଡ଼ିକରେ ଉକ୍ତ ଶିକ୍ଷା ଯୋଗାଇଦେବୁ। କିନ୍ତୁ ଏଥିପାଇଁ ଆମକୁ ବହୁତ କିଛି କରିବାକୁ ପଡ଼ିବ। ଆଫଗାନିସ୍ତାନର ମହିଳା ଏବଂ ଝିଅମାନେ ହିଂସକ ଆକ୍ରମଣକୁ ସାମ୍ନା କରି ଶିକ୍ଷା ଅଧିକାର ଲାଗି ଲଢ଼େଇ କରୁଛନ୍ତି ଏବଂ ସେମାନେ ଏହି ସ୍ଥିତିରେ ସାହାଯ୍ୟ ଲୋଡ଼ୁଛନ୍ତି। ସେମାନେ ଉଠାଇଥିବା ସ୍ୱର ତଥା ଆହ୍ୱାନ ପ୍ରତି ଗୁରୁତ୍ୱ ଦେବା ଆମ ସଭିଙ୍କର ସମଷ୍ଟିଗତ ଦାୟିତ୍ୱ।

# ଅସ୍ଥିର ଶତ୍ରୁ ଅସ୍ଥିସୁଶୀରତା



ଡା. ମଦନ ମୋହନ ସାହୁ

ଅଷ୍ଟିଓପୋରୋସିସ୍ (ଅସ୍ଥିସୁଶୀରତା) ଶରୀରରେ ଏପରି ଏକ ସ୍ଥିତି, ଯେଉଁଥିରେ ଅସ୍ଥିଗୁଡ଼ିକ ଖୁବ୍ ଦୁର୍ବଳ ହୋଇପଡ଼େ ଏବଂ ସାମାନ୍ୟ ଆଘାତରେ ଭାଙ୍ଗିଯାଏ। ୨୦ରୁ ୩୦ ବର୍ଷ ବୟସ ମଧ୍ୟରେ ଅସ୍ଥି ସବୁଠାରୁ ଅଧିକ ମଜଭୁତ ରହେ। ଏହାପରେ ଏହାର ଘନତ୍ୱ କ୍ରମେ କମିଚାଲେ। ବିଶେଷକରି ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ। କାରଣ ରଜଃ ନିବୃତ୍ତି ବା ମେନୋପଜ୍ ପରେ ମହିଳାଙ୍କ ଶରୀରରେ ଏଷ୍ଟ୍ରୋଜେନ୍ ନାମକ ହରମୋନ୍ କ୍ଷରଣ ବନ୍ଦ ହୋଇଯାଏ ଏବଂ ଏହି ହରମୋନ୍ ଅସ୍ଥି ମଜଭୁତ ରଖିବା ଲାଗି ଖୁବ୍ ଆବଶ୍ୟକ। ଏହା ବ୍ୟତୀତ ଖାଦ୍ୟରେ କ୍ୟାଲ୍‌ସିୟମ ଏବଂ ଭିଟାମିନ୍ ଡି' ଅଭାବ, ଠିକ୍ ଭାବେ ସୂର୍ଯ୍ୟକିରଣ ନ ପାଇବା, ବ୍ୟାୟାମ ନ କରିବା, ଧୂମପାନ, ନିଶାସେବନ ଏବଂ ଦୀର୍ଘଦିନ ଧରି ଷ୍ଟେରଏଡ୍ ସେବନ କରିଚାଲିବା ଅଷ୍ଟିଓପୋରୋସିସ୍‌ର ଆଶଙ୍କା ବଢ଼ାଇଦେଇଥାଏ।

ଏହାର ସେପରି କିଛି ବିଶେଷ ଲକ୍ଷଣ ଶରୀରରେ ଦେଖାଯାଏ ନାହିଁ। କାରଣ ହାଡ଼ ଦୁର୍ବଳ ହୋଇପଡୁଥିବା କେହି ଦେଖିପାରିବେ ନାହିଁ। କେବଳ କୌଣସି ସାମାନ୍ୟ ଦୁର୍ଘଟଣା ବା ହାଲୁକା ଆଘାତ ଲାଗିଲେ ଯଦି ହାଡ଼ ଭାଙ୍ଗିଯାଏ ତେବେ ଏହା ଜଣାପଡ଼େ। ମେରୁଦଣ୍ଡର ହାଡ଼ କ୍ଷୟ ହୋଇଚାଲିଲେ ଉଚ୍ଚତା କମିଯାଏ। ତଥାପି ୬୦-୭୫ ବର୍ଷ ବୟସର ହୋଇଥିଲେ ଏବଂ ଯଦି ଆପଣଙ୍କୁ ଲାଗୁଥାଏ ଯେ, ଆପଣଙ୍କ ଉଚ୍ଚତା କମିଯାଉଛି ତେବେ ଏହି ରୋଗ ବୋଲି ସନ୍ଦେହ କରିପାରିବେ। ଏହା ବ୍ୟତୀତ ଡେକ୍ସା ଟେଷ୍ଟରୁ ବି ଅଷ୍ଟିଓପୋରୋସିସ୍ ବାବଦରେ ଜଣାପଡ଼େ।

ଶୈଶବ ଏବଂ ଯୌବନାବସ୍ଥାରେ ଏପରି ଖାଦ୍ୟ ଖାଇବା ଉଚିତ, ଯେଉଁଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲ୍‌ସିୟମ ରହିଥିବ। କ୍ଷୀର, ଦହି, ଛେନା ଏବଂ ଛେନାପାଣି, ଚୋକଡ଼ଯୁକ୍ତ ଅଟା, ପାଳଙ୍ଗ, ଫୁଲ ଏବଂ ବନ୍ଧା କୋବି, ସବୁଜ ପତ୍ରଜାତୀୟ ଖାଦ୍ୟ ଇତ୍ୟାଦିରେ ପ୍ରଚୁର କ୍ୟାଲ୍‌ସିୟମ ଥାଏ। ପିଲାଦିନୁ ଅସ୍ଥିରେ କ୍ୟାଲ୍‌ସିୟମ ସଞ୍ଚିତ ହୋଇ ରହିଲେ ବୃଦ୍ଧାବସ୍ଥାକୁ ଅଷ୍ଟିଓପୋରୋସିସ୍‌ର ଆଶଙ୍କା ସେତେ ବା ମୋଟେ ରହିବ ନାହିଁ।

ଶରୀର କ୍ୟାଲ୍‌ସିୟମ ଗ୍ରହଣ କରିବା ଲାଗି ଭିଟାମିନ୍ ଡି ଜରୁରୀ। ଚର୍ମରେ ସୂର୍ଯ୍ୟକିରଣ ପଡ଼ିଲେ ହିଁ ଭିଟାମିନ୍ ଡି ପ୍ରସ୍ତୁତ ହୋଇଥାଏ। ଏଥିପାଇଁ ସକାଳୁ ଅତି କମ୍‌ରେ ଅଧଘଣ୍ଟା ଖରାରେ ବସିବା ଯଥେଷ୍ଟ। ପିଲାମାନେ ଖେଳକୁଦ ତଥା ହାଡ଼ ମଜଭୁତ କରୁଥିବା ବ୍ୟାୟାମ କରିବା ଉଚିତ। ସେହିପରି ବୟସ୍କମାନେ ଅତି କମ୍‌ରେ ଅବସର ପର୍ଯ୍ୟନ୍ତ ଶାରୀରିକ କ୍ରିୟାଶୀଳ ରହିବା ସହିତ ଓଜନ ଧରି ବ୍ୟାୟାମ କରିବା, ଚଲାବୁଲା, ଦୌଡ଼, ପହଁରା ଏବଂ ସାଇକେଲ ଚାଳନା ପରି ବ୍ୟାୟାମ କଲେ ହାଡ଼ ମଜଭୁତ ରହେ।

ମହିଳାଙ୍କ କ୍ଷେତ୍ରରେ ମେନୋପଜ୍ ପରେ ନୂଆ ହାଡ଼ ତିଆରି ହେବା ପ୍ରକ୍ରିୟା କମ୍ ହେଉଥିବାରୁ ଅଷ୍ଟିଓପୋରୋସିସ୍ ହେବାର ଆଶଙ୍କା ବଢ଼ିଯାଏ। ବୋନ୍ ମାସ ଡେନ୍‌ସିଟି ପରୀକ୍ଷଣରୁ ଏ ବାବଦରେ ଜଣାପଡ଼େ। ପୁଣି ୩୦ବର୍ଷ ପରେ ଶରୀରରେ କ୍ୟାଲ୍‌ସିୟମର ସଞ୍ଚିତ ଭଣ୍ଡାର କମ୍ ହୋଇଆସେ। ତେଣୁ ଶରୀରରେ କ୍ୟାଲ୍‌ସିୟମ ମାତ୍ରା ସନ୍ତୁଳିତ ରଖିବା ପାଇଁ ଖାଦ୍ୟରେ ଉଚିତ ମାତ୍ରାରେ କ୍ୟାଲ୍‌ସିୟମ ନେବା ଜରୁରୀ।

ହାଡ଼ ମଜଭୁତ କରିବାକୁ ଡାକ୍ତର କିମ୍ବା ଡାଏଟିସିଆନ୍‌ଙ୍କ ପରାମର୍ଶକ୍ରମେ ଖାଦ୍ୟ ତାଲିକା ପ୍ରସ୍ତୁତ କରନ୍ତୁ। କେଉଁ କେଉଁ ଖାଦ୍ୟରେ କ୍ୟାଲ୍‌ସିୟମ ପର୍ଯ୍ୟାପ୍ତ ରହିଛି ତାହା ଜାଣିବା ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ କ୍ୟାଲ୍‌ସିୟମ ସପ୍ଲିମେଣ୍ଟସ ବି ନେଇପାରନ୍ତି। ଦୁଗ୍ଧ ତଥା ଦୁଗ୍ଧଜାତ ଖାଦ୍ୟରେ କ୍ୟାଲ୍‌ସିୟମ ଥିବାରୁ ଏହାକୁ ପର୍ଯ୍ୟାପ୍ତ ପରିମାଣରେ ଖାଇପାରିବେ। ଲିଫ୍ଟ ବଦଳରେ ଶିଡ଼ିରେ ଯିବା ଆଦି ନିଶ୍ଚୟ କରିବେ। କ୍ୟାଲ୍‌ସିୟମ ତଥା ଭିଟାମିନ୍ ଡି'ଯୁକ୍ତ ହେଲ୍‌ଥ ଡ୍ରିଙ୍କ ପିଇବା ଭଲ। ଏହା ବ୍ୟତୀତ ମେନୋପଜ୍ ହେବା ପୂର୍ବରୁ ଖାସ୍ କରି ୩୦ ବର୍ଷ ପରେ ମହିଳାମାନଙ୍କୁ ପ୍ରଚୁର ମାତ୍ରାରେ କ୍ୟାଲ୍‌ସିୟମ ଏବଂ ଅନ୍ୟ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦରକାର। ଖାଦ୍ୟରେ କାର୍ବୋନେଟେଡ୍ ଡ୍ରିଙ୍କସ, କଫି, ଚା ଆଦି ଅଧିକ ହେଲେ ହାଡ଼ରେ କ୍ୟାଲ୍‌ସିୟମ ପରିମାଣ କମି ଆସେ। ତେଣୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

ପ୍ରଫେସର, (ଅସ୍ଥିଶଲ୍ୟ ବିଭାଗ)
ପିଏମ୍‌ଆର୍ ମେଡିକାଲ କଲେଜ, ବାରିପଦା
drmadanmohan111sahoo@gmail.com

## ଏଇ ଭାରତରେ

ବହୁ ସମୟରେ ସମସ୍ୟା ନୂଆ ବାଟ ଦେଖାଇଥାଏ ଓ ସମ୍ମିଳିତ ପ୍ରୟାସରେ ସଫଳତା ହାସଲ ହୋଇଥାଏ। ଏ ଦୁଇଟିର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଛତିଶଗଡ଼ର କୱାର୍ଦ୍ଧା(କବୀରଧାମ)ରେ । ସ୍ଥାନୀୟ ଲୋକଙ୍କୁ ରାଶନ ଲାଗି ବୁଲି ବୁଲି ୧୨ କିଲୋମିଟର ଯାତ୍ରା କରିବାକୁ ପଡୁଥିଲା ଓ ଏହି ସମସ୍ୟା ଦୂର କରିବା ଲାଗି ସେମାନେ ଏକାଠି ହୋଇ ପାହାଡ଼ କାଟି ରାସ୍ତା ତିଆରି କରିଛନ୍ତି। ଏବେ ନୂଆ ରାସ୍ତା ଯୋଗୁ ଏହି ଦୂରତା ମାତ୍ର ଦୁଇ କିଲୋମିଟରକୁ ଖସି ଆସିଛି । ବିଶେଷ କଥା ହେଉଛି ୪ଟି ଗ୍ରାମର ଗ୍ରାମବାସୀ ମିଳିତ ଭାବେ ୩୦ ଫୁଟ୍ ଉଚ୍ଚ ପାହାଡ଼ କାଟି ରାସ୍ତା ନିର୍ମାଣ କରିଛନ୍ତି। ସେମାନେ ଯେଉଁ ପାହାଡ଼କୁ କାଟି ରାସ୍ତା ତିଆରି କରିଛନ୍ତି ତା' ଆରପାଖେ ବାହପାନି ଗାଁ, ଯେଉଁଠାରେ ରହିଛି ସରକାରୀ ରାଶନ ଦୋକାନ । ତେବେ କାନଖେରା, ଧରାପାନୀ, ମହାରାଣୀ ଟୋଲା ଏବଂ ଥେଙ୍ଗାଟୋଲା ଗ୍ରାମ ଏହାର ନିମ୍ନ ଅଞ୍ଚଳରେ ଅବସ୍ଥିତ। ଏହି ୪ଟି ଗାଁର ଲୋକେ ୧୨ କିଲୋମିଟର ଯାଇ ରାଶନ ଦୋକାନରୁ ଖାଦ୍ୟ ସାମଗ୍ରୀ ମୁଣ୍ଡାଇ ଆଣୁଥିଲେ। ଉକ୍ତ ସମସ୍ୟା ସମାଧାନ ପାଇଁ ଚାରି ଗାଁର ଲୋକମାନେ ଏକ ସଭା କରି କାନଖେରା ଗ୍ରାମକୁ ଲାଗିଥିବା ଡୋଙ୍ଗର ପାହାଡ଼ କାଟି ରାସ୍ତା ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଚାରୋଟି ଗାଁର ୭୦ ଜଣ ଗ୍ରାମବାସୀ କାମ ଆରମ୍ଭ କରି ୮ ଦିନର କଠିନ ପରିଶ୍ରମ ପରେ ପର୍ବତ କାଟି ଦୁଇ କିଲୋମିଟର ରାସ୍ତା ନିର୍ମାଣ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୯୭

- ଶ୍ରୀଲଙ୍କାର ପୂର୍ବ ଉପକୂଳର ମାଲିତିଭୁ ଓ ତ୍ରିଙ୍କୋମାଳି ମଧ୍ୟରେ ଉଗ୍ରବାଦୀ ଓ ଶ୍ରୀଲଙ୍କା ନୌସେନାଙ୍କ ମଧ୍ୟରେ ସଂଘର୍ଷ ଘଟି ବିଦ୍ରୋହୀ ଗୋଷ୍ଠୀର ୭ଟି ଜାହାଜ ଧ୍ୱଂସ ହୋଇଯିବା ଫଳରେ ୧୦୦ କର୍ମୀ ନିହତ।
- ଚୀନର ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଫାଙ୍ଗୟିଙ୍କର ୮୧ ବର୍ଷ ବୟସରେ ପରଲୋକ।
- ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମର ଏମ୍.ପି. ତଥା ଚିତ୍ରତାରକା ମୋହନ ବାବୁ ବହିଷ୍କୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| 5 | | | | | 8 | | 6 | |
| | | | | | 6 | 2 | 5 | 3 |
| | | | | | | | | |
| | 4 | 3 | | 7 | | 8 | | |
| | 7 | | | 9 | | | 3 | |
| | | | | 1 | | 6 | 7 | 9 |
| | | | | 2 | 7 | | | |
| | 5 | 8 | | | 9 | 3 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 6 | 1 | 5 | 9 | 3 | 4 | 8 |
| 8 | 5 | 9 | 2 | 4 | 3 | 7 | 1 | 6 |
| 4 | 3 | 1 | 7 | 6 | 8 | 2 | 9 | 5 |
| 6 | 1 | 8 | 9 | 3 | 4 | 5 | 7 | 2 |
| 2 | 4 | 7 | 5 | 1 | 6 | 8 | 3 | 9 |
| 5 | 9 | 3 | 8 | 7 | 2 | 4 | 6 | 1 |
| 9 | 7 | 5 | 3 | 2 | 1 | 6 | 8 | 4 |
| 1 | 6 | 2 | 4 | 8 | 7 | 9 | 5 | 3 |
| 3 | 8 | 4 | 6 | 9 | 5 | 1 | 2 | 7 |

ଗତକାଲିର ଉତ୍ତର

# ଅର୍ଥ ବ୍ୟବସ୍ଥା ଓ ଭାରତ



ଡ. ଚିତ୍ତରଂଜନ ମିଶ୍ର

ଭାରତ ବିଶ୍ୱର ଏକ ଷଷ୍ଠମାଂଶକୁ ପ୍ରତିନିଧିତ୍ୱ କରିଥାଏ ଏବଂ କ୍ରୟଶକ୍ତି କ୍ଷମତା ଅନୁଯାୟୀ ଆଜିର ଦିନରେ ଭାରତ ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ଉଭା ହୋଇଛି। ଏପରିକି ଡଲାରର ନାମମାତ୍ର ବା ସାଂକେତିକ ବିନିମୟ ମୂଲ୍ୟ ଅନୁଯାୟୀ ମଧ୍ୟ ଭାରତ ବିଶ୍ୱର ୬ଷ୍ଠ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ହୋଇଥାଏ। ଗତ ୪୦ ବର୍ଷ ଧରି ଏହା ବର୍ଷକୁ ହାରାହାରି ୭% ହାରରେ ବୃଦ୍ଧି ହୋଇ ଚାଲିଛି। ୧୯୮୦ର ସ୍ଥିତି ୧୮୯ ବିଲିୟନ ଡଲାରରୁ ବୃଦ୍ଧି ଘଟି ଏହା ଆଜି ପ୍ରାୟ ୩ ଟ୍ରିଲିୟନ ଡଲାରରେ ପହଞ୍ଚି ପାରିଛି। ଯେହେତୁ ଆମେ ନିକଟ ଅତୀତରେ ୭୬ତମ ସ୍ୱାଧୀନତା ଦିବସ ପାଳନ କରିଛେ, ଏ ପରିପ୍ରେକ୍ଷୀରେ ସ୍ମୃତି ଉଜ୍ଜୀବିତ କରିବା ଉଚିତ ହେବ ଯେ ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତ ଅତି ଗରିବ ଥିଲା। ଖାଦ୍ୟ ଓ ବୈଦେଶିକ ମୁଦ୍ରା ପାଇଁ ଭାରତ ବୈଦେଶିକ ସାହାଯ୍ୟ ଉପରେ ନିର୍ଭରଶୀଳ ଥିଲା। ନିରକ୍ଷରତାର ସ୍ତର ଥିଲା ବହୁ ଉର୍ଦ୍ଧ୍ୱରେ । ବାସ୍ତବିକ ରୂପରେ ଭାରତ ପାଇଁ ଆର୍ଥିକ ରୂପାନ୍ତରଣର ସ୍ତର ସଂପୂର୍ଣ୍ଣ ତଳ ସ୍ତରରୁ ଉଠି ଶୀର୍ଷ ଆସନରେ ଅଧିଷ୍ଠିତ ହେବା ନିଶ୍ଚିତ ରୂପେ ଏକ ଅତ୍ୟନ୍ତ ଭବ୍ୟ, ପ୍ରଭାବଶାଳୀ ଓ ଅସାଧାରଣ ସାଫଲ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ଭାରତବର୍ଷ ଖାଦ୍ୟଶସ୍ୟ ଉତ୍ପାଦନରେ କେବଳ ସ୍ୱାବଲମ୍ବନଶୀଳ ହୋଇନାହିଁ ବରଂ ଏକ ଯୋଗ୍ୟ ରପ୍ତାନିକାରୀ ରାଷ୍ଟ୍ର ଭାବେ ମଧ୍ୟ ପ୍ରତିଷ୍ଠିତ ହୋଇଅଛି। ବୈଦେଶିକ ମୁଦ୍ରା ଗଚ୍ଛିତ କରିବାରେ ଭାରତ ୫ମ ସର୍ବବୃହତ୍ ଆସନ ଅଧିକାର କରିପାରିଛି ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିକୁ ମଧ୍ୟ ଭାରତ ନିର୍ଦ୍ଧାରିତ ଋଣ ପ୍ରଦାନ କରୁଅଛି।

ଗତ ତିନି ଦଶନ୍ଧି ମଧ୍ୟରେ ଉଦାରୀକରଣ ଅର୍ଥନୀତିର ସିଂହଦ୍ୱାର ଉନ୍ମୋଚନ ହୋଇଯିବା ପରେ ବିଦେଶୀ ନିବେଶକମାନେ ପୁଞ୍ଜିଭୂତ ରୂପରେ ଭାରତ ଅର୍ଣ୍ଣିରେ ଅଧା ଟ୍ରିଲିୟନ୍ ଡଲାରର ଅର୍ଥ ରାଶି ଅଜାଡ଼ି ଦେଇଛନ୍ତି। ଭାରତ ହେଉଛି ଏକ ଭିନ୍ନ ଏସୀୟ ରାଷ୍ଟ୍ର, ଯେ କି ଲଗାତାର 'କରେଣ୍ଟ ଆକାଉଣ୍ଟ'ର ଅଭାବ ମଧ୍ୟରେ ଗତି କରିଥାଏ। ଯେହେତୁ ଆମଦାନୀ ସଦାସର୍ବଦା ରପ୍ତାନିଠାରୁ ଅଧିକ ହୋଇଥାଏ, ତଥାପି ବିଦେଶୀ ପୁଞ୍ଜି ନିବେଶକାରୀମାନେ ବ୍ୟାପାର ସଂକ୍ରାନ୍ତୀୟ କ୍ଷତି ଦ୍ୱାରା ବିଚଳିତ ନ ହୋଇ ଭାରତବର୍ଷର କଳ କାରଖାନା ଓ ବ୍ୟବସାୟିକ କାର୍ଯ୍ୟକଳାପରେ ପ୍ରଚୁର ପରିମାଣର ଡଲାର ଅର୍ଥରାଶି ନିବେଶ କରିବାକୁ ଲାଗିଲେ। ଏଥିସହ କ୍ୟାପିଟାଲ ମାର୍କେଟରେ ମଧ୍ୟ ସେମାନେ ପୁଞ୍ଜିଲଗାଣ କଲେ, ଯାହା ଫଳରେ ଭାରତ ପାଇଁ କ୍ରମାଗତ 'ବାଲାନ୍ସ ଅଫ୍ ପେମେଣ୍ଟ' ବଳକା ହୋଇ ରହିଲା।

ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଦୃଢ଼ ନିଶ୍ଚିତ ଥିଲେ ଯେ, ଉଭୟ ଯମଜ ରାଜକୋଷୀୟ କ୍ଷତି ଏବଂ ବାହ୍ୟ କ୍ଷତି ସତ୍ତ୍ୱେ ଜନସାଂଖ୍ୟିକୀ ଓ ଗତିଶୀଳତା ଦ୍ୱାରା ପରିଚାଳିତ ହେଉଥିବା ଅର୍ଥନୀତିର ଅଭିବୃଦ୍ଧି ଏହି କ୍ଷତିକୁ ଭରଣା କରିପାରିବ। ଆମେ ଧନ୍ୟବାଦ ଦେବା ଭାରତବର୍ଷର ଏହି ନିରନ୍ତର ଅଭିବୃଦ୍ଧିର ଧାରାକୁ, ଯାହା ଫଳରେ କି ଚରମ ଦାରିଦ୍ର୍ୟ ସ୍ତରରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଛି, ଯାହାକି ପ୍ରାୟ ୫୦%ରୁ ସମ୍ଭବତଃ ଏକ ଅଙ୍କ ବିଶିଷ୍ଟ ରାଶିକୁ ଖସି ଆସିଛି ଏବଂ ୧୯୪୭ ଠାରୁ ଜୀବନ କାଳ ଦୁଇ ଗୁଣରୁ ଅଧିକ ବଢ଼ିଛି।



ରାଜନୈତିକ କ୍ଷେତ୍ରରେ ମଧ୍ୟ ଭାରତବର୍ଷର ଅତ୍ୟନ୍ତ ଶକ୍ତିଶାଳୀ ଗଣତନ୍ତ୍ର ସମଗ୍ର ବିଶ୍ୱରେ ସଗର୍ବେ ମୁଣ୍ଡଟେକି ଠିଆ ହୋଇଛି। ପ୍ରଥମ ଜାତୀୟ ନିର୍ବାଚନ ପରଠାରୁ ଦେଶରେ ୧୬ ଥର କ୍ଷମତାର ହସ୍ତାନ୍ତର ପ୍ରକ୍ରିୟା ସୁଚାରୁ ରୂପେ ସଂଗଠିତ ହୋଇଛି । ଭାରତବର୍ଷର ସ୍ୱାଧୀନତାର ପରବର୍ତ୍ତୀ ଅର୍ଥନୈତିକ ଷ୍ଟ୍ରାଟେଜି ଏହାକୁ ଉତ୍କଟ ଦାରିଦ୍ର୍ୟର କଷାଘାତରୁ ମୁକୁଳେଇବା ପାଇଁ ପ୍ରୟାସ କରିଥିଲା ଏବଂ ତତ୍‌ସହ ବିକାଶର ଧାରାକୁ ଆଗକୁ ବଢ଼େଇନେବା ପାଇଁ ହାତରେ ସ୍ୱଳ୍ପ ପୁଞ୍ଜି, ସ୍ୱଳ୍ପ ଟିକସ ବ୍ୟବସ୍ଥା ଏବଂ ରପ୍ତାନିର ନିରାଶାବାଦ ଅବସ୍ଥା ସତ୍ତ୍ୱେ ଦେଶକୁ ଆଗକୁ ବଢ଼ାଇବାକୁ ପଡ଼ିଥିଲ। ଭାରତର ବାଣିଜ୍ୟ ଓ ଜିଡିପି ମଧ୍ୟରେ ଥିବା ଅନୁପାତ ରାଷ୍ଟ୍ରୀୟ ଉନ୍ମୁକ୍ତପଣିଆର ସୂଚକ, ଯାହାକି ଆମେରିକାଠାରୁ ଅଧିକ। ଆଜିର ଦିନରେ ଭାରତ ସଫ୍ଟୱେୟାରର ମୁଖ୍ୟ ରପ୍ତାନିକାରୀ ରାଷ୍ଟ୍ର ଭାବେ ବିଶ୍ୱବିଦିତ ହେବା ସହ ଏକ 'ଆଉଟ୍‌ସୋର୍ସିଂ ପାୱାର ହାଉସ୍' ବା ଶକ୍ତିକେନ୍ଦ୍ର ଭାବେ ମଧ୍ୟ ଉଭା ହୋଇଛି। ଭାରତ ବାହାରେ କାର୍ଯ୍ୟରତ ଭାରତୀୟ ଶ୍ରମଜୀବୀମାନେ ପ୍ରାୟ ୧୦୦ ବିଲିୟନ ଡଲାରର ମୁଦ୍ରାରାଶି ବର୍ଷକୁ ଭାରତକୁ ପ୍ରେରଣ କରିଥାନ୍ତି, ଯାହାକି ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିଥାଏ। ଅପ୍ରତ୍ୟକ୍ଷ ରୂପରେ ଦେଖିଲେ ଏହା ହେଉଛି ଭାରତବର୍ଷର ଶ୍ରମଶକ୍ତିର ରପ୍ତାନିଜନିତ ଆୟ , ଯାହା ସ୍ୱାଧୀନତା ପରଠାରୁ ଆମେ ହାସଲ କରିଆସିଛେ।

ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ସେତିକିବେଳେ ଘଟିଥାଏ, ଯେତେବେଳେ ମୁଣ୍ଡପିଛା ଆୟ ୩୦୦୦ ଡଲାର ବା ୪୦୦୦ ଡଲାରରୁ ଅଧିକ ହୋଇଥାଏ। ଅନ୍ୟାନ୍ୟ ଶକ୍ତିର ସଂକେତ ହେଲା ଇ-କମର୍ସ, ଡିଜିଟାଲ ପେମେଣ୍ଟ ଏବଂ ସଂପ୍ରସାରିତ ଔଦ୍ୟୋଗିକ ଆଧାର। କୃଷି କ୍ଷେତ୍ର ମୌସମୀର ଅନିଶ୍ଚିତତା ଉପରେ ସ୍ୱଳ୍ପ ନିର୍ଭରଶୀଳ ହୋଇଥାଏ ଏବଂ ଜଳବାୟୁ, ମୃତ୍ତିକା ଏବଂ ବଜାର ଅନୁକୂଳ ଫସଲ ଦିଗରେ ବିବିଧିକରଣ ବ୍ୟବସ୍ଥା ଆଗକୁ ବାଟ କଢ଼େଇ ନେଇଥାଏ। ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏହାର ଜ୍ୱଳନ୍ତ ଉଦାହରଣ। ଭାରତ ମଧ୍ୟ ଅଣପାରମ୍ପରିକ ଶକ୍ତି କ୍ଷେତ୍ରରେ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଦ୍ରୁତ ଗତିରେ ଅଗ୍ରସର ହୋଇ ଚାଲିଛି। ବିଶେଷକରି ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତ ତା'ର ଧାର୍ଯ୍ୟ ଲକ୍ଷ୍ୟ ପାଖରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚି ପାରିଛି। ଶସ୍ତାରେ ସୌରଶକ୍ତିର ଉତ୍ପାଦନ ଆଜି ସମ୍ଭବ ହେଉଛି। ଏକ ବୃହତ୍ ଉଦ୍‌ଜାନ ଅର୍ଥନୀତି ଦିଗରେ ଭାରତ ମଧ୍ୟ ଆଜି ଗତିଶୀଳ। ଶସ୍ତାରେ ଉପଲବ୍ଧ ହେଉଥିବା ସୌରଶକ୍ତି ଓ ବୃହତ୍ ଉଦ୍‌ଜାନ ଅର୍ଥ ବ୍ୟବସ୍ଥାର ସଫଳ ମିଳନ ଅପୂର୍ଣ୍ଣ ଓ ଆମଦାନୀ ଉପରେ ନିର୍ଭରଶୀଳ ଅର୍ଥ ବ୍ୟବସ୍ଥାରୁ ଭାରତବର୍ଷକୁ ଏକ ବଳକା ଶକ୍ତି ରାଷ୍ଟ୍ର ଭାବେ ଉଦ୍‌ଭାସିତ କରିବ। ଭାରତ ଆଜି ଦ୍ରୁତତମ ଅଭିବୃଦ୍ଧିଶୀଳ ଏକ ବିଶାଳ ଅର୍ଥ ବ୍ୟବସ୍ଥା ଭାବେ ବିଶ୍ୱରେ ସଗର୍ବେ ମୁଣ୍ଡଟେକି ଠିଆ ହେବାକୁ ଯାଉଛି, ଯାହା ପଛରେ ରହିଛି ବିଭିନ୍ନ ସମୟରେ ବିଭିନ୍ନ ସରକାରଙ୍କ ଦୂରଦର୍ଶୀ ପଦକ୍ଷେପ। ଭାରତ ନିଜର ଲୋକତାନ୍ତ୍ରିକ ଆଧାରଶିଳାକୁ ନେଇ ଅତ୍ୟନ୍ତ ଗର୍ବ ଅନୁଭବ କରିଥାଏ। ପରନ୍ତୁ ପଥ ବହୁଦୂର ଓ ଅସୀମ କର୍ତ୍ତବ୍ୟର ଆହ୍ୱାନରେ ଆମକୁ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ।

ମୋ: ୯୩୩୮୨୦୪୯୯୩

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମ ମାନି ଗାଡ଼ି ଚଲାନ୍ତୁ

ମହାଶୟ,

ଆଜିକାଲି ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଅଧିକ ହେଉଛି। ସାମାଜିକ ଗଣମାଧ୍ୟମ ତଥା ଦୈନିକ ଖବରକାଗଜ ଖୋଲିବା ମାତ୍ରେ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଖବର ମର୍ମାହତ କରିଥାଏ । ସାମାନ୍ୟ ଅସାବଧାନତା ଏବଂ ଅମାନିଆ ପ୍ରକୃତିକୁ ପାଥେୟ କରି ଅଦିନରେ ଅକର୍ମଣ୍ୟ ହୋଇପଡ଼େ ଅନେକ ଜନଜୀବନ। ବିଶେଷ ଭାବରେ ରାସ୍ତାର ନିୟମ ନ ମାନି ବେପରୁଆ ଗାଡ଼ି ଚାଳନା, ଗାଡ଼ି ଚଲାଇବା ସମୟରେ ମୋବାଇଲ ଫୋନରେ କଥାହେବା, ମଦ୍ୟପାନ କରି ଗାଡି ଚଲାଇବା, ଟ୍ରାଫିକ୍ ପୋଲିସ ସଙ୍କେତକୁ ଅବମାନନା କରିବା, ବେଳେ ବେଳେ ଅନ୍ୟମନସ୍କ ହୋଇ ଗାଡି ଚାଳନା କରିବା ଇତ୍ୟାଦି କାର୍ଯ୍ୟକଳାପ ଯୋଗୁ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି । ସରକାର ବାରମ୍ବାର ସଡ଼କ ସୁରକ୍ଷାକୁ ନେଇ ଅନେକ ନିୟମ ପ୍ରଣୟନ କରିବା ସତ୍ତ୍ୱେ ଲୋକମାନେ ତାହାକୁ ନ ମାନିବା ଦ୍ୱାରା ଦୁର୍ଘଟଣା ଘଟୁଛି। ସଡ଼କ ଦୁର୍ଘଟଣା କମାଇବାକୁ ହେଲେ ସଚେତନ ହେବାକୁ ପଡ଼ିବ । ପ୍ରଥମେ ଧ୍ୟାନ ଦେବାକୁ ହେବ ଯେ, ଗାଡ଼ିର ଦ୍ରୁତ ବେଗକୁ ଉନ୍ନତିର ପଥ ନ ଭାବି ମୃତ୍ୟୁର ପଥ ଭାବିବା ଉଚିତ। ଗାଡ଼ି ଚଲାଇବା ସମୟରେ ସିଟ୍ ବେଲ୍ଟ, ହେଲ୍‌ମେଟ ନିଶ୍ଚିତ ରୂପେ ବ୍ୟବହାର କରିବାକୁ ପଡ଼ିବ। ମୋବାଇଲ ଫୋନରେ କଥା ନ ହୋଇ ସାମ୍ନାକୁ ଦେଖି ଗାଡ଼ି ଚଲାଇବା ଆବଶ୍ୟକ । ଗାଡ଼ି ଚଲାଇବା ପୂର୍ବରୁ ଗାଡ଼ିର ଯନ୍ତ୍ରାଂଶଗୁଡିକ ଠିକ୍ ଅଛି କି ନାହିଁ ତାହା ଦେଖିବା ଦରକାର । ନିଶାସେବନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ । ସରକାରଙ୍କ ସମସ୍ତ ନିୟମ ମାନି ଗାଡ଼ି ଚଲାଇବା ଉଚିତ। ଦୁର୍ଘଟଣା ରୋକିବା ପାଇଁ ସାପ୍ତାହିକ 'ସଡ଼କ ସୁରକ୍ଷା ଜୀବନ ରକ୍ଷା'ପାଳନ କରି ଜନ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ ।

– ବିକାଶ ନାୟକ, କର୍ଣ୍ଣପୁର, ଜାମଦା, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଇନ୍ଦ୍ରାବତୀ ନଦୀରେ ଭାସି ନିଖୋଜ ବୃଦ୍ଧର ମୃତଦେହ ମିଳିଲା**

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଇନ୍ଦ୍ରାବତୀ ନଦୀରେ ମଙ୍ଗଳବାର ଭାସିଯାଇ ନିଖୋଜ ଥିବା ତଳଝାପି ଗ୍ରାମପଞ୍ଚାୟତ ନିକେଶଯୋର୍ ଗ୍ରାମର ଉଦୟନାଥ ନାଏକ(୬୨)ଙ୍କ ମୃତଦେହ ବୁଧବାର ଜବତ ହୋଇଛି। ଦମକଳ ବିଭାଗ କର୍ମଚାରୀ ପୁଣି ଖୋଜାଖୋଜି କରି ଠାବ କରିଥିଲେ। ଘଟଣାସ୍ଥଳରୁ ପ୍ରାୟ ୫୦୦ ମିଟର ତଳକୁ ଭାସି ଯାଇଥିଲା। ଥୁ. ରାମପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶୁକ୍ଲିମୁଣ୍ଡିରେ ନାଗବାଚା ଯାତ୍ରା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୧୯।୧୦

ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗ୍ରାମରେ ଚାଲିଥିବା ନାଗବାଚା ଯାତ୍ରା ଉଦଯାପିତ ହୋଇଯାଇଛି। ଗୁରୁ ପୁରନ୍ଦର ପଟେଲ, ଗୁଣନିଧି ଠାକୁର ଓ ମକାରୁ ବେମାଲଙ୍କ ତତ୍ତ୍ୱାବଧାନରେ ପୂଝାରୀ କୁଞ୍ଜବିହାରୀ ଶବରଙ୍କ ନେତୃତ୍ୱରେ ନାଗବାଚା ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ। ନାଗବାଚା ଭକ୍ତମାନେ ଦିନତମାମ ଉପବାସ ରହି ଅପରାହ୍ନରେ ଘଣ୍ଟ, ଶଙ୍ଖ, ବାଜା ଧରି ଗ୍ରାମରେ ଥିବା ଏକ ପୋଖରୀରେ ସ୍ନାନ କରି ସେଠାରେ ମାଟିକୁ ତିଆରି କରି ନାଗ ଦେବତାଙ୍କୁ ବରୁଣ କରି ସ୍ଥାୟୀ ପୂଜା ସ୍ଥଳକୁ ଆଣିଥାନ୍ତି। ସେହିଠାରେ ସ୍ଥାପନ କରି ପୂଜାଅର୍ଚ୍ଚନା କରାଯାଇଥାଏ। ଉଦ୍‌ଯାପନୀରେ ବରୁଆଙ୍କ ଶରୀରରେ ଦୁର୍ଗା, ଚଣ୍ଡି, କାଳି, ସମଲେଇ, ମଙ୍ଗଳା, ଗୁରୁବୁଢା, ଭୈରବାବା, ବଜରଙ୍ଗବଳୀ ଭଳି ଅନେକ ଦେବଦେବୀ କାଳିସି ଆସି ନଗର ପରିକ୍ରମା କରି ଭକ୍ତମାନଙ୍କୁ ଭବିଷ୍ୟତ, ବର୍ତ୍ତମାନ ଉପରେ ବଚନ ଦେଇଥାନ୍ତି। ବଚନ ଅନୁସାରେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରିଥାନ୍ତି। ପାଳନର ଶେଷ ଦିନ ଦେବଦେବୀଙ୍କୁ ଶାନ୍ତି କରିବା ପାଇଁ ରକ୍ତଧାର ପାଇଁ ବୋଦା ବଳି ଦିଆଯାଇଥାଏ। ଆୟୋଜକ ଉଦ୍ଧବ ଶବର, କୁଞ୍ଜ ଶବର, ଅଲସିଂ ବରିହା, ପ୍ରମାନନ୍ଦ ଶବର, କପିଳ ଶବର, ରୁପେନ୍ଦ୍ର ଶବର, ବିଶ୍ୱମ୍ବର ଶବର ପ୍ରମୁଖ ସହଯୋଗ କରିଥିଲେ।

# ପ୍ରକୃତି, ସମାଜ ସୁରକ୍ଷା ନେଇ ନିୟମଗିରି ସୁରକ୍ଷା ସମିତିର ପଦଯାତ୍ରା

ଭବାନୀପାଟଣା,୧୯।୧୦(ସ୍ୱ.ପ୍ର.)

ଏବେ ଦେଶ ସାରା ପଦଯାତ୍ରାର ରତୁ ଚାଲିଛି। ସମସ୍ତେ ନିଜ ନିଜ ରାଜନୈତିକ ଏଜେଣ୍ଡା ଓ ଝଣ୍ଡା ଧରି ଚାଲିଛନ୍ତି। ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ମଧ ପଦଯାତ୍ରା ଆୟୋଜନ କରିଛି, କିନ୍ତୁ ରାଜନୈତିକ ନୁହେଁ ବରଂ ସମାଜକୁ ଏକ ବାର୍ତ୍ତା ଦେବା ପାଇଁ। ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଆବାହକ ଲିଙ୍ଗରାଜ ଆଜାଦ ଓ ସଭାପତି ଲଦ ଶିକକାଙ୍କ ମିଳିତ ନେତୃତ୍ୱରେ ନଫରତ ଛାଡ଼, ଜୀବନ ଜୀବିକା ଓ ସମ୍ବିଧାନର ସୁରକ୍ଷାକୁ ନେଇ ରାୟଗଡାଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ପଦଯାତ୍ରା ବୁଧବାର ଭବାନୀପାଟଣାରେ ଶେଷ ହୋଇଛି। ନିୟମଗିରି ସୁରକ୍ଷା ସମିତି ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ଏହି ପଦଯାତ୍ରା ୧୫ ତାରିଖଠାରୁ ରାୟଗଡା ଜିଲା ମୁନିଖୋଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ପରେ କଳାହାଣ୍ଡିର ବିଭିନ୍ନ ଗାଁକୁ ପହଞ୍ଚିଥିଲା। ଦୀର୍ଘ ୩୦୦ ସହ କି.ମି. ପଦଯାତ୍ରା କରି ବୁଧବାର କଳାହାଣ୍ଡି ଜିଲା ଭବାନୀପାଟଣାରେ ଶେଷ ପହଞ୍ଚିଥିଲା। ସହରର ଗାନ୍ଧୀ ଛକଠାରେ ନିୟମଗିରି ସୁରକ୍ଷା ସମିତି ପଦଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ବୈଠକ ହୋଇଥିଲା। ରାଜନେତାମାନେ ସମ୍ବିଧାନର ସୁରକ୍ଷା ପାଇଁ ପ୍ରତିଜ୍ଞା କରି ଅପବ୍ୟବହାର କରିବା, ଦରଦାମ ବୃଦ୍ଧି, ବେକାରି ସମସ୍ୟା, ନିଯୁକ୍ତି ସଙ୍କୁଚିତ ହେବା ଫଳରେ ଏହାର ସିଧା ପ୍ରଭାବ ଲୋକଙ୍କ ଜୀବନ ଜୀବିକା ଉପରେ ପଡୁଛି। ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ଅପ ବ୍ୟବହାର ହେବା ପ୍ରତିବାଦରେ ଏବଂ ନଫରତ ଛାଡ଼, ସମ୍ବିଧାନ ବଞ୍ଚାଅ, ଏକତା, ସମାନତା, ସ୍ୱତନ୍ତ୍ରତା ଓ ନ୍ୟାୟ ପାଇଁ ସଚେତନତା ବାର୍ତ୍ତା ସହ ସରକାର ପ୍ରକୃତିକୁ ବଡ଼ବଡ଼ କମ୍ପାନୀ ହାତରେ ଟେକି ଦେଉଥିବା ଅଭିଯୋଗ ନେଇ ଏହି ପଦଯାତ୍ରା କରାଯାଇଥିବା ନିୟମଗିରି ସୁରକ୍ଷା ସମିତି ଆବାହକ କହିଛନ୍ତି। ପଦଯାତ୍ରାରେ ନିୟମଗିରି ସୁରକ୍ଷା ସମିତି ଅନେକ କର୍ମକର୍ତ୍ତାଙ୍କ ସମେତ ନିୟମଗିରି ବାସିନ୍ଦା ସାମିଲ ହୋଇଥିଲେ।



ଭବାନୀପାଟଣାରେ ନିୟମଗିରି ସୁରକ୍ଷା ସମିତିର ପଦଯାତ୍ରା।

# ମା' ସର୍ବମଙ୍ଗଳାଙ୍କ ଦଣ୍ଡପାଟ ଦଶରା ଉଦ୍‌ଯାପିତ

କୋକସରା,୧୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ଦଣ୍ଡପାଟର ଇଷ୍ଟଦେବୀ ମା' ସର୍ମଙ୍ଗଳା ଘାଟିମୁଣ୍ଡିଆଣିଙ୍କ ବାର୍ଷିକ ଦଶହରା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ମା' ଘାଟିମୁଣ୍ଡିଆଣି, ମା' ଠାକୁରାଣୀ, ଗୋପା ଗୋସିଆଣିଙ୍କୁ ବିଭିନ୍ନ ରୂପରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଭବେଶ ଗଣ୍ଡିଆ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଆମ୍ବା ଅଧକ୍ଷ ରତୁରାଜ ମାଝି, ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ସରପଞ୍ଚ ପଦ୍ମିନୀ ପୂଝାରୀ, ସମିତି ସଭ୍ୟା ଶାମୁକା ନାଏକ ଉପସ୍ଥିତ ରହିଥିଲେ। ରାତିରେ ଘୁମୁରା ପ୍ରତିଯୋଗିତାରେ ୧୩ଟି ଦଳ ଅଂଶଗ୍ରହଣ କରିଥିଲେ। ଦଣ୍ଡପାଟ ଦଶରା କମିଟି ପକ୍ଷରୁ ସଭାପତି ହେମନ୍ତ ମାଝି, ପାର୍ଥବ ମାଝି, ମୁକୁନ୍ଦ ନାଗେଶ, ଭରତ ଦୁର୍ଗା, ବଳିଆର ସିଂ ମୋରେଇ, ପୂର୍ଣ୍ଣଚନ୍ଦ୍ର ନାଏକ, ଭରତ ପୁଝାରି, ନିରଞ୍ଜନ ବାଗ, ବଳରାମ ମାଝିଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୁମୁରା ନୃତ୍ୟ ପରିବେଷଣ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ


ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଡମପଦର ଗ୍ରାମର ଦଳିତ ଲୋକେ।

ଭବାନୀପାଟଣା,୧୯।୧୦(ସ୍ୱ.ପ୍ର.)

**ଡମପଦର ଗ୍ରାମରେ ଦଳିତଙ୍କୁ ଆକ୍ରମଣ ଘଟଣା**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ଡମପଦର ଗ୍ରାମରେ ଗତ ୯ ତାରିଖରେ ସାମାଜିକ ସଭା ନାଁରେ ସଶସ୍ତ୍ର ଆଦିବାସୀମାନେ ଦଳିତ ବସ୍ତିରେ ପସି ଭଙ୍ଗାରଜା ସାଙ୍ଗକୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏପରିକି ଦଳିତ ବସ୍ତିରେ ଭଙ୍ଗାରୁଜା ସମୟରେ ପୋଲିସ ଉପସ୍ଥିତ ଥିଲେ ହେଁ ଆଦିବାସୀମାନେ ଆଇନକୁ ହାତକୁ ନେବାକୁ ପଛାଇ ନ ଥିଲେ। ଏହି ଘଟଣାକୁ ନେଇ କେସିଙ୍ଗା ପୋଲିସ ଏକ ମାମଲା (ନଂ.୩୯୪/୨୨) ରୁଜୁ କରି ୪ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଆହୁରି ମଧ ଏହି ଘଟଣାରେ ସାମିଲ ଦଙ୍ଗାକାରୀଙ୍କୁ ପୋଲିସ ଧରୁ ନ ଥିବାରୁ ଏହାକୁ ନେଇ ବୁଧବାର ଅସନ୍ତୋଷ ବ୍ୟକ୍ତ କରି ଡମପଦର ଗ୍ରାମର ଦଳିତ ସମ୍ପ୍ରଦାୟର ଲୋକେ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀଘ୍ର ଏହି ଘଟଣାରେ ସାମିଲ ଥିବା ଅବଶିଷ୍ଟ ଦଙ୍ଗାକାରୀଙ୍କୁ ଗିରଫ କରିବା ପାଇଁ ସେମାନେ ଏସ୍‌ପି ଅଭିଳାଷ ଜିଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେହିପରି ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ତଦନ୍ତ କରୁଥିବା ସ୍ଥାନୀୟ ଆଇଆଇସି ସତ୍ୟ କୁମାର ନନ୍ଦଙ୍କୁ ଏହି ମାମଲାରୁ ଅପସାରଣ କରିବା ପାଇଁ ଦାବି କରିଛନ୍ତି। ଏ ନେଇ କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦଙ୍କୁ ପଚାରିବାରୁ ବର୍ତ୍ତମାନ ବି ଏହି ଘଟଣାର ତଦନ୍ତ ଚାଲିଛି। ଯେଉଁମାନେ ବି ଏଥିରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।


# ରାଜ୍ୟ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ, ଓଡ଼ିଶା

## ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା

No.E-556:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଯଦି କୌଣସି ଔଷଧ କିଣିବା ଏବଂ ବ୍ୟବହାର କରିବା ପରେ ଏହାର ଗୁଣବତ୍ତା କିମ୍ବା ଔଷଧର ମୂଲ୍ୟ ଉପରେ କୌଣସି ସନ୍ଦେହ ଉପୁଜେ ତେବେ ନିକଟସ୍ଥ ଭେଷଜ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । କୌଣସି ଔଷଧ କିଣିବା ସମୟରେ ସମ୍ପୃକ୍ତ ଔଷଧ ଦୋକାନୀଠାରୁ କିଣା ରସିଦ ସଂଗ୍ରହ କରି ତାହା ପରଖି ନେବାକୁ ଅନୁରୋଧ, ଯାହାକି ଗୁଣବତ୍ତା ତଥା ମୂଲ୍ୟ ସମ୍ବନ୍ଧୀୟ ଅଭିଯୋଗର ତଦନ୍ତରେ ସହାୟକ ହୋଇପାରିବ । ଯଦି କୌଣସି ବ୍ୟକ୍ତି ନକଲି ଔଷଧ ସମ୍ପର୍କୀୟ କୌଣସି ତଥ୍ୟ ଭେଷଜ ନିୟନ୍ତ୍ରଣ କାର୍ଯ୍ୟାଳୟକୁ ଜଣାଇବେ, ତେବେ ତାଙ୍କ ପରିଚୟ ଗୋପନ ରଖାଯିବ ।

ରାଜ୍ୟ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ଅଧୀନସ୍ଥ ସମସ୍ତ ଅଧିକାରୀଙ୍କ ନାମ ଏବଂ କାର୍ଯ୍ୟାଳୟର ସୂଚନା ଜନସାଧାରଣଙ୍କ ଅବଗତି ନିମନ୍ତେ ନିମ୍ନରେ ପ୍ରଦାନ କରାଗଲା ।

| Sl. No. | Name of Officer | | Tel. No. | Contact No. | Email ID |
|---|---|---|---|---|---|
| 1 | ଶ୍ରୀ ସୁବୋଧ କୁମାର ନାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2300494 | 9439999914 | drugscontrolorissa@gmail.com, dca-odisha@gov.in |
| 2 | ଡ. ନୀଳମାଧବ ଦାଶ ଯୁଗ୍ମ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2301548 | 9437114348 | drugscontrolorissa@gmail.com, dca-odisha@gov.in |
| 3 | ଶ୍ରୀ ଅଶୋକ କୁମାର ପାତ୍ର ଉପ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2303354 | 9437156202 | drugscontrolorissa@gmail.com |
| 4 | ଶ୍ରୀ ହରମୋହନ ମହାନ୍ତି ଉପ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2300698 | 9437136217 | ddcadmndca@gmail.com |
| 5 | ଶ୍ରୀ ସୁନୀଲ କୁମାର ନାୟକ ଉପ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ | 0680-2261555 | 9437262972 | ddcsz.bam@gmail.com |
| 6 | ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରା ଉପ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ପଶ୍ଚିମ ଜୋନ୍ | | 9437310799 | ddcwzsambalpur@gmail.com |
| 7 | ଶ୍ରୀ ଅଶୋକ କୁମାର ପାତ୍ର ଉପ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ଉତ୍ତର ଜୋନ୍ | | 9437156202 | ddcnorthzone@gmail.com |
| 8 | ସୁଶ୍ରୀ ନିହାରିକା ଦାଶ ସହାୟକ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ବାଲେଶ୍ୱର ସର୍କଲ୍ | | 9439708300, 9437070072 | adcnorthzone@gmail.com |
| 9 | ଶ୍ରୀ ସୁଶାନ୍ତ କୁମାର ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଖୋର୍ଦ୍ଧା / ଖୋର୍ଦ୍ଧା ସର୍କଲ୍ | | 9437962405 | adckhdcircle@gmail.com |
| 10 | ଶ୍ରୀ ଲଳିତ କୁମାର ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ | | 9437232661 | adcganjamcircle@gmail.com |
| 11 | ଶ୍ରୀମତୀ ପ୍ରଜ୍ଞାପାରମିତା ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9937171170 | drugscontrolorissa@gmail.com |
| 12 | ଶ୍ରମତୀ ପ୍ରଣତି ପ୍ରଭା ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଢେଙ୍କାନାଳ ସର୍କଲ | | 8249090732 | adcdklcircle@gmail.com |
| 13 | ଶ୍ରୀ ଜ୍ୟୋତି ରଂଜନ ପଣ୍ଡା ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9439365871 | adc.int@gov.in |
| 14 | ଶ୍ରୀ ରୁଦ୍ର ନାରାୟଣ ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ବାରିପଦା / ମୟୂରଭଞ୍ଜ ସର୍କଲ୍ | 06792-291945 | 9439144662 | adcmayurbhanjcircle2021@gmail.com |
| 15 | ଶ୍ରୀ ସତ୍ୟବ୍ରତ ଗିରି ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9437695156 | asst.drugscontrollerind@gmail.com |
| 16 | ଶ୍ରୀ ପ୍ରବେଶ କୁମାର ଲେଙ୍କା ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର / ଭୁବନେଶ୍ୱର ସର୍କଲ-1 | | 9861045927, 7008812758 | adcbbsrcircle1@gmail.com |
| 17 | ଶ୍ରୀ ଧର୍ମଦେବ ପୁହାଣ ସହାୟକ ଭେଷଜ ନିୟନ୍ତ୍ରକ | କଟକ / କଟକ ସର୍କଲ୍ -1 | | 9439201517 | adcctccircle1@gmail.com |
| 18 | ଶ୍ରୀ ଦେବାଶିଷ ପାତ୍ର ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9439515141 | adcenforcementdco @gmail.com |
| 19 | ଡ. ସୁଦର୍ଶନ ବିଶ୍ୱାଳ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର / ଭୁବନେଶ୍ୱର ସର୍କଲ୍ – ୨ | | 9437013618, 7008969166 | adcbbsrcirlce2@gmail.com |
| 20 | ଶ୍ରୀ ତୁଷାର ରଞ୍ଜନ ପାଣିଗ୍ରାହୀ ସହାୟକ ଭେଷଜ ନିୟନ୍ତ୍ରକ | କଟକ / କଟକ ସର୍କଲ୍ – ୨ | | 9439489436 | adcctcircle2@gmail.com |
| 21 | ଡ. ସୁଜତା ଆଚାର୍ଯ୍ୟ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9776138363 | adcrpt2021@gmail.com |
| 22 | ଶ୍ରୀ ମୁକେଶ କୁମାର ଧୁରୁଆ ସହାୟକ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ପଶ୍ଚିମ ଜୋନ୍ | | 9437530009 | ddcwzsambalpur@gmail.com |
| 23 | ଶ୍ରୀ ସତ୍ୟନାରାୟଣ ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ସମ୍ବଲପୁର ସର୍କଲ | | 8895168987 | ddcwzsambalpur@gmail.com |
| 24 | ଶ୍ରୀ ସଞ୍ଜୟ କୁମାର ହାଁସଦା ସହାୟକ ଭେଷଜ ନିୟନ୍ତ୍ରକ | ଯାଜପୁର / ଯାଜପୁର ସର୍କଲ | 06726-291282 | 9439368682 | adcjajpur@gmail.com |
| 25 | ଶ୍ରୀମତୀ ଆଝାମଣି ମାରାଣ୍ଡି ସହାୟକ ଭେଷଜ ନିୟନ୍ତ୍ରକ | ରାଉରକେଲା / ରାଉରକେଲା ସର୍କଲ୍ | | 8895165462 | adcrklcircle6@gmail.com |
| 26 | ଶ୍ରୀ ପ୍ରସନ୍ନ କୁମାର ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ଫୁଲବାଣୀ/ କନ୍ଧମାଳ ସର୍କଲ୍ | | 9437862702 | adckandhamalacircle2021@gmail.com |
| 27 | ଶ୍ରୀ ପ୍ରିୟରଞ୍ଜନ ନାୟକ ସହାୟକ ଭେଷଜ ନିୟନ୍ତ୍ରକ | ଜୟପୁର / କୋରାପୁଟ ସର୍କଲ୍ | 06854-291463 | 9439517865 | adckoraput@gmail.com |
| 28 | ଶ୍ରୀ ଦେବାଶିଷ କାଲୋ ସହାୟକ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଗଞ୍ଜାମ ସର୍କଲ୍ | | 9439788357 | adcganjamcircle@gmail.com |
| 29 | ଶ୍ରୀ ଜଗନ୍ନାଥ ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ଉତ୍ତର ଜୋନ୍ | | 9439019092, 7008255852 | adcnortzone@gmail.com |
| 30 | ଶ୍ରୀମତୀ ମୁକ୍ତିନନ୍ଦା ଶତପଥୀ ଭେଷଜ ନିରୀକ୍ଷକ | ଅନୁଗୁଳ / ଅନୁଗୁଳ – ୨ ପରିସର | | 7609950389, 9439407748 | drugsinspectorangul@gmail.com |
| 31 | ଶ୍ରୀମତୀ ମୁକ୍ତିନନ୍ଦା ଶତପଥୀ ଭେଷଜ ନିରୀକ୍ଷକ | ଅନୁଗୁଳ / ଅନୁଗୁଳ ଜୋନ୍ | 06764-233313 | 7609950389, 9439407748 | drugsinspectorangul@gmail.com |
| 32 | ଶ୍ରୀ ଦିଲ୍ଲୀପ କୁମାର ଜେନା ଭେଷଜ ନିରୀକ୍ଷକ | ବାଲେଶ୍ୱର / ବାଲେଶ୍ୱର ଗ୍ରାମୀଣ ପରିସର | 06782-260167 | 9437107465 | di.blsrurl2013@gmail.com |
| 33 | ଶ୍ରୀମତୀ ନିହାରିକା ଦାଶ ଭେଷଜ ନିରୀକ୍ଷକ | ବାଲେଶ୍ୱର / ବାଲେଶ୍ୱର ସଦର ରେଞ୍ଜ (I/C) | | 9439708300, 9437070072 | drugsinspectorbalasoresadar@gmail.com |
| 34 | ଶ୍ରୀ ଦିଲୀପ କୁମାର ଜେନା ଭେଷଜ ନିରୀକ୍ଷକ | ବାଲେଶ୍ୱର – ବାଲେଶ୍ୱର-II ପରିସର (I/C) | | 9437107465 | drugsinspectorbalasore2.21@gmail.com |
| 35 | ମିସ୍ ସୁନୀତା ନାଗ ଭେଷଜ ନିରୀକ୍ଷକ | ବରଗଡ଼ /ବରଗଡ଼ ପରିସର। | 06646-291620 | 9439232703 | drugsinspectorbargarh@gmail.com |
| 36 | ମିସ୍ ସୁନୀତା ନାଗ ଭେଷଜ ନିରୀକ୍ଷକ | ବରଗଡ଼ / ବରଗଡ଼-୨ ରେଞ୍ଜ (I/C) | | 9439232703 | drugsinspectorbargarh@gmail.com |
| 37 | ଶ୍ରୀମତୀ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଭେଷଜ ନିରୀକ୍ଷକ | ଭଦ୍ରକ / ଭଦ୍ରକ ପରିସର। | | 9438619873 | drugsinspector.bhadrak@gmail.com |
| 38 | ଶ୍ରୀମତୀ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଭେଷଜ ନିରୀକ୍ଷକ | ଭଦ୍ରକ / ଭଦ୍ରକ-୨ ପରିସର (I/C) | | 9438619873 | drugsinspector.2 bhadrak@gmail.com |
| 39 | ଶ୍ରୀ ପ୍ରବେଶ କୁମାର ଲେଙ୍କା ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୨ ରେଞ୍ଜ (I/C) | 0674-2577330 | 9861045927, 7008812758 | drugsbbsr1@gmail.com |
| 40 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୨ ରେଞ୍ଜ | | 8895478543, 9937256743 | dibbsr2@gmail,com |
| 41 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୩ ରେଞ୍ଜ (I/C) | 0674-2577002 | 9437013618, 7008969166 | di3bbsr@gmail.com |
| 42 | ଶ୍ରୀ ପ୍ରବେଶ କୁମାର ଲେଙ୍କା ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର ରେଞ୍ଜ – (I/C) | | 9861045927, 7008812758 | dibbsr4@gmail.com |
| 43 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର – ୫ ରେଞ୍ଜ (I/C) | | 8895478543/ 9937256743 | dibbsr5range@gmail.com |
| 44 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର ରେଞ୍ଜ (I/C) | | 9437013618/ 7008969166 | di6bbsr@gmail.com |
| 45 | ଶ୍ରୀ ବାବୁଲାଲ ଟୁଡୁ ଭେଷଜ ନିରୀକ୍ଷକ | ବଲାଙ୍ଗୀର / ବଲାଙ୍ଗୀର ପରିସର | 06652-232657 | 9439868645 | drugsblgr@gmail.com |
| 46 | ଶ୍ରୀ ବାବୁଲାଲ ଟୁଡୁ ଭେଷଜ ନିରୀକ୍ଷକ | ବଲାଙ୍ଗୀର / ବଲାଙ୍ଗୀର – ୨ ରେଞ୍ଜ (I/C) | | 9439868645 | dibolangir2range@gmail.com |
| 47 | ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଭେଷଜ ନିରୀକ୍ଷକ | ବୌଦ୍ଧ / ବୌଦ୍ଧ ରେଞ୍ଜ (I/C) | | 9439372844 | diboudh@gmail.com |
| 48 | ଶ୍ରୀ ପ୍ରଦୀପ କୁମାର ସାହୁ ଭେଷଜ ନିରୀକ୍ଷକ | କଟକ / କଟକ ଗ୍ରାମୀଣ ପରିସର। | 0671-2955544 | 7894592425 | dicuttackrural@gmail.com |
| 49 | ଶ୍ରୀ ତୁଷାର ରଂଜନ ପାଣିଗ୍ରାହୀ ଭେଷଜ ନିରୀକ୍ଷକ | କଟକ / କଟକ-I ପରିସର (I/C) | 0671-2910460 | 9439489436 | drugsinspector1@gmail.com |
| 50 | ହରପ୍ରିୟା ମଲ୍ଲିକ ଭେଷଜ ନିରୀକ୍ଷକ | କଟକ / କଟକ-୨ ପରିସର | 0671-2910470 | 9438739290 | dicuttack2range@gmail.com |
| 51 | ଶ୍ରୀ ଧର୍ମଦେବ ପୁହାଣ ଭେଷଜ ନିରୀକ୍ଷକ | କଟକ / କଟକ – ୩ ପରିସର (I/C) | 0671-2910480 | 9439201517 | dicuttack3@gmail.com |
| 52 | ଶ୍ରୀ ତୁଷାର ରଂଜନ ପାଣିଗ୍ରାହୀ ଭେଷଜ ନିରୀକ୍ଷକ | କଟକ / କଟକ – IV ପରିସର (I/C) | | 9439489436 | dicuttack4@gmail.com |
| 53 | ଶ୍ରୀ ଧର୍ମଦେବ ପୁହାଣ ଭେଷଜ ନିରୀକ୍ଷକ | କଟକ / କଟକ – ଭି ପରିସର (I/C) | | 9439201517 | dicuttack5range@gmail.com |
| 54 | ହରପ୍ରିୟା ମଲ୍ଲିକ ଭେଷଜ ନିରୀକ୍ଷକ | କଟକ / କଟକ – VI ପରିସର | | 9438739290 | dicuttack6range@gmail.com |
| 55 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | କଟକ / କଟକ – VII ପରିସର। | 0671-2910331 | 9437013618, 7008969166 | dictc7@gmail.com |
| 56 | ଶ୍ରୀ କିଶୋର କୁମାର ଗୋଛାୟତ ଭେଷଜ ନିରୀକ୍ଷକ | ଦେଓଗଡ଼ / ଦେଓଗଡ଼ ରେଞ୍ଜ | | 9437223112 | dideogarh008@gmail.com |
| 57 | ଶ୍ରୀମତୀ ପ୍ରଣତି ପ୍ରଭା ସାହୁ ଭେଷଜ ନିରୀକ୍ଷକ | ଢେଙ୍କାନାଳ / ଢେଙ୍କାନାଳ ପରିସର (I/C) | 06762-291068 | 8249090732 | didhenkanal@gmail.com |
| 58 | ଶ୍ରୀ ପ୍ରସନ୍ନ କୁମାର ମଲ୍ଲିକ ଭେଷଜ ନିରୀକ୍ଷକ | ପାରଳାଖେମୁଣ୍ଡି / ଗଜପତି ରେଞ୍ଜ (I/C) | 06815-222010 | 9437862702 | drugsinspector.gajapati@gmail.com |
| 59 | ଶ୍ରୀ ଦେବାଶିଷ କାଲୋ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ-1 ରେଞ୍ଜ (I/C) | 0680-2260377 | 9439788357 | diganjam1range@gmail.com |
| 60 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ – ୨ ରେଞ୍ଜ। | 06811-263046 | 9437232661 | dichatrapur@gmail.com |
| 61 | ଶ୍ରୀ ପ୍ରଶାନ୍ତ କୁମାର ମଲ୍ଲିକ ଭେଷଜ ନିରୀକ୍ଷକ | ଭଞ୍ଜନଗର / ଗଞ୍ଜାମ – 3 ପରିସର (I/C) | 06821-240999 | 9437862702 | di3bhanjanagar@gmail.com |
| 62 | ଶ୍ରୀ ଦେବାଶିଷ କାଲୋ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ – IV ରେଞ୍ଜ (I/C) | | 9439788357 | diganjam4range@gmail.com |
| 63 | ଶ୍ରୀମତୀ ମନସ୍ୱିନୀ ବିଶ୍ୱାଳ ଭେଷଜ ନିରୀକ୍ଷକ | ଜଗତ୍‌ସିଂହପୁର / ଜଗତ୍‌ସିଂହପୁର ରେଞ୍ଜ | 06724-291304 | 7735261717/ 9437474620 | drugsinspector.jagatsinghpur@gmail.com |
| 64 | ଶ୍ରୀ ସଞ୍ଜୟ କୁମାର ହାଁସଦା ଭେଷଜ ନିରୀକ୍ଷକ | ଯାଜପୁର ରୋଡ୍ / ଯାଜପୁର ରେଞ୍ଜ (I/C) | 06726-291280 | 9439368682 | drugsinspectorjajpur@gmail.com |
| 65 | ଶ୍ରୀ ସଞ୍ଜୟ କୁମାର ହାଁସଦା ଭେଷଜ ନିରୀକ୍ଷକ | ଯାଜପୁର ରେଡ୍ / ଯାଜପୁର – ୨ ରେଞ୍ଜ (I/C) | 06726-291284 | 9439368682 | dijajpur2@gmail.com |
| 66 | ଶ୍ରୀମତୀ ସସ୍ମିତା ଦେହୁରୀ ଭେଷଜ ନିରୀକ୍ଷକ | ଝାରସୁଗୁଡ଼ା / ଝାରସୁଗୁଡ଼ା ପରିସର। | | 9776776941 | drugsinspector.jsg@gmail.com |
| 67 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ଭବାନୀପାଟଣା / କଳାହାଣ୍ଡି ପରିସର (I/C) | 06670-030554 | 7978534240 | drugsinspectorkld@gmail.com |
| 68 | ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଭେଷଜ ନିରୀକ୍ଷକ | ଫୁଲବାଣୀ / କନ୍ଧମାଳ ରେଞ୍ଜ | 06842-253827 | 9439372844 | drugsinspectorphulbani@gmail.com |
| 69 | ଶ୍ରୀ ପ୍ରଦୀପ କୁମାର ସାହୁ ଭେଷଜ ନିରୀକ୍ଷକ | କେନ୍ଦ୍ରାପଡ଼ା / କେନ୍ଦ୍ରାପଡ଼ା ରେଞ୍ଜ (I/C) | 06727-291503 | 7894592425 | drugsinspectorkendrapara@gmail.com |
| 70 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | କେନ୍ଦୁଝର / କେନ୍ଦୁଝର ରେଞ୍ଜ (I/C) | 06766-258387 | 9439144662 | di.keonjhar@gmail.com |
| 71 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | କେନ୍ଦୁଝର / କେନ୍ଦୁଝର – II ରେଞ୍ଜ (I/C) | | 9439144662 | di.keonjhar2@gmail.com |
| 72 | ଶ୍ରୀ ସୁଶାନ୍ତ କୁମାର ସାହୁ ଭେଷଜ ନିରୀକ୍ଷକ | ଖୋର୍ଦ୍ଧା / ଖୋର୍ଦ୍ଧା ରେଞ୍ଜ (I/C) | 06755-296085 | 9437962405 | dikhurdarange@gmail.com |
| 73 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ଜୟପୁର / କୋରାପୁଟ ରେଞ୍ଜ (I/C) | 06854-291404 | 7978534240 | koraputdi@gmail.com |
| 74 | ଶ୍ରୀ ପ୍ରିୟରଞ୍ଜନ ନାୟକ ଭେଷଜ ନିରୀକ୍ଷକ | ମାଲକାନଗିରି / ମାଲକାନଗିରି ପରିସର (I/C) | 06861-291865 | 9439517865 | drugsinspector.malk@gmail.com |
| 75 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | ବାରିପଦା / ମୟୂରଭଞ୍ଜ – 5 | 06792-291469 | 9439144662 | dimayurbhanj@gmail.com |
| 76 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | ବାରିପଦା / ମୟୂରଭଞ୍ଜ – 2 ପରିସର | 06792-291944 | 9439144662 | dimayurbhanj2range @gmail.com |
| 77 | ଶ୍ରୀମତୀ ମଳୟା ପ୍ରବାହିନୀ ସାହୁ ଭେଷଜ ନିରୀକ୍ଷକ | ନବରଙ୍ଗପୁର / ନବରଙ୍ଗପୁର ରେଞ୍ଜ | 06856-295229 | 9861968203 | drugsinspector.nbr@gmail.com |
| 78 | ଶ୍ରୀମତୀ ପ୍ରିୟଙ୍କା ଚକ୍ରବର୍ତ୍ତୀ ଭେଷଜ ନିରୀକ୍ଷକ | ନୟାଗଡ଼ / ନୟାଗଡ଼ ପରିସର | 06753-291022 | 9861137886 | dinayagarh.odisha@gmail.com |
| 79 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ନୂଆପଡ଼ା / ନୂଆପଡ଼ା ପରିସର (I/C) | | 7978534240 | drugsinspectornuapada@gmail.com |
| 80 | ଶ୍ରୀ ଅଞ୍ଜନ କୁମାର ସାହୁ ଭେଷଜ ନିରୀକ୍ଷକ | ପୁରୀ / ପୁରୀ ପରିସର | 06752-251266 | 9438507444 | di.purirange@gmail.com |
| 81 | ଶ୍ରୀ ଅଞ୍ଜନ କୁମାର ସାହୁ ଭେଷଜ ନିରୀକ୍ଷକ | ପୁରୀ / ପୁରୀ – ୨ ପରିସର (I/C) | | 9438507444 | di.puri2range@gmail.com |
| 82 | ଶ୍ରୀ ପ୍ରିୟରଞ୍ଜନ ନାୟକ ଭେଷଜ ନିରୀକ୍ଷକ | ରାୟଗଡ଼ା / ରାୟଗଡ଼ା ପରିସର (I/C) | 06856-235003 | 9439517865 | rayagadadi@gmail.com |
| 83 | ଶ୍ରୀମତୀ ଆଝାମଣି ମାରାଣ୍ଡି ଭେଷଜ ନିରୀକ୍ଷକ | ରାଉରକେଲା / ରାଉରକେଲା ପରିସର | 0661-2646600 | 8895165462 | drugsinspector.rourkela@gmail.com |
| 84 | ଶ୍ରୀ ସତ୍ୟନାରାୟଣ ମଲ୍ଲିକ ଭେଷଜ ନିରୀକ୍ଷକ | ସମ୍ବଲପୁର / ସମ୍ବଲପୁର ରେଞ୍ଜ (I/C) | 9437381296 | 8895168987 | disambalpur@gmail.com |
| 85 | ଶ୍ରୀ ଉମାଶଙ୍କର ମେହେର ଭେଷଜ ନିରୀକ୍ଷକ | ସୋନପୁର / ସୁବର୍ଣ୍ଣପୁର ରେଞ୍ଜ | | 9040501907 | disonepur@gmail.com |
| 86 | ଶ୍ରୀମତୀ ସସ୍ମିତା ଦେହୁରୀ ଭେଷଜ ନିରୀକ୍ଷକ | ସୁନ୍ଦରଗଡ଼ / ସୁନ୍ଦରଗଡ଼ ରେଞ୍ଜ (I/C) | 06622-295200 | 9776776941 | drugsinspectorsundargarh@gmail.com |
| 87 | ଶ୍ରୀମତୀ ସୁନିତାରାଣୀ ପାତ୍ର ଭେଷଜ ନିରୀକ୍ଷକ | ଭୁବନେଶ୍ୱର | | 9438676209 | sunitarpatra@gmail.com |
| 88 | ଶ୍ରୀ ବିଦ୍ୟୁତ୍ କୁମାର ଦାଶ ଭେଷଜ ନିରୀକ୍ଷକ | ଭୁବନେଶ୍ୱର | | 9437179648 | dashbidyut@gmail.com |
| 89 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର (I/C) | | 8895478543, 9937256743 | drugscontrolorissa@gmail.com |
| 90 | ଶ୍ରୀ ଜଗନ୍ନାଥ ମଲ୍ଲିକ ଭେଷଜ ନିରୀକ୍ଷକ | ବାଲେଶ୍ୱର / ଉତ୍ତର ଜୋନ୍ (I/C) | | 9439019092, 7008255852 | ddcnorthzone@gmail.com |
| 91 | ଶ୍ରୀ ମୁକେଶ କୁମାର ଧୁରୁଆ ଭେଷଜ ନିରୀକ୍ଷକ | ସମ୍ବଲପୁର / ପଶ୍ଚିମ ଜୋନ୍ (I/C) | | 9437530009 | ddcwzsambalpur@gmail.com |
| 92 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ (I/C) | | 9437232661 | ddcsz.bam@gmail.com |
| 93 | ଶ୍ରୀ ଜଗନ୍ନାଥ ମଲ୍ଲିକ ଭେଷଜ ନିରୀକ୍ଷକ | ବାଲେଶ୍ୱର / ଉତ୍ତର ଜୋନ୍ (I/C) | | 9439019092/ 7008255852 | ddcnorthzone@gmail.com |
| 94 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ (I/C) | | 9437232661 | ddcsz.bam@gmail.com |
| 95 | ଶ୍ରୀ ମୁକେଶ କୁମାର ଧୁରୁଆ ଭେଷଜ ନିରୀକ୍ଷକ | ସମ୍ବଲପୁର / ପଶ୍ଚିମ ଜୋନ୍ (I/C) | | 9437530009 | ddcwzsambalpur@gmail.com |

OIPR-10001/11/0048/2223

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସିପଡ଼ି ଯାତ୍ରୀ ମୃତ

**ରାଉରକେଲା ଅଫିସ,୧୯।୧୦:** ରାଉରକେଲା ଜିଆରପି ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ଫଟାପାଇପ୍ ନିକଟରେ ବୁଧବାର ଚଳନ୍ତା ଟ୍ରେନରୁ ଖସିପଡିବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦିନେଶ କୁମାର ଦାସ(୪୦)। ଜିଆର୍‌ପି ପୋଲିସ ଏକ ମାମଲା (ନଂ.୬୬।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବନ୍ଧମୁଣ୍ଡା ବି' ସେକ୍ଟର ଅଞ୍ଚଳର ଦିନେଶ ନୂଆଗାଁରୁ ତାଙ୍କ ମା'ଙ୍କୁ ଭେଟି ବୁଧବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନରେ ରାଉରକେଲା ଫେରୁଥିଲେ। ଟ୍ରେନଟି ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଦିନେଶ ଟ୍ରେନ୍‌ର କବାଟ ପାଖରେ ଛିଡା ହୋଇଥିବାବେଳେ ଅସାବଧାନତା ଯୋଗୁ ଚଳନ୍ତା ଟ୍ରେନରୁ ଖସି ପଡିଥିଲେ। ଖବର ପାଇ ଜିଆର୍‌ପି ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସ୍ତ୍ରୀ ବିରହରେ ସତ୍ୟବାନଙ୍କ ଆତ୍ମହତ୍ୟା

**ଦେବଗଡ଼,୧୯।୧୦,(ଡି.ଏନ.ଏ.):** ସ୍ତ୍ରୀଙ୍କ ବିରହ ବେଦନା ସହି ନ ପାରି ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମର ଜଣେ ଯୁବକ ବୁଧବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସତ୍ୟବାନ ଦେହୁରୀ (୨୭)। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନା ଅନୁସାରେ, କଲା ଗ୍ରାମ ତଅଁଳା ସାହିର ସତ୍ୟବାନ ଦେହୁରୀ ଗତ ପ୍ରାୟ ୪ ବର୍ଷ ତଳେ ଝାଡ଼ଖଣ୍ଡ ରାଜ୍ୟ ଆନନ୍ଦପୁର ଗ୍ରାମର ଆରତୀ ନାମ୍ନୀ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତେବେ ଗତ ପ୍ରାୟ ୧୦ଦିନ ତଳେ କୌଣସି କାରଣରୁ ଆରତୀ ଶାଶୁଘର ଛାଡି ବାପଘରକୁ ଚାଲିଯିବାରୁ ସତ୍ୟବାନ ମାନସିକ ଭାବେ ଭାଙ୍ଗି ପଡିଥିଲେ। ବୁଧବାର ପୂର୍ବାହ୍ନରେ ସତ୍ୟବାନ ନିଜ ପେଟକୁ ଏକ ଛୁରିରେ ନିଜେ ଭୁସି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସତ୍ୟବାନଙ୍କ ମୃତ୍ୟୁ ଘଟିଥିଲା।

### ରାହାସ ପୂର୍ଣ୍ଣିମା ପାଳନ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ,୧୯।୧୦:** ରାଉରକେଲା ଝିରପାଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆବାହକ ଶିବାନନ୍ଦ ନାଗଙ୍କ ଅଧ୍ୟକ୍ଷତାରେ ବୁଧବାର ରାହାସ ପୂର୍ଣ୍ଣିମା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମିତ୍ରଭାନୁ ପଣ୍ଡା ଓ ରଞ୍ଜିତ ବୋଷ ସଭାପତିତ୍ୱ କରିଥିଲେ। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ମିତ୍ରଭାନୁ ପଣ୍ଡା ଅଧ୍ୟକ୍ଷ, ଉପାଧ୍ୟକ୍ଷ ଚାମୁ ସିଂ, ସଭାପତି ନୀଳମଣି ମୁଣ୍ଡାରୀ, ଉପସଭାପତି ବିଜୁ ଖଡିଆ, କାର୍ଯ୍ୟକାରୀ ସଭାପତି ଫୁଲଚାନ୍ଦ କୁମ୍ଭାର, ସମ୍ପାଦକ ମନୋଜ ସାମଲ, ସହ ସମ୍ପାଦକ ଶିବାନନ୍ଦ ନାଗ, ସୁଜିତ ବାରିକ, ରବୀନ୍ଦ୍ର କୁମ୍ଭାର, ବିଶ୍ୱମ୍ଭର କୁମ୍ଭାର, ସାଂସ୍କୃତିକ ସମ୍ପାଦକ ଭାବେ ରଞ୍ଜିତ କୁମାର ବୋଷ, ଅଜିତ ମିଶ୍ର, ଶରତ ଚନ୍ଦ୍ର ପଣ୍ଡା, ହାଲୁ ମୁଣ୍ଡାରୀ, ଲକ୍ଷ୍ମଣ ତନ୍ତୀ, ସୁରା ଓରାମ, ଶରତ ପଣ୍ଡା, ସୁରେଶ ମହାଲି, ରାଜେଶ ଆଚାର୍ଯ୍ୟ, ଜୟନ୍ତ ପତି ଚୟନ ହୋଇଛନ୍ତି। ନଭେମ୍ବର ୮ରେ ରାହାସ ପୂର୍ଣ୍ଣିମା ପାଳନ ହେବ ବୋଲି କମିଟି ଅଧ୍ୟକ୍ଷ ପଣ୍ଡା କହିଥିଲେ।

### ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା ଶିବିର

**ଲହୁଣୀପଡ଼ା,୧୯।୧୦(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡାସ୍ଥିତ ସରକାରୀ ଲାଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଦିନ ସର୍ବଶିକ୍ଷା ଅଭିଯାନ ତରଫରୁ ସୁନେତ୍ର ଯୋଜନାରେ ଛାତ୍ରୀଛାତ୍ରମାନଙ୍କର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ବିଇଓ ଭଗବାନ ବାଙ୍କୀରା,ଏବିଇଓ ଇମା କ୍ରିପା ମିଞ୍ଜ, ନରହରି କିଷାନ, ଡା. ସୁଧାଂଶୁ ଶେଖର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବଣେଇ ଓ ଲହୁଣୀପଡ଼ା ଡାକ୍ତରଖାନା ଚକ୍ଷୁ ବିଭାଗର ଦେବେନ୍ଦ୍ର କୁମାର ନାୟକ, ଯୋଗେଶ୍ୱର ମାହାନ୍ତ ଓ ତାଙ୍କର ସହଯୋଗୀ ଛାତ୍ରୀଛାତ୍ରମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରିବା ସହିତ ଯେଉଁ ଛାତ୍ରୀଛାତ୍ରମାନଙ୍କର ଚଷମା ଓ ଅସ୍ତ୍ରୋପଚାର ଆବଶ୍ୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ବହୁ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରାଇଥିଲେ । ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।

# ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ

**ସୁନ୍ଦରଗଡ, ୧୯।୧୦(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ସୁନ୍ଦରଗଡ ଜିଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ରୋକିବା ଏବଂ ସବୁ କିଶୋରୀଙ୍କୁ ସ୍କୁଲ ଯିବା ଲାଗି ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ସଚେତନତା କରାଯିବ। ବୁଧବାର ଦିନ ସୁନ୍ଦରଗଡ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ଜିଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ବୈଠକରେ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ୟୁନିସେଫ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଆକ୍ସନଏଡ ସହଯୋଗିତାରେ ଜିଲା ପ୍ରଶାସନ ପକ୍ଷରୁ ଏହି ବୈଠକ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡି କେନ୍ଦ୍ର ସ୍ତରରେ କିଶୋରୀ/କିଶୋରମାନଙ୍କୁ ନେଇ ବଛା ଯାଇଥିବା 'ସଖି ସହେଲି' ଏବଂ 'ସଖା ବନ୍ଧୁ'ମାନେ ଏଥିରେ ଯୋଗ ଦେଇଥିଲେ। ନିଜ ନିଜ ଅଞ୍ଚଳରେ କୌଣସି ବାଲ୍ୟ ବିବାହ ଘଟଣାକୁ ରୋକିବାରେ ଏହି ସଖି ସହେଲି ଏବଂ ସଖା ବନ୍ଧୁମାନେ ଭୂମିକା ନେବେ। ଏଥିପାଇଁ ସେମାନଙ୍କୁ ବୈଠକରେ ଆବଶ୍ୟକ ପରାମର୍ଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହକୁ ନା କହିବା ଉପରେ ଏକ ଅଭିଯାନ ଆରମ୍ଭ କରାଯାଇଛି। ଏହାକୁ ଜିଲାରେ କାର୍ଯ୍ୟକାରୀ କରିବା ଲାଗି ସଖି ସହେଲି ଏବଂ ସଖା ବନ୍ଧୁମାନଙ୍କୁ କୁହାଯାଇଛି। ବାଲ୍ୟ ବିବାହ ମୁକ୍ତ ଗାଁ ଏବଂ ଗ୍ରାମପଞ୍ଚାୟତ କିପରି ଗଠନ

**ଜିଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ବୈଠକ**

ହୋଇପାରିବ ସେ ଦିଗରେ ଅଧିକ ଯତ୍ନଶୀଳ ହେବା ଲାଗି ମଧ୍ୟ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଅଙ୍ଗନବାଡି କେନ୍ଦ୍ର ସ୍ତରରେ ସପ୍ତାହରେ ଥରେ ଅଦ୍ୱିକା କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସ୍ଥାନୀୟ ଅଞ୍ଚଳର କିଶୋରୀ ବାଳିକାମାନଙ୍କୁ ବ୍ୟକ୍ତିଗତ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପରିଚ୍ଛନ୍ନତା, ଆର୍ଥିକ ସାକ୍ଷରତା, ସୁରକ୍ଷା ଆଦି ବିଷୟରେ ସଚେତନ କରାଯାଉଛି। ଏଥିରେ ସଖି ସହେଲି ଏବଂ ସଖା ବନ୍ଧୁମାନେ ନିୟମିତ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ସ୍ୱତନ୍ତ୍ର 'ଅଦ୍ୱିକା' ଆପ୍‌ର ବ୍ୟବହାର ସମ୍ପର୍କରେ ସେମାନଙ୍କୁ ବୁଝାଯାଇଥିଲା। ଏହି ବୈଠକରେ ଶିଶୁମାନଙ୍କର ଶିକ୍ଷା, ସୁରକ୍ଷା ଏବଂ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଖି ସହେଲି ଏବଂ ସଖା ବନ୍ଧୁମାନେ ବାଲ୍ୟ ବିବାହ ରୋକିବା ବେଳେ ଆସୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ। ବୈଠକରେ ଉପସ୍ଥିତ ଥିବା ଅଧିକାରୀ ଏବଂ ସାମାଜିକ କର୍ମୀମାନେ ଏହାର ସମାଧାନର ରାସ୍ତା ସେମାନଙ୍କୁ ବତାଇଥିଲେ। ଶେଷରେ ନିଜ ନିଜ ଅଞ୍ଚଳରେ ବାଲ୍ୟ ବିବାହ ରୋକିବା ଦିଗରେ ବିଶେଷ ପଦକ୍ଷେପ ନେବା ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ। ଜିଲାସ୍ତରୀୟ ଏହି ବୈଠକରେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା, ଆଇସିଡିଏସ ପ୍ରୋଗ୍ରାମ ଅଫିସର ଚୁଲେଶ୍ୱରୀ ପଟେଲ, ସ୍ୱେଚ୍ଛାସେବୀ ସଙ୍ଗଠନ ଆକ୍ସନଏଡର ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନଙ୍କ ସହିତ ସିଡିପିଓ, ଆଇସିଡିଏସ ସୁପରଭାଇଜର ଓ ଅଙ୍ଗନବାଡି କର୍ମୀମାନେ ଯୋଗ ଦେଇଥିଲେ।

### ହାତୀ ଆକ୍ରମଣରେ ମହିଳା ଗୁରୁତର

**କୁତ୍ରା,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବଡଗାଁ ବନାଞ୍ଚଳ ଡାହିଜିରା ଗ୍ରାମରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ପୁଲିତା ଗୁଡିଆ (୫୫) । ସୂଚନା ଅନୁଯାୟୀ, ବୁଧବାର ଭୋର ସାଢେ ୫ଟାରେ ଡାହିଜିରା ଗିଜା ପଡାର ପୁଲିତା ଶୌଚ ପାଇଁ ଘରଠାରୁ ଅଳ୍ପ ଦୂରରେ ଥିବା ବୁଦାଳିଆ ସ୍ଥାନକୁ ଯାଇ ଫେରୁଥିବା ବେଳେ ଏକ ୭ ଟିକିଆ ହାତୀପଲ ସହ ମୁହାଁମୁହିଁ ହୋଇଥିଲେ। ଆଗରେ ଥିବା ଏକ ହାତୀ ତାଙ୍କୁ ଶୁଣ୍ଢରେ ଠେଲି ଦେଇ ଚାଲି ଯାଇଥିଲା ଫଳରେ ସେ ତଳେ ପଡିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏହି ବଣୁଆ ହାତୀପଲ ଡାହିଜିରା ଗ୍ରାମ ନିକଟସ୍ଥ ଶାଳ ବଣରେ ରହିଛନ୍ତି। କିଛିଦିନର ବ୍ୟବଧାନ ପରେ କୁତ୍ରା ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖାଦେବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସନ୍ଧ୍ୟା ହେବା ମାତ୍ରେ ଲୋକେ ଘରୁ ବାହାରିବାକୁ ନିରାପଦ ମନେ କରୁନାହାନ୍ତି ।ତେବେ ବନ ବିଭାଗର ଅବହେଳା ପାଇଁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଲାଞ୍ଚ ନେଇ ଧରାପଡ଼ିଲେ ଟ୍ୟାକ୍ସ କଲେକ୍ଟର

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୧୯।୧୦(ଡି.ଏନ.ଏ.)**

ହୋଲ୍‌ଡିଂ ଟ୍ୟାକ୍ସ କମ୍ କରି ନୂଆ ନମ୍ବର କରାଇ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୧୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ମ୍ୟୁନିସିପାଲିଟିର ଟ୍ୟାକ୍ସ କଲେକ୍ଟର ଏମ.ଡି. ନାସିର ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ପ୍ରକାଶ ଯେ, ରାଜଗାଙ୍ଗପୁରର ଦୀପକ ଠାକୁରଙ୍କ ବାପାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ଗତ ତିନି ବର୍ଷର ହୋଲ୍‌ଡିଂ ଟ୍ୟାକ୍ସକୁ କମ୍ କରି ଦୀପକଙ୍କ ନାମରେ ନୂତନ ହୋଲ୍‌ଡିଂ ନମ୍ବର କରାଇ ଦେବା ପାଇଁ କହି


ଗିରଫ ଏମ.ଡି. ନାସିର ।

ଟ୍ୟାକ୍ସ କଲେକ୍ଟର ଜଣକ ଏହି ଅର୍ଥ ଦାବି କରିଥିଲେ । ଏନେଇ ଦୀପକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବାହ୍ନରେ ଟ୍ୟାକ୍ସ କଲେକ୍ଟର ନାସିର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଦୀପକଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରି ଲାଞ୍ଚ ଟଙ୍କା ଜବତ କରିଥିଲେ। ନାସିରଙ୍କ ଚାକିରି କାଳ ଆଉ ମାତ୍ର ୨ବର୍ଷ ଅଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନା କେସ ନଂ ୨୩/୨୦୨୨ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ନାସିରଙ୍କୁ ଗିରଫ ପରେ ସନ୍ଧ୍ୟାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଥିଲା। ମାଜିଷ୍ଟ୍ରେଟ ତାଙ୍କ ଜାମିନ ନାମଞ୍ଜୁର କରି ବିଚାର ବିଭାଗ ଜେଲ ହାଜତକୁ ପଠାଇ ଦେଇଥିବା ଜଣାଯାଇଛି ।

## ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା



ବିଜେଡିର ପଦଯାତ୍ରା ।

**ସୁନ୍ଦରଗଡ,୧୯।୧୦(ଡି.ଏନ.ଏ .)**

ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀ ଟାଙ୍ଗରପାଲି ବ୍ଲକ 'ଖ' ଜିଲା ପରିଷଦ ଜୋନ ଅନ୍ତର୍ଗତ ରତନପୁର ପଞ୍ଚାୟତରେ ବୁଧବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଏବଂ ସୁନ୍ଦରଗଡ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପଦଯାତ୍ରା ହୋଇଥିଲା । ବାଲିଜୋରୀଠାରୁ କିଆକଛାର ଗ୍ରାମ ଦେଇ ରତନପୁର ପର୍ଯ୍ୟନ୍ତ ହୋଇଥିବା ଏହି ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ଏଥିରେ ଜିଲା ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ରତନପୁର ସରପଞ୍ଚ ଉବଲ ପଧାନ, ରତନପୁର ସମିତି ସଭ୍ୟ ମଞ୍ଜୁଲତା ଓରାମ, ଜିଲା ଛାତ୍ର ସଭାପତି ସୟଦ ସେହବାଜ ହୁସେନ, ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ସାମିଲ ଥିଲେ । ଏହାଛଡା ସୁମନ୍ତ ପଣ୍ଡା ,ଯୁବ ନେତା ସୀତାକାନ୍ତ ପଟେଲ, ବ୍ଲକ ବିଜେଡି ଯୁବ ସଭାପତି ଅଜିତ ସିଂହ, କାଉନସିଲର ଅନିଲ ମହାପାତ୍ର, ସୁନୀଲ ମହାପାତ୍ର, କୌଶିକ ପଟେଲ, ବୈରାଗୀ ସାହୁ ,ଆଶିଷ ପଶାୟତ, ବୁଲୁ ପଣ୍ଡା, ନିଖିଲ ସାହୁ, ଶୁଶାନ୍ତ ଦେବ, ଫୈଜନ ଖାନ, ହିମାଂଶୁ ଦାସଙ୍କ ସମେତ ମେଘଡେଗା, ମହୁଲପାଲି, ଟାଙ୍ଗରପାଲି, ରତନପୁର, ସାନପତ୍ରାପାଲି, ତସଲାଡିହି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ପଦଯାତ୍ରାରେ ସାମିଲ ଥିଲେ।

### ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଦେବଗଡ଼,୧୯।୧୦(ଡି.ଏନ.ଏ)**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଏବଂ ଦେବଗଡ ଜିଲା ପରିଷଦ ଆନୁକୂଲ୍ୟରେ ସିଏସ୍‌ଡିଆର୍ ସଂସ୍ଥା ସହଯୋଗରେ ସ୍ଥାନୀୟ କେଭି ରେସିଡେନ୍ସି ଠାରେ ନବନିର୍ବାଚିତ ସରପଞ୍ଚମାନଙ୍କ ପାଇଁ ୫ ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ଦେବଗଡ ଜିଲାପାଳ ସୋମେସ ଉପାଧ୍ୟାୟ ଓ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ପ୍ରୋଗ୍ରାମ ମ୍ୟାନେଜର ଦୀପକ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଏସ୍‌ଡିଆର୍‌ର ସମ୍ପାଦିକା ରୀତାରାଣି ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାପାଳ ଉପାଧ୍ୟାୟ ତ୍ରି-ସ୍ତରୀୟ ପଞ୍ଚାୟତିରାଜ୍ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ସରପଞ୍ଚମାନଙ୍କୁ ବୁଝାଇବା ସହ ଗ୍ରାମ ପଞ୍ଚୟତର ବିକାଶ କ୍ଷେତ୍ରରେ ସେମାନଙ୍କ ଭୂମିକା ଏବଂ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶେଷରେ ସିଏସ୍‌ଡିଆର୍‌ର ଚେୟାରମ୍ୟାନ ଜଗନ୍ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରର ପ୍ରଥମ ଦିବସରେ ରିଆମାଳ ଓ ତିଳେଇବଣି ବ୍ଲକର ୩୫ ଜଣ ସରପଞ୍ଚ ଅଂଶଗ୍ରହଣ କରିଥିଲେ।

## ଜିଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା କମିଟି ବୈଠକ



ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୧୯।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଅଧ୍ୟକ୍ଷତାରେ ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଉନ୍ନୟନ କମିଟି ସଦସ୍ୟ କୌଶିକ ପ୍ରଧାନ, ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ ଓ ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆସନ୍ତା ନଭେମ୍ବର ମାସରୁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ବନ୍ଧ କଟାର ପୁନରୁଦ୍ଧାର, ଗ୍ରାମ୍ୟ ସଂଯୋଗୀକରଣ ରାସ୍ତା, ଚେକ୍ ଡ୍ୟାମ୍ ତିଆରି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାବ୍ୟତୀତ ଗୋ ପାଳନ, ଛେଳି ପାଳନ, ଛତୁ ଚାଷ, ମହୁ ଚାଷ, ମାଛ ଚାଷ, ରଙ୍ଗିନ ମାଛ ଚାଷ ଓ କୁକୁଡ଼ା ଚାଷ କରୁଥିବା ଚାଷୀମାନଙ୍କୁ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ଅବଗତ କରାଗଲା। ଏହାବ୍ୟତୀତ ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା, ଆବାସ, ଆଦର୍ଶ ଗ୍ରାମ, କୃଷି ସେତୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା ସମେତ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନା ଉପରେ ଉପସ୍ଥିତ ଅଧିକାରୀମାନେ ସୂଚନା ପ୍ରଦାନ ଦେବା ସହ ଯୋଜନାଗୁଡିକର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ବୈଠକରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ସାହୁ, ତିଳେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଯୋଗ ଦେଇଥିଲେ। ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଟ୍ରକ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

**ସୁନ୍ଦରଗଡ,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ ସହର ଉପକଣ୍ଠ ବିଜୁ ଏକ୍ସପ୍ରେସ ୱେର ଭବାନୀପୁର ନିକଟରେ ବୁଧବାର ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଳଦୀପ ସିଂହ(୪୦) । ତାଙ୍କ ଘର ଝାରସୁଗୁଡା ଜିଲାରେ। ସେ ସୁନ୍ଦରଗଡକୁ କୌଣସି କାମରେ ଆସି ଓଡି-୨୩-ଇ-୩୩୬୫ ନମ୍ବର ସ୍କୁଟି ଯୋଗେ ତାଙ୍କର ଜଣେ ସମ୍ପର୍କୀୟ ଯୁବତୀଙ୍କ ସହ ଫେରୁଥିବା ବେଳେ ଭବାନୀପୁର ନିକଟରେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ଟ୍ରକଟି ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ସହ ଚାଳକ ଫେରାର ହୋଇଯାଇଛି। ଏହି ଦୁର୍ଘଟଣାରେ ସ୍କୁଟିରେ ବସିଥିବା ଯୁବତୀ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯୁବତୀଙ୍କ ଘର ବଡଗାଁ ଜରଙ୍ଗଲୋଇ ଅଞ୍ଚଳରେ ବୋଲି ଜଣାଯାଇଛି। ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଭାଜପା ବାଣ୍ଟିଲା ଯକ୍ଷ୍ମା କିଟ୍

**ଦେବଗଡ଼,୧୯।୧୦(ଡି.ଏନ.ଏ):** ଦେବଗଡ ଜିଲା ଭାଜପା ଏସ୍.ସି. ସେଲ୍ (ଅନୁସୂଚିତ ଜାତି ମୋର୍ଚ୍ଚା) ପକ୍ଷରୁ ଜିଲାର ୧୦ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ କିଟ୍ ବିତରଣ କରାଯାଇଛି। ବୁଧବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯକ୍ଷ୍ମା କିଟ୍ ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଭାଜପା ଏସ୍.ସି. ସେଲ୍ ସଭାପତି ପ୍ରଜିତ କୁମାର ଭୋଜ ଓ ସାଧାରଣ ସମ୍ପାଦକ ଦେବାନନ୍ଦ ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ସାଧନା ଦାଶ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯକ୍ଷ୍ମା ରୋଗୀଙ୍କୁ କିଟ୍ ବିତରଣ କରାଯାଇଥିଲା।

## କ୍ଷେତ ପୁଷ୍କରିଣୀ ହିତାଧିକାରୀଙ୍କୁ ମାଛ ଯାଆଁଳ ପ୍ରଦାନ

**ଲହୁଣୀପଡା,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ବିଭିନ୍ନ ଗ୍ରାମରେ ଏମଜିଏନଆରଇଜିଏସ ଯୋଜନାରେ ଖୋଳା ଯାଇଥିବା କ୍ଷେତ ପୁଷ୍କରିଣୀଗୁଡିକର ହିତାଧିକାରୀଙ୍କୁ ମାଛ ଯାଆଁଳ ବଣ୍ଟନ କରାଯାଇଥିବା ଜଣାପଡିଛି। ମୃତ୍ତିକା ସଂରକ୍ଷଣ ବିଭାଗର ରେଞ୍ଜ ଅଫିସର ଶିବ ପ୍ରସାଦ ଦାସ ଓ ବ୍ଲକ ମତ୍ସ୍ୟ ବିଭାଗ ତରଫରୁ ଜେଏଫଟିଏ ସୁମିତା କିଣ୍ଡୋଙ୍କ ତତ୍ତ୍ୱାବଧାନରେ କ୍ଷେତ ପୁଷ୍କରିଣୀ ହିତାଧିକାରୀମାନଙ୍କୁ ମାଛ ଯାଆଁଳ ପ୍ରଦାନ କରାଯାଇଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କେତେକ ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଖୋଳା ଯାଇଥିବା କ୍ଷେତ ପୁଷ୍କରିଣୀର ହିତାଧିକାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ମାଛ ଯାଆଁଳ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।


ହିତାଧିକାରୀଙ୍କୁ ମାଛ ଯାଆଁଳ ପ୍ରଦାନ କରାଯାଉଛି ।

## ବନ୍ଧୁକ ଚାଳନାରେ ବିକାଶ ମୁଣ୍ଡାଙ୍କ କୃତିତ୍ୱ

**ଲହୁଣୀପଡ଼ା,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜୀଂ ପଞ୍ଚାୟତ ଗଡଡୁଣୀପୋଷ ଗ୍ରାମର ସିଂ ରାୟ ମୁଣ୍ଡା ଓ ଚାନ୍ଦ ମୁଣ୍ଡାଙ୍କ ପୁଅ ବିକାଶ ମୁଣ୍ଡା ଭାରତୀୟ ସ୍ଥଳ ସୈନିକ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଲହୁଣୀପଡ଼ା ସମେତ ବଣେଇ ଉପଖଣ୍ଡ ପାଇଁ ଗୌରବ ଆଣି ଦେଇଛନ୍ତି । ସେ ରାଉରକେଲା ସରକାରୀ କଲେଜର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର। ଏହା ପୂର୍ବରୁ ବଣେଇଗଡ଼ସ୍ଥିତ ରାଜା ଧରଣୀଧର ହାଇସ୍କୁଲରେ ଶିକ୍ଷା ଗ୍ରହଣ କରି ଏନସିସିରେ ଭାଗ ନେଇଥିଲେ। ଶିକ୍ଷକ ରମେଶ ସେଠୀଙ୍କ ତତ୍ତ୍ୱାବଧାନରେ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସିଲେକ୍ସନ ହୋଇ ରାଉରକେଲାସ୍ଥିତ ନବମ ଓଡିଶା ବାଟାଲିୟନର ବନ୍ଧୁକ ଚାଳନା କରି କୃତିତ୍ୱ


ଛାତ୍ର ବିକାଶ ମୁଣ୍ଡା ।

ହାସଲ କରିଥିଲେ । ପରେ ସମ୍ବଲପୁର ଓ କଟକଠାରେ ମଧ୍ୟ ବନ୍ଧୁକ ଚାଳନାରେ ସଫଳତା ହାସଲ କରିଥିଲେ। ଗତମାସ ୪ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ଠାରେ ଅନୁଷ୍ଠିତ ଭାରତୀୟ ସ୍ଥଳ ସୈନିକ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶାରୁ ପ୍ରାୟ ୪୯ ଜଣ ଅଂଶଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ସୁନ୍ଦରଗଡ ଜିଲାରୁ ପ୍ରାୟ ୧୦ଜଣ ଅଂଶଗ୍ରହଣ କରିଥିଲେ। ନାଏବ ସୁବେଦାର ରାମ ଲକ୍ଷ୍ମଣ ମୁର୍ମୁ , ବୀର ସିଂ,ବଳବନ୍ତ ସିଂ ଓ ହାବିଲଦାର ମୁନୁ କୁମାର ଭଗତଙ୍କ ତତ୍ତ୍ୱାବଧାନରେ ବିକାଶ ଦିଲ୍ଲୀରେ ଅନୁଷ୍ଠିତ ବନ୍ଧୁକ ଚାଳନାରେ ଭାଗ ନେଇ କୃତିତ୍ୱ ହାସଲ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଲହୁଣୀପଡ଼ା ଅଞ୍ଚଳରେ ଖୁସିର ଲହରୀ ଖେଳିଯିବା ସହିତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ସଂକ୍ଷେପରେ

### ଶବ୍ଦଗଙ୍ଗାର ଊନତ୍ରିଂଶତମ ସଂଖ୍ୟା ଲୋକାର୍ପିତ

**ସମ୍ବଲପୁର,୧୯।୧୦(ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମାସିକ ଅନଲାଇନ ସାରସ୍ୱତ ମୁଖପତ୍ର ଶବ୍ଦଗଙ୍ଗାର ଊନତ୍ରିଂଶତମ ସଂଖ୍ୟା ବୁଧବାର ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ କରକମଳରେ ଲୋକାର୍ପିତ ହୋଇଛି। ଜିଏମ୍‌ୟୁ ବାଣିଜ୍ୟ ବିଭାଗର ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର ଆୟୁଷ ବଡ଼ାଇ ଅତିଥି ଭାବେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିବା ସହ ପତ୍ରିକାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ବର୍ଷାରାଣୀ ନନ୍ଦ, ସୀମା ଶତପଥି, ଆଶାଜ୍ୟୋତି ଦାସ, ଜଗନ୍ନାଥ ମେହେରଙ୍କ ସମେତ ପପୁନ ଭୋଇ, ତୃଷ୍ଣା ଦାଶ ଓ ଗବେଷିକା ହୀରାବତି ବିଶ୍ୱାଳ ଶବ୍ଦଗଙ୍ଗାର ବହୁମୁଖୀ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ଶେଷରେ ସହଯୋଗୀ ବବୁନ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

### ରେଳବାଇ ନିରାପତ୍ତା ଆୟୁକ୍ତଙ୍କ ନିରୀକ୍ଷଣ ଆଜି

**ସମ୍ବଲପୁର,୧୯।୧୦(ବ୍ୟୁରୋ):** ଦକ୍ଷିଣପୂର୍ବ ସର୍କଲ ରେଳବାଇ ନିରାପତ୍ତା ଆୟୁକ୍ତ ଏଏମ୍ ଚୌଧୁରୀ ଗୁରୁବାର ବିକାଶ କାର୍ଯ୍ୟ ନିରୀକ୍ଷଣ କରିବେ। ସମ୍ବଲପୁର ରେଳ ପ୍ରକଳ୍ପର ଟିଟିଲାଗଡ଼-ବିଜୟନଗରମ ତୃତୀୟ ଲାଇନ ପ୍ରକଳ୍ପର ରୂପ୍ରା ରୋଡ-ଲାଞ୍ଜିଗଡ଼ ରୋଡ ସେକ୍ସନର ତୃତୀୟ ଲାଇନ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିବେ। ଏଥିସହ ସ୍ପିଡ ଟ୍ରାଏଲ ମଧ୍ୟ କରାଯିବ। ତେଣୁ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜନସାଧାରଣ ଉକ୍ତ ସେକ୍ସନର ରେଳଲାଇନ ଦେଇ ଯିବାଆସିବା ନକରିବାକୁ ରେଳ ବିଭାଗ ପକ୍ଷରୁ ବୁଧବାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି।

### ସତ୍ୟନାରାୟଣ ଠାକୁରଙ୍କୁ ସେବା ଯୋଜନା ପୁରସ୍କାର

**ସମ୍ବଲପୁର,୧୯।୧୦(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ୨୦୨୦-୨୧ ଓ ୨୦୨୧-୨୨ ପାଇଁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ବଲପୁର ଜିଲା ମାନେଶ୍ୱର ମାନଧାତା ବାବା କଲେଜ ଇତିହାସ ବିଭାଗ ଅଧାପକ ଡ. ସତ୍ୟନାରାୟଣ ଠାକୁର ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ଜୟଦେବ ଭବନଠାରେ ସ୍ୱତନ୍ତ୍ର ଉତ୍ସବ ହୋଇଥିଲା। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ମୋ କଲେଜ ଅଭିଯାନ ମୁଖ୍ୟ ଆକାଶ ଦାଶ, ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଚିହ୍ନଟ

**ବ୍ରଜରାଜନଗର,୧୯।୧୦(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଖଲିଆକନି ଛକଠାରେ ସ୍ୱର୍ଗତ ବିଧାୟକ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗା ଚିହ୍ନଟ କରାଯାଇଛି। ସ୍ଥାନୀୟ ବିଧାୟିକା ଅଲକା ମହାନ୍ତି ବିଜେଡି କର୍ମୀମାନଙ୍କ ସହିତ ପରାମର୍ଶ କରି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଖଲିଆକାନୀ ହସ୍ପିଟାଲ ସମ୍ମୁଖରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥିର କରିଛନ୍ତି। ପରେ ବିଧାୟିକା ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାମର ତଦାରଖ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ନଗର ସଭାପତି ରାଧାକାନ୍ତ ପ୍ରଧାନ, ବରିଷ୍ଠ କର୍ମୀ କୁଳମଣି ଦାସ, ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସମ୍ପୂର୍ଣ୍ଣ ଫ୍ଲାଏଓଭର ବ୍ରିଜ୍ ଲୋକାର୍ପଣ ପାଇଁ ସଜବାଜ

**ସମ୍ବଲପୁର,୧୯।୧୦(ବ୍ୟୁରୋ)**

## ବିରୋଧ ଭୟ, ପ୍ରଚାର କରୁନାହିଁ ବିଭାଗ

ଚର୍ଚ୍ଚାରେ ରହିଥିବା ସମ୍ବଲପୁର ସହର ଫ୍ଲାଏଓଭର ପ୍ରକଳ୍ପ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଅକ୍ଟୋବର ୨୦ରୁ ୨୨ ତାରିଖ ଭିତରେ ନିକଟସ୍ଥ ଜିଲାରେ ଜଣେ ମନ୍ତ୍ରୀ ଉପସ୍ଥିତ ରହି ଉଦ୍‌ଘାଟନ କରିବେ ବୋଲି ଆଲୋଚନା ହେଉଛି। ହେଲେ ଏ ସମ୍ପର୍କରେ ପୂର୍ତ୍ତବିଭାଗ ମୁହଁ ଖୋଲୁ ନାହିଁ।

ପୂର୍ବରୁ ଏହିପରି ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଯୋଜନା କରାଯାଇଥିଲା। କିନ୍ତୁ ବିରୋଧ ହେବାରୁ ସ୍ଥଗିତ ରଖାଯାଇଥିଲା। କାଳେ ସେଭଳି ବିରୋଧ ହେବ କିମ୍ବା ଉଦ୍‌ଘାଟନ ସମୟରେ ସମସ୍ୟା ହେବ ସେହି ଭୟରେ ବିଭାଗ ସ୍ପଷ୍ଟ କରୁ ନ ଥିବା ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ବ୍ରିଜ୍‌କୁ ସଫା କରି ରଙ୍ଗୋଲି କରାଯାଉଛି। ବିଦ୍ୟୁତ୍ କରଣ ପରୀକ୍ଷା କରାଯାଇଛି। ଘନ ଘନ ପୂର୍ତ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳକୁ ଯାଇ କାମର ତଦାରଖ କରୁଛନ୍ତି। ଏଭଳି ଖବର ସହରରେ ପ୍ରଚାର ହୋଇଛି। ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ କାହା ସ୍ୱାର୍ଥରେ ଲୋକାର୍ପଣ କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସର୍ଭିସ ରାସ୍ତା, ଡ୍ରେନ୍, ଲାଇଟ୍ ବ୍ୟବସ୍ଥା, ବ୍ରିଜ୍ ଉପରେ ସୁରକ୍ଷା ବ୍ୟବସ୍ଥା କରିବା ଭଳି କେତେକ କାମ ବାକି ରହିଛି। ସର୍ଭିସ ରାସ୍ତା ପାଇଁ ଜମି ଅଧିଗ୍ରହଣ ପକ୍ରିୟା କରାଯାଇଛି। ଅର୍ଦ୍ଧନିର୍ମିତ ପ୍ରକଳ୍ପ ଉଦ୍‌ଘାଟନ ହୋଇଯିବା ପରେ କେହି ଆଉ ଏଥିପ୍ରତି ଦୃଷ୍ଟି ଦେବେ ନାହିଁ। ତେଣୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଉଦ୍‌ଘାଟନ କରାଯାଉ ବୋଲି ଦାବି ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ସମ୍ବିତ ନାୟକ କହିଛନ୍ତି, ଫ୍ଲାଏଓଭର ପ୍ରକଳ୍ପ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ। ବାକି କାମଗୁଡିକ ମଧ୍ୟ ଶେଷ କରାଯିବ ବୋଲି କହିଥିଲେ।



ଫ୍ଲାଏଓଭର ବ୍ରିଜ୍ ଉଦ୍‌ଘାଟନ ପାଇଁ ରଙ୍ଗୋଲି କରାଯାଉଛି ।

# ଆଇନଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲେ ଉତ୍ସର୍ଗ ପ୍ରତିନିଧି



ଦାବିପତ୍ର ଦେବାପାଇଁ ଉତ୍ସର୍ଗ ପ୍ରତିନିଧି ଦଳ ଯାଉଛନ୍ତି ।

**ସମ୍ବଲପୁର,୧୯।୧୦(ବ୍ୟୁରୋ)**

ସମ୍ପ୍ରତି ସମ୍ବଲପୁର ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ପଷ୍ଟ ଦିବାଲୋକରେ ଛୁରାମାଡ଼, ଲକ୍ଷାଧିକ ଟଙ୍କା ଲୁଟ ହେଉଛି। ମଦ୍ୟପାନ କରି ଯୁବକମାନେ ରାସ୍ତାରେ ପଥଚାରୀଙ୍କୁ ହଇରାଣ କରୁଛନ୍ତି । ସ୍ମାର୍ଟଫୋନ ଲୁଟ ନିତିଦିନ ହେଉଛି। ଏହାକୁ ନେଇ ସହରବାସୀ ଭୟଭୀତ ହେଉଛନ୍ତି। ଏ ନେଇ ଜିଲା ପୋଲିସ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉତ୍ସର୍ଗ ପ୍ରତିନିଧି ଦଳ ଏସ୍‌ପି ବାତୁଲା ଗଙ୍ଗାଧରଙ୍କଠାରେ ଦାବି କରିଛନ୍ତି। ଏ ନେଇ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରଫୁଲ୍ଲ କୁମାର ହୋତା, ଡ. ବିଜୟ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପାଢୀଯୋଶୀ, ରୁଦ୍ରନାରାୟଣ ମିଶ୍ର, ସୂର୍ଯ୍ୟ ପଟ୍ଟନାୟକ, ଅଶୋକ ପଣ୍ଡା, ପ୍ରବୀଣ ଦିକ୍ଷିତ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

# ଭାଜପା ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର




ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

**କୁଚିଣ୍ଡା,୧୯।୧୦(ଡି.ଏନ.ଏ.)**

## ବନ୍ଦ ଥିବା ସ୍କୁଲ ଖୋଲିବା ଦାବି

ପ୍ରାଥମିକ ଶିକ୍ଷାକୁ ସରକାର ଅଗ୍ରାଧିକାର ଦେଉଥିବା ବେଳେ ବିଭିନ୍ନ ଆଳ ଦେଖାଇ କୁଚିଣ୍ଡା ଉପଖଣ୍ଡରେ ୯୫ରୁ ଊର୍ଦ୍ଧ୍ୱ ପ୍ରାଥମିକ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଫଳରେ ବହୁ ଗରିବ ପିଲା ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ବନ୍ଦ ଥିବା ସ୍କୁଲ ପୁନଃ ଖୋଲାଯାଇ ଗରିବ ପିଲାଙ୍କୁ ସେମାନଙ୍କ ମୌଳିକ ଅଧିକାର ଫେରାଇ ଦେବାକୁ ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାରୁ ଶତାଧିକ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ ପିଲା ଥିବା ଦର୍ଶାଇ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ପ୍ରାୟ ୯୫ରୁ ଊର୍ଦ୍ଧ୍ୱ ସ୍କୁଲକୁ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରିଦିଆଯାଇଛି। ଫଳରେ ଗ୍ରାମାଞ୍ଚଳର ଗରିବ ପିଲାମାନେ ୮ରୁ ୧୦କି.ମି. ଯାଇ ପାଠ ପଢୁଛନ୍ତି। ଅଭିଭାବକମାନେ ଏଥିପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ସ୍ଥାନୀୟ ଶିକ୍ଷା ଅଧିକାରୀ ଓ ପ୍ରସାଶନକୁ ଜଣାଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କ ସୁପାରିଶ କ୍ରମେ ଜିଲା ପ୍ରଶାସନ ପତ୍ର ସଂଖ୍ୟା–୧୮୯୦୫/ତା୧୪।୧୨।୨୦୨୦ରେ ସରକାରଙ୍କୁ ସ୍କୁଲ ଖୋଲିବା ପାଇଁ ପତ୍ରାଳାପ କରିଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଥିବା ଭାଜପା ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ସୁଶିଲ କର, ନଗର ସଭାପତି କାହ୍ନୁଚରଣ ନାୟକ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସମିତିସଭ୍ୟ ସମୀର କଉଡି, ଯୁବ ନେତା ମହେଶ ରାୟ,ପ୍ରାଣବନ୍ଧୁ ନାଥ, ପିଙ୍କୁ ପାଣି, ବିବେକ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ କୁଚିଣ୍ଡା ଏବିଡିଓ ସହଦେବ ନନ୍ଦ ଦାବିପତ୍ର ଗ୍ରହଣ କରିଥିଲେ।

# ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ବେଲପାହାଡ଼ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ସମ୍ବଲପୁର,୧୯।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଗିରିପାଲିଗ୍ରାମ ଖେଳପଡ଼ିଆରେ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବେଲବାହାଡ଼ ଦଳ ସମ୍ବଲପୁର ତବଡ଼ା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଧାର୍ଯ୍ୟ ସମୟରେ କୌଣସି ଗୋଲ ସ୍କୋର ନ ହେବାରୁ ପେନାଲ୍‌ଟିର ଆଶ୍ରୟ ନିଆଯାଇଥିଲା। ଏଥିରେ ବେଲପାହାଡ଼ ଦଳ ୪ଗୋଲ ଓ ତବଡ଼ା ଦଳ ୩ ଗୋଲ ସ୍କୋର କରିଥିଲେ। ପୁରସ୍କାର ବିତରଣୀ ସଭାରେ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ କୁମାର ମାଝି, ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର, କବରାପାଲି ସରପଞ୍ଚ ଅନ୍ତର୍ଯାମି ପ୍ରଧାନ, ସସ୍ମିତା ଦେହୁରି, ଦେବାନନ୍ଦ ଭୋସାଗର, କୁକୁଡ଼ାପାଲି ସମିତି ସଭ୍ୟା ମଣିପ୍ରୀୟା ବେହେରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାମ୍ପିୟନ ଦଳକୁ ୨୦ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୧୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଜୟରାଜ ଧର ଧନ୍ୟବାଦ ଦେଇଥିଲେ। ପରେଶ ଭୋଇ, ନନ୍ଦୁ ନାୟକ, ବିଜୟ ଓରାମ, ଦେବାନନ୍ଦ ମିର୍ଦ୍ଧା, ରାଜାରାମ ଓରାମ ମ୍ୟାଚ ପରିଚାଳନା କରିଥିଲେ।

# ଘର ଭିତରେ ସ୍ତ୍ରୀଙ୍କୁ ମାରି ପୋତିଦେଇଥିବା ଚର୍ଚ୍ଚା

**ଜମନକିରା,୧୯।୧୦(ଡି.ଏନ.ଏ.)**

## ପୋଲିସର ଛାନ୍‌ଭିନ୍

ଜମନକିରା ଥାନା ବଡ଼ମାଳ ପଞ୍ଚାୟତ ରାଉତପଡ଼ା କଲୋନୀରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଜଣେ ୩୦ ବର୍ଷୀୟ ଯୁବକ ତାଙ୍କ ସ୍ତ୍ରୀଙ୍କୁ ମାରି ଘରେ ପୋତି ଦେଇଥିବା ଚର୍ଚ୍ଚା ହେଉଛି। ସନ୍ଦେହରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କଲୋନୀବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୯ବର୍ଷ ଯୁବକ ଜଣକ ବାହାରକୁ କାମ କରିବା ପାଇଁ ଯାଇଥିବାବେଳେ ଜମନକିରା ଥାନା ଛେମୁଣ୍ଡା ଗାଁର ଜନୈକା ଯୁବତୀଙ୍କୁ ଭଲପାଇ ଘରକୁ ନେଇ ଆସିଥିଲେ। ଉଭୟଙ୍କର ୭ବର୍ଷ ଓ ୫ ବର୍ଷର ଦୁଇ ସନ୍ତାନ ଅଛନ୍ତି। କିଛିଦିନ ପୂର୍ବେ କର୍ମା ପୂଜା ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ପରେ ସ୍ତ୍ରୀ କୁଆଡେ ପଳେଇଯାଇଥିବା ସ୍ୱାମୀ ସାହି ପଡିଶାଙ୍କୁ କହୁଥିଲେ। ଯୁବତୀଙ୍କ ବାପଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ପରେ ସେମାନେ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ବୁଧବାର କଲୋନୀରେ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରେ ପୋଲିସ ଗାଁର କିଛି ଭଦ୍ରବ୍ୟକ୍ତି ଓ ଦୁଇ ୱାର୍ଡସଭ୍ୟଙ୍କ ସହାୟତାରେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲା। ଘର ଚାରିପଟେ ପୋଲିସ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଗୁରୁବାର ସନ୍ଦେହ ହେଉଥିବା ସ୍ଥାନରେ ମାଟି ଖୋଳି ତଦନ୍ତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ନେଇ ଅଧିକ ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ପୋଲିସ ଫୋନ ଉଠାଇ ନ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ଜନସମ୍ପର୍କ ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀ।

**ଝାରସୁଗୁଡ଼ା ଅଫିସ,୧୯।୧୦**

କିର୍ମିରା ବ୍ଲକର ୮ ପଞ୍ଚାୟତରେ ବୁଧବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରୀନେତ୍ରୀ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳିଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ନେତାମାନେ କର୍ମୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ରାଜ୍ୟକୁ ବିକାଶଧାରାରେ ଆଗେଇ ନେଉଥିବାବେଳେ ସମସ୍ତ ରାଜ୍ୟବାସୀଙ୍କ ସମର୍ଥନ ସବୁବେଳେ ବିଜୁ ଜନତା ଦଳ ପ୍ରତି ରହିବ ବୋଲି ଦୀପାଳି କହିଥିଲେ। ପଦଯାତ୍ରାରେ କିର୍ମିରା ବ୍ଲକ ବିଜେଡି ସଭାପତି ଚୂଡ଼ାମଣି ସାହୁ, ବ୍ଲକ ମହିଳା ବିଜେଡ଼ି ସଭାପତି ସ୍ୱପ୍ନାମୟୀ ପଟେଲ, ବ୍ଲକ ଚେୟାରମ୍ୟାନ କୃଷ୍ଣ ପ୍ରିୟା ସାହୁ, କିର୍ମିରା ଜିଲ୍ଲା ପରିଷଦ ସଭ୍ୟ ରିତା ବାଗ, ବିଜୟ ଅଗ୍ରୱାଲ, ଜଗନ୍ନାଥ ଜେନା, ତେଜରାଜ ସାହୁ, ତପୀ ମରେଇ, ଗୋପାଳ କଲାର, ବବୁସିଂହ, ରାଧେଶ୍ୟାମ ପଟେଲ, ସଂଗୀତା ପଟେଲ ପ୍ରମୁଖ ସାମିଲ ଥିଲେ।

### ଶୁକ୍ରବାର ୯ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

**ସମ୍ବଲପୁର,୧୯।୧୦(ବ୍ୟୁରୋ)**

ଓପିଟିସିଏଲର ୧୩୨/୩୩ କେଭି ବ୍ରଜରାଜନଗର (ରେମଜା) ଗ୍ରୀଡ୍ ସବଷ୍ଟେଶନର ଆସନ୍ତା ୨୧ ତାରିଖ ଶୁକ୍ରବାର ମରାମତି କରାଯିବ। ଏଥିପାଇଁ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗ୍ରୀଡ୍ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏଥିରେ ବ୍ରଜରାଜନଗର ବିଦ୍ୟୁତ୍ ଡିଭିଜନ ଅଧିନସ୍ଥ ବ୍ରଜରାଜନଗର ସହର ତଥା ଗାନ୍ଧୀ ଛକ, ରାଜପୁର ଅଞ୍ଚଳ, ବନ୍ଧବାହାଲ, ବେଲପାହାଡ଼, ଲଖନପୁର ବ୍ଲକ, ଧୁଲୁଣ୍ଡା, ପଞ୍ଚଗାଁ, ଭିକମପାଲି, ବାଉଁସେନପାଲି, କନକତୋରା, ପିଥିଣ୍ଡା ପଞ୍ଚାୟତ, ଚାରପାଲି, କଣ୍ଢେଇକେଲା, ରେମତା ପଞ୍ଚାୟତ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବ। ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହିତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି।

### ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ,୧୯।୧୦**

ଆର୍‌ଏସ୍‌ପିର ଇଡି ୱାର୍କର୍ସ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍ ସୂର୍ଯ୍ୟବଂଶୀ ଟ୍ରାଫିକ୍ ଗେଟ୍‌ରୁ ହଟ୍‌ଷ୍ଟ୍ରିପ୍ ମିଲ-୨ ଓ ସ୍ଲାଗ ଗ୍ରାନୁଲେସନ ପ୍ଲାଣ୍ଟ ଗେଟ୍‌କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। କାରଖାନାର ସର୍ଭିସେସ୍, ମେକାନିକାଲ, ସିଭିଲ ଇଞ୍ଜିନିୟରିଂ, ସାମଗ୍ରୀ ପୁନରୁଦ୍ଧାର, ବିଦ୍ୟୁତ ବିତରଣ ଭଳି ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ଗିରଫ

**ରାଉରକେଲା ଅଫିସ,୧୯।୧୦**

ରାଉରକେଲା ସ୍ମାର୍ଟସିଟି ୱାର୍କସାଇଟ୍‌ରୁ ଲୁହା ଗେଟ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟ ବାରକି(୨୩)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭୫।୨୨) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗଙ୍ଗାଧରପାଲି ମଙ୍ଗଳବାର ବିଳମ୍ବିତ ରାତିରେ ଉଦିତନଗର ସ୍ଥିତ ସ୍ମାର୍ଟସିଟି ୱାର୍କସାଇଟ୍‌ରୁ ୨ଟି ଲୁହା ଗେଟ୍ ଚୋରି କରିନେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ତାଙ୍କୁ ଗିରଫ କରିଥିଲା।

# ଭାରତ ବିକାଶ ପରିଷଦର ସମାବେଶ




ସମାବେଶରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର,୧୯।୧୦(ବ୍ୟୁରୋ)**

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ସମାବେଶ ମହାନଦୀ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ କ୍ଷେତ୍ରର ସାଧାରଣ ସାଙ୍ଗଠନିକ ମହାସଚିବ ବିକ୍ରାନ୍ତ ଖଣ୍ଡେଲବାଲ ଓ ସଭାପତି ଦୀପକ କୁମାର ରୁଇୟା ବକ୍ତା ଭାବେ ଯୋଗଦେଇଥିଲେ। ଉତ୍ତମ କାର୍ଯ୍ୟକର୍ତ୍ତା ତିଆରି କରିବାକୁ ହେଲେ ଭାରତ ବିକାଶ ପରିଷଦର ପ୍ରତ୍ୟେକ ଶାଖାକୁ ମଜଭୁତ କରିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ବ୍ୟକ୍ତିର କିଛିନା କିଛି ସାମାଜିକ ଭୂମିକା ରହିବା ଉଚିତ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ପଶ୍ଚିମ ପ୍ରାନ୍ତ ମହାସଚିବ ଶ୍ୟାମ ସୁନ୍ଦର ଶର୍ମା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶାଖା ସଭାପତି ମକରଧ୍ୱଜ ଯୋଶୀ ଓ ସୁକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡୋଳାମଣି ମେହେର ଧନ୍ୟବାଦ ଦେଇଥିଲେ।

# ୪ଶହ କୋଟି ଜିଏସ୍‌ଟି ଫେରାଇବାକୁ ଦାବି କରାଯିବ

**ସମ୍ବଲପୁର/ନାକଟିଦେଉଳ,୧୯।୧୦ (ବ୍ୟୁରୋ/ଡି.ଏନ.ଏ.)**

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ



ନାକଟିଦେଉଳ ପାଇକମାଲରେ ଅନୁଷ୍ଠିତ ବୈଠକ ।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଶିମିଲିପାଳ ରେଞ୍ଜର ପାଇକମାଲ, ହିମତିରେଇ, ଲାଇଯା, ଡ଼ଇଁଚା, ଲଇଯା, ଗୁଗୁଆ ଗ୍ରାମଠାରେ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। କେନ୍ଦୁପତ୍ର ଉପରୁ ସଂଗ୍ରହ କରାଯାଇଥିବା ୧୮% ଜିଏସ୍‌ଟି ପ୍ରତ୍ୟାହାର, ସାମାଜିକ ସୁରକ୍ଷା ଯୋଜନାରେ ତୋଳାଳି ଓ କର୍ମଚାରୀଙ୍କ ଝିଅ ବିବାହରେ ଆର୍ଥିକ ସାହାଯ୍ୟ, ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ, ଶତପ୍ରତିଶତ ବୋନସ୍ ପ୍ରଦାନ, କେନ୍ଦୁପତ୍ର ସଂସ୍ଥାକୁ ୨୦୦ କୋଟି ଟଙ୍କା ପ୍ରଦାନ ଆଦି ଦାବି ନେଇ ସାରା ରାଜ୍ୟରେ ସଂଘ ପକ୍ଷରୁ ହେଉଥିବା ଆନ୍ଦୋଳନ ବିଷୟରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାଜ୍ୟ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ସଂଜିତ ମହାନ୍ତି ବ୍ୟାଖ୍ୟା କରିଥିଲେ। ଏହାସହ ସେ ରେଢ଼ାଖୋଲ ଡିଭିଜନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଶତାଧିକ ତୋଳାଳି ଓ କର୍ମଚାରୀ ସାମିଲ ହୋଇ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏ ବାବଦରେ ଦାବିପତ୍ର ପ୍ରଦାନ କରାଯାଇ ଜିଏସ୍‌ଟି ବାବଦରେ ନେଇଥିବା ଚାରି ଶହ କୋଟି ଟଙ୍କା ସଂସ୍ଥାକୁ ଫେରସ୍ତ କରିବା ପାଇଁ କୁହାଯିବ। କେନ୍ଦୁପତ୍ର ସଂସ୍ଥା ଉପରେ ଓଡ଼ିଶାର ୧୩ଲକ୍ଷ ତୋଳାଳି ଓ ୧୮ ହଜାର ସିଜିନାଲ କର୍ମଚାରୀଙ୍କ ଜୀବନଜୀବିକା ନିର୍ଭର କରୁଥିବା ବେଳେ ସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ଉପରେ ସରକାର ଗୁରୁତ୍ୱ ସହକାରେ ନେବାକୁ ଦାବି ଉପସ୍ଥାପନା କରାଯାଇଥିଲା। ଡିଭିଜନ ସମ୍ପାଦକ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଅନାଦି ସାହୁ, ନାକଟିଦେଉଳ ରେଞ୍ଜ ସମ୍ପାଦକ ଭିକାରୀ ପ୍ରଧାନ, ପୁଳିନ ବିହାରୀ ସାହୁ, ରାମପୁର ରେଞ୍ଜ ସମ୍ପାଦକ ଜିତେନ୍ଦ୍ରିୟ ଷଣ୍ଢ, ବିକାଶ ସାହୁ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଯୁଧିଷ୍ଠିର ସାହୁ, ଉଦ୍ଧବ ବେହେରା, ସୁରେନ୍ଦ୍ର ରାଉଳ, ତୁସ କିଣ୍ଡୋ, ଉମେଶ ପ୍ରଧାନ, ଧ୍ରୁବା ବାଘ, ଫଡ଼ି ସଭାପତି ଧରଣୀଧର ସାହୁ, କୁନି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

**ଏସ୍‌ବିଆଇ ଲାଇଫ୍‌ର 'ଥାଙ୍କ୍‌ସ ଏ ଡଟ୍'**

ନୂଆଦିଲ୍ଲୀ: ପ୍ରତି ବର୍ଷ ଅକ୍ଟୋବର ମାସକୁ ଆନ୍ତର୍ଜାତିକ ସ୍ତନ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଉଥିବା ବେଳେ ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଏହି ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଲାଗି 'ଥାଙ୍କସ୍ ଏ ଡଟ୍' ନାମକ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଭାରତରେ ଏହା ଏକ ବ୍ୟାପକ କ୍ୟାନ୍‌ସର ରୋଗରେ ପରିଣତ ହୋଇଛି। ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୪ ମିନିଟ୍‌ରେ ଜଣେ ମହିଳା ସ୍ତନ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ୫୦% ମହିଳା କ୍ୟାନ୍‌ସରର ଷ୍ଟେଜ୍-୩ରେ ରହିଛନ୍ତି ଏବଂ ଡାକ୍ତରଙ୍କ ପରାମର୍ଶ ପାଇଁ ଯିବା ବେଳକୁ ସେମାନେ ଷ୍ଟେଜ୍ ୪ରେ ପହଞ୍ଚିଯାଉଛନ୍ତି। ଫଳରେ ବଞ୍ଚିବାର ସମ୍ଭାବନା ସମ୍ପୂର୍ଣ୍ଣ ମଉଳିଯାଉଛି।

# 'ଗ୍ରାହକ କୈନ୍ଦ୍ରିକ ସେବା ଯୋଗାଇବ ବ୍ୟାଙ୍କିଙ୍ଗ୍ କ୍ଷେତ୍ର'

**ନୂଆଦିଲ୍ଲୀ,୧୯।୧୦**




ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ଦେଶର ବ୍ୟାଙ୍କ ସେବାକୁ ଠିକ୍ ଭାବେ ପହଞ୍ଚାଇବା ସରକାର ଓ ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କର ଦାୟିତ୍ୱ ବୋଲି କୁହାଯାଇଛି। ହେଲେ ଦୀର୍ଘ ବର୍ଷ ହେବ ଭାରତର ଶେଷ ଭାଗରେ ରହୁଥିବା ଲୋକ ନିକଟରେ ପହଞ୍ଚିବା ତ ଦୂରର କଥା, ଦେଶର ପ୍ରତି ପଞ୍ଚାୟତରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ସେବା ପହଞ୍ଚିପାରିନାହିଁ। ଏପରିକି ଦେଶର ଯେଉଁସ୍ଥାନରେ ବି ବ୍ୟାଙ୍କ ରହିଛି, ସେଠାକାର ଗ୍ରାହକଙ୍କୁ ମଧ୍ୟ ଉପଯୁକ୍ତ ବ୍ୟାଙ୍କିଙ୍ଗ୍ ସେବା ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କ ଠିକ୍ ଭାବେ ଦେଉ ନାହାନ୍ତି। କାରଣ ଆଜି ବି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସରଳତା ହୋଇପାରିନାହିଁ। ଫଳରେ ବ୍ୟାଙ୍କିଙ୍ଗ୍ ସେବା ସାଙ୍ଗକୁ କାରବାର ମଧ୍ୟ ସେହି ଅନୁଯାୟୀ ବା ଧାର୍ଯ୍ୟ ପୂରଣ ହୋଇପାରୁନାହିଁ ବୋଲି ବିଭିନ୍ନ ସ୍ତରରେ ଚର୍ଚ୍ଚା ଓ ଆଲୋଚନା ହେଉଛି। ବିଶେଷକରି ସବୁ ବର୍ଗର ଗ୍ରାହକଙ୍କୁ ବ୍ୟାଙ୍କ ଠିକ୍ ଭାବେ ଋଣ ପ୍ରଦାନ କରୁନାହାନ୍ତି କିମ୍ବା ଋଣ ଦେବାକୁ ବ୍ୟାଙ୍କଗୁଡ଼ିକ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ଉଭୟ ଗ୍ରାହକ ଓ ବ୍ୟାଙ୍କିଙ୍ଗ୍ କାରବାର ମଧ୍ୟରେ ଏକ ସମାନତା ରହୁନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମତପ୍ରକାଶ କରିଛନ୍ତି। ସେହିଭଳି ମନ୍ତ୍ରୀ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମଧ୍ୟ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରୁଥିବା ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କଗୁଡ଼ିକୁ ମଧ୍ୟ ଗ୍ରାହକ କୈନ୍ଦ୍ରିକ ସେବା ଯୋଗାଇବା ସହ ଗ୍ରାହକଙ୍କ ଆବଶ୍ୟକତା ଓ ଋଣ ମଞ୍ଜୁରକୁ ଗୁରୁତ୍ୱ ଦେବାକୁ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଗ୍ରାହକଙ୍କ ସୁବିଧା ପାଇଁ ବ୍ୟାଙ୍କଗୁଡ଼ିକୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର ଓ ସରଳତା ଆଣିବାକୁ ମଧ୍ୟ ଅର୍ଥମନ୍ତ୍ରୀ ଆଦେଶ ଦେଇଛନ୍ତି। ଏପରିକି ଅର୍ଥମନ୍ତ୍ରୀ କହିଛନ୍ତି, ବ୍ୟାଙ୍କିଙ୍ଗ୍ କ୍ଷେତ୍ରଗୁଡ଼ିକ ଏମିତି ବ୍ୟବସ୍ଥା ଏବଂ ପ୍ରକ୍ରିୟା କରନ୍ତୁ ଯଦ୍ୱାରା ଗ୍ରାହକ ବ୍ୟାଙ୍କ ସହ ଅଧିକରୁ ଅଧିକ ଯୋଡ଼ିହେବେ। ବିଶେଷକରି ବ୍ୟାଙ୍କ ଗ୍ରାହକଙ୍କ ସୁବିଧା ଉପରେ ଅଧିକ ଧ୍ୟାନଦେବାର ଆବଶ୍ୟକତା ରହିଛି। ଯେପରି ଗ୍ରାହକଙ୍କୁ ସହଜରେ ବ୍ୟାଙ୍କିଙ୍ଗ୍ ସେବା ଓ ମୁଖ୍ୟତଃ ସହଜରେ ଋଣ ମିଳିପାରିବ। ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ଏଭଳି କିଛି ପରାମର୍ଶ ଦେଇ କହିଛନ୍ତି, ଗ୍ରାହକଙ୍କୁ ଋଣ ଦେବାର ମାନକୁ ଉତ୍କୃଷ୍ଟ ରଖିବା ଦରକାର। ଏହାଦ୍ୱାରା ଉଭୟ ବ୍ୟାଙ୍କ ଓ ଗ୍ରାହକ ଉପକୃତ ହୋଇପାରିବେ।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୯।୧୦**

କ୍ରମାଗତ ୪ର୍ଥ ଦିନ ଲାଗି ଷ୍ଟକ୍ ବଜାର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖାଯାଇଛି। ଏପରିକି ଚଳିତ ସପ୍ତାହର ୩ୟ ଦିନର ବଜାର କାରବାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୪୭ (୧୪୬.୫୯) ପଏଣ୍ଟ ବୃଦ୍ଧି ପାଇ ୫୯,୧୦୭ (୫୯,୧୦୭.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍‌ଟି-୫୦ ରେ ମଧ୍ୟ ୨୫ (୨୫.୩୦) ପଏଣ୍ଟ ବଢ଼ି ୧୭,୫୧୨ (୧୭,୫୧୨.୨୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ବୁଧବାର ବିଶେଷକରି ବ୍ୟାଙ୍କ, ଅଟୋ ଶିଳ୍ପ, ଆଇଟି ଏବଂ ଏଫ୍‌ଏମ୍‌ସିଜି ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା।

## ପଞ୍ଚଶ୍ରୀ ଫାବ୍ରିକ୍‌ର ନୂତନ ଷ୍ଟୋର ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୧୦**

ଓଡ଼ିଶାର କଳା ଓ ହସ୍ତଶିଳ୍ପକୁ ପୋଷାକ ମାଧ୍ୟମରେ ସବୁ ସ୍ତରରେ ପହଞ୍ଚାଇବାକୁ ଏକ ନୂତନ ଧରଣର ଷ୍ଟୋର 'ପଞ୍ଚଶ୍ରୀ'ର ଶୁଭାରମ୍ଭ ହୋଇଯାଇଛି। ଏଠାରେ ବିଭିନ୍ନ ବର୍ଗର ହସ୍ତ ଚିତ୍ରିତ ହ୍ୟାଣ୍ଡଲୁମ୍ ଏବଂ ଫାବ୍ରିକ୍‌ର ପ୍ରଡକ୍ଟ ଉପଲବ୍ଧ ରହିଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ଷ୍ଟୋରର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସିର ୫୫ ନମ୍ବର ୱାର୍ଡ କର୍ପୋରେଟର ନୃପେଶ ନାୟକଙ୍କ ସମେତ ଭୁବନେଶ୍ୱର କଳିଙ୍ଗ ରୋଟାରି କ୍ଲବ୍‌ର ବରିଷ୍ଠ ସଦସ୍ୟ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପଞ୍ଚଶ୍ରୀର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଆଶୁତୋଷ ନନ୍ଦ କହିଛନ୍ତି, ଏହା କେବଳ ପାରମ୍ପରିକ ହ୍ୟାଣ୍ଡଲୁମ୍ ନୁହେଁ ବରଂ ଏକ ଅତ୍ୟାଧୁନିକ ଫ୍ୟାଶନ୍ ସେଗ୍‌ମେଣ୍ଟ ଭାବେ ପରିଚିତି ସୃଷ୍ଟି କରିଛି।

## ଅଗଷ୍ଟରେ ଜିଓର ୩୨.୮୧ ଲକ୍ଷ ନୂଆ ଗ୍ରାହକ

**ମୁମ୍ବାଇ,୧୯।୧୦**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ୨୦୨୨ ଅଗଷ୍ଟରେ ସର୍ବାଧିକ ଗ୍ରାହକ ଯୋଡ଼ିଥିବା ଜଣାପଡ଼ିଛି। ଏପରିକି ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏଭଳି କିଛି ଉଲ୍ଲେଖ କରାଯାଇଛି। ସେହିଭଳି ଟ୍ରାଇର ଉକ୍ତ ରିପୋର୍ଟ ଅନୁଯାୟୀ ଜିଓ ୨୦୨୨ ଅଗଷ୍ଟରେ ୩୨.୮୧ ଲକ୍ଷ ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ଏୟାରଟେଲ୍ ୩.୨୬ ଲକ୍ଷ ଗ୍ରାହକ ଯୋଡ଼ିଛି। ସେହିପରି ଭୋଡାଫୋନ୍-ଆଇଡିଆ ୧୯.୫୮ ଲକ୍ଷ ଏବଂ ବିଏସ୍‌ଏନ୍‌ଏଲ୍ ୫.୬୭ ଲକ୍ଷ ଗ୍ରାହକଙ୍କୁ ଅଗଷ୍ଟ ମାସରେ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି। ତେବେ ଅଗଷ୍ଟ ମାସରେ ବିଏସ୍‌ଏନ୍‌ଏଲ୍‌କୁ ପଛରେ ପକାଇ ରିଲାଏନ୍ସ ଜିଓ ଦେଶର ସର୍ବବୃହତ୍ ଫିକ୍ସଡ୍‌ଲାଇନ୍ ସେବା ପ୍ରଦାନକାରୀରେ ପରିଣତ ହୋଇଛି। ଟ୍ରାଇର ଅଗଷ୍ଟ ମାସର ଗ୍ରାହକ ତଥ୍ୟ ଅନୁଯାୟୀ ଜିଓର ଓ୍ୱାରଲାଇନ୍ ଗ୍ରାହକ ସଂଖ୍ୟା ୭୩.୫୨ ଲକ୍ଷରେ ପହଞ୍ଚିଥିବା ବେଳେ ବିଏସ୍‌ଏନ୍‌ଏଲ୍‌ର ଓ୍ୱାରଲାଇନ ଗ୍ରାହକ ସଂଖ୍ୟା ୭୧.୩୨ ଲକ୍ଷ ରହିଛି। ଏହା ସହିତ ଉଭୟ ଓ୍ୱାରଲେସ୍ ଏବଂ ଓ୍ୱାରଲାଇନ୍ କ୍ଷେତ୍ରରେ ରିଲାଏନ୍ସ ଜିଓ ଦେଶରେ ୧ନମ୍ବର ସ୍ଥାନ ହାସଲ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଏସ୍‌ଏନ୍‌ଏଲ୍ ଦୀର୍ଘ ୨୨ବର୍ଷ ଧରି ଓ୍ୱାରଲାଇନ୍ ସେବା ପ୍ରଦାନ କରୁଥିବା ବେଳେ ୩ବର୍ଷ ପୂର୍ବେ ଜିଓ ଏହାର ଓ୍ୱାରଲାଇନ୍ ସେବା ଜିଓ ଫାଇବର ଆରମ୍ଭ କରିଥିଲା। ଟ୍ରାଇ ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୨ ଅଗଷ୍ଟରେ ଜିଓ ଦେଶରେ ସର୍ବାଧିକ ୨.୬୨ ଲକ୍ଷ ନୂଆ ଓ୍ୱାରଲାଇନ୍ ଗ୍ରାହକ ଯୋଡ଼ିଛି। ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓ ୨୦୨୨ ଅଗଷ୍ଟରେ ସର୍ବାଧିକ ୮୩,୧୪୮ ନୂଆ ଗ୍ରାହକଙ୍କୁ ଯୋଡ଼ି ଏହାର ୧ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି।

## କୃଷକଙ୍କ ଜୀବନକୁ ପରିବର୍ତ୍ତନ କରାଇଛି ବେଦାନ୍ତ

**ଭୁବନେଶ୍ୱର,୧୯।୧୦**



ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ବେଦାନ୍ତ ଆଲୁମିନିୟମ ପକ୍ଷରୁ କୃଷି ଓ କୃଷକର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି କମ୍ପାନୀର 'ଜୀବିକା ସମୃଦ୍ଧି ପ୍ରକଳ୍ପ' ମାଧ୍ୟମରେ ଓଡ଼ିଶାର ଝାରସୁଗୁଡ଼ା ଜିଲାର କୃଷକମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ସହ ଅଭିବୃଦ୍ଧି ମଧ୍ୟ ଘଟିଛି। ବିଶେଷକରି କମ୍ପାନୀର ଉକ୍ତ ପ୍ରକଳ୍ପ ଜରିଆରେ ସ୍ଥାନୀୟ ଚାଷୀ ବେଶ୍ ଉପକୃତ ମଧ୍ୟ ହୋଇଛନ୍ତି। ସେହିଭଳି କମ୍ପାନୀର ଏଭଳି ପଦକ୍ଷେପ ଯୋଗୁ କୃଷିକ୍ଷେତ୍ରରେ ସ୍ଥାୟୀ ଜୀବିକା ପ୍ରକଳ୍ପ ଜାରି ରହିଛି, ଯାହାର ଲକ୍ଷ୍ୟ କ୍ଷୁଦ୍ର ଓ ମାର୍ଜିନାଲ ଚାଷୀମାନଙ୍କ ଜୀବନରେ ଉନ୍ନତି ଆଣିବା। ଏହାଦ୍ୱାରା ସେମାନେ ଜମିରୁ ଅଧିକ ଅମଳ କରିପାରିବେ। ସେହିପରି କୃଷି ନିବେଶରୁ ମଧ୍ୟ ଉପଯୁକ୍ତ ଫେରସ୍ତ ପାଇପାରିବେ। ବର୍ତ୍ତମାନ ଏହି ପ୍ରକଳ୍ପର ୨ୟ ପର୍ଯ୍ୟାୟ ଝାରସୁଗୁଡ଼ାର ୫ଟି ଗ୍ରାମରେ ଜାରି ରହିଛି। ସିରିଆପାଲି, କେଲଦାମାଲ, ଗୁଡ଼ିଗାଁ, କଟିକେଲା ଓ କୁରେବଗାର ୩୦୦ରୁ ଅଧିକ କୃଷକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ହୋଇଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ସ୍ଥାୟୀ ଜୀବିକା ସୃଷ୍ଟି କରିବା ଆମ ଗୋଷ୍ଠୀ ବିକାଶ ପ୍ରୟାସର ଏକ ପ୍ରମୁଖ ଦିଗ। ସେହି ଉଦ୍ଦେଶ୍ୟରେ ଆମେ ଝାରସୁଗୁଡ଼ାରେ ଦକ୍ଷତା ବିକାଶ, ମହିଳାଙ୍କ ସଶକ୍ତୀକରଣ, କୃଷି, ଉଦ୍ୟୋଗ ଇତ୍ୟାଦି ଉପରେ ଅନେକ କାର୍ଯ୍ୟକ୍ରମ ପରିଚାଳନା କରିଥାଉ। ଏହି ଅଞ୍ଚଳରେ କୃଷିକୁ ମୂଳ ଉତ୍ସ କରୁଥିବା ଚାଷୀଙ୍କ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆମେ କୃଷକଙ୍କ ଉନ୍ନତି ପାଇଁ ଉନ୍ନତ ଚାଷ ପ୍ରଣାଳୀ, ନୂଆ କୌଶଳ ଉପରେ ଗୁରୁତ୍ୱ ଦେଉଛୁ। ଜମି ଓ ଜଳ ପରିଚାଳନା କୌଶଳ ଇତ୍ୟାଦି ଆମ ଜୀବିକା ସମୃଦ୍ଧି ପ୍ରକଳ୍ପ ଅନ୍ତର୍ଗତ। ଏହାଦ୍ୱାରା ଝାରସୁଗୁଡ଼ାର କୃଷକମାନଙ୍କ ପାଇଁ ଉନ୍ନତ ଅମଳ ଓ ଘରୋଇ ଆୟ ବୃଦ୍ଧି ହୋଇପାରିବ।

## ଦୀପାବଳିରେ ଜୟଆଲୁକ୍କାସ୍‌ର କ୍ୟାଶ୍‌ବ୍ୟାକ୍ ଅଫର

**ଭୁବନେଶ୍ୱର,୧୯।୧୦**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ଜୁଏଲେରି ପକ୍ଷରୁ ଆସନ୍ତା ଦୀପାବଳି ଉପଲକ୍ଷେ ଏକ କ୍ୟାଶ୍‌ବ୍ୟାକ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ପାର୍ବଣ ଅବସରରେ ଆମର ଗ୍ରାହକମାନେ ଏହି ଦୀପାବଳି ଅଫର ସମୟ ମଧ୍ୟରେ ସେମାନଙ୍କର କ୍ରୟ ଉପରେ କ୍ୟାଶ୍‌ବ୍ୟାକ୍ ଭାବେ ଗିଫ୍ଟ ଭାଉଚର୍ସର ସୁବିଧା ପାଇବେ। ଏହି ଅଫର ସାରା ଭାରତର ସମସ୍ତ ଜୟଆଲୁକ୍କାସ ଜୁଏଲେରି ଶୋ' ରୁମ୍‌ରେ ଉପଲବ୍ଧ। ବିଶେଷକରି ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ହୀରା (କଟା ହୋଇ ନ ଥିବା ହୀରା) ଏବଂ ମୂଲ୍ୟବାନ୍ ଅଳଙ୍କାରର କ୍ରୟ ଉପରେ ୨,୦୦୦ ଟଙ୍କା ମୂଲ୍ୟର କ୍ୟାଶ୍‌ବ୍ୟାକ୍ ଗିଫ୍ଟ ଭାଉଚର ରହିଛି। ସେହିଭଳି ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର କ୍ରୟ ଉପରେ ୧୦୦୦ ଟଙ୍କା ମୂଲ୍ୟର ଏକ କ୍ୟାଶ୍‌ବ୍ୟାକ୍ ଗିଫ୍ଟ ଭାଉଚର ସୁବିଧା ଦିଆଯାଉଛି। ଏପରିକି ଏସ୍‌ବିଆଇ କାର୍ଡ ଉପରେ ମଧ୍ୟ ୫% ଅତିରିକ୍ତ କ୍ୟାଶ୍‌ବ୍ୟାକ୍ ସହ ଏହି ବିଶେଷ ଅଫରରେ କ୍ରେତାମାନଙ୍କ ନିମନ୍ତେ ଜୟଆଲୁକ୍କାସ ପକ୍ଷରୁ ଏକ ଅତିରିକ୍ତ ପ୍ରୋତ୍ସାହନ ଦିଆଯାଉଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜୟଆଲୁକ୍କାସ କହିଛନ୍ତି, ଆମେ ଆମର ଗ୍ରାହକମାନଙ୍କ ନିମନ୍ତେ ପର୍ବପର୍ବାଣି ଏବଂ ଶୁଭ ଅବସରରେ ଆକର୍ଷକ ଅଫର ଏବଂ ଅଭିଜ୍ଞତା ଉପହାର ଦେଇ ଆନନ୍ଦିତ କରାଇବୁ। ବିଶେଷକରି ଚଳିତ ବର୍ଷ ଦୀପାବଳି ପାଇଁ ପ୍ରତ୍ୟେକ କ୍ରୟ ଉପରେ କ୍ୟାଶ୍‌ବ୍ୟାକ୍ ଗିଫ୍ଟ ଭାଉଚର ପୁରସ୍କାର ଭାବେ ଦେବାର ଯୋଜନା କରିଛୁ। ଅପରପକ୍ଷରେ ଅଳଙ୍କାର କ୍ରେତାମାନେ ୨୪ ଅକ୍ଟୋବର ପର୍ଯ୍ୟନ୍ତ ଭାରତର ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଏହି ପ୍ରୋତ୍ସାହନ ଅଫର ଉପଭୋଗ କରିପାରିବେ। ଏହି ଉତ୍ସବ ଅଫର ସହିତ ଜୟଆଲୁକ୍କାସ୍ ଗ୍ରାହକମାନଙ୍କୁ ୯୧୬ ବିଏସ୍‌ଆଇ ହଲ୍‌ମାର୍କ ଅଳଙ୍କାରର ଆଶ୍ୱାସନା ଦେଉଛୁ।

**ଫୁରସତ୍**

## ବିଶ୍ୱ ଐତିହ୍ୟ ମାନ୍ୟତା ହରାଇପାରେ ନାଳନ୍ଦା



**ପାଟନା:** ପ୍ରାଚୀନ ଭାରତର ସର୍ବୋଚ୍ଚ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ନାଳନ୍ଦାର ସ୍ଥିତି ବିପଦସଙ୍କୁଳ ଅବସ୍ଥାରେ ରହିଛି, ଯାହାପାଇଁ ଏହାକୁ ବିଶ୍ୱ ଐତିହ୍ୟ ମାନ୍ୟତା ହରାଇବାକୁ ପଡ଼ିପାରେ ବୋଲି ଆଶଙ୍କା ଉପୁଜିଛି। ମାନ୍ୟତାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କି କି ପଦକ୍ଷେପ ନିଆଯାଉଛି ସେ ନେଇ ଏଏସ୍‌ଆଇ (ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ) ପକ୍ଷରୁ ରିପୋର୍ଟ ମଗାଯାଇଛି। ଯଦି ସଠିକ୍ ସମୟରେ ଏହି ରିପୋର୍ଟ ପ୍ୟାରିସ୍‌ସ୍ଥିତ ୱାର୍ଲ୍ଡ ହେରିଟେଜ୍ ସେଣ୍ଟର (ଡବ୍ଲୁଏଚ୍‌ସି) ନିକଟରେ ନ ପହଞ୍ଚେ ତେବେ ପ୍ରାଚୀନ ଭାରତର ଏହି ପୁରାତନ ବିଶ୍ୱବିଦ୍ୟାଳୟଠାରୁ ବିଶ୍ୱ ଐତିହ୍ୟ ମାନ୍ୟତା ଛଡ଼ାଇ ନିଆଯିବ ବୋଲି ଖବର ପ୍ରକାଶ ପାଇଛି। ବିଶ୍ୱ ଐତିହ୍ୟ ସମ୍ପର୍କରେ ୟୁନେସ୍କୋ ସହ ଡବ୍ଲୁଏଚ୍‌ସି ମିଳିତ ଭାବେ କାର୍ଯ୍ୟକରିଥାଏ। ନାଳନ୍ଦାର ତାଦାରଖ କରି ଏହାର ସୁରକ୍ଷା ପାଇଁ ୟୁନେସ୍କୋ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶର ସଠିକ୍ ପରିଚାଳନା କରିବା ଆବଶ୍ୟକ ବୋଲି ପାଟନା ଏଏସ୍‌ଆଇ ସୁପରିଟେଣ୍ଡିଂ ପ୍ରତ୍ନତତ୍ତ୍ୱବିତ୍ ଗୌତମୀ ଭଟ୍ଟାଚାର୍ଯ୍ୟ କହିଛନ୍ତି। ସୂଚନାଯୋଗ୍ୟ ରାଜ୍ୟସରକାର ବର୍ତ୍ତମାନେ ସୁଦ୍ଧା ଏହି ରିପୋର୍ଟ ଦାଖଲ କରି ନ ଥିବା ଏଏସ୍‌ଆଇ ପକ୍ଷରୁ ଅଭିଯୋଗ ସାମ୍ନାକୁ ଆସିଛି। ୨୦୧୬ରେ ୟୁନେସ୍କୋ ପକ୍ଷରୁ ନାଳନ୍ଦାକୁ ବିଶ୍ୱ ବିଶ୍ୱ ଐତିହ୍ୟର ମାନ୍ୟତା ପ୍ରଦାନ କରାଯାଇଥିଲା।

**ବିଶେଷତ୍ୱ:** ବିହାର ରାଜଧାନୀ ପାଟନାଠାରୁ ୯୫ କି.ମି ଦୂରରେ ଅବସ୍ଥିତ ନାଳନ୍ଦା। ପ୍ରଚୀନ ଭାରତର ବିଶ୍ୱବିଦ୍ୟାଳୟ ଭାବେ ଜଣାଯାଉଥିବା ନାଳନ୍ଦାକୁ ବହୁ ବିଦେଶୀ ଉଚ୍ଚଶିକ୍ଷା ପାଇଁ ଆସୁଥିଲେ। ମଗଧ ଶାସନକାଳରେ ତୃତୀୟ ଶତାବ୍ଦୀରେ ନାଳନ୍ଦା ନିର୍ମାଣ କରାଯାଇଥିଲା। ନାଳନ୍ଦା ବିଶ୍ୱବିଦ୍ୟାଳୟର ଭଗ୍ନାବଶେଷକୁ ବାଦ୍‌ଦେଲେ ୫ଟି ପର୍ଯ୍ୟଟନସ୍ଥଳ ସେଠାରେ ରହିଛି। ନାଳନ୍ଦାକୁ ସୁଗମ ଯୋଗାଯୋଗ ବ୍ୟବସ୍ଥା ଥିବା କାରଣରୁ ପ୍ରତିବର୍ଷ ବହୁ ବିଦେଶୀ ଏଠାକୁ ବୁଲିବାକୁ ଆସିଥାନ୍ତି। ୮୦୦ ବର୍ଷ ପୁରୁଣା ଏହି ବିଶ୍ୱବିଦ୍ୟାଳୟରେ ୨ ହଜାର ଅଧ୍ୟାପକଙ୍କ ସହ ୧୦ ହଜାର ଶିକ୍ଷାର୍ଥୀ ପାଠ ପଢ଼ୁଥିବା କୁହାଯାଇଛି। ଚାଇନା, କୋରିଆ, ତୁର୍କୀ ଏବଂ ଶ୍ରୀଲଙ୍କାରୁ ବହୁ ଛାତ୍ର ଏଠାକୁ ପଢ଼ିବା ପାଇଁ ଆସୁଥିଲେ। ଚାଇନାର ସ୍କଲାର କୁହାଯାଉଥିବା ଜୁଆନ ଜାଙ୍ଗ ଥିଲେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଛାତ୍ର। ଭାରତର ଅନେକ ପୁସ୍ତକର ଟ୍ରାନ୍ସଲେଶନ୍ କରିବା ସହ ୬୫୭ ଗୋଟି ଭାରତୀୟ ପୁସ୍ତକ ସେ ଚାଇନା ନେଇଯିବା ପାଇଁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ୨୦୦୬ରେ ସେ ସମୟର ରାଷ୍ଟ୍ରପତି ଏ.ପି.ଜେ. ଅବ୍ଦୁଲ କଲାମ ନାଳନ୍ଦା ବିଶ୍ୱବିଦ୍ୟାଳୟର ନୟପୁନଃ ନିର୍ମାଣ ପ୍ରସ୍ତାବ ସରକାରଙ୍କୁ ଦେଇଥିଲେ।

## ଆଉ ଏକ ବାୟୋପିକ୍‌ରେ କଙ୍ଗନା

**ମୁମ୍ବାଇ**



ଆଉ ଏକ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି ବଲିଉଡ୍ କୁଇନ୍ ବୋଲାଉଥିବା କଙ୍ଗନା ରାଣାଓ୍ୱତ। ବଙ୍ଗଳା ଥିଏଟର ଅଭିନେତ୍ରୀ ନୋଟି ବିନୋଦିନୀଙ୍କ ଭୂମିକାରେ କଙ୍ଗନା ନଜରକୁ ଆସିବେ। ଏକ ଗଣିକା ପରିବାରରେ ବିନୋଦିନୀଙ୍କ ଜନ୍ମ। ମାତ୍ର ୧୨ ବର୍ଷ ବୟସରେ ସେ ଥିଏଟରରେ ଅଭିନୟ କରିବା ଆରମ୍ଭ କରିଥିଲେ। ନୋଟି ବିନୋଦିନୀ ଭାବେ ସେ ବେଶ୍ ପରିଚିତ। ମାତ୍ର ୧୧ ବର୍ଷର ଥିଏଟର କ୍ୟାରିୟର ଭିତରେ ବିନୋଦିନୀ ଅନେକ ଭଲପାଇବା ସାଙ୍ଗକୁ ଅଭିନୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିଛନ୍ତି। ବିନୋଦିନୀଙ୍କ ବାୟୋପିକ୍‌ର କାହାଣୀ ପ୍ରକାଶ କାପାଡିଆ ଲେଖିଥିବାବେଳେ ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିବେ ପ୍ରଦୀପ ସରକାର। ତାନହାଜୀ ବ୍ଲାକ୍, ପଦ୍ମାବତ ଭଳି ଫିଲ୍ମର କାହାଣୀ ଲେଖିଥିଲେ ପ୍ରକାଶ। ତେବେ ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କ ସହ କାମ କରିବା ନେଇ କଙ୍ଗନା ବେଶ୍ ଖୁସି ଥିବା କହିଛନ୍ତି। ବିନୋଦିନି ହେଉଛନ୍ତି ପ୍ରଥମ ମହିଳା ଥିଏଟର ଆର୍ଟିଷ୍ଟ, ଯାହାଙ୍କୁ ନେଇ ବଲିଉଡ୍‌ରେ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। କଙ୍ଗନା ବର୍ତ୍ତମାନ ତାଙ୍କ ଆଗାମୀ ଫିଲ୍ମ ଏମର୍ଜେନ୍ସି କାମରେ ବ୍ୟସ୍ତ। ଏହାର ନିର୍ଦ୍ଦେଶନା ଦେବା ସାଙ୍ଗକୁ ଫିଲ୍ମରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଛନ୍ତି କଙ୍ଗନା।

## ନିଲାମ ହେବ କିଙ୍ଗ୍ ଚାର୍ଲସ୍, ଡାଏନାଙ୍କ ବିବାହ କେକ୍





**ଲଣ୍ଡନ**

ବ୍ରିଟେନ୍ ରାଜା ଚାର୍ଲସ୍ ଏବଂ ଡାଏନାଙ୍କ ବିବାହ ବେଳର କେକ୍ ନିଲାମ ହେବାକୁ ଯାଉଛି। ୧୯୮୧ରେ ହୋଇଥିବା ଏହି ରାଜକୀୟ ବାହାଘରରେ ୩ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ନିକଟରେ ଚାର୍ଲସ୍‌ଙ୍କ ବାହାଘରରେ ସାମିଲ ହୋଇଥିବା ନିଗେଲ୍ ରିକେଟ୍ସସ୍‌ଙ୍କ ମୃତ୍ୟୁ ଘଟିଛି। ତେବେ ପ୍ରକାଶିତ ଖବର ଅନୁସାରେ ଚାର୍ଲସଙ୍କ ବାହାଘରରେ କଟାଯାଇଥିବା କେକ୍‌ର ଏକ ସ୍ଲାଇସ୍ ବା ଖଣ୍ଡ ରିକେଟ୍ସସ୍ ପ୍ରିଜର୍ଭ କରି ରଖିଥିଲେ। ବ୍ରିଟେନ୍‌ରେ ଡୋରେ ଆଣ୍ଡ ରିଜ୍ ଅକ୍ସନ ପକ୍ଷରୁ ୪୧ ବର୍ଷ ପୁରୁଣା କେକ୍‌କୁ ନିଲାମ କରାଯିବ। ପାଖାପାଖି ୨୭ ହଜାର ଟଙ୍କାରେ ଏହି କେକ୍ ନିଲାମ ହେବାର ସମ୍ଭାବନା ଥିବା କୁହାଯାଉଛି। କେକ୍‌ଟି ଏହାର ଅରିଜିନାଲ କଭର୍‌ରେ ପ୍ରିଜର୍ଭ ହୋଇ ରଖାଯାଇଛି। ବାହାଘରରେ ଚାର୍ଲସ୍ ଓ ଡାଏନା ମୋଟ ୨୩ଟି କେକ୍ କାଟିଥିବାବେଳେ ରିକେଟ୍ସସ୍ ଫ୍ରୁଟ୍ କେକ୍‌କୁ ସାଇତି ରଖିଥିବା ଜଣାପଡ଼ିଛି।

## ଏକତା ହିଁ ଶକ୍ତି



**ଏ**କତା ହିଁ ଶକ୍ତି। ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଭାରତରେ ପ୍ରତିବର୍ଷ ୨୦ ଅକ୍ଟୋବରରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ସେନା ବାହିନୀଙ୍କୁସମ୍ମାନ ଦେବା ପାଇଁ ଏହି ଦିନ ପାଳନ କରାଯାଏ।

### ଜାତୀୟ ଏକତା ଦିବସ

୧୯୬୨ ମସିହାରେ ଏହି ଦିନ ଚାଇନା ଭାରତ ଉପରେ ଆକ୍ରମଣ କରିଥିଲା ଏବଂ ଯୁଦ୍ଧ ୨୧ ନଭେମ୍ବର ୧୯୬୨ ପର୍ଯ୍ୟନ୍ତ ଚାଲିଥିଲା। ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ ଏକ କମିଟି ୨୦ ଅକ୍ଟୋବରକୁ ଜାତୀୟ ଏକତା ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଦେଶରେ ଲୋକଙ୍କ ମଧ୍ୟରେ ଏକତ୍ୱ ଭାବନା ସୃଷ୍ଟି ପାଇଁ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଲୋକଙ୍କ ମଧ୍ୟରେ ସମନ୍ୱୟ, ଶାନ୍ତି, ବନ୍ଧୁତା ସୃଷ୍ଟି ସହିତ ଜାତୀୟତା ଭାବନା ଉଦ୍‌ଜୀବିତ ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

## ଝାଡେଶ୍ୱର ମନ୍ଦିରରେ ଦୀପ ପ୍ରଜ୍ୱଳନ

ହେମଗିର (ଡି.ଏନ.ଏ.): ସୁନ୍ଦରଗଡ ଜିଲା ହେମଗିରସ୍ଥିତ ଝାଡେଶ୍ୱର ମନ୍ଦିରଠାରେ ବୁଧବାର ଦିନ ଓଡିଶା ଡ୍ରାଇଭର ମହାସଂଘ ହେମଗିର ଶାଖା ତରଫରୁ ଡ୍ରାଇଭରମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରଦାନ ଦାବି ନେଇ ଦୀପ ପ୍ରଜ୍ୱଳନ କରାଯାଇଛି । ମହାସଂଘର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇବା ପାଇଁ ଯାତ୍ରା କରିଥିବା ବେଳେ ଏହି ଯାତ୍ରା ସଫଳ ହେବା ପାଇଁ ଝାଡେଶ୍ୱର ମନ୍ଦିର ଠାରେ ଦୀପ ଜଳାଯାଇଥିଲା। ହେମଗିର ଡ୍ରାଇଭର ମହାସଂଘର ସଭାପତି ଗଙ୍ଗାଧର ସାହୁ,କୋଷାଧ୍ୟକ୍ଷ ହେମସାଗର କାଶାନ,ସମ୍ପାଦକ ଦୀନଦୟାଲ ନିଶାଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଟୋ ଚାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

**ଝାରସୁଗୁଡ଼ା ଅଫିସ୍,୧୯।୧୦**

ସୁନ୍ଦରଗଡ ଜିଲା ଭଷ୍ମା ଗ୍ରାମର ଅଟୋ ଚାଳକ ପ୍ରମୋଦ କୁମାର ସିଂ(୨୮)ଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ମୃତକଙ୍କ ବାପା ଗଜେନ୍ଦ୍ର ସିଂଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡା ସଦର ଥାନା ପୋଲିସ ଏକ ମାମଲା (ନଂ୨୨୫/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଝାରସୁଗୁଡା ରେଲୱେ କଲୋନୀର ସତିଶ ରଞ୍ଜନ ନାଗ(୩୧) ଓ ବିଜୁନଗରର ଦୀଲିପ ଚନ୍ଦ୍ର ଶେଖରନ୍(୨୫)। ଏମାନଙ୍କ ନିକଟରୁ ପୋଲିସ୍ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର କଟୁରି ଜବତ କରିଛି। ଏହି ଘଟଣାରେ ଅନ୍ୟଜଣେ ଫେରାର୍ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଥାନା ଆଇଆଇସି ସୁଚିସ୍ମିତା ମହାନ୍ତି କହିଛନ୍ତି।



ଗିରଫ ୨ ଅଭିଯୁକ୍ତ।

ଅଟୋ ଚାଳକ ପ୍ରମୋଦ ନିଜ ଗ୍ରାମର ଜଣେ ଝିଅଙ୍କୁ ୨ବର୍ଷ ହେଲା ଭଲପାଇ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ଝିଅଘର ଲୋକେ ଏଥିରେ ରାଜି ନ ଥିଲେ। ପ୍ରମୋଦ ବାହା ହେବା ପାଇଁ ଜିଦ ଧରି କିଛିଦିନ ତଳେ ଝିଅ ଘରକୁ ଯାଇ ଝଗଡା କରିଥିଲେ। ଏ ନେଇ ଝିଅଘର ସମ୍ପୃକ୍ତ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ଝିଅର ମାଉସୀ ପୁଅ ଭାଇ ସତିଶ ପ୍ରମୋଦଙ୍କୁ ତାଙ୍କ ଭଉଣୀ ପଛରେ ନ ପଡିବାପାଇଁ ବୁଝାଇଥିଲେ। ହେଲେ ଏଥିରେ ପ୍ରମୋଦ ବୁଝି ନ ଥିଲେ। ପ୍ରମୋଦଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇଦେବା ପାଇଁ ସତିଶ ଯୋଜନା କରିଥିଲେ। ପୂର୍ବପ୍ରସ୍ତୁତି

### ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଅନୁଯାୟୀ ଗତ ୧୧ତାରିଖ ସକାଳେ ସତିଶ ଏକ ବାଇକ୍‌ରେ ୨ ସାଙ୍ଗଙ୍କୁ ଧରି ଭଷ୍ମା ଯାଇଥିଲେ। ରାସ୍ତାରେ ଜଣଙ୍କୁ ଓହ୍ଲାଇ ଦେଇ ୨ଜଣ ଭଷ୍ମା ଯାଇଥିଲେ। ଭଷ୍ମା ବସ୍‌ଷ୍ଟାଣ୍ଡରେ ପ୍ରମୋଦ ଅଟୋଧରି ବସିଥିବାବେଳେ ସେଠାକୁ ସତିଶ ନ ଯାଇ ଦୀଲିପଙ୍କୁ ପଠାଇଥିଲେ। ଦୀଲିପ ଅଟୋ ଭଡାକହି ପ୍ରମୋଦଙ୍କୁ ଝାରସୁଗୁଡା ଆଣିଥିଲେ। ପଛରେ ସତିଶ ଓ ରାସ୍ତାର ଥିବା ତାଙ୍କର ଅନ୍ୟଜଣେ ସାଙ୍ଗ ବାଇକ୍‌ରେ ଆସିଥିଲେ। ପଞ୍ଚପଡା ରାସ୍ତାରେ ଅଟୋ ପହଞ୍ଚିବା ପରେ ତାଙ୍କୁ ଦୀଲିପ ଅଟକାଇଥିଲେ। ସତିଶ ଓ ତାଙ୍କ ସାଙ୍ଗ ସେଠାରେ ପହଞ୍ଚି ପ୍ରମୋଦଙ୍କୁ ପୁଣି ବୁଝାଇଥିଲେ। ଏଥିରେ ପ୍ରମୋଦ ବୁଝି ନ ଥିଲେ । ଫଳରେ ସତିଶ ଓ ତାଙ୍କ ଅନ୍ୟ ୨ଜଣ ସାଙ୍ଗ ମାରଣାସ୍ତ୍ରରେ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ।

## ସଂକ୍ଷେପରେ

### କଲଭର୍ଟରୁ ମୃତଦେହ ଜବତ

**ରିଆମାଳ,୧୯।୧୦(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ଥାନା ଟିଙ୍କବୀର ପଞ୍ଚାୟତ ଅନ୍ତର୍ଗତ ଟିଙ୍କବୀର-ଅର୍ଜୁନଝରୀ ରାସ୍ତାରେ ଥିବା କଲଭର୍ଟର ୫ଫୁଟ୍ ତଳୁ ଜଣଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ବିହାରର ନବାଦା ଜିଲା ଅନ୍ତର୍ଗତ କୌଆଖୋଲ ଗ୍ରାମର ସଞ୍ଜୟ ମିସ୍ତ୍ରୀ(୪୧)। ଖବର ପାଇ ରିଆମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ସୂଚନା ଅନୁସାରେ, ଟିଙ୍କବୀର ଗ୍ରାମରେ ନିମାଣ ହେଉଥିବା ପାଣିଟାଙ୍କିର ମିସ୍ତ୍ରୀ ଭାବେ ସଞ୍ଜୟ କାର୍ଯ୍ୟ କରୁଥିଲେ। ସେ ଓ ତାଙ୍କ ସହଯୋଗୀ ନିମାଣାଧୀନ ପାଣିଟାଙ୍କି ନିକଟ ଏକ ତମ୍ବୁରେ ରହୁଥିଲେ। ମଙ୍ଗଳବାର ରାତିରେ ସଞ୍ଜୟ ନିଶାସକ୍ତ ଅବସ୍ଥାରେ ଟିଙ୍କବୀର ଲକ୍ଷ୍ମୀପୂଜା ଦେଖିବାକୁ ଯାଉଛି ବୋଲି କହି ଚାଲିଯାଇଥିଲେ। ବୁଧବାର ସକାଳ ପର୍ଯ୍ୟନ୍ତ ନ ଫେରିବାରୁ ସହଯୋଗୀମାନେ ତାଙ୍କୁ ଖୋଜିବାରୁ ଉକ୍ତ କଲଭର୍ଟ ତଳେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ।

### ହାତୀ ଉଜାଡ଼ିଲା ଫସଲ

**ଦେବଗଡ଼,୧୯।୧୦(ଡି.ଏନ.ଏ.):** ଦେବଗଡ଼ ବନଖଣ୍ଡ ବାରକୋଟ ରେଞ୍ଜ ବଳମ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଛୁରିଆବାହାଲ ଗ୍ରାମ କଟେଇସାହିରେ ହାତୀ ଉପଦ୍ରବ ଦେଖାଦେଇଛି। ଗତ କିଛିଦିନ ଧରି ସେହି ଅଞ୍ଚଳରେ ହାତୀ ଓ ବାର୍ହାଙ୍କ ଉପଦ୍ରବ ବଢିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ୧୫ରୁ ୧୭ ଟିକିଆ ଏକ ହାତୀପଲ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଫସଲ ହାନି କରିଛନ୍ତି। ଫଳରେ ଧାରଉଧାର କରି ଚାଷ କରିଥିବା ଚାଷୀ ଚିନ୍ତିତ ହୋଇପଡିଛନ୍ତି। ଗ୍ରାମର ଫ୍ଲୋରେନ୍ସ ଟିଗା, ଜୁଏଲ ବାର୍ଲା, ବିନୋଦ କିସ୍ପଟା, ମାରିଆନୁଷ ବାର୍ଲାଙ୍କ ସମେତ ଅନେକ ଚାଷୀ ନିଜ ଜମିରେ ଅମଳ କ୍ଷମ ପାଚିଲା ଧାନ କାଟି ବିଡା ବାନ୍ଧିବା ପାଇଁ ରଖିଥିବା ବେଳେ ହାତୀପଲ ଧାନ ସବୁ ଖାଇବା ସହ ମାଡି ଦଳି ନଷ୍ଟ କରି ଦେଇଛନ୍ତି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ଟିମ୍ ଲାୟନ ପକ୍ଷରୁ ଡାକ୍ତରଖାନା ସଫେଇ

**କୁଚିଣ୍ଡା,୧୯।୧୦(ଡି.ଏନ.ଏ.):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ବୁଧବାର ଟିମ୍ ଲାୟନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୌରଭ ରଞ୍ଜନ କରଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ସଫେଇରେ ସାମିଲ ହୋଇଥିଲେ। ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ସୁବୋଧ କୁମାର ନାୟକ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିବେକ ରାୟ, ଅମିତ ସିଂ, ସୁଶାନ୍ତ ମହାକୁଲ, ସ୍ନେହାଶିଷ ଜୟ, ବିଶାଳ ବୁଡା, ରଞ୍ଜନ ପାତ୍ର, ନରେନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।

### ଲେଫ୍ରିପଡ଼ା ପଞ୍ଚାୟତ ସମିତି ବୈଠକ

**ଲେଫ୍ରିପଡା,୧୯।୧୦(ଡି.ଏନ.ଏ.)** ସୁନ୍ଦରଗଡ ଜିଲା ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ ଅଧକ୍ଷ ନରେଶ ପ୍ରତାପ ସିଂଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାଗୃହରେ ଆୟୋଜିତ ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରା, ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାଏକ, ବ୍ଲକ ଉପାଧକ୍ଷା ରୁପାବତୀ ସେଟ, ଅତିରିକ୍ତ ତହସିଲଦାର କବିତା କିରଣ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ ମଞ୍ଚାସୀନ ହୋଇଥିଲେ । ପ୍ରାରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କାର୍ଯ୍ୟସୂଚୀ ଅନୁଯାୟୀ ପର୍ଯ୍ୟାୟକ୍ରମେ ଶିକ୍ଷା, ସ୍ୱାସ୍ଥ୍ୟ, ପଶୁପାଳନ, ଉଦ୍ୟାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଆଦି ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋକପାତ କରିଥିଲେ । ସଦର ବିଧାୟିକା ଟେଟେ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଅସନ୍ତୋଷ ପ୍ରକାଶ କରି ବ୍ଲକ ପ୍ରଶାସନକୁ ତାଗିଦ କରିଥିଲେ । ଆଗାମୀ ଦିନରେ ସରକାରଙ୍କ ଜନହିତକର ଯୋଜନାଗୁଡିକ ଶୃଙ୍ଖଳାର ସହିତ କାର୍ଯ୍ୟକାରୀ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ବୈଠକରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟା ସଭ୍ୟ, ବ୍ଲକ କର୍ମଚାରୀ ଏବଂ ଅନ୍ୟାନ୍ୟ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ଇ-କୁଲ୍ ମଣ୍ଡି ପାଇଁ ରାଉରକେଲା ପୁରସ୍କୃତ


ଆରଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରିଣୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ରାଉରକେଲା ଅଫିସ,୧୯।୧୦**

ଅର୍ଥନୈତିକ ଓ ସାମାଜିକ ସମାନତା ବର୍ଗରେ ଇ-କୁଲ୍ ମଣ୍ଡି ପାଇଁ ସ୍ମାର୍ଟସିଟି ରାଉରକେଲାକୁ ମିଲାନ ପ୍ୟାକ୍ଟ ଆୱାର୍ଡ-୨୦୨୨ ପ୍ରଦାନ କରାଯାଇଛି। ବ୍ରାଜିଲ ସ୍ଥିତ ରିଓଡିଜେନେରିଓଠାରେ ଅକ୍ଟୋବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ମିଲାନ୍ ଅର୍ବାନ ଫୁଡ୍ ପଲିସି ପ୍ୟାକ୍ଟ (ଏମୟୁଏଫପିପି)ର ୮ମ ଗ୍ଲୋବାଲ ଫୋରମ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଖାଦ୍ୟ ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବେହେରା ସୋମବାର ରିଓଡିଜେନେରିଓରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଚଳିତ ବର୍ଷ ମିଲାନ ପ୍ୟାକ୍ଟ ପୁରସ୍କାର ପାଇଁ ବିଶ୍ୱର ମୋଟ ୧୩୩ଟି ସହରରେ ୨୫୧ଟି ପ୍ରକଳ୍ପକୁ ସାମିଲ କରାଯାଇଥିଲା। ରାଉରକେଲା ସ୍ମାର୍ଟସିଟି ଏହି କୃତିତ୍ୱ ହାସଲ କରିଥିବାରୁ ଆରଏମ୍‌ସି କମିଶନର ତଥା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଇ-କୁଲ୍ ମଣ୍ଡି ପରିଚାଳନା କରୁଥିବା ସମସ୍ତ କର୍ମକର୍ତ୍ତା ଓ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ପରିବା ବିକ୍ରେତା ମହିଳାଙ୍କ ନିୟମିତ ଆୟକୁ ସୁନିଶ୍ଚିତ କରିବା ଲାଗି ରାଉରକେଲା ମହାନଗର ନିଗମ ପକ୍ଷରୁ ଏହି ଇ-କୁଲ୍ ମଣ୍ଡି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ପ୍ରାୟ ୭ଶହ ବୁଲା ବିକାଳି ଉପକୃତ ହୋଇଥିଲେ। ଏଭଳି ପ୍ରକଳ୍ପ ଦ୍ୱାରା ପନିପରିବା ଅଭାବ ବିକ୍ରିକୁ ରୋକିବା ସହ ଏହା କିପରି ପଚିସଢ଼ି ନ ଯିବ ସେ ନେଇ ବ୍ୟବସ୍ଥା କରାଯାଇଥିଲା।

# ମାଟିତଳୁ ଗଳିତ ମୃତଦେହ ଜବତ

**୧୨ଦିନ ହେଲା ନିଖୋଜ ଥିଲେ**

**ଝାରସୁଗୁଡ଼ା ଅଫିସ,୧୯।୧୦**

୧୨ଦିନ ପରେ ନିଖୋଜ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ବୁଧବାର ଦୁର୍ଲଗା ନିକଟ ମାଟିତଳୁ ଉଦ୍ଧାର କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ କେତୁଗ୍ରାମ ଥାନା ଚର୍ସୁଦାପୁର ଗ୍ରାମର ମହମ୍ମଦ ଆର୍ଶାକ (୩୦)। ଏ ନେଇ ପୋଲିସ୍ ଝାରସୁଗୁଡା ଥାନା କେସ୍ ନଂ୬୦୫/୨୨ ଦଫା ୩୦୨,୨୦୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାରେ ଗ୍ରାମର ଜଣଙ୍କୁ ଅଟକରଖି ପଚରାଉଚରା ଚଳାଇଛି। ମହମ୍ମଦ ଫେରିକରି ଜୀବିକା ନିର୍ବାହ କରୁଥିବାବେଳେ ଝାରସୁଗୁଡା ତଲିଭଟାରେ ଭଡାଘର ନେଇ ଅନ୍ୟମାନଙ୍କ ସହ ରହୁଥିଲେ। ପ୍ରତିଦିନ ଭଳି ମହମ୍ମଦ ଏକ ମୋପେଡରେ ବାସନକୁସନ ଧରି ଗତ ୭ତାରିଖରେ ଦୁର୍ଲଗା ଗ୍ରାମକୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ତାଙ୍କ ସମ୍ପର୍କୀୟ ଲାଲୁ ସେଖ୍ ଝାରସୁଗୁଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ସନ୍ଦେହକରି ପୋଲିସ ଦୁର୍ଲଗା ଗ୍ରାମର ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଯୁବକ ଜଣଙ୍କ ପୋଲିସ ନିକଟରେ ସବୁକିଛି ମାନିଯାଇଥିଲେ। ସେ ତାଙ୍କ ବୟାନରେ କହିଥିଲେ, ଗ୍ରାମର କେତେଜଣ ଯୁବକ ଫେରିବାଲା ସହିତ ଝଗଡା କରିଥିଲେ। ପରେ ତାଙ୍କୁ ହତ୍ୟାକରି ଗାଁ ନିକଟ ପରିତ୍ୟକ୍ତ ଜେଏସ୍‌ପିଏଲ୍ ପ୍ରକଳ୍ପ ନିକଟରେ ମାଟି ଖୋଳି ପୋତିଦେଇଥିଲୁ।

# ଏସଡିସି କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡ଼ଗାଁ,୧୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଚେମାପଦା ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏସଡିସି କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ କୁମାର ଟପୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଆୟୋଜନର ନେତୃତ୍ୱ ନେଉଥିବା ବଡ଼ଗାଁ ସମିତି ମେମ୍ବର ସାରିକା କେରକେଟା, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଅରୁଣ କୁମାର ଦୀକ୍ଷିତ, ବିଜେଡି କର୍ମକର୍ତ୍ତା ରଜତ ମହାପାତ୍ର , ସୁରେନ ବାଗେ, ଆଲୋକ ପଟ୍ଟନାୟକ,ରବର୍ଟ ମିଞ୍ଜ, ବସନ୍ତ ସାହୁ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଚାରପାଲି ଓ ଚଲନାମୁଣ୍ଡା ମଧ୍ୟରେ ହୋଇଛି। ଟୁର୍ନାମେଣ୍ଟ ୨୩ ତାରିଖରେ ଉଦ୍‌ଯାପିତ ହେବ। ଚାମ୍ପିୟାନ ଟିମ୍‌କୁ ୨୦ ହଜାର, ଉପ ବିଜେତା ଦଳକୁ ୧୫ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଦଳକୁ ୫ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ବିକ୍ରମ ଓ ରବିନ ଖେଳ ପରିଚାଳନା କରୁଥିବା ବେଳେ କମିଟି କର୍ମକର୍ତ୍ତା ସୁମନ ଡୁଙ୍ଗଡୁଙ୍ଗ,ସରୋଜ ଇନ୍ଦୁଆର, ରେଶବ ଚନ୍ଦନ, ମନୁ ଏକା, ମନୋଜ ବିଲୁଙ୍କ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହେଉଛି।



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

# ହାଉସିଂ ବୋର୍ଡ ଏମ୍‌ଡିଙ୍କୁ ସ୍ମାରକପତ୍ର ପ୍ରଦାନ


ହାଉସିଂ ବୋର୍ଡ ଏମ୍‌ଡିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ,୧୯।୧୦**

ଓଡିଶା ଷ୍ଟେଟ ହାଉସିଂ ବୋର୍ଡର ଏମ୍‌ଡି ସାଗରିକା ପଟ୍ଟନାୟକଙ୍କୁ ଓଏସ୍‌ଏଚ୍‌ବିର ହାଉସ୍ ଓନର୍ସ ଆସୋସିଏଶନ ପକ୍ଷରୁ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଓଡିଶା ହାଉସିଂ ବୋର୍ଡ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ଚାଲୁ କରିବା, ରାଉରକେଲାରେ ଖାଲି ପଡିଥିବା ସ୍ଥାନରେ ନୂତନ ହାଉସିଂ ପ୍ରକଳ୍ପ କରିବା ଭଳି ୮ ଦଫା ଦାବିକୁ ନେଇ ଆସୋସିଏଶନର କର୍ମକର୍ତ୍ତା ଏମ୍‌ଡି ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଓଡିଶା ଷ୍ଟେଟ ହାଉସିଂ ବୋର୍ଡ ହାଉସ୍ ଓନର୍ସ ଆସୋସିଏଶନର ସଭାପତି ବିମଲ କୁମାର ବିଶି, ପ୍ରକାଶ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଆକ୍ରମଣ, ବାଇକ ଭାଙ୍ଗିଲେ

**ଦେଓଗାଁ,୧୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା-ଭୁତିଆରବାହାଲ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଦେଓଗାଁ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲ ଖେଳ ଶିକ୍ଷକ ମୋହନ କୁମାର ରଣା ଆକ୍ରମଣର ଶିକାର ହୋଇଛନ୍ତି। ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍କୁଲ ଛୁଟି ପରେ ଖେଳ ଶିକ୍ଷକ ରଣା ତାଙ୍କ ସହଯୋଗୀ ତୁଳସୀଦାସ ଭୋଇଙ୍କ ସହ ନିଜଘର ତମିଆକୁ ବାଇକ (ନଂ ଓଡି୦୩ୟୁ ୯୧୭୫)ଯୋଗେ ଫେରୁଥିଲେ। କୁଠୁର୍ଲାରୁ ଭୁତିଆରବାହାଲ ମଝିରେ ଥିବା କ୍ରଶର ନିକଟରେ ୩ଜଣ ମୁଖାପିନ୍ଧା ଯୁବକ ହଠାତ୍ ସମ୍ମୁଖକୁ ଆସି ଏକ ଲୁହାରଡରେ ବାଇକ ସମ୍ମୁଖ ଭାଗକୁ ପିଟି ଦେଇଥିଲେ। ସେ ତଳେ ପଡିଯିବା ପରେ ବାଇକକୁ ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିଲେ। କୌଣସିମତେ ସେ ଓ ଭୋଇ ସେଠାରୁ ଦୌଡି ପଳାଇବା ପରେ ଦୁର୍ବୃତ୍ତମାନେ ଏକ ଲାଲରଙ୍ଗର ଆପାଚିରେ ଫେରାର ହୋଇଯାଇଥିଲେ।

# ଜିଲା ପୋଲିସର ସଡ଼କ ସୁରକ୍ଷା ସଚେତନତା

**ଝାରସୁଗୁଡ଼ା ଅଫିସ,୧୯।୧୦**

ଝାରସୁଗୁଡା ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ବୁଧବାର ଟାଉନ ଥାନା ପୋଲିସ୍ ତରଫରୁ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀଛକରୁ ରାଲି ବାହାରି ମନମୋହନ ସ୍କୁଲ୍ ପଡିଆରେ ପହଞ୍ଚିଥିଲା। ଏଥିରେ ଡିଏଭି ସ୍କୁଲ୍ ଛାତ୍ରୀଛାତ୍ର, ଏନ୍‌ସିସି ଛାତ୍ରୀଛାତ୍ର, ପୋଲିସ୍ କର୍ମଚାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଯୋଗଦେଇ ସଚେତନ ସୃଷ୍ଟି କରିଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଠି, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ବଣିକ ସଂଘ ସଭାପତି ହୀରାଲାଲ ଲୋକଚନ୍ଦାନୀ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋପାଳ ମିଶ୍ର, ପ୍ରଫେସର ଟହଲୁ ସାହୁ, ସାମାଜିକ କର୍ମୀ ପବନ ସୁଲତାନିଆ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଡିଏଭି ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ନେଇ ସଡକ ସୁରକ୍ଷା ସମାଜର ଭୂମିକା ଶୀର୍ଷକରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଯଥାକ୍ରମେ ସରଣ୍ୟ ଦାସ, ଅଦିତି ଯାଦବ ଓ ସୁହାନା ଅଞ୍ଜୁମଙ୍କ ସମେତ ବାକି ୨୦ଜଣ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଏସ୍‌ପି ଜୈନ ମାନପତ୍ର ପ୍ରଦାନକରି ପୁରସ୍କୃତ କରିଥିଲେ।



ସହର ମୁଖ୍ୟମାର୍ଗରେ ଛାତ୍ରୀଛାତ୍ରଙ୍କ ସଚେତନତା ରାଲି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଆଶିଷ


@ ସୁନୀଲ


@ ଅଭିଷେକ


@ ଉମେଶ


@ ପିକୁନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୋଦ୍ଧାସ୍‌ଙ୍କୁ ହରାଇଲା ଜାଏଣ୍ଟ୍ସ

**ବେଙ୍ଗାଲୁରୁ,୧୯।୧୦**

ଅଧିନାୟକ ଚନ୍ଦ୍ରନ ରଞ୍ଜିତ ଓ ରାକେଶଙ୍କ ଲଢୁଆ ପ୍ରଦର୍ଶନ ବଳରେ ୟୁପି ଯୋଦ୍ଧାସକୁ ପରାସ୍ତ କରିଛି ଗୁଜରାଟ ଜାଏଣ୍ଟ୍ସ। ଉଭୟ ଖେଳାଳି ମିଳିତ ଭାବରେ ୩୬ ପଏଣ୍ଟ ସ୍କୋର କରିଥିବା ବେଳେ ଜାଏଣ୍ଟ୍ସ ଏହି ମ୍ୟାଚକୁ ୫୧-୪୫ରେ ଜିତି ନେଇଥିଲା। ଶ୍ରୀ କାନ୍ତିବୀରା ଇଣ୍ଡୋର ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଜାଏଣ୍ଟ୍ସ ଅଧିନାୟକ ରଞ୍ଜିତ ସମ୍ମୁଖରୁ ଆକ୍ରମଣ କରିଥିଲେ। ରଞ୍ଜିତ ଏକାକୀ ୨୦ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କୁ ଭରପୂର ସହଯୋଗ କରିଥିଲେ ସାଥୀ ରେଡର ରାକେଶ(୧୬)।

ପ୍ରଥମ ହାଫ୍‌ରେ ଉଭୟ ଦଳ ପକ୍ଷରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରାଯାଇଥିଲା। ସୁରେନ୍ଦର ଗିଲ୍ ଓ ପ୍ରଦୀପ ନରୱାଲଙ୍କ ସୁପର ରେଡ କାରଣରୁ ୯ମ ମିନିଟ ସୁଦ୍ଧା ୟୁପି ୧୦-୭ରେ ଆଗୁଆ ରହିଥିଲା। ତେବେ ରଞ୍ଜିତଙ୍କ ପ୍ରଦର୍ଶନ କାରଣରୁ ୟୁପି ଅଲଆଉଟ ହେବା ସହିତ ବ୍ୟବଧାନ ୧୨-୧୧ରେ ପହଞ୍ଚିଥିଲା। ଉଭୟ ଚନ୍ଦ୍ରନ ଓ ରାକେଶଙ୍କ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ପ୍ରଥମ ରାଉଣ୍ଡ ସୁଦ୍ଧା ଗୁଜରାଟ ୧୯-୨୧ରେ ପଛୁଆ

**ପ୍ରୋ-କବାଡ଼ି ଲିଗ୍**

ରହିଥିଲା। ଦ୍ୱିତୀୟ ରାଉଣ୍ଡ ଆରମ୍ଭରୁ ଜାଏଣ୍ଟ୍ସ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମ ମିନିଟରେ ହିଁ ୟୁପିକୁ ଅଲଆଉଟ କରିବା ସହିତ ଅଗ୍ରଣୀ ହାସଲ କରିଥିଲେ। ଏହାପରେ ଅଗ୍ରଣୀ ବଜାୟ ରଖିବା ସହିତ ମ୍ୟାଚକୁ ୫୧-୪୫ରେ ଜିତି ନେଇଥିଲା ଜାଏଣ୍ଟ୍ସ। ଏହି ବିଜୟ ସହିତ ଜାଏଣ୍ଟ୍ସ ୧୪ ପଏଣ୍ଟ ସହିତ ୫ ଓ ୧୩ ପଏଣ୍ଟ ସହିତ ୟୁପି ଯୋଦ୍ଧାସ୍ ଷଷ୍ଠ ସ୍ଥାନରେ ରହିଛି।


ପ୍ରୋ-କବାଡ଼ି ଲିଗ୍‌ରେ ବୁଧବାର ୟୁପି ଯୋଦ୍ଧାସ୍ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

Happy Birthday

LUCKY
It's not necessary to have hundreds of friends when really a heart touching friendship is all you need. I'm glad I found my one true best friend in you...many many happy returns of the day happy birthday Lucky....... best wishes... Lisa, Arpita, Jyoti, Bapuni....
ଧ-୧୮୧୧

# ସୁପର୧୨ ଆଶା ଉଜ୍ଜୀବିତ ରଖିଲା ୱେଷ୍ଟଇଣ୍ଡିଜ୍

**ହୋବାର୍ଟ,୧୯।୧୦(ପି.ଟି.):** ଯୋଗ୍ୟତା ପର୍ଯ୍ୟାୟରେ ପ୍ରଥମ ବିଜୟ ସହିତ ସୁପର୧୨ ଆଶା ଉଜ୍ଜୀବିତ ରଖିଛି ଦୁଇ ଥର ଟି୨୦ ବିଶ୍ୱକପ୍ ଚାମ୍ପିୟନ ୱେଷ୍ଟଇଣ୍ଡିଜ୍। ପ୍ରଥମ ମ୍ୟାଚରେ ସ୍କଟଲାଣ୍ଡ ନିକଟରୁ ଅପ୍ରତ୍ୟାଶିତ ଭାବେ ପରାଜିତ ହେବା ପରେ ଦ୍ୱିତୀୟ ମ୍ୟାଚରେ ଜିମ୍ବାୱେକୁ ୩୧ ରନରେ ହରାଇଛି ନିକୋଲାଶ ପୁରନଙ୍କ ଦଳ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୭ ଉଇକେଟରେ ୧୫୩ ରନ୍ କରିଥିବା ବେଳେ ଜିମ୍ବାୱେ ୧୮.୨ ଓଭରରେ ୧୨୨ ରନରେ ଅଲଆଉଟ ହୋଇଥିଲା। ଆଲଜାରି ଯୋଶେଫ ୧୬ ରନରେ ୪ ଉଇକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ନାୟକ ସାଜିଥିଲେ। ବେଲେରିଭ୍ ଓଭାଲରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟ ଇଣ୍ଡିଜ ପକ୍ଷରୁ ଓପନର ଜନସନ୍ ଚାର୍ଲସ ସର୍ବାଧିକ ୪୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଭମାନ ପାୱେଲ ୨୮ ଓ ଅକିଲ ହୋସେନ୍ ୨୩* ରନ ସଂଗ୍ରହ କରିଥିଲେ। ଜିମ୍ବାୱେ ପକ୍ଷରୁ ସିକନ୍ଦର ରାଜା ୩ ଓ ମୁଜାରବାନି ୨ ଉଇକେଟ ନେଇଥିଲେ। ୧୫୪ ରନର ଲକ୍ଷ୍ୟ ସହଜ ହେବା ନେଇ ଆଶା କରାଯାଉଥିଲା। ମାତ୍ର ମଧ୍ୟକ୍ରମ ବିପର୍ଯ୍ୟୟ କାରଣରୁ ଜିମ୍ବାୱେ ବିଜୟରୁ ୩୧ ରନ ଦୂରରେ ରହି ଯାଇଥିଲା। ଲୁକ୍ ଜଙ୍ଗୱେ ୨୯ ଓ ୱେସଲି ମାଧେଭୀର ୨୭ ରନ୍ କରିଥିଲେ। ଯୋଶେଫଙ୍କ ବ୍ୟତୀତ ଜାସନ ହୋଲ୍ଡର ୩ ଉଇକେଟ ନେଇଥିଲେ।

# ବର୍ଷା ଧୋଇନେଲା ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍



**ବ୍ରିସବେନ୍,୧୯।୧୦(ପି.ଟି.):** ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍ ବର୍ଷାରେ ଧୋଇ ଯାଇଛି। ଗାବାରେ କ୍ରମାଗତ ବର୍ଷା କାରଣରୁ ଏହି ମ୍ୟାଚରେ ଟସ୍ ମଧ୍ୟ ପଡିପାରିନଥିଲା। ସାମନ ଷ୍ଟାଡିୟମରେ ପାକିସ୍ତାନ-ଆଫଗାନିସ୍ତାନ ମ୍ୟାଚ ମଧ୍ୟ ବର୍ଷା କାରଣରୁ ବାଧାପ୍ରାପ୍ତ ରହିଥିଲା। ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୫୫ ରନ୍ କରିଥିଲା। ଜବାବରେ ୨.୨ ଓଭରରେ ପାକିସ୍ତାନ ୧୯ ରନ କରିଥିବା ବେଳେ ମ୍ୟାଚ ବନ୍ଦ ରଖାଯାଇଥିଲା। ଭାରତ ଏହାର ପ୍ରଥମ ୱାର୍ମ ଅପରେ ଅଷ୍ଟ୍ରେଲିଆକୁ ୬ ରନରେ ପରାସ୍ତ କରିଥିଲା। ଅକ୍ଟୋବର ୨୩ ତାରିଖରେ ପାକିସ୍ତାନ ବିପକ୍ଷ ମ୍ୟାଚରୁ ଭାରତ ନିଜର ଅଭିଯାନ ଆରମ୍ଭ କରିବ।

# ଜରୁରୀ ବୈଠକ ପାଇଁ ପିସିବିର ଅନୁରୋଧ

**ଲାହୋର,୧୯।୧୦(ପି.ଟି.)**

ଭାରତୀୟ ଦଳ ପାକିସ୍ତାନ ମାଟିରେ କ୍ରିକେଟ ଖେଳିବ ନାହିଁ ବୋଲି ଜୟ ଶାହାଙ୍କ ମନ୍ତବ୍ୟକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ଏହି ମାମଲାରେ ଏସିଆନ କ୍ରିକେଟ୍ କାଉନ୍‌ସିଲ୍ (ଏସିସି)ର ହସ୍ତକ୍ଷେପ ଲୋଡିବା ସହିତ ତୁରନ୍ତ ଜରୁରିକାଳୀନ ବୈଠକ ଡାକିବା ଲାଗି ପିସିବି ଅନୁରୋଧ କରିଛି। ମଙ୍ଗଳବାର ଶାହାଙ୍କ ମନ୍ତବ୍ୟ ପରେ ବୁଧବାର ପିସିବି ପକ୍ଷରୁ ଏନେଇ ଆଧିକାରିକ ମତ ପ୍ରକାଶ ପାଇଛି। ଏପରି ମତାମତ କେବଳ ଏସୀୟ କ୍ରିକେଟକୁ ନୁହେଁ ବରଂ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରଭାବିତ କରିବ। ଏହା ଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ଦୁଇ ଭାଗରେ ବିଭକ୍ତ ହୋଇଯିବ। ଏପରି କି ୨୦୨୩ରେ ଭାରତରେ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ପାଇଁ ପାକିସ୍ତାନ ଭାରତ ଗସ୍ତ କରିବ ନାହିଁ ବୋଲି ମଧ୍ୟ ପିସିବି ପକ୍ଷରୁ କୁହାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମ୍ପାଦକ ଥିବା ଜୟ ଶାହା ମଙ୍ଗଳବାର ବାର୍ଷିକ ସାଧାରଣ ବୈଠକ ପରେ ଏହି ମନ୍ତବ୍ୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜୟ ଶାହା ବିସିସିଆଇ ସମ୍ପାଦକ ସହିତ ଏସିସିର ସଭାପତି ମଧ୍ୟ ରହିଛନ୍ତି। ଶାହାଙ୍କ ଏହି ମନ୍ତବ୍ୟ କେବଳ ୨୦୨୩ ଦିନିକିଆ ବିଶ୍ୱକପ୍ ନୁହେଁ ବରଂ ୨୦୨୪-୩୧ ମଧ୍ୟରେ ଭାରତ ଆୟୋଜନ କରୁଥିବା ସମସ୍ତ ଟୁର୍ଣ୍ଣାମେଣ୍ଟକୁ ପ୍ରଭାବିତ କରିବ ବୋଲି ପିସିବି କହିଛି। ଏସିସି ସଭାପତିଙ୍କ ଏହି ବୟାନବାଜି ପରେ ଆମ ନିକଟକୁ କୌଣସି ଆଧିକାରିକ ବାର୍ତ୍ତା ପହଞ୍ଚି ନ ଥିବା ପିସିବି ପ୍ରକାଶ କରିଛି। ତେଣୁ ଏକ ଜରୁରିକାଳୀନ ବୈଠକ ପାଇଁ ପିସିବି ପକ୍ଷରୁ ଅନୁରୋଧ କରାଯାଇଛି। ଭାରତରେ ଦିନିକିଆ ବିଶ୍ୱକପ୍ ୨୦୨୩ ଅକ୍ଟୋବର-ନଭେମ୍ବରରେ ଖେଳାଯିବ। ଏହା ପୂର୍ବରୁ ଏସିଆ କପ୍ ଖେଳାଯିବାର କାର୍ଯ୍ୟକ୍ରମ ଥିବା ବେଳେ ଆୟୋଜନ ଅଧିକାର ପାକିସ୍ତାନକୁ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନେକ ଥର ଏସିଆ କପ୍ ଆୟୋଜନକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରାଯାଇଛି। ୨୦୧୮ରେ ପାକିସ୍ତାନ ଦଳର ସୁରକ୍ଷା ବ୍ୟବସ୍ଥାକୁ କେନ୍ଦ୍ର କରି ଭାରତରେ ହେବାକୁ ଥିବା ଏସିଆ କପ୍ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ବିଗତ ସଂସ୍କରଣର ଏସିଆ କପ୍ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ବେଳେ ଆର୍ଥିକ ସଙ୍କଟ କାରଣରୁ ଏହାକୁ ୟୁଏଇ ସ୍ଥାନାନ୍ତର କରାଯାଇଥିଲା। ଉଭୟ ଦେଶ ମଧ୍ୟରେ ଚାଲିଥିବା ରାଜନୈତିକ ବିବାଦ କାରଣରୁ ଉଭୟ ଦେଶ ପରସ୍ପର ସହିତ କେବଳ ଏସିଆ କପ୍ ଏବଂ ଆଇସିସି ଇଭେଣ୍ଟଗୁଡିକରେ ଖେଳୁଛନ୍ତି। ଶେଷ ଥର ପାଇଁ ଭାରତ ୨୦୦୮ରେ ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ୨୦୧୨-୧୩ରେ ପାକିସ୍ତାନ ଭାରତ ଗସ୍ତରେ ଆସିଥିଲା। ଏସିସିର ସଭାପତି ଭାବରେ ଶାହାଙ୍କ ନିରପେକ୍ଷ ଭେନ୍ୟୁ ବକ୍ତବ୍ୟ ଉଭୟ ଆଶ୍ଚର୍ଯ୍ୟଜନକ ଓ ନୈରାଶ୍ୟଜନକ ବୋଲି ପିସିବି ପକ୍ଷରୁ କୁହାଯାଇଛି। ଏସିସି ବୋର୍ଡ ସଦସ୍ୟଙ୍କ ଅନୁମୋଦନ କ୍ରମେ ହିଁ ପାକିସ୍ତାନକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା। ଏପରି ସ୍ଥଳେ ପିସିବିର ବିନା ପରାମର୍ଶରେ ଶାହାଙ୍କ ଏଭଳି ମନ୍ତବ୍ୟ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ନଭେମ୍ବର ୧୨-୧୩ରେ ମେଲବୋର୍ନରେ ଆଇସିସି ବୈଠକରେ ଉଭୟ ଦେଶର ପ୍ରତିନିଧିଙ୍କ ସହିତ ଏହି ଘଟଣା ସମ୍ପର୍କରେ ଆଲୋଚନା କରାଯିବ ବୋଲି କୁହାଯାଇଛି। ଆଇସିସି ପକ୍ଷରୁ ଏହି ଘଟଣାକୁ ନେଇ ନୀରବତା ଅବଲମ୍ବନ କରାଯାଇଥିବା ବେଳେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ବାହାରିବା ଆଶା କରାଯାଉଛି। ଭାରତ କିମ୍ବା ପାକିସ୍ତାନ ବିନା ଏସିଆ କପ୍‌ର କୌଣସି ମହତ୍ତ୍ୱ ନାହିଁ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅନେକ ସମୟ ରହିଥିବା ବେଳେ ଆଲୋଚନା ମାଧ୍ୟମରେ ସମାଧାନ ବାହାରିବା ନେଇ ଆଇସିସି ଆଶାବାଦୀ ଅଛି।

# ବ୍ରହ୍ମପୁରରେ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୯।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଓ ସମର୍ଥନମ୍ ଟ୍ରଷ୍ଟ ଫର୍ ଦି ଡିସାବଲ୍‌ର ସହଯୋଗ ରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ(CAVI ODISHA) ପକ୍ଷରୁ ଦୃଷ୍ଟିବାଧିତ ମହିଳାମାନଙ୍କ ନିମନ୍ତେ ୫ ଦିନିଆ କ୍ରିକେଟ୍ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ଶିବିରରେ ଓଡ଼ିଶା ସର୍ଭିସ ସେଣ୍ଟର ଫର୍ ଦି ବ୍ଲାଇଣ୍ଡ ଓ ଆବାସିକ ଆଦର୍ଶ ମହିଳା ଦୃଷ୍ଟିହୀନ ବିଦ୍ୟାଳୟରୁ ୫୮ ଦୃଷ୍ଟିବାଧିତ ଛାତ୍ରୀ ଯୋଗ ଦେଇଛନ୍ତି। ପ୍ରଶିକ୍ଷାର୍ଥୀ ମାନଙ୍କୁ ଆସନ୍ତା ୧୯ରୁ ୨୩ ପର୍ଯ୍ୟନ୍ତ କ୍ରିକେଟ୍ ଏବଂ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିରରେ କାଭି ଓଡ଼ିଶାର ପ୍ରଶିକ୍ଷକ ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳର ଖେଳାଳି ଶୁକଦେବ ସରେନ୍ ପ୍ରାଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର କର୍ମକର୍ତ୍ତା ଚିନ୍ମୟ କୁମାର ସାହୁ, ଅଙ୍କିତା ପାଣି ଏବଂ ଶିଲ୍ପା ଷଡ଼ଙ୍ଗୀ ସହଯୋଗ କରୁଛନ୍ତି। ଉଦ୍‌ଘାଟନୀ ସମାରୋହରେ ଗଞ୍ଜାମ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭବାନୀ ଶଙ୍କର ପାଢ଼ୀ, ମମତା କୁମାରୀ ପଟ୍ଟନାୟକ, ଗୌରୀ ଶଙ୍କର ମହାପାତ୍ର ଏବଂ ଶୁକଦେବ ସରେନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# ସର୍ବଭାରତୀୟ ବେସାମରିକ କ୍ୟାରମ ପ୍ରତିଯୋଗିତା

**ଭୁବନେଶ୍ୱର, ୧୯।୧୦ (କ୍ରୀଡ଼ା ପ୍ରତିନିଧି):** ତ୍ରିପୁରାର ଅଗରତାଲାଠାରେ ସର୍ବଭାରତୀୟ ବେସାମରିକ କ୍ୟାରମ ପ୍ରତିଯୋଗିତା ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ଶନିବାର ସ୍ଥାନୀୟ ଓଡ଼ିଶା ରାଜ୍ୟ ସଚିବାଳୟ ସେବା ସଂଘ-୨ରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଅଂଶଗ୍ରହଣ କରିପାରିବେ।କର୍ମଚାରୀମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ କିମ୍ବା ଅଫିସରୁ ପରିଚୟ ପତ୍ର ସହ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ଉକ୍ତ ସ୍ଥାନରେ ସକାଳ ୯ଟା ୩୦ରେ ନାମ ପଞ୍ଜୀକରଣ କଲେ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଜଣାଇଛନ୍ତି।

# ପ୍ରଥମ ଭାରତୀୟ ଭାବେ ପଦକ ଜିତିଲେ ଭନ୍‌ୱାଲା

**ପଣ୍ଟେଭେଡ୍ରା (ସ୍ପେନ), ୧୯।୧୦ (ପି.ଟି.)**

ଭାରତର ପ୍ରଥମ ଗ୍ରିକୋ ରୋମାନ ରେସଲର ଭାବେ ସାଜନ ଭନୱାଲା ୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଛନ୍ତି।

**୨୩ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍**

ବୁଧବାର ଅନୁଷ୍ଠିତ ପ୍ଲେ-ଅଫ୍ ଲଢ଼େଇରେ ଭନୱାଲା ୟୁକ୍ରେନର ଡିମିଟ୍ରୋ ଭାସେଟସ୍କିଙ୍କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡିମିଟ୍ରୋ ଚମତ୍କାର ଆରମ୍ଭ କରି ୪ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲେ ହେଁ ଭନୱାଲା ଶକ୍ତିଶାଳୀ ମୁଭ୍ ଜରିଆରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ରକ୍ଷଣାତ୍ମକ ରଣନୀତି ଯୋଗୁ ସେ ପୁଣି ୨ ପଏଣ୍ଟ ହରାଇଥିଲେ। ମାତ୍ର ଏହାପରେ ଚତୁରତାର ସହ ଲଢ଼ି ଭନୱାଲା ସ୍କୋରକୁ ୧୦-୧୦ରେ ବରାବର କରିବାରେ ସକ୍ଷମ ହୋଇଥିଲେ। ଶେଷ ପଏଣ୍ଟ ଭନୱାଲା ହାସଲ କରିଥିଲେ, ତେଣୁ ତାଙ୍କୁ ବିଜେତା ଘୋଷଣା କରାଯାଇଥିଲା। ପ୍ରତିଯୋଗିତାରେ ଭନୱାଲା ଲିଥୁଆନିଆର ଏଷ୍ଟିସ ଲିଆଗମିନାସଙ୍କ ବିପକ୍ଷରେ ୩-୦ରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ପ୍ରି-କ୍ୱାର୍ଟର ଫାଇନାଲରେ ମାଲଡୋଭାର ଆଲେକଜାଣ୍ଡ୍ରିନ ଗୁଟୁଙ୍କଠାରୁ ହାରି ଯାଇଥିଲେ। ମାତ୍ର ଗୁଟୁ ଫାଇନାଲରେ ପ୍ରବେଶ କରିଥିବାରୁ ଭନୱାଲା ରିପଚେଜ୍ ରାଉଣ୍ଡରେ ଲଢ଼ିବା ସୁଯୋଗ ପାଇଥିଲେ।



କୋଚ୍‌ଙ୍କ ସହ ସାଜନ ଭନୱାଲା(ମଝି)।

# ଟି୨୦ ବିଶ୍ୱକପ୍‌ରେ ୪ ବଦଳ ଖେଳାଳି

**ମେଲବୋର୍ନ,୧୯।୧୦(ପି.ଟି.)**

ଟି୨୦ ବିଶ୍ୱକପ ପୂର୍ବରୁ ଅଦ୍ୟାବଧି ୪ ଜଣ ବଦଳ ଖେଳାଳି ସାମିଲ ହୋଇ ସାରିଲେଣି। ବିଶ୍ୱକପ୍‌ର ବୈଷୟିକ କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୪ ଜଣ ଖେଳାଳିଙ୍କୁ ସାମିଲ କରିବା ପାଇଁ ଅନୁମତି ଦିଆଯାଇଛି। ପ୍ରଥମେ ଆହତ ଶ୍ରୀଲଙ୍କା ପେସର ଦୁଷ୍ମନ୍ତ ଚାମିରାଙ୍କ ସ୍ଥାନରେ କସୁନ ରଜିଥାଙ୍କୁ ସାମିଲ କରାଯାଇଥିଲା। ଚାମିରାଙ୍କ ଗୋଇଠି ମାଂସପେଶୀ ଟାଣି ହୋଇଯିବା କାରଣରୁ ସେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିଲେ। ରଜିଥା ବର୍ତ୍ତମାନ ଶ୍ରୀଲଙ୍କାରେ ରହିଥିବା ବେଳେ ସେ ଖୁବ ଶୀଘ୍ର ଦଳ ସହିତ ଯୋଗ ଦେବେ। ଅନ୍ୟତମ ଶ୍ରୀଲଙ୍କା ଖେଳାଳି ଧନୁଷ୍କା ଗୁଣତିଲକା ହାର୍ମଷ୍ଟ୍ରିଙ୍ଗ ଟାଣି ହୋଇଯିବା କାରଣରୁ ବାଦ୍ ପଡିଛନ୍ତି। ରିଜର୍ଭ ସ୍କ୍ୱାଡରେ ଥିବା ଆସେନ୍ ବନ୍ଦରା ତାଙ୍କ ସ୍ଥାନରେ ସାମିଲ ହୋଇଛନ୍ତି। ୟୁଏଇର ଜୱାର ଫରିଦଙ୍କ ସ୍ଥାନରେ ରିଜର୍ଭ ଖେଳାଳି ଫହାଦ ନୱାଜ ସାମିଲ ହୋଇଥିବା ବେଳେ ଇଂଲଣ୍ଡ ପେସର ରିସି ଟପ୍‌ଲେଙ୍କ ସ୍ଥାନରେ ସାମିଲ ହୋଇଛନ୍ତି ଟାଇମଲ ମିଲ୍ସ।

# ନିମାପଡ଼ା ପ୍ରିମିୟର ଫୁଟବଲ୍ ଲିଗ୍ ଉଦ୍‌ଘାଟିତ

**ନିମାପଡ଼ା, ୧୯।୧୦ (ଡି.ଏନ୍.ଏ.)**

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ୨୦ତମ ନିମାପଡ଼ା ପ୍ରିମିୟର ଫୁଟବଲ ଲିଗ୍ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ବଳଙ୍ଗା ଲଙ୍କେଶ୍ୱରୀ ଫୁଟବଲ କ୍ଲବ ଓ ଧନେଶ୍ୱର ରୁଦ୍ରାମ୍ବିକା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ରୁଦ୍ରାମ୍ବିକା କ୍ଲବକୁ ୪-୦ ଗୋଲରେ ପରାସ୍ତ କରିଛି ଲଙ୍କେଶ୍ୱରୀ କ୍ଲବ। ପ୍ରଥମାର୍ଦ୍ଧରେ ଲଙ୍କେଶ୍ୱରୀ କ୍ଲବର ପିନ୍ମୟ ଲେଙ୍କା ୨ଟି ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲେ। କ୍ଲବର ଅନ୍ୟତମ ଖେଳାଳି ସ୍ମୃତିରଞ୍ଜନ ବେହେରା ଦ୍ୱିତୀୟାର୍ଦ୍ଧ ଖେଳରେ ଗୋଟିଏ ଗୋଲ କରିଥିଲେ। ପିନ୍ମୟ ଲେଙ୍କା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରଣଜିତ୍ କେଶରୀ ନାୟକ, ପ୍ରମୋଦ ବରାଳ, ଜୟନ୍ତ ରାୟ, ଦୋଳଗୋବିନ୍ଦ ସେଠୀ ମ୍ୟାଚ ପରିଚାଳନା କରିଥିଲେ। ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ୍ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରୀଡାବିତ୍ ନିର୍ମଳ ମିଶ୍ର, ବିଶ୍ୱଜିତ୍ ମଲ୍ଲିକ, ଅମରେଶ ନନ୍ଦନ ସାହୁ, ମହେନ୍ଦ୍ର ସିଂ ଭାଟିଆ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସରୋଜିନୀ ମିଶ୍ର, ନିବେଦିତା କୁମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।


ନିମାପଡ଼ା ପ୍ରିମିୟର ଫୁଟବଲ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବିଜୟ ସତ୍ତ୍ୱେ ଭାରତ ଯୋଗ୍ୟତାରୁ ବଞ୍ଚିତ

**କୁଏଟ୍,୧୯।୧୦(ପି.ଟି.):** କୁଏଟ୍ ବିପକ୍ଷରେ ୨-୧ରେ ବିଜୟ ସତ୍ତ୍ୱେ ଆସନ୍ତା ବର୍ଷର ୨୦ ବର୍ଷରୁ କମ୍ ଏଏଫ୍‌ସି ଏସିଆନ୍ କପ୍ ପାଇଁ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଛି ଭାରତ। ଗ୍ରୁପ୍ ଏଚ୍‌ରେ ରହିଥିବା ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ କୁଏଟ୍‌କୁ ପରାସ୍ତ କରିଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ଭାରତ ଅଭିଯାନ ଶେଷ କରିଛି। ପ୍ରଥମ ଦୁଇ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ଓ ଇରାକକୁ ଆସନ୍ତା ବର୍ଷର ଉଜବେକିସ୍ତାନ ଟିକେଟ ମିଳିଛି। ଅଧିନାୟକ ଟାଇସନ୍ ସିଂ(୮) ଓ ଗୁରକିରାଟ ସିଂ (୭୭ମିନିଟ) ଭାରତ ପକ୍ଷରୁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ କୁଏଟ୍ ପାଇଁ ସଲେହ ଅଲମେହତାବ (୭୩ ମିନିଟ) ଏକମାତ୍ର ଗୋଲଟି ସ୍କୋର କରିଥିଲେ।

ମନେ ପଡ଼ନ୍ତି
୧୫ତମ ଶ୍ରାଦ୍ଧବାର୍ଷିକ

ଁନରେନ୍ଦ୍ର ଚରଣ ସାମନ୍ତରାୟ
(ଅବସର ପ୍ରାପ୍ତ ପୋଲିସ୍ ଅଫିସର)
ଆବିର୍ଭାବ : ୦୬.୦୫.୧୯୩୩
ତିରୋଧାନ : କାର୍ତ୍ତିକ ମାସ ଦଶମୀ-୨୦୦୭
(ଗ୍ରାମ : ବକୁଗ୍ରାମ, ବଳଙ୍ଗା, ନିମାପଡ଼ା, ପୁରୀ)
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
D-73885

# ପାଦେ ଆଗକୁ ପାଦେ ପଛକୁ

ପ୍ରଥମ ଥର ପାଇଁ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ମନ ବଳାଇଛନ୍ତି ରକୁଲ ପ୍ରୀତ ସିଂ। ଭବିଷ୍ୟତରେ ଯଦି ଏଭଳି ଅଫର ମିଳେ ତେବେ ଏପରି ସିରିଜ୍‌ରେ ଅଭିନୟ କରିବାକୁ ପଛାଇବେ ନାହିଁ। କଥା ପୁଣି ଏତିକିରେ ସୀମିତ ହୋଇ ରହିନାହିଁ। ନିଜେ ମଧ୍ୟ ୱେବ୍ ସିରିଜ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ରକୁଲ୍ କହନ୍ତି, 'ପ୍ରଥମେ ୱେବ୍ ସିରିଜ୍‌ରେ ଆକ୍ଟିଂ କରିବାକୁ ଆଗ୍ରହ ନ ଥିଲା। ହେଲେ ଥଣ୍ଡା ମିଜାଜ୍‌ରେ ଚିନ୍ତା କରି ଭାବିଲି ଏବେ ଡିଜିଟାଲ ପ୍ଲାଟଫର୍ମର ଚାହିଦା ବେଶ୍ ରହିଛି। ତେଣୁ ଏ ନେଇ ଆଗେଇଲେ କିଛି ଅସୁବିଧା ନାହିଁ। ଏବେ ମୁଁ ନିଜେ କେତୋଟି ୱେବ୍ ସିରିଜ ନିର୍ମାଣ କରିବାକୁ ଯୋଜନା କରୁଛି। ଏଥିପାଇଁ ଭଲ ଭଲ କାହାଣୀ ସନ୍ଧାନରେ ଅଛି। ଯେତେବେଳେ ସବୁ ଫାଇନାଲ ହେବ ସେ ନେଇ ମୁଁ ନିଜ ପଟରୁ ଜଣାଇ ଦେବି।' ତେବେ ୱେବ୍ ସିରିଜ୍ ରକୁଲଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ରକୁଲ

# ଛାଇକୁ ଡର

ସୈଫ ତନୟା ସାରା ଅଲ୍ଲୀ ଖାଁ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା କ'ଣ ଜାଣନ୍ତି ? ନିଜ ଛାଇ। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ଏକଦା ସେ ନିଜର ଜଣେ ସାଙ୍ଗଙ୍କର ବାର୍ଥ ଡେ'କୁ ଯାଇଥିଲେ। ସାଙ୍ଗମାନଙ୍କ ସହ ବେଶ୍ ହସଖୁସିରେ ମଜ୍ଜି ଥିବା ବେଳେ ସେ ହଠାତ୍ ପଛକୁ ଚାହିଁ ଚମକି ପଡିଲେ। କ'ଣ ହେଲା ବୋଲି ତାଙ୍କର ସାଙ୍ଗମାନେ ଜାଣିବାକୁ ଚାହିଁବାରୁ ସେ ଏହାର କାରଣ ବିଷୟରେ ବଖାଣିଥିଲେ। ଏ ନେଇ ସାରା କହନ୍ତି, 'ସତ କଥା ହେଲା ମୋ ଛାଇକୁ ଦେଖିଲେ ମୋତେ ଭାରି ଡର ଲାଗେ। ଏକଦା ରାତିରେ ଶୁଟିଂ ଚାଲିଥାଏ। ପ୍ୟାକ୍ ଅପ୍ ପରେ ଯେତେବେଳେ ମୁଁ ମୋ କାର୍ ପାଖକୁ ଗଲି ପଛକୁ ଚାହିଁ ଚମକି ପଡିଥିଲି। ସେଦିନ ସାଧାରଣ ଅବସ୍ଥାକୁ ଆସିବାକୁ ମୋତେ ୧୦-୧୫ ମିନିଟ୍ ଲାଗିଯାଇଥିଲା। ଏଇଟା ମୋର ପିଲାଦିନରୁ ଅଭ୍ୟାସ। କେବଳ ମୋ ଛାଇ ନୁହେଁ, ଅନ୍ଧାର ଦେଖିଲେ ମୋ ମନରେ ଛନକା ପଶିଯାଏ। ତେଣୁ ବାହାରେ ବୁଲିବା ସମୟରେ ଏ ନେଇ ମୁଁ ବେଶ୍ ସତର୍କ ଥାଏ।' ସାରାଙ୍କ ପ୍ରଥମ ସିନେମା ଥିଲା 'କେଦାରନାଥ'। ନିଜର ଚାରି ବର୍ଷର କ୍ୟାରିୟର ଭିତରେ ସେ 'ଶିମ୍ବା', 'ଲଭ୍ ଆଜ୍ କଲ୍', 'କୁଲି ନଂ ୱାନ୍' ଏବଂ 'ଅତରଙ୍ଗୀ ରେ' ଫିଲ୍ମରେ ଆକ୍ଟିଂ କରିସାରିଛନ୍ତି। ଏବେ ଲକ୍ଷ୍ମଣ ଉତେକରଙ୍କ ଏକ ଅନଟାଇଟଲ୍‌ଡ ଫିଲ୍ମ ଏବଂ 'ଗ୍ୟାସଲାଇଟ୍' ନାମକ ସିନେମା ତାଙ୍କ ହାତରେ ଅଛି।


ସାରା

# ଖୋଜିବା ଚିଜ ମିଳିଗଲା


ରାଜପ୍ରଦୀପ

କୋରିଓଗ୍ରାଫିରୁ ନିର୍ଦ୍ଦେଶକ ସାଜିବାକୁ ଯାଉଛନ୍ତି ରାଜପ୍ରଦୀପ। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ତୋ ବିନା'। ଏହାପୂର୍ବରୁ ସେ ଓଡ଼ିଆ ଚଳଚ୍ଚିତ୍ର 'ପହିଲି ରଜ' ଏବଂ 'ସପନର ନାୟିକା'ର କୋରିଓଗ୍ରାଫି କରି ସାଉଁଟି ସାରିଛନ୍ତି ଅନେକ ପ୍ରଶଂସା। ଏହାବ୍ୟତୀତ ଅନେକ ଓଡିଆ, ହିନ୍ଦୀ, ମରାଠୀ, ଗୁଜରାଟୀ, ବଙ୍ଗଳା, ତାମିଲ ଆଲବମ୍‌ର କୋରିଓଗ୍ରାଫର ଦାୟିତ୍ୱ ତୁଲାଇ ସାରିଛନ୍ତି। ତାଙ୍କ ନିର୍ଦ୍ଦେଶିତ ମରାଠୀ ଫିଲ୍ମ 'ରଖମା' ହିଟ୍ ସାବ୍ୟସ୍ତ ହୋଇସାରିଛି। ତେବେ ନିଜର ପ୍ରଥମ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ କିପରି ଦର୍ଶକଙ୍କ ମନକୁ ଛୁଇଁ ପାରିବ ସେ ନେଇ ପୂରାଦମ୍‌ରେ ଲାଗିପଡିଛନ୍ତି ରାଜପ୍ରଦୀପ। ଦେବକୀ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି ଚିନ୍ମୟୀ। ସଂଳାପ ଲେଖିଛନ୍ତି ବିଶ୍ୱଭୂଷଣ ମିଶ୍ର। ଏହି ଚିତ୍ରରେ ଦେବରାଜ ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଦିଶା। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରିୟଙ୍କା ମହାପାତ୍ର, ରବି ମିଶ୍ର ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## ଦୀପାବଳିରେ 'ରୁଦ୍ରାଣୀ'

ଚଳିତ ବର୍ଷର ରିଲିଜ ତାଲିକାରେ ଆଉ ଏକ ଓଡ଼ିଆ ସିନେମାର ନାମ ଯୋଡି ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ରୁଦ୍ରାଣୀ'। ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନିର୍ମିତ ଉକ୍ତ ଚିତ୍ରଟି ଚଳିତ ମାସ ୨୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ବିଷୟରେ ସେ କୁହନ୍ତି, 'ରୁଦ୍ରାଣୀ ହେଉଛି ଏକ ଭିନ୍ନଧରଣର ଫିଲ୍ମ। ମିଛର ଉହାଡ଼ ଭିତରେ କେମିତି ସତ୍ୟ ଲୁଚିଯାଏ ଓ ସତ୍ୟର ସନ୍ଧାନ କରିବା କେତେ କଷ୍ଟକର, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହି ସିନେମାଟି ମୌଳିକ ଓଡ଼ିଆ କାହାଣୀକୁ ନେଇ ପ୍ରସ୍ତୁତ ଏବଂ ଏଥିରେ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ କରିବାକୁ ଜଣେ ଯୁବତୀ ଶପଥ ନେଇଛି ଏବଂ ସେଥିପାଇଁ ସେ ଏକ ନୂଆ ଅବତାର ନେଇଛି।' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି କେ.ମୁରଲୀ କ୍ରିଷ୍ଣା।


'ରୁଦ୍ରାଣୀ' ଫିଲ୍ମରେ ଝିଲିକ୍

ସିନେମାର ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ପ୍ରେମାନନ୍ଦ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ରିଏଟିଭ୍ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜକ ଭାବେ ଦାୟିତ୍ୱ ତୁଲାଇଛନ୍ତି ଅରୁଣ ସ୍ୱାଇଁ ଓ ଋତୁରାଜ ଖଟୁଆ। ଝିଲିକ୍‌ଙ୍କ ବ୍ୟତୀତ ଶୁଭାଶିଷ ଶର୍ମା(ମଣ୍ଟୁ), ଲୋହିତାକ୍ଷ ପଟ୍ଟନାୟକ, ନବାଗତା ମୁସ୍କାନ, ବାପି ବାବୁ, ବବି ମିଶ୍ର, ପିଣ୍ଟୁ ନନ୍ଦ, ଭିକି ମିଶ୍ର, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଟିଲୁ, ପ୍ରତିଭା ପଣ୍ଡା, ଶୁଭଙ୍କରୀ, ଅନୁରାଧା, ଗୁଡୁ, ଅମର, ସରୋଜ, ଧରିତ୍ରୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ ଚଳିତ ବର୍ଷ 'ରୁଦ୍ରାଣୀ' ପୂର୍ବରୁ ୨୭ଟି ଓଡ଼ିଆ ଫିଲ୍ମ ରିଲିଜ ହୋଇସାରିଛି।

## ଅପେରା ହାଲ୍‌ଚାଲ୍

# ପ୍ରତିଟି ଭୂମିକା ମୋ' ପାଇଁ ଚାଲେଞ୍ଜ

ପିଲାଟି ଦିନରୁ ଅଭିନୟ ମାୟାରେ ପଡିଯାଇଥିଲେ ସେ। ପରବର୍ତ୍ତୀ ସମୟରେ ଥିଏଟର ଏବଂ ଧାରାବାହିକରେ ଆକ୍ଟିଂ କରିବା ପରେ ଯାତ୍ରା ରଙ୍ଗମହଲରୁ ସେ ଆରମ୍ଭ କରିଛନ୍ତି ନିଜର ଅପେରା କ୍ୟାରିୟର ଏବଂ ସେହି ଅଗ୍ରଣୀ ଯାତ୍ରାନୁଷ୍ଠାନରେ ଗତ ଚାରି ବର୍ଷ ଧରି ଆକ୍ଟିଂ ଜାରି ରଖିଛନ୍ତି ଯୁବ କମେଡିଆନ୍ ଗୁରୁ ପୃଷ୍ଟି। ତାଙ୍କ ଅଭିନୀତ ଚର୍ଚ୍ଚିତ ନାଟକଗୁଡିକ ମଧ୍ୟରେ ରହିଛି, 'ଚାଲିବା ଆଗରୁ ବାଟ ସରିଲା' (ଧୂମାଳ), 'ବଡ଼ଦାଣ୍ଡର ଭିକାରୀ' (ଗିରିଆ), 'ଭୁଲ ତୋର ଭୋଗୁଛି ମୁଁ (ଗୁରୁ), 'ପୁରୁଷର ଦେହ ନାରୀର ମନ' (ଶଙ୍ଖ), 'ଜାରଜ ଜହର ନୁହଁ କାହାର' (ମୁରଲୀ)ଆଦି ଅନ୍ୟତମ। ନିଜ ଅଭିନୟ ଜୀବନର ସବୁ ଶ୍ରେୟ ସେ ଦିଅନ୍ତି ଜଲିଉଡ୍‌ର ଆଗଧାଡିର ନାଟ୍ୟକାର ତଥା ନିର୍ଦ୍ଦେଶକ ଇଂ ଆଶୁତୋଷ ମହାପାତ୍ର ଏବଂ ରଙ୍ଗମହଲର ପ୍ରଯୋଜକ ସତ୍ୟ ଜେନାଙ୍କୁ। ଅନ୍ୟପକ୍ଷରେ ଜଲିଉଡ୍‌ର ଆକ୍ସନ ଷ୍ଟାର ସୁବାସ ବେହେରାଙ୍କ ଟିପ୍ସ ମୋ କ୍ୟାରିୟରକୁ ଆଗେଇ ନେବାରେ ଅନେକ ସହାୟକ ହୋଇଛି। କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ଗ୍ରାମରେ ଜନ୍ମିତ ଗୁରୁ ଏ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କମେଡି ଭୂମିକାରେ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ସବୁଠାରୁ ଖାସ୍ କଥା କିଛି ନାଟକରେ ସେ ଜଣେ ସହ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। 'କମେଡି ଭୂମିକା ତୁଲାଇବା ଏତେ ସହଜ ନୁହେଁ। ତେବେ ନିଜ ରୋଲ୍‌କୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ଯଥାସମ୍ଭବ ଉଦ୍ୟମ କରିଥାଏ। ବର୍ତ୍ତମାନ ମୋତେ କମେଡି ସହ ଚରିତ୍ର ଅଭିନେତା ଭୂମିକାରେ ଦର୍ଶକ ଦେଖିସାରିଛନ୍ତି। ଦର୍ଶକଙ୍କ ଭଲପାଇବା ଆଜି ମୋତେ ଜଣେ ଆଗଧାଡିର ଯୁବ କମେଡିଆନ୍ ଭାବରେ ଠିଆ ହେବାକୁ ଯଥେଷ୍ଟ ପ୍ରେରଣା ଦେଇଛି ବୋଲି କହନ୍ତି ଗୁରୁ।'


ଗୁରୁ

# ପୂଜାଙ୍କ ଆକ୍ସନ ମୁଡ୍

ପୂଜା ହେଗଡେ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ସେ କହନ୍ତି, 'ଗତ କିଛି ମାସ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିଛି। ହଲିଉଡ୍‌ର ଏଭଳି ସିନେମା ମୋତେ ବେଶି ଇମ୍ପ୍ରେଶ କରିଛି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକଶନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ପୂଜାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।


ପୂଜା ହେଗଡେ

# କାରଣ ଖୋଜୁଛନ୍ତି ସୋନାକ୍ଷୀ

ସୋନାକ୍ଷୀ ସିହ୍ନା ଏବେ ମାଇଣ୍ଡ ଫ୍ରେଶ କରିବାକୁ ଯାଇଛନ୍ତି। ବର୍ତ୍ତମାନ ସେ ପ୍ୟାରିସ୍‌ରେ ଡେରା ପକାଇଛନ୍ତି। ତା'ପରେ ଆଉ କେତୋଟି ଫରେନ୍ ଟୁରିଷ୍ଟ ସ୍ଥାନ ବୁଲାବୁଲି କରି ଘରକୁ ଫେରିବେ। ହେଲେ ତା' ଭିତରେ ତାଙ୍କୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ ନିକଟରେ ସେ ନିଜର କେତୋଟି ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ, ଯାହା ତାଙ୍କୁ ନେଇ ଆଲୋଚନା କରିବାକୁ ଯଥେଷ୍ଟ ଖୋରାକ ଯୋଗାଇଛି। ଅସଲ କଥା ହେଲା ଏହି ଫଟୋଗୁଡିକରେ ସେ ବିକିନି ପିନ୍ଧିଛନ୍ତି। ଯେତେବେଳେ ଏକଥା ସେ ଜାଣିଲେ କେମିତି ବା ଚୁପ୍ ବସିବେ କହୁନାହାନ୍ତି ? ଏ ବିଷୟରେ ଶେଷକୁ ବାଧ୍ୟ ହୋଇ ସଫେଇ ଦେଇଛନ୍ତି । ଏ ସମ୍ପର୍କରେ 'ଦବଙ୍ଗ ଗର୍ଲ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ସୂଚନାଯୋଗ୍ୟ ସୋନାକ୍ଷୀ ଅଭିନୟ କରିଥିବା ହିନ୍ଦୀ ସିନେମା 'ଡବଲ ଏକ୍ସଏଲ୍'ର ଶୁଟିଂ ନିକଟରେ ଶେଷ ହୋଇଛି।


ସୋନାକ୍ଷୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୦/୨୦୨୨ Sambalpur, Thursday, October 20/ 2022

# ହକି ପ୍ରୋ-ଲିଗ୍ ପାଇଁ କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୧୯।୧୦
(କ୍ରୀଡ଼ା ପ୍ରତିନିଧି)



ପାଖାପାଖି ୨ ବର୍ଷ ବ୍ୟବଧାନରେ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସ ଦ୍ୱାର ସାଧାରଣ ଦର୍ଶକଙ୍କ ପାଇଁ ଖୋଲିବାକୁ ଯାଉଛି। ଏଫ୍ଆଇଏଚ୍ ପ୍ରୋ-ଲିଗ୍ର ଭୁବନେଶ୍ୱର ଭେନ୍ୟୁ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଇତିମଧ୍ୟରେ ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୮ ତାରିଖରୁ ହକି ପ୍ରୋ-ଲିଗ୍ ମ୍ୟାଚ ଆରମ୍ଭ ହେବ। ଭାରତ, ନ୍ୟୁଜିଲାଣ୍ଡ ଓ ସ୍ପେନ୍‌କୁ ନେଇ ମ୍ୟାଚଗୁଡ଼ିକ ନଭେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ୨୮ ତାରିଖରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। ୩୦ ତାରିଖରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ସ୍ପେନ୍‌କୁ ଭେଟିବ। ପ୍ରତି ଦଳ ପ୍ରତିପକ୍ଷକୁ ୨ଟି ଲେଖାଏ ମ୍ୟାଚରେ ଭେଟିବାର ଥିବାରୁ କଳିଙ୍ଗରେ ମୋଟ ୬ଟି ମ୍ୟାଚ ଅନୁଷ୍ଠିତ ହେବ। ସେହି କ୍ରମରେ ଭାରତ ଏହାର ୨ଟି ମ୍ୟାଚ ନଭେମ୍ବର ୪ରେ ନ୍ୟୁଜିଲାଣ୍ଡ ଏବଂ ୬ରେ ସ୍ପେନ୍ ସହିତ ଖେଳିବ। ପ୍ରୋ-ଲିଗ୍ ମ୍ୟାଚ ପାଇଁ ଟିକେଟ ticketgenie.in/tickets/fih-hockey-pro-league ୱେବସାଇଟ୍‌ରେ ଉପଲବ୍ଧ। ଭାରତ ଖେଳିବାକୁଥିବା ମ୍ୟାଚ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ଥିବାବେଳେ ୱେଷ୍ଟ ଷ୍ଟାଣ୍ଡ ପାଇଁ ୫୦୦ ଟଙ୍କା ରଖାଯାଇଛି। ଭାରତ ଖେଳୁ ନ ଥିବା ମ୍ୟାଚଗୁଡ଼ିକ ପାଇଁ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦ ଟଙ୍କା, ଇଷ୍ଟ ଷ୍ଟାଣ୍ଡ ୧୦୦ ଟଙ୍କା ଓ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।

### ଦର୍ଶକଙ୍କୁ ସ୍ୱାଗତ: ଦିଲୀପ

"ଏଫ୍ଆଇଏଚ୍ ପ୍ରୋ ଲିଗ୍ ପାଇଁ ଆମେ ଦର୍ଶକଙ୍କୁ କଳିଙ୍ଗ ଷ୍ଟାଡିୟମକୁ ସ୍ୱାଗତ କରୁଛୁ। କୋଭିଡ-୧୯ କଟକଣା ଉଠି ଯାଇଥିବାରୁ ପୂରା ସଂଖ୍ୟାରେ ଦର୍ଶକ ଆସି ମ୍ୟାଚ ଉପଭୋଗ କରିବେ ବୋଲି ଆମେ ଆଶା କରୁଛୁ। ଆଗକୁ ହକି ବିଶ୍ୱକପ ଅସୁଥିବାରୁ ଏଠାରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ମ୍ୟାଚ ଖେଳିବା ବହୁତ ଭଲ କଥା। ଏହା ଏକ ପୂର୍ବ ପ୍ରସ୍ତୁତି ସ୍ୱରୂପ ହେବ। ଭ୍ରମଣକାରୀ ଦଳ ଗୁଡ଼ିକୁ ସ୍ୱାଗତ କରିବାକୁ ଆମେ ପ୍ରସ୍ତୁତ" ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

**କଳିଙ୍ଗରେ ପ୍ରୋ-ଲିଗ୍ ମ୍ୟାଚ**

ଅକ୍ଟୋବର ୨୮: ଭାରତ ବନାମ ନ୍ୟୁଜିଲାଣ୍ଡ
ଅକ୍ଟୋବର ୨୯: ନ୍ୟୁଜିଲାଣ୍ଡ ବନାମ ସ୍ପେନ
ଅକ୍ଟୋବର ୩୦: ଭାରତ ବନାମ ସ୍ପେନ
ନଭେମ୍ବର ୪: ଭାରତ ବନାମ ନ୍ୟୁଜିଲାଣ୍ଡ
ନଭେମ୍ବର ୫: ସ୍ପେନ ବନାମ ନ୍ୟୁଜିଲାଣ୍ଡ
ନଭେମ୍ବର ୬: ଭାରତ ବନାମ ସ୍ପେନ
(ମ୍ୟାଚଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ)

FIH PRO LEAGUE 2022/23

# ସାଇ ଟ୍ରେନିଂ ସେଣ୍ଟରଗୁଡ଼ିକୁ ୨୫ କୋଟିର ଅତିରିକ୍ତ ଅନୁଦାନ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

ଦେଶବ୍ୟାପୀ ସମସ୍ତ ସାଇ ଟ୍ରେନିଂ ସେଣ୍ଟରକୁ ୨୫ କୋଟିର ଅତିରିକ୍ତ ଅନୁଦାନ ପ୍ରଦାନ କରାଯିବ। ତୃଣମୂଳ ସ୍ତରରୁ ଆଥଲେଟମାନଙ୍କୁ ଅତ୍ୟାଧୁନିକ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସାଇର ୫୬ ତମ ସାଧାରଣ ବୈଠକ ଅବସରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଓ କ୍ରୀଡା ରାଷ୍ଟ୍ର ମନ୍ତ୍ରୀ ନିଶିଥ୍ ପରମାଣିକ ଏହି ବୈଠକରେ ଉପସ୍ଥିତ ଥିଲେ। ସେହିପରି ସାଇ ସେଣ୍ଟର ଗୁଡିକରେ ରହିଥିବା ଅବ୍ୟବହୃତ ଭିତ୍ତିଭୂମିକୁ କ୍ରୀଡା ବିକାଶରେ ବ୍ୟବହାର କରାଯିବ। ସାଧାରଣ ବୈଠକରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ଆଥଲେଟ ମାନଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ବୋଲି ପରମାଣିକ କହିଥିଲେ। ସେହିପରି ଭିତ୍ତିଭୂମିର ବ୍ୟବହାର ପାଇଁ ସାଇ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ଏହି ବୈଠକରେ ସାଇର ବିଭିନ୍ନ ଅଧିକାରୀଙ୍କ ସହିତ ସାଧାରଣ ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ ଯୋଗ ଦେଇଥିଲେ। ଦେଶରେ କ୍ରୀଡା ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ସାଇର ନିଯୁକ୍ତି ନିୟମକୁ ସାମାନ୍ୟ କୋହଳ କରାଯାଇଥିବା ବେଳେ ପାରା ଆଥଲେଟ ପାଇଁ ନୂତନ ବ୍ୟବସ୍ଥାର ପ୍ରଚଳନ ମଧ୍ୟ କରାଯାଉଛି ବୋଲି ପରମାଣିକ ପ୍ରକାଶ କରିଥିଲେ। ଆଥଲେଟ ଓ ପାରା ଆଥଲେଟଙ୍କ ଆବଶ୍ୟକତା ଅନୁସାରେ ଡାକ୍ତର ପଠାଇବା ପାଇଁ ଏକ ପ୍ୟାନେଲ ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ନେଇ ପରମାଣିକ କହିଛନ୍ତି।




# ଶ୍ରାବଣୀଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୯।୧୦ (କ୍ରୀଡ଼ା ପ୍ରତିନିଧି)

**ଜାତୀୟ ଓପନ ଆଥ୍‌ଲେଟିକ ଚାମ୍ପିୟନଶିପ୍**

ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ୬୧ତମ ଜାତୀୟ ଓପନ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ରେସ୍‌ରେ ସେ ୨୩.୭୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାମିଲନାଡୁର ଅର୍ଚ୍ଚନା ଏସ୍. ସୁସେନ୍ଦ୍ରନ ୨୩.୪୩ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଚନ୍ଦ୍ରଲେଖା ଅନନ୍ଧା ୨୩.୮୪ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗିତାରେ ଶ୍ରାବଣୀଙ୍କର ଏହା ବ୍ୟକ୍ତିଗତ ଦ୍ୱିତୀୟ ପଦକ। ପୂର୍ବରୁ ସେ ୧୦୦ ମିଟର ରେସ୍‌ରେ ୧୧.୫୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ପ୍ରତିଯୋଗିତାରୁ ଓଡ଼ିଶା ମୋଟ ୩ଟି ପଦକ ପାଇଛି। ଏହା ମଧ୍ୟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ।


ପଦକ ସହ ଶ୍ରାବଣୀ ନନ୍ଦ।

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ, ଏଚ୍‌ପିସି ବିଜୟୀ

ଭୁବନେଶ୍ୱର, ୧୯।୧୦
(କ୍ରୀଡ଼ା ପ୍ରତିନିଧି)

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ଲକ୍ଷ୍ନୌଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍‌ରେ ବୁଧବାର ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଓ ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ବିଜୟୀ ହାସଲ କରିଛନ୍ତି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ସ୍ପୋର୍ଟ୍ସ ହଷ୍ଟେଲ ଦଳ ୯-୦ ଗୋଲରେ ଭାଇ ବେହଲୋ ହକି ଏକାଡେମୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅର୍ଚ୍ଚନା ଖାଲକୋ ୨,୩,୫୬ ଏବଂ ମୋନିକା ତିର୍କୀ ୬, ୫୬ ଓ ୬୦ତମ ମିନିଟରେ ୩ଟି ଲେଖାଏ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଏହା ବ୍ୟତୀତ ସୁସ୍ମିତା ଡୁଙ୍ଗ ଡୁଙ୍ଗ ୧୩, ଅଧିନାୟିକା ଅସ୍ମିତା ଏକ୍କା ୪୦ ଓ କନିକା କେର୍କେଟା ୫୩ ତମ ମିନିଟରେ ଗୋଟିଏ ଲେଖାଏ ଗୋଲ କରିଥିଲେ। ଏପର୍ଯ୍ୟନ୍ତ ୪ ବିଜୟ ଓ ୧ ଡ୍ର ରଖିଥିବା ସ୍ପୋର୍ଟ୍ସ ହଷ୍ଟେଲ ଦଳ ଗୁରୁବାର ସାଇ-ଏ ଦଳକୁ ଭେଟିବ। ଏହି ମ୍ୟାଚ ଫେଜ୍-୨ର ଗ୍ରୁପ୍ ବିଜେତା ନିର୍ଣ୍ଣୟ କରିବ।

ଅନ୍ୟଏକ ମ୍ୟାଚରେ ଓଡ଼ିଶା ଏଚ୍‌ପିସି ୭-୦ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଗୁଜରାଟକୁ ହରାଇ ଦେଇଛି। ବିଜୟୀ ଦଳର ନିର୍ମଳା ସେନବାର ୨, ୫୭ ଓ ଡୋଲି ଭୋଇ ୬, ୫୩ତମ ମିନିଟରେ ୨ଟି ଲେଖାଏ ଏବଂ ନିହାରିକା ଟପ୍ପୋ ୩୯, ଦ୍ରୁପତି ନାଏକ ୪୫ ଓ ସନଦମ ବେବିରାଣୀ ୪୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ବୁଢ଼ାରଜାଙ୍କ ବାର୍ଷିକ ଦଶହରା ପୂଜା



**କୋକସରା,୧୯।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତର ଆରାଧ ଦେବ ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶହରା ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳୁ ଗାଁର ପୂଝାରୀ ଲାବଣ୍ୟ ଓ ହାତୀରାମଙ୍କ ଘରୁ ଦେବୀଙ୍କ ଲାଠି, କାଳୀସି ସହ ବାଜା ବଜାଇ ଶୋଭାଯାତ୍ରାରେ ବୁଢ଼ାରଜା ପୀଠକୁ ପହଞ୍ଚିବା ପରେ ଗାଁର ବୁଢାରଜା, ଜେନାଡୁମା, ଖଣ୍ଡୁଆଳ, ମା' ଠାକୁରାଣୀଙ୍କ ଲାଠି ଓ କାଳୀସି ଦେବୀ ପୀଠରେ ପହଞ୍ଚିଥିଲା। ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଦେବୀଙ୍କ ଲାଠି କୁର୍ସିହାଟ ପରିକ୍ରମା କରିଥିଲେ। ସମସ୍ତ ଦେବଦେବୀ ଏକତ୍ରିତ ହୋଇ ହାଟକୁ ୩ ଥର ପରିକ୍ରମା କରିବା ସମୟରେ କାଳିସୀମାନେ ହାତରେ ଧରିଥିବା ବିନ୍ଧିକୁ ଭକ୍ଷଣ କରିବା ପାଇଁ କହି ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ନିଜର ମାନସିକ ପୂରଣ ପାଇଁ କୁକୁଡ଼ା, ବୋଦା ବଳି ଦେଇଥିବା ବେଳେ ଅଧିକାଂଶ ଭକ୍ତ ନଡ଼ିଆ ଚଡାଇ ପୂଜାର୍ଚ୍ଚନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ସହ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋକ୍ଷଧ ବାଗ, ସମ୍ମାନିତ ଅତିଥି ସରପଞ୍ଚ ଈଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୁଢ଼ାରଜା ପୂଜା କମିଟି ସଭାପତି ଦୁର୍ଯ୍ୟୋଧନ ପୂଝାରୀ, ଉପସଭାପତି ନୀଳାମ୍ବର ଛତ୍ରିଆ, ସମ୍ପାଦକ ହେମନ୍ତ ଦଳପତି ସହ ସମ୍ପାଦକ ଗଗନ ମାଝି, ଗ୍ରାମର ଶିରା ନରେନ୍ଦ୍ର ପୂଝାରୀ, ଗାଁ ଗନ୍ତିଆ ଅଚ୍ୟୁତ ନାଏକ, ଗାଁ ଗଣ୍ଡା କ୍ଷେତ୍ରରାମ ପାତ୍ର, ସୁରେନ୍ଦ୍ର ମହାନ୍ତି ଓ ରଜନୀ ମାଝିଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ଏଲଆଣ୍ଡଟି କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ, ଯୁବକ ଗିରଫ

**ଲାଞ୍ଜିଗଡ଼,୧୯।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ଏଲଆଣ୍ଡଟି କମ୍ପାନୀ ଜଣେ କର୍ମଚାରୀଙ୍କୁ ଆକ୍ରମଣ ଓ ରାସ୍ତା ଅବରୋଧ କରିବା ଘଟଣାରେ ଜଣଙ୍କୁ ଗିରଫ କରି ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ସେ ହେଲେ ବସନ୍ତପଡ଼ାର ବେଲାଳ ମାଳି। ଖବର ଅନୁଯାୟୀ, ଏଲଆଣ୍ଡଟି କମ୍ପାନୀରେ କାର୍ଯ୍ୟରତ ଅଭିମନ୍ୟୁ ଦାସଙ୍କୁ ବେଲାଳ ପ୍ରଥମେ ତାଙ୍କ ଗାଡ଼ି ପଛପଟୁ ଧକ୍କା ଦେବା ସହିତ ତାଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଗାଡ଼ିକୁ ଜୋରଜବରଦସ୍ତ ମୁଖ୍ୟ ରାସ୍ତା ଉପରେ ଅବରୋଧ କରି ରଖିଥିଲେ। ଫଳରେ ଦୀର୍ଘ ସମୟ ଯାଏଁ ଟ୍ରାଫିକ ଜାମ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଲାଞ୍ଜିଗଡ଼ ପୋଲିସ ଏକ ମାମଲା (ନଂ.୮୫/୨୦୨୨) ରୁଜୁ କରାଯାଇ ବେଲାଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ପୋଲିସ ଏକ ବାଇକ୍ (ଓଡି୦୮ଏଫ-୭୩୭୬) ଜବତ କରିଛି।

# ଧାନଚାଷରେ ବ୍ୟାପୁଛି ଚକଡ଼ା ରୋଗ

**କୋକସରା ବ୍ଲକ**

■ନିରୁପାୟ ଚାଷୀ, କୃଷି ବିଭାଗ ନିଦାବିଷ୍ଟ

କୋକସରା,୧୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ହେକ୍ଟର ହେକ୍ଟର ଧାନ ଫସଲରେ ବ୍ୟାପୁଛି ଚକଡ଼ା ରୋଗ। ନିମିଶକ ମଧ୍ୟରେ ସୁନାର ଫସଲ ଚରି ଯାଉଛି ଚକଡ଼ା। ସବୁଜିମା ଦିଶୁଥିବା ଚାଷ ରାତିକ ମଧ୍ୟରେ ପୋଡି ଯାଉଛି ଓ ଧାନ କେଣ୍ଡା ସବୁ ପାଳ ଭଳି ଦେଖାଯାଉଛି। ଚଳିତବର୍ଷ କୋକସରା ବ୍ଲକରେ ସ୍ୱାଭାବିକ ବର୍ଷା ହେବାରୁ ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦୀ ଧାନ ଚାଷ ଭଲ ହୋଇଛି। ଏବେ ଛୋଟ କିସମର ଧାନ ଅମଳକ୍ଷମ ଅବସ୍ଥାରେ ରହିଥିବା ବେଳେ ଦୀର୍ଘ ମିଆଦି ଧାନରେ ଦୁଧ ଭରିବା ସମୟରେ ଏହି ରୋଗ ବ୍ୟାପକ ମାତ୍ରାରେ ବ୍ୟାପିବାକୁ ଲାଗିଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ବେସରକାରୀ ଫାଇନାନ୍ସ ଋଣ କରି ଚଳିତବର୍ଷ ଚାଷ କରିଥିଲେ। ହେଲେ ଅମଳ ସମୟରେ ଚାଷୀ ମୁଣ୍ଡରେ ଚକଡ଼ା ରୋଗର ଚଡକ ପଡିଛି। ଚାଷୀମାନେ ଚକଡ଼ା ରୋଗ ଦମନ



ଚକଡା ରୋଗ ଲାଗି ଚାଷ ନଷ୍ଟ ହେଉଥିବାରୁ ଚାଷୀ ଧାନ କେଣ୍ଡା ଦେଖାଉଛନ୍ତି।

ପାଇଁ କୃଷି କର୍ମଚାରୀଙ୍କ ପରାମର୍ଶ ନେଇ ଟଙ୍କା ଧାର ଉଧାର କରି କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ହେଁ ଆୟତ୍ତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି କୋକସରା ଗ୍ରାମର ଅନେକ ଚାଷୀ। ବ୍ଲକର ୨୨ ପଞ୍ଚାୟତରେ ୭୦/୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ତେବେ ଚକଡ଼ା ରୋଗକୁ ନେଇ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

କୃଷି ବିଭାଗ ସୂଚନା ଅନୁସାରେ କୋକସରା ବ୍ଲକରେ ମୋଟ ୧୯,୭୧୮ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସେଥିରୁ ରୁଆ ଧାନ ୧୨,୪୨୦ ଓ ବୁଣାଧାନ ୭୨୯୮ ହେକ୍ଟରରେ କରାଯାଇଛି। ଚକଡ଼ା ରୋଗ ନିୟନ୍ତ୍ରଣକୁ ନେଇ କୃଷି ଅଧିକାରୀ ହେମାନନ୍ଦ ମାଝିଙ୍କ ପ୍ରତିକ୍ରିୟା ନେବାରୁ ଗତ ସପ୍ତାହ ସୁଦ୍ଧା ବ୍ଲକର ବିଭିନ୍ନ ଚାଷ ଜମିରେ ୨୨ ହେକ୍ଟରରେ ଚକଡ଼ା ରୋଗ ହୋଇଥିବା ନେଇ ସୂଚନା ମିଳିଛି। ଚାଷୀଙ୍କ ଅଭିଯୋଗ ଅନୁସାରେ ତାଙ୍କୁ ରୋଗ ନିୟନ୍ତ୍ରଣ ପାଇଁ କୃଷକ ସାଥୀମାନେ ପରାମର୍ଶ ସହ ସରକାରୀ ରିହାତି ମୂଲ୍ୟରେ କୀଟନାଶକ ଯୋଗାଇ ଦିଆଯାଉଛି। ଗତ ମାସେ ହେବ କୋହଲା ପାଗ ଯୋଗୁ କିଛି ମାତ୍ରାରେ ଚକଡ଼ା ବ୍ୟାପିଛି। ଆମେ ଏ ନେଇ ଜିଲା କୃଷି ବିଭାଗକୁ ସୂଚନା ଦେଉଛୁ ବୋଲି କହିଛନ୍ତି। ଚକଡ଼ା ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ୩ ଦିନ ହେଲା ଯାତାୟାତ ବନ୍ଦ



ମୁଖ୍ୟ ରାସ୍ତାରେ ବଡ଼ବଡ଼ ଘାଇ ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**ଲାଞ୍ଜିଗଡ, ବେଦାନ୍ତ କାରଖାନା ରାସ୍ତାରେ ଖାଇ**

ଲାଞ୍ଜିଗଡ଼,୧୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରୁ ବେଦାନ୍ତ ଏବଂ ରାୟଗଡା ଜିଲା ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବଡ଼ବଡ଼ ଘାଇ ଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଆଜକୁ ପ୍ରାୟ ୬ ମାସ ହେଲା ଲାଞ୍ଜିଗଡକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାର ଅଧିକାଂଶ ସ୍ଥାନରେ ବଡବଡ ଖାଇ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଗତ ୩ ଦିନ ହେଲା ଲାଞ୍ଜିଗଡଠାରୁ ରାୟଗଡା ଜିଲା ମୁନିଗୁଡାକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟାତ ବନ୍ଦ ରହିଛି। ସୂଚନାମତେ, ଲାଞ୍ଜିଗଡ ମୁନିଗୁଡାକୁ ସଂଯୋଗ କରୁଥିବା ରାସ୍ତା ବୁଣ୍ଡେଲ ଗାଁ ଛକ ନିକଟରେ ବେଦାନ୍ତ କାରଖାନା କଡରେ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ଲାଞ୍ଜିଗଡଠାରୁ ବସନ୍ତପଡା, କଂସାରି, ସିନ୍ଧିବାହିଲି, କପାଗୁଡା, ଡେଂଗସର୍ଗି, ଅସୁରପଡା, ବିଜାବଣ୍ଡଳୀ ଓ ଦହିଖାଲ ଆଦି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଲୋକଙ୍କୁ ଜଗନ୍ନାଥପୁର, କେନ୍ଦୁବରଡ଼ି, ନିୟମଗିରି ବେଦାନ୍ତ ନଗର ରାସ୍ତା ଦେଇ ବୁଲିକି ଯିବାକୁ ପଡୁଛି। ସେହିପରି ଉକ୍ତ ରାସ୍ତାରେ ଲାଞ୍ଜିଗଡ ପୋଖରୀ ଓ ତାରିଣୀ ମନ୍ଦିର ନିକଟରେ ବଡ଼ବଡ଼ ଖାଇ ସୃଷ୍ଟି ଯୋଗୁ ଭାରିଯାନଗୁଡିକ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିପରି ଲାଞ୍ଜିଗଡଠାରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ରାସ୍ତାର ଆଶ୍ରମପଡା ଓ ଟାଙ୍ଗନକଣା ଛକ ନିକଟରେ ବଡ଼ବଡ଼ ଖାଇ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଲାଞ୍ଜିଗଡ ସମେତ ଲାଞ୍ଜିଗଡ ବ୍ଲକ ଘାଟି ଅଞ୍ଚଳର ୮ଟି ପଞ୍ଚାୟତବାସୀ, ସ୍କୁଲ ବସ, ଆମ୍ବୁଲାନ୍ସ ଓ ଯାତ୍ରୀବାହୀ ବସଗୁଡିକ ଯାତାୟାତରେ ସମସ୍ୟା ଦେଖା ଦେଇଛି। ତୁରନ୍ତ ଏହାର ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିଯୁକ୍ତି ପାଇ ତାମିଲନାଡୁ ଗଲେ କଳାହାଣ୍ଡିର ୨୨୦ ଯୁବତୀ




ଯୁବତୀଙ୍କୁ ନେଇ ଯାଉଥିବା ବସ୍‌କୁ ଜିଲାପାଳ ପତକା ଦେଖାଉଛନ୍ତି।

**ପତାକା ଦେଖାଇ ଶୁଭକାମନା ଜଣାଇଲେ ଜିଲାପାଳ**

ଭବାନୀପାଟଣା,୧୯।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନଠାରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ଗତ ୨୪।୯।୨୦୨୨ରେ ନିଯୁକ୍ତି ପାଇଥିବା ଜିଲାର ୨୨୦ଜଣ ଯୁବତୀ ବୁଧବାର ତାମିଲନାଡୁ ଜିଲା ହୋସୁର ସହରକୁ ଗସ୍ତ କରିଛନ୍ତି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୁବତୀମାନଙ୍କୁ ନେଇ ଯାଉଥିବା ୫ଟି ବସକୁ ପତାକା ଦେଖାଇ ଶୁଭକାମନା କରିଥିଲେ। ରାଜ୍ୟ ସରକାର ସହଯୋଗ ତଥା ଜିଲା ପ୍ରଶାସନ ଉଦ୍ୟମରେ ପ୍ରଥମ କରି ଏତେ ସଂଖ୍ୟକ ଯୁବତୀ ନିଯୁକ୍ତି ପାଇବା ଆମ ପାଇଁ ଖୁସିର ଖବର। ଜିଲାର ବିଭିନ୍ନ ବ୍ଲକରୁ ବିଡିଓଙ୍କ ତତ୍ତ୍ୱାବଧାନରେ ଯୁବତୀମାନେ ଆଇଟିଆଇରେ ପହଞ୍ଚିଥିଲେ। ବସରେ ଛାତ୍ରୀମାନେ ଭୁବନେଶ୍ୱର ଏୟାରପୋର୍ଟ ପହଞ୍ଚି ସେଠାରୁ ବାଙ୍ଗାଲୋର ଯାଇ ହୋସୁର ଯିବେ। ଯୁବତୀମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସୁବିଧା କରିବା ପାଇଁ ଜିଲା ନିୟୋଜନ ସଂସ୍ଥାରୁ କର୍ମନିଯୁକ୍ତି ଅଧିକାରୀ ଅଜିତ କୁମାର ଉତ୍ତରାୟ ତଥା ଅନ୍ୟ କର୍ମଚାରୀ ୨ ଦିନ ହୋସୁରରେ ଅବସ୍ଥାନ କରିବେ। ଲାଞ୍ଜିଗଡ଼ ତଥା ଅନ୍ୟାନ୍ୟ ଆଦିବାସୀ ଅଧୁଷିତ ଅଞ୍ଚଳରୁ ଅନେକ ଆଦିବାସୀ ଯୁବତୀ ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ହୋସୁର ଯାଉଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଡିପିଏମ, ଓଏଲଏମ ପ୍ରଶାନ୍ତ ମିଶ୍ର, ଏପିଡି ବିମ୍ବାଧର ସାହୁଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# କାର୍ଯ୍ୟରେ ଅବହେଳା ପାଇଁ ଶିକ୍ଷକ ନିଲମ୍ବିତ

ନୂଆପଡ଼ା ଅଫିସ,୧୯।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ପାଟଖଲିଆପଡା ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସୋବିନ ଥପାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା କରିବା ଅଭିଯୋଗରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଶିକ୍ଷକ ଥପାଙ୍କୁ ନିଲମ୍ବନ କରିଛନ୍ତି। ମଦ୍ୟପାନ କରି ବିଦ୍ୟାଳୟକୁ ଆସି ବିଶୃଙ୍ଖଳା କରିବା ସହିତ କାର୍ଯ୍ୟରେ ଅବହେଳା କରୁଥିବା ପୂର୍ବରୁ ଅନେକ ଅଭିଯୋଗ ରହିଥିଲା। ଏବାବଦରେ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରିଥିଲେ। ଶିକ୍ଷକ ଏହି ପ୍ରକାର ଭୁଲ କରିବି ନାହିଁ ବୋଲି ଲିଖିତ ଭାବେ ଦେଇଥିଲେ। ପୁଣି ସେହି ପ୍ରକାର ଅଭିଯୋଗ ଆସିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାନନ୍ଦ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭ୍ରାଂସୁ ପୁରୋହିତ ପାଟଖଲିଆ ପଡା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେହି ସମୟରେ ସମ୍ପୃକ୍ତ ଶିକ୍ଷକ ଅନୁପସ୍ଥିତ ଥିବାରୁ ଚିଠି ନଂ-୧୮/୨୨ରେ ତାଙ୍କୁ ନିଲମ୍ବିତ କରାଯାଇଛି।

# ୨ ନାବାଳକଙ୍କ ଭବିଷ୍ୟତ ଅନ୍ଧାର



୨ ନାବାଳକ।

**ବାପାଙ୍କ ମୃତ୍ୟୁ ପରେ ଝାଡ଼ାବାନ୍ତିରେ ମା'ଙ୍କ ମୃତ୍ୟୁ**

ଭବାନୀପାଟଣା,୧୯।୧୦(ସ୍ୱ.ପ୍ର.)

ପ୍ରଥମେ ବାପା ଚାଲିଗଲେ। ଏହାପରେ ମା' ଆମର ସାହାରା ହୋଇଥିଲେ। ହେଲେ ସେ ବି ଏବେ ଆମକୁ ଛାଡି ଚାଲିଗଲେ। ଏବେ ଆମେ ଅନାଥ ହୋଇଯାଇଛୁ। ଆମ ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଗତି କରୁଛି। ଏଭଳି କୋହଭରା ଆଖିରେ ପ୍ରକାଶ କରନ୍ତି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ନାକରୁଣ୍ଡି ଗ୍ରାମର ୨ ନାବାଳକ ଜିତୁ ମାଝି ଓ ନିଲୁ ମାଝି। ନାକରୁଣ୍ଡି ଗ୍ରାମର ସସାରି ମାଝି ଓ ରାଇସେନଙ୍କ ପୁଅ ଜିତୁ ଓ ନିଲୁ। ଗତ ୨ ବର୍ଷ ତଳେ ରାଇସେନଙ୍କ ମୃତ୍ୟୁ ପରେ ସସାରି ତାଙ୍କ ବାପ ଘର ନାକରୁଣ୍ଡିକୁ ଚାଲିଆସିଥିଲେ। ସେଠାରେ ତାଙ୍କ ୨ ପୁଅକୁ ସେ କୁଲି ମଜୁରୀ କରି ପାଠ ପଢାଉଥିଲେ। ହେଲେ ବିଧିର ବିଧାନ ଗତ ୧୭ ତାରିଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସସାରିଙ୍କ ମୃତ୍ୟୁ ହୋଇଥିଲା। ମା'ବାପାଙ୍କ ମୃତ୍ୟୁ ପରେ ୨ ନାବାଳକ ପୁଅ ଅସହାୟ ହୋଇପଡିଛନ୍ତି। ବଡ ପୁଅ ଜିତୁ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ସାନ ପୁଅ ନିଲୁ ଷଷ୍ଠ ଶ୍ରେଣୀରେ ପଢୁଛି। ମା' ବାପାଙ୍କ ମୃତ୍ୟୁ ପରେ ଏବେ ତାଙ୍କ ସାହାରବ ବୃଦ୍ଧ ଅଜାଆଈ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମା' ବାପା ଛେଉଣ୍ଡ ୨ ନାବାଳକଙ୍କୁ ସହାୟତା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କ ଆନ୍ଦୋଳନ

ଖଡ଼ିଆଳ,୧୯।୧୦(ଡି.ଏନ.ଏ.)

ନୂଆପଡା ଜିଲାର ପ୍ରମୁଖ ଜଳସେଚନ ପ୍ରକଳ୍ପ ହେଉଛି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି ଡ୍ୟାମ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୩୧ଟି ଗାଁକୁ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେଥିରୁ ୧୨ଟି ଗାଁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ବେଳେ ବାକି ଅନ୍ୟ ଗାଁଗୁଡ଼ିକ ଆଂଶିକ ବୁଡିଅଞ୍ଚଳ ଭାବେ ଘୋଷଣା କରାଯାଇଛି। କିନ୍ତୁ ଏ ଯାଏ ବିସ୍ଥାପିତଙ୍କ ଅନେକ ଦାବି ପୂରଣ ହୋଇନାହିଁ। ତେଣୁ ୫ଟି ଗ୍ରାମପଞ୍ଚାୟତ କୋମନା, ଆଗ୍ରେନ, ପେଣ୍ଡରା ବନ୍ଧ, କୋନାବିରା ଓ ରଜନାର ଶହ ଶହ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ଖଡ଼ିଆଳଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରି ଗଣଧାରଣା ଦେଇଛନ୍ତି। ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ୧୧ ଦଫା ଦାବିପତ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ପ୍ରଦାନ କରି ଅତିଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦିଆଯାଇଛି। ପେଣ୍ଡରାବନ ଗ୍ରାମକୁ ବୁଡି ଅଞ୍ଚଳ ଘୋଷଣା, ବିସ୍ଥାପିତ ପରିବାରଙ୍କ ଯୋଗ୍ୟ ପିଲାଙ୍କୁ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟରେ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ପ୍ରକଳ୍ପ ନିର୍ମାଣ ସମୟରେ ଅନୁପସ୍ଥିତ ପରିବାରଙ୍କ ଜମି ଅଧିଗ୍ରହଣ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ସମସ୍ତ ବିସ୍ଥାପିତ ପରିବାରଙ୍କୁ ଅତିଶୀଘ୍ର ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ସେମାନଙ୍କ ଦାବିପତ୍ର ସରକାରଙ୍କୁ ପ୍ରେରଣ କରାଯିବ ଓ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ କହିଛନ୍ତି।



ଦାବିପତ୍ର ପ୍ରଦାନ କରାଯାଉଛି।

# ଜେକେ କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୧୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିୟର କଲେଜ) ଅଧ୍ୟକ୍ଷ ପି.ଏ.କେ. ତ୍ରିପାଠୀଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ପରିସରରେ ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ପ୍ରଫେସର ରବି ରାୟ, ରାଜ୍ୟ ଯୁଗ୍ମସମ୍ପାଦକ ଡା ଆଶ୍ୱିନୀ ସୂପକାର, କଳାହାଣ୍ଡି ଜିଲା ଆବାହକ ପ୍ରଫେସର ସୁମନ ରଥ, ସମ୍ବଲପୁର ଜିଲା ସମ୍ପାଦକ ପ୍ରଧାପକ ପ୍ରମୋଦ କୁମାର ସ୍ୱାଇଁ, କଳାହାଣ୍ଡି ଜିଲା ସମ୍ପାଦକ ସୁଶାନ୍ତ ପାଢୀ, ଜିଲା ସଙ୍ଗଠନ ସମ୍ପାଦକ ବିନୋଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ତ୍ରିପାଠୀଙ୍କ ପ୍ରଶାସନିକ ଦକ୍ଷତା, ସାଙ୍ଗଠାନିକ ଏକାଗ୍ରତାକୁ ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ନରୋତ୍ତମ ସେଲମା ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ହେମନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଷିଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ଗଦାଧର ପଧାନ, ତେରେସିଂହା ଜୁନିୟର କଲେଜ ଅଧ୍ୟକ୍ଷ ଜୟନ୍ତ ବାଗ, ପୀରବତୀ ମହିଳା କଲେଜ ପ୍ରତିଷ୍ଠାତା ମୂରଲୀଧର ରଣା, ଅବସରପ୍ରାପ୍ତ ବିଇଓ ବିଜୟ ପୁରୋହିତ, ପୁରାତନ ଛାତ୍ର ଫକୀର ସାହୁ, ବାବୁଲା ସାହୁ, ଜୟନ୍ତୀ ଭୋଇ, ସସ୍ମିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଗିରିଜା ଗହୀର, ନୀଳାମ୍ବର ପାତ୍ର, ଚିନ୍ମୟ ରଣା, ଚନ୍ଦନ ରଣା, ଲଳିତ ଦାସ, ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଅନୁଷ୍ଠାନ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ରମାନେ ଉପଢୌକନ ଦେଇ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଅତିଥିଙ୍କ ଗ୍ରହଣରେ ବିଦାୟୀ ଅଧ୍ୟକ୍ଷ ପି.ଏ.କେ. ତ୍ରିପାଠୀ।

# ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ଧାରଣା ଜାରି

**ସାହାଜଟ ସେବାଶ୍ରମ ସ୍କୁଲ**

ନୂଆପଡ଼ା ଅଫିସ,୧୯।୧୦

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତ ସାହଜଟ ଗ୍ରାମସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲରେ ଅନେକ ସମସ୍ୟା ରହିଛି। ଏହାକୁ ନେଇ ସୋମବାରଠାରୁ ବିଦ୍ୟାଳୟ ପରିଚାଳନା କମିଟି ସହ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ବୁଧବାର ମଧ୍ୟ ଜାରି ରହିଛି। ସୂଚନା ମୁତାବକ ବିଦ୍ୟାଳୟ ଉନ୍ନୟନ ପାଇଁ ଆସୁଥିବା ପାଣ୍ଠିର ସୁବିନିଯୋଗ ହେଉନାହିଁ। ଅନେକ ଉନ୍ନୟନ କାର୍ଯ୍ୟ ଅଧାପାନ୍ତରିଆ ହୋଇ ପଡିରହିଛି। ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟ ବିଭାଗୀୟ ଅଧିକାରୀ ବଦଳରେ ପରିଚାଳନା କମିଟି ମାଧ୍ୟମରେ କରାଯାଉ, ପରିଚାଳନା କମିଟି ଚୟନ କରିଥିବା ପୋଷାକ ହିଁ ବଣ୍ଟନ କରାଯାଉ। କିନ୍ତୁ ଏଠାରେ ଜିଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ଦ୍ୱାରା କରାଯାଉଥିବା ଏକମାତ୍ର ପୋଷାକ ନେବା ପାଇଁ ବାଧ୍ୟ କରାଯାଉଛି। ସରକାରଙ୍କ ଶିକ୍ଷାନୀତି ୨୦୧୪-୧୫ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟି ଅନ୍ୟୁନ ତିନିଟି ସାମ୍ପଲ ଦେଖି ବିଦ୍ୟାଳୟ ପୋଷାକ ଚୟନ କରିବା, ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟ ପୋଷାକ କିଣାଯାଉ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଏହି ଅଧିକାର ପ୍ରଦାନ କରାଯାଉ, ଆବାସିକ ବିଦ୍ୟାଳୟରେ ଶହଶହ ଛାତ୍ରୀଛାତ୍ର ରହୁଥିଲେ ମଧ୍ୟ ଉତ୍ତମ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢାରେ ମଧ୍ୟ ବ୍ୟାହତ ସୃଷ୍ଟି ହେଉଛି ବୋଲି ଅଭିଯୋଗ କରାଯାଇଛି। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନଶନରେ ବସି ରହିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ଓ ଜିଲା କଂଗ୍ରସ କମିଟି ସଭାପତି ଘାସିରମ ମାଝି, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ଲକ୍ଷ୍ମି ଚନ୍ଦ୍ରକାର, ଜଗଦୀଶ ସାହୁ, ଦେବଦତ ଦିକ୍ଷୀତ ପ୍ରମୁଖ ସମେତ ଗ୍ରାମବାସୀ ଜଣାଇଛନ୍ତି।



ଧାରଣାରେ ବସିଥିବା ଗ୍ରାମବାସୀ।

## ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି

**ବରଗଡ଼ ଅଫିସ୍:** ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର କିଛି କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ବୁଧବାର ଜିଲା ଅଭିଭାବକ ସଂଘ ସିଡ଼ିଏମ୍ଓ ଡା. ସାଧୁଚରଣ ଦାଶଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରି ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଛି। ଜିଲା ଅଭିଭାବକ ସଂଘ ଆବାହକ ବିମଳ କୁମାର ଦାଶ, ସମ୍ପାଦକ ସୁଜିତ ମିଶ୍ର, ଶିବାନନ୍ଦ ମଟାରୀ, ସୁଶେନ ବହିଦାର, ରଞ୍ଜିତ ଦାଶ, ଶିବ କୁମ୍ଭାର, ଦିବିନ୍ଦର ସିଂ, ଜ୍ୟୋତ୍ସ୍ନା ପାଇକ, ରଞ୍ଜିତା ମାହାଣାଙ୍କ ସମେତ ଛଟେଇ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବରଗଡ଼ ଅଫିସ୍,୧୯।୧୦:** ବରଗଡ଼ ବ୍ଲକ ପଥର୍ଲାଠାରେ ବିଜେଡ଼ି ପକ୍ଷରୁ ଜନ ସହଭାଗିତା ଓ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ରାଜ୍ୟ ବିଜେଡ଼ି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ, ବରିଷ୍ଠ ବିଜେଡ଼ି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀବତ୍ସ ଛତର, ଜୟଦେବ ଗଡ଼ତିଆ ପ୍ରମୁଖ ସାମିଲ ହୋଇଥିଲେ। ବିଜେଡ଼ି ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବ୍ୟାସଦେବ ସାହୁ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଶତାଧିକ ସମର୍ଥକଙ୍କ ସହିତ ବିଜେଡ଼ିରେ ମିଶିବା ନେଇ ଘୋଷଣା କରିଥିଲେ।

### ଚିଚିଣ୍ଡା ୧-୦ ଗୋଲରେ ବିଜୟୀ



**ବରଗଡ଼ ଅଫିସ୍,୧୯।୧୦:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡାରେ ଚାଲିଥିବା ଆଜାଦୀ କପ୍ ଫୁଟବଲ ମହୋତ୍ସବର ବୁଧବାର ମ୍ୟାଚ୍‌ରେ ଚିଚିଣ୍ଡା ପ୍ରତିପକ୍ଷ ଥୁଆପାଲିକୁ ଭେଟିଥିଲା। ଏଥିରେ ଚିଚିଣ୍ଡା ୧-୦ ଗୋଲରେ ଥୁଆପାଲିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଶିବାନନ୍ଦ ଦାଶ, ଅଶ୍ୱିନୀ ମେହେର, ଅନିଲ ବାଗ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, କୁଶ କୁମ୍ଭାର, ଅମିତ କୁମାର ପଣ୍ଡା, ବିପିନ ଭୋସାଗର, ଯଶୋବନ୍ତ ସେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁବାର କ୍ଷୀରାପାଲି ଏବଂ ଜାଣ୍ଡୋଲ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ବରାହଗୋଡ଼ା, ବହଲପାଲି ବିଜୟୀ

**ବରଗଡ଼ ଅଫିସ୍,୧୯।୧୦:** ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ମ୍ୟାଚ୍‌ରେ ବରାହଗୋଡ଼ା ଏବଂ ବହଲପାଲି ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବରାହଗୋଡ଼ା ଏବଂ ତେଜାଗୋଲା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ବରାହଗୋଡ଼ା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ସିକୁ ସେଠ୍ ଗୋଲ ସ୍କୋର କରିଥିଲେ। ଶ୍ରୀନିବାସ ରାଓ, ସଚିନ ଭୁଏ, ଆଦିତ୍ୟ ନାୟକ, ନାରାୟଣ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ବହଲପାଲି ଏବଂ ତୁରୁଙ୍ଗା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ବହଲପାଲି ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଜି. ବିଜୟ କୁମାର ଗୋଲ ସ୍କୋର କରିଥିଲେ। ମଣ୍ଟୁ ବାଗ, ଶୁଭମ ପାତ୍ର, ସୁନିଲ ବାଗ, ବିଶି କେଶନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ଇଥାନଲ ପ୍ଲାଣ୍ଟକୁ ନେଇ ଉତ୍ତେଜନା



ବାଉଲସିଂହା ଇଥାନଲ ପ୍ଲାଣ୍ଟ ମୁଖ୍ୟ ଫାଟକରେ ଯୁବକଙ୍କ ଧାରଣା ।



ଜିଲାପାଳଙ୍କ ଅଫିସ୍‌ରେ ମନୋହରପୁର ଗ୍ରାମବାସୀ ।

**ବରଗଡ଼ ଅଫିସ୍,୧୯।୧୦**

■ ସ୍ଥାନୀୟ ନିଯୁକ୍ତି ଦାବିରେ ବାଉଲସିଂହା ସ୍ଥିତ ପ୍ଲାଣ୍ଟ ଅଚଳ

■ ମନୋହରପୁର ସ୍ଥିତ ପ୍ଲାଣ୍ଟ ବନ୍ଦ ଦାବି ଜୋର୍ ଧରିଲା

ବରଗଡ଼ ଜିଲା ଭଟଲି ବ୍ଲକର ବାଉଲସିଂହା ଏବଂ ବିଜେପୁର ବ୍ଲକର ମନୋହରପୁରରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟକୁ ନେଇ ଆନ୍ଦୋଳନ ଜୋର୍ ଧରିଛି। ସ୍ଥାନୀୟ ନିଯୁକ୍ତି ଦାବି କରି ଅଞ୍ଚଳର ଯୁବକମାନେ ବୁଧବାର ବାଉଲସିଂହା ପ୍ଲାଣ୍ଟକୁ ଅଚଳ କରିଦେଇଥିବା ବେଳେ ମନୋହରପୁର ସ୍ଥିତ ପ୍ଲାଣ୍ଟକୁ ବନ୍ଦ ଦାବି ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ବାଉଲସିଂହାରେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସହିତ ଆନ୍ଦୋଳନକାରୀଙ୍କ ଆଲୋଚନା ବିଫଳ ହୋଇଥିବାବେଳେ ମନୋହରପୁର ସ୍ଥିତ ପ୍ଲାଣ୍ଟ ନେଇ ଜିଲାପାଳ ମୋନିଷା ବାନାର୍ଜୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଗ୍ରାମବାସୀଙ୍କ ଦାବିକୁ ପୁନର୍ବିଚାର କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ପ୍ରକାଶ ଯେ, ବାଉଲସିଂହାରେ ପ୍ଲାଣ୍ଟ ନିର୍ମାଣ ଆରମ୍ଭରୁ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସ୍ଥାନୀୟ ନିଯୁକ୍ତି ବଦଳରେ ଜିଲା ବାହାର ଲୋକଙ୍କୁ ପ୍ଲାଣ୍ଟରେ ନିଯୁକ୍ତି ଦିଆଯାଇଥିଛି। ଏଭଳି ଅଭିଯୋଗ ନେଇ ଅଞ୍ଚଳବାସୀ ବାରମ୍ବାର ଜିଲା ପ୍ରଶାସନ ଏବଂ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଅଗଗତ କରିଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରି କଟାପାଲି ଗ୍ରାମର ଯୁବକମାନେ ମଙ୍ଗଳବାର ଉକ୍ତ ପ୍ଲାଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ଲାଣ୍ଟ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିଲା। ଫଳରେ ବୁଧବାର ସକାଳ ପ୍ରାୟ ୭ଟାରୁ ପୁଣି କଟାପାଲି ଏବଂ ଆଖପାଖ ଗ୍ରାମର ଯୁବକମାନେ ପ୍ଲାଣ୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରିକି ପ୍ଲାଣ୍ଟର କୌଣସି କର୍ମଚାରୀଙ୍କୁ ପ୍ଲାଣ୍ଟ ଭିତରକୁ ପଶିବାକୁ ଦେଇ ନ ଥିଲେ। ଫଳରେ କର୍ମଚାରୀମାନେ ଦୀର୍ଘସମୟ ଧରି ଫାଟକ ବାହାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ପ୍ଲାଣ୍ଟ ଅଧିକାରୀମାନେ ପୁଣି ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ଫଳପ୍ରଦ ନ ହେବାରୁ ଗୁରୁବାର ମଧ୍ୟ ପ୍ଲାଣ୍ଟକୁ ଅଚଳ କରିବେ ବୋଲି ଆନ୍ଦୋଳନକାରୀ ଯୁବକମାନେ ଚେତାବନୀ ଦେଇଛନ୍ତି। ବିକାଶ କୁମାର, ରାଜୀବ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

ମନୋହରପୁରଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟକୁ ଅଞ୍ଚଳବାସୀ ଆରମ୍ଭରୁ ବିରୋଧ କରିଆସୁଛନ୍ତି। ଗ୍ରାମର ସ୍କୁଲ, ବସ୍ତି ତଥା ଚାଷଜମି ନିକଟରେ ଉକ୍ତ ପ୍ଲାଣ୍ଟ ନିର୍ମାଣ ଚାଲିଥିବାରୁ ଏହାର କୁପ୍ରଭାବ ଅଞ୍ଚଳବାସୀଙ୍କ ଉପରେ ପଡ଼ିବ ବୋଲି ଅଭିଯୋଗ ହୋଇଛି। ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ, ଧୂଆଁ ଅଞ୍ଚଳର ଜୀବନ ଜୀବିକାକୁ ପ୍ରଭାବିତ କରିବ। ଫଳରେ ଉକ୍ତ ପ୍ଲାଣ୍ଟକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ବିନା ପଲ୍ଲୀସଭାରେ ସେଠାରେ ପ୍ଲାଣ୍ଟ ନିର୍ମାଣକୁ କିଭଳି ଅନୁମତି ଦିଆଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀ ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିଥିଲେ। ହାଇକୋର୍ଟର ଆଦେଶ ମୁତାବକ ଜିଲାପାଳ ଗ୍ରାମବାସୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକିଥିଲେ ଏବଂ ସେମାନଙ୍କ ମତ ଲୋଡ଼ିଥିଲେ। ଗ୍ରାମବାସୀ ସେହି ପ୍ଲାଣ୍ଟକୁ ବନ୍ଦ କରିବା ପାଇଁ ଦାବି ଦୋହରାଇଥିଲେ। ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତୀୟା, ଲିଙ୍ଗରାଜ ସାହୁଙ୍କ ସମେତ ଶତାଧିକ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ।

## ଜିଆର୍‌ଏସ୍‌ଙ୍କ ବଦଳି ପାଇଁ ବିଡିଓଙ୍କୁ ଦାବିପତ୍ର

**ଜାମଟିକ୍ରା, ୧୯।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଜାଙ୍ଗେଡ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକ (ଜିଆର୍‌ଏସ୍) ତେଜବନ୍ତ ଭୁଏଙ୍କୁ ଅନ୍ୟତ୍ର ବଦଳି ପାଇଁ ସରପଞ୍ଚ ଭାଗବତିଆ ସିଂ ବୁଧବାର ଅତାବିରା ବିଡିଓ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଉକ୍ତ ଗ୍ରାମରୋଜଗାର ସେବକ ଜଣଙ୍କ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି। ତାଙ୍କର ମନମୁଖି କାର୍ଯ୍ୟକଳାପ ଯୋଗୁ ଗ୍ରାମପଞ୍ଚାୟତରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ବାରମ୍ବାର ତାଗିଦ ପରେ ମଧ୍ୟ ସେ ଦୀର୍ଘମାସ ହେଲା ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ତେଣୁ ଉକ୍ତ ଗ୍ରାମରୋଜଗାର ସେବକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସରପଞ୍ଚ ସିଂ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଆର୍‌ଏସ୍ ଭୁଏଙ୍କ ମତାମତ ମିଳିପାରିନାହିଁ। ତେବେ ସରପଞ୍ଚଙ୍କ ଦାବି ସମ୍ପର୍କରେ ବିଡିଓ ମେହେରଙ୍କୁ ପଚାରିବାରୁ ତଦନ୍ତ କରିବା ପରେ ଯାହା କିଛି କହିପାରିବେ ବୋଲି ଜଣାଇଥିଲେ।

# ପ୍ରକାଶ ପାଇଲା ସଂରକ୍ଷଣ ତାଲିକା

**ସରଣ୍ଡା,୧୯।୧୦(ଡି.ଏନ୍.ଏ.)**

**ଅତାବିରା ଏନ୍‌ଏସି ପାଇଁ ବାଜିଲା ବିଗୁଲ**

୨୦୨୩ ଏପ୍ରିଲ ମାସରେ ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏଠାରେ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୧୭ତାରିଖରେ ୱାର୍ଡ ୱାରି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଅତାବିରା ଏନଏସିର ୱାର୍ଡ ନଂ-୧, ୨, ୩, ୭ ଓ ୯ ଅଣସଂରକ୍ଷିତ ହୋଇଥିବା ବେଳେ ୱାର୍ଡ ନଂ-୪ ଓ ୧୧ ଅନୁସୂଚିତ ଜାତି ମହିଳା, ୱାର୍ଡ ନଂ-୫ ଅନୁସୂଚିତ ଜାତି, ୱାର୍ଡ ନଂ-୬, ୮ ଓ ୧୦ ମହିଳା, ୱାର୍ଡ ନଂ-୧୨ ଅନୁସୂଚିତ ଜନଜାତି ମହିଳା ବର୍ଗ ପାଇଁ ସଂରକ୍ଷିତ ରହିଛି। ଚଳିତ ଥର ଭୋଟରମାନେ ଉଭୟ ଅଧକ୍ଷ ଓ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଦୁଇଟି ଭୋଟ ଦେବାର ବ୍ୟବସ୍ଥା ରହିଛି। ହେଲେ ଅଧକ୍ଷ ପଦ ସଂରକ୍ଷଣ ସୂଚନା ପ୍ରକାଶିତ ହୋଇନାହିଁ। ଏହି ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇବାର ୧୦ ଦିନ ମଧରେ କାହାର କିଛି ପ୍ରସ୍ତାବ କିମ୍ବା ଆପତ୍ତି ଥିଲେ ଲିଖିତ ଭାବେ ଜଣାଇବାକୁ ଆହ୍ୱାନ କରାଯାଇଛି। ପରବର୍ତ୍ତୀ ସମୟରେ ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଗାଡ଼ି ଯାଞ୍ଚବେଳେ ଜାଲିଆତି କାରବାର ଠାବ, ୨ ଗିରଫ

**ସରଣ୍ଡା,୧୯।୧୦(ଡି.ଏନ.ଏ)**



ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ମଙ୍ଗଳବାର ସରଣ୍ଡା ଛକରେ ଗାଡ଼ି ଯାଞ୍ଚ କରୁଥିବାବେଳେ ଏକ ଜାଲିଆତି କାରବାର ଠାବ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା ଧନୁପାଲି ଥାନା ଚାରଭାଟିର ସୁକାନ୍ତ ଆଚାର୍ଯ୍ୟ ଏବଂ କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା କେରାଡ଼ିଆଗଡ଼ର ମୂଳ ବାସିନ୍ଦା ତଥା ବର୍ତ୍ତମାନ ଧନୁପାଲିରେ ରହୁଥିବା ସୁଶାନ୍ତ କୁମାର ପ୍ରଧାନ। ସେମାନଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୩୬୦/୨୨) ରୁଜୁ କରିଛି। ଅଭିଯୁକ୍ତଙ୍କ ପାଖରୁ ବିଭିନ୍ନ ଜାଲିଆତି କାଗଜ, ୩ଟି ମୋବାଇଲ, ଗୋଟିଏ ବାଇକ୍ (ନଂ.ଓଆର୧୫ଏଲ/୧୪୨୨), ନଗଦ ୮୪ହଜାର ୪୦୦ ଟଙ୍କା ଜବତ କରାଯାଇଛି।

ଅତାବିରା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ଅମୃତ କୁମାର ପଣ୍ଡା ସୂଚନା ଦେଇ କହିଥିଲେ, ଅତାବିରା ପୋଲିସ ମଙ୍ଗଳବାର ସରଣ୍ଡା ଛକ ନିକଟରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଅଭିଯୁକ୍ତ ସୁକାନ୍ତ ଦେଖାଇଥିବା ଡ୍ରାଇଭିଂ ଲାଇସେନ୍ସ ନକଲି ବୋଲି ଜଣାପଡ଼ିଥିଲା। ତାଙ୍କ ବାଇକ୍‌ରେ ଲାଗିଥିବା ନମ୍ବର ପ୍ଲେଟ୍ ମଧ୍ୟ ନକଲି ଥିଲା। ଏହାପରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଜେରା କରିଥିଲା। ଜେରାବେଳେ ସେ ଅନ୍ୟ ଅଭିଯୁକ୍ତ ସୁଶାନ୍ତଙ୍କ ନାମ କହିଥିଲେ। ଏହାପରେ ପୋଲିସ ଧନୁପାଲି ଯାଇ ସୁଶାନ୍ତଙ୍କ ପାଖରେ ପହଞ୍ଚିଥିଲା। ସେଠାରେ ଖୋଳତାଡ଼ କରିବା ପରେ ଜାଲିଆତି କାରବାର ଠାବ ହୋଇଥିଲା। ସୁଶାନ୍ତଙ୍କ ରବର ଷ୍ଟାମ୍ପ ଦୋକାନରେ ଚଢ଼ାଉବେଳେ ଜାଲିଆତି କାରବାରରେ ବ୍ୟବହୃତ କମ୍ପ୍ୟୁଟର ଡେସ୍କଟପ୍, ଲାପଟପ୍, ପ୍ରିଣ୍ଟର ଆଦି ମିଳିଥିଲା। ଏହାସହିତ ସେହି ଦୋକାନରେ ପଦସ୍ଥ ଅଧିକାରୀଙ୍କ ନକଲି ପରିଚୟ ପତ୍ର, ଭୋଟର କାର୍ଡ଼, ବିଦ୍ୟୁତ ବିଲ, ଜନ୍ମମୃତ୍ୟୁ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ, ମାଲଗୁଜାରି ରସିଦ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ନାମରେ ଶିକ୍ଷାଗତ ପ୍ରମାଣପତ୍ର, ମାଟ୍ରିକ ପ୍ରମାଣପତ୍ର, ଜମି ପଟ୍ଟା ଆଦି ମିଳିଥିଲା। ସେହିପରି ଜବତ ଟଙ୍କା ଅସଲି କି ନକଲି ଜାଣିବା ପାଇଁ ତାହା ମଧ୍ୟ ଯାଞ୍ଚ କରାଯିବ ବୋଲି ଏସ୍‌ଡ଼ିପିଓ ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ଥାନା ଆଇଆଇସି ଅନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ଇମ୍ପେରିୟଲ କଲେଜରେ ପ୍ରବେଶ ଉତ୍ସବ



ଉଦ୍‌ଯାପନୀ ଉତ୍ସବରେ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୧୯।୧୦**

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜରେ ସପ୍ତାହବ୍ୟାପୀ ଚାଲିଥିବା ପ୍ରବେଶ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଟାଟା ଇଞ୍ଜିନିୟର୍ସ ଲିମିଟେଡ୍‌ର ଏଜିଏମ୍ ରଶ୍ମିରଞ୍ଜନ ରାଉତ ଏବଂ ମେକାନିକାଲ ବିଭାଗ ମୁଖ୍ୟ ଧୀରେଶ୍ୱର ଦାଶ, ଶିଳ୍ପପତି ମୁକେଶ ଡାୱର ଅତିଥି ବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପୋଲିସ ପକ୍ଷରୁ ବୀରାଙ୍ଗନା କାର୍ଯ୍ୟକ୍ରମ ହୋଇଥିଲା। କଲେଜର ବିଭିନ୍ନ ବିଭାଗର କର୍ମକର୍ତ୍ତା ମନୋନୀତ ହେବା ସହିତ ଶପଥ ପାଠ କରିଥିଲେ । ଅଭିବ୍ୟକ୍ତି କ୍ଲବରେ ନୈନା ପ୍ରଧାନ ସମ୍ପାଦିକା, ଆଦିତ୍ୟ ପାଣିଗ୍ରାହୀ ସହ ସମ୍ପାଦକ, ପ୍ରଗତି କ୍ଲବ ପାଇଁ କେ. ଦିଲୀପ ସମ୍ପାଦକ, ରୁଦ୍ରପ୍ରତାପ ପ୍ରଧାନ ସହ ସମ୍ପାଦକ, ସଂସ୍କୃତି କ୍ଲବ ପାଇଁ ମନସ୍ୱିନୀ ମିଶ୍ର ସମ୍ପାଦିକା, ଅନୀଷା ରୁନଠାଲା ସହ ସମ୍ପାଦିକା, ସୁଦିତି କ୍ଲବ ପାଇଁ ରୁଦ୍ରପ୍ରତାପ ସାହୁ ସମ୍ପାଦକ, ଶିବାନୀ ସାହୁ ସହ ସମ୍ପାଦିକା ମନୋନୀତ ହେବା ସହିତ ଦାୟିତ୍ୱ ଗ୍ରହଣ କରିଥିଲେ। କଲେଜର ଚେୟାରମ୍ୟାନ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ବରଗଡ଼ ଅଫିସ୍,୧୯।୧୦**

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ହାଟପଦା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଡାକ୍ତର ନୁପୂର ପାଢ଼ୀ ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ମେଡ଼ିକାଲ କଲେଜ ମାନସିକ ସ୍ୱାସ୍ଥ୍ୟ ବିଭାଗର ଡା. ପ୍ରବୀଣ କୁମାର ସାହୁ, ଡା. ଲକ୍ଷପତି ବରିହା, ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ଆକାଂକ୍ଷା ମିଶ୍ର ପ୍ରମୁଖ ଶିବିରରେ ଯୋଗଦେଇ ରୋଗ ନିରୂପଣ ସହିତ ପରାମର୍ଶ ଦେଇଥିଲେ। ଶିବିରରେ ୨୭ଜଣଙ୍କ ରୋଗ ନିରୂପଣ ସହିତ ବିଭିନ୍ନ ପରାମର୍ଶ, ଔଷଧ ପ୍ରଦାନ କରାଯାଇଥିଲା। ଡା. ସନ୍ଦୀପ ତ୍ରିପାଠୀ, ଶିତେଶ ତ୍ରିପାଠୀ, ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂଯୋଜକ ବବୁନ କୁମାର ସାହୁ, ତୁଷାର ନାୟକ, ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

## କମଗାଁ କଲେଜରେ ୫-ଇ ଲେସନ କର୍ମଶାଳା

**ବରଗଡ଼ ଅଫିସ୍,୧୯।୧୦**

ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ କଲେଜରେ ଗୁଣାତ୍ମକ ଶିକ୍ଷା ଓ ଶୈକ୍ଷିକ ମାନବୃଦ୍ଧି ସହିତ ଉନ୍ନତମାନର ଶିକ୍ଷା ପ୍ରଣାଳୀ ସମ୍ବନ୍ଧୀୟ ୫-ଇ ଲେସନ୍ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ମୁଖ୍ୟ ଅତିଥି ଡଃ କାମଦେବ ସାହୁ ଉଦଘାଟନ କରିଥିଲେ। ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ୫-ଇ ଅର୍ଥାତ୍ ନିୟୋଜନ, ଅନ୍ୱେଷଣ, ବ୍ୟାଖ୍ୟାନ, ବିସ୍ତାରଣ, ମୂଲ୍ୟାୟନର ସଫଳ ରୂପାୟନ ପାଇଁ ଉପସ୍ଥିତ ଅଧ୍ୟାପକମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଅରବିନ୍ଦ ଦାସ ସ୍ୱାଗତ ଭାଷଣ ରଖିଥିଲେ। ଅଧ୍ୟାପକ ଡଃ ରମେଶ ସୁପକାର, ସୁରେଶ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବରିଷ୍ଠ ଶିକ୍ଷାବିତ୍ ନରେନ୍ଦ୍ର କୁମାର ପ୍ରଧାନ, ଡଃ ରମେଶ ପ୍ରସାଦ ଖାଡ଼ଙ୍ଗା, ଡଃ ପାଣ୍ଡବ ବେହେରା, ଡଃ ବବିତା ସାହୁ, ସୁସ୍ମିତା ସାହୁ ପ୍ରମୁଖ ସାଧନ କର୍ମୀ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀରେ ୫-ଇର ଭୂମିକା ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ପ୍ରଧାନ, ଅନୁପମା ପଣ୍ଡା, ପାର୍ବତୀ ଭୋଇ ପ୍ରମୁଖ ଉପସ୍ଥିତ ରହି ମହାବିଦ୍ୟାଳୟ ତରଫରୁ ଯୋଗଦେଇଥିବା ସାଧନ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ଏକାଡେ଼ମିକ ଉପଦେଷ୍ଟା ଡଃ କାମଦେବ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ ରବି ନାରାୟଣ ସାହୁ ଅଂଶଗ୍ରହଣ କରିଥିବାବେଳେ ଡଃ ଦୀପିକା କୁମାରୀ ଧନ୍ୟବାଦ ଦେଇଥିଲେ।

# ନୃସିଂହନାଥରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପାଇକମାଲ,୧୯।୧୦(ଡି.ଏନ୍.ଏ.)**



ଛାତ୍ରୀଛାତ୍ରମାନେ ନୃସିଂହନାଥ ମନ୍ଦିର ପରିସରରେ ସଫେଇ କରୁଛନ୍ତି।

ବରଗଡ ନେହେରୁ ଯୁବକେନ୍ଦ୍ର ତରଫରୁ ନୃସିଂହନାଥ ମନ୍ଦିର ପରିସରରେ ବୁଧବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଫେଇ କାର୍ଯ୍ୟକ୍ରମକୁ ପାଇକମାଳ ତହସିଲଦାର ପରୀକ୍ଷିତ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ରାଜୀବ କୁମାର ଓ ସହଯୋଗୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ଜିନିଷକୁ ସଂଗ୍ରହ କରି ଯୁବକେନ୍ଦ୍ରର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ପରେ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସକ ତଥା ସମ୍ପାଦକ ମନୋଜ ତ୍ରିବେଦୀ ସଭାପତିତ୍ୱ କରିଥିଲେ। ତହସିଲଦାର ପରୀକ୍ଷିତ ସାହୁ ମୁଖ୍ୟ ଅତିଥି, ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ରାଜୀବ କୁମାର, ନେହେରୁ ଯୁବକେନ୍ଦ୍ର ଅଧିକାରୀ ରୋଶନ ଟଣ୍ଡନ, ପରାମର୍ଶଦାତା କମିଟି ସଭ୍ୟ ତ୍ରିଲୋଚନ ଶତପଥି, ପରିବେଶବିତ୍ ମିନକେତନ ସାହୁ, ଏବିଡିଓ ଦେବାଶିଷ ସିଂହ, ସାମାଜିକ କର୍ମୀ ବଡ ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ନିସ୍ୱାର୍ଥପର ସମାଜସେବା କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରିନ୍ସପାଲ କ୍ଷୀରାବ୍ଧି ତନୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବରଗଡ଼ ଅଫିସ୍/ଜାମଟିକ୍ରା,୧୯।୧୦**



କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

ବରଗଡ଼ ଜିଲା ଭଟଲି ବ୍ଲକ ସଦର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭଟଲି ବିଇଓ ସରୋଜ ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଗସ୍ତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏବିଇଓ ଜାରା ବାରିକ, ଆଞ୍ଚଳିକ କେନ୍ଦ୍ର ସାଧନ ସଂଯୋଜକ ଲୋକନାଥ ମେହେର, ବରିଷ୍ଠ ଶିକ୍ଷୟିତ୍ରୀ ଜୟନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାଚୀ ସାହୁ, ବିଦିଶା ପ୍ରଧାନ, ଦୀପ୍ତିମୟୀ ସାହୁ, ହଂସିକା ସାହୁ, କ୍ଷଣିକା ପ୍ରସନ୍ନ ଷଡ଼ଙ୍ଗୀ, ଆଲିଶା ସାହୁ, ପ୍ରତିଭା ପ୍ରଧାନ, ଗୁଞ୍ଜନ ସାହୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହେବା ସହିତ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସେହିପରି କନକଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଏବିଇଓ ଜାରା ବାରିକ ମୁଖ୍ୟ ଅତିଥି, ଶିକ୍ଷକ ଲଳିତ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସାଧନ ସଂଯୋଜକ ଲୋକନାଥ ମେହେର, ପ୍ରଧାନଶିକ୍ଷକ କନକଲତା ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅଗସ୍ତି ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

**ଜାମଟିକ୍ରା, ୧୯।୧୦:** ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡା ସରକାରୀ ନୋଡାଲ ସ୍କୁଲରେ ବୁଧବାର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁନୀଲ କୁମାର ସେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ବାରିକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ପଟେଲ, ସିଆରସିସି ଜୟଦେବ ନାଏକ, ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ରାଜକିଶୋର ବରିହା, ଗୀତାଞ୍ଜଳି ନାଏକ, ଚାନ୍ଦିନୀ ମାଝି, ଦେବାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠରେ ବିଜ୍ଞାନ ମେଳା ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଅଜିତ କୁମାର ମିଶ୍ରଙ୍କ ସଭାପତିତ୍ୱ ଏବଂ ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମେଳାର ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ବଣ୍ଟନ କରାଯାଇଥିଲା। ବୈଠକରେ ପରିଚାଳନା କମିଟି ସଭାପତି ପୁରନ୍ଦର ଭୋଇ, ପ୍ରଧାନଶିକ୍ଷକ ପ୍ରେମରାଜ ପଧାନ, ସମିତି ସଭ୍ୟ ଟଙ୍କଧର ବେରିଆ, ବିକାଶ କୁମାର ସାହୁ ପ୍ରମୁଖ ନିଜସ୍ୱ ମତ ରଖିଥିଲେ।

### ସଂକ୍ଷେପରେ

## ବିଭିନ୍ନ ପାଣ୍ଠିର ବିନିଯୋଗ ଉପରେ ଆଲୋଚନା

**କର୍ଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ**

କର୍ଲାମୁଣ୍ଡା,୧୯।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ପଞ୍ଚାୟତ ସମିତିରେ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଭାରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ଜିପିଇଓ ଯୁଗଳ କିଶୋର ନାଏକ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ବ୍ଲକର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତକାମ୍ୟ ବୋଲି ବ୍ଲକ ଅଧ୍ୟକ୍ଷା କହିଥିଲେ। ଏହି ଅବସରରେ ହେବା ସହ ବ୍ଲକର ଆବଶ୍ୟକ ସ୍ଥାନରେ ବ୍ରିଜ ଓ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନ୍ୟାନ୍ୟ ଗ୍ରାମ ଯ୍ୟଗୁଡିକ ସାମିଲ କରିବାକୁ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଆରଡି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

## କୃଷକ ସାଥୀ ସଂଘର ବୈଠକ

ଦେଓଗାଁ, ୧୯।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ କୃଷକ ସାଥୀ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅନ୍ତର୍ଯ୍ୟାମୀ ଭୋଇଙ୍କ ସଭାପତିତ୍ୱ ଏବଂ ଜୟଦେବ ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ କୃଷକ ସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକ ଉପସ୍ଥିତ ଥିଲେ। ବୈଠକରେ କୃଷକ ସାଥୀଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ନଭେମ୍ବର ୪ତାରିଖରେ ବିଧାନସଭା ଘେରାଉ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। କୃଷକ ସାଥୀମାନଙ୍କୁ ପରିଚୟପତ୍ର ପ୍ରଦାନ କରିବାପାଇଁ ଦାବି ଉପସ୍ଥାପନ କରାଯାଇଥିଲା। କୃଷକ ସାଥୀ ରାଧାକାନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ୨୬ପଞ୍ଚାୟତର କୃଷକ ସାଥୀମାନେ ଉପସ୍ଥିତ ଥିଲେ।

## ୱାର୍ଡମେମ୍ବରଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର

ନୂଆପଡ଼ା ଅଫିସ,୧୯।୧୦: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ପଞ୍ଚାୟତ ବିଲେଞ୍ଜୋର ସହଭାଗୀ ବିକାଶ ଅଭିଯାନ କାର୍ଯ୍ୟାଳୟରେ ୩ ଦିନିକିଆ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଓଡିଶା ଆନୁକୂଲ୍ୟରେ ଆୟୋଜିତ ଶିବିରରେ କୋମନା, ପେଣ୍ଡରାବନ ଓ କୋନାବିରା ପଞ୍ଚାୟତର ୪୦ଜଣ ୱାର୍ଡମେମ୍ବର ଉପସ୍ଥିତ ରହି ତାଲିମ ନେଇଥିଲେ। ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ଯୋଜନା ଓ ଜିଲା କିମ୍ବା ବ୍ଲକରେ ଥିବା ସବୁ ବିଭାଗ କାର୍ଯ୍ୟ କେମିତି ଜାଣି ପାରିବେ ସେହି ଉପରେ ୱାର୍ଡମେମ୍ବରମାନଙ୍କୁ ତାଲିମ ଦିଆଯାଇଥିଲା। ଅରୁଣ ବିଶ୍ୱାଳ ଓ ଗୋପାଳ ଦାସ ଯୋଗଦେଇ ତାଲିମ ପ୍ରଦାନ କରିଥିବା ବେଳେ ମନୋଜ ପଣ୍ଡା ତାଲିମ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ।

## ରାଜା ଏଟି ହାଇସ୍କୁଲର ପ୍ରତିଷ୍ଠା ଦିବସ

ଖଡ଼ିଆଳ,୧୯।୧୦(ଡି.ଏନ.ଏ.): ନୂଆପଡ଼ା ଜିଲାର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ରାଜା ସାହେବ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଜିତାମିତ୍ର ପ୍ରସାଦ ସିଂହଦେଓ, ମୁଖ୍ୟବକ୍ତା ଶିକ୍ଷାବିତ୍ ବଳଭଦ୍ର ମହାନ୍ତି, ସମ୍ମାନିତ ଅତିଥି ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦ୍ରମ ଦେଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ମହାନନ୍ଦ, ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ଯୋଗଦାନ କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି ଓ ଅଶୋକ କୁମାର ବେହେରା ପରିଚାଳନା କରିଥିଲେ। ପରେ ଶିକ୍ଷକ ଗୌରୀଶଙ୍କର ଦୁବେ ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମ୍ୟୁନିଟି ସେଣ୍ଟର ନିର୍ମାଣ ସ୍ଥଳକୁ ନେଇ ବିବାଦ

- ନିରୂପିତ ସ୍ଥାନରେ ପ୍ରକଳ୍ପ ହୋଇନି:ଭାଗବତ ଟୁଙ୍ଗି କମିଟି
- ଠିକ୍ ସ୍ଥାନରେ ପ୍ରକଳ୍ପ ହୋଇଛି କହିଲେ ଅପର ଗୋଷ୍ଠୀ

ମୁରିବାହାଲ, ୧୮।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ସଦର ଗାଁରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି। ବ୍ୟୟ ଅଟକଳ ରହିଛି ୩ଲକ୍ଷ ଟଙ୍କା। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ନିର୍ମାଣ ହୋଇଥିବା ଏହି କମ୍ୟୁନିଟି ସେଣ୍ଟରର ନିର୍ମାଣ ସ୍ଥଳକୁ ନେଇ ଗାଁରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ନିର୍ମାଣ ହୋଇଥିବା ପ୍ରକଳ୍ପ ନିରୂପିତ ସ୍ଥାନରେ ହୋଇ ନ ଥିବା ଅଭିଯୋଗ କରି ସୋମବାର ବିଡିଓଙ୍କୁ ଫେରାଦ ହୋଇଥିଲେ। ଏହାର ଦିନକ ପରେ ଅପରଗୋଷ୍ଠୀ ନିର୍ମାଣସ୍ଥଳ ଠିକ୍ ଥିବା କହି ବିଡିଓ ପୂର୍ଣ୍ଣାନନ୍ଦ ପଟେଲଙ୍କୁ ଭେଟିଛନ୍ତି। ଗାଁରେ ଏକ ପ୍ରକଳ୍ପକୁ ନେଇ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

ହଳଦୀ ଗାଁ ଭାଗବତ ଟୁଙ୍ଗୀ କମିଟି ଓ ଅନ୍ୟ କେତେକଙ୍କ କହିବା କଥା ହେଲା ଗାଁର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଭାଗବତ ଟୁଙ୍ଗୀ ମନ୍ଦିରରେ ବର୍ଷର ବିଭିନ୍ନ ସମୟରେ ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆଦି ହୋଇଥାଏ। ଏଠାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨୦୨୦-୨୧ଆର୍ଥିକ ବର୍ଷରେ ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର କାର୍ଯ୍ୟାଦେଶ ହଳଦୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରେକୃଷ୍ଣ ଦାସଙ୍କ ନାମରେ ଦିଆଯାଇଥିଲା। ହେଲେ ନିରୂପିତ ସ୍ଥାନରେ ପ୍ରକଳ୍ପ ନିର୍ମାଣ ନ କରି ଏହାର ଅନତି ଦୂରରେ କରାଯାଇଛି। ଏପରିକି ନିର୍ମାଣସ୍ଥଳରେ ସୂଚନା ଫଳକ ଲଗା ନଯାଇ ନିକଟରେ ଥିବା ନୋଡାଲ ୟୁପି ସ୍କୁଲ ପାଚେରିରେ ଲେଖାଯାଇଥିଲା। ଗ୍ରାମବାସୀ ଏ ସମ୍ପର୍କରେ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ଏହା ପରେ ସ୍କୁଲ ପାଚେରିରେ ଥିବା ସୂଚନାଫଳକକୁ ସୋମବାର ଲିଭାଇ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାପରେ ଭାଗବତ ଟୁଙ୍ଗୀ କମିଟି ସଦସ୍ୟ ଓ ଅନ୍ୟ କେତେଜଣ ସୋମବାର ବିଡିଓଙ୍କୁ ଭେଟି ଘଟଣାର ତଦନ୍ତ ଦାବି କରିଥିଲେ। ଏପରିକି କାର୍ଯ୍ୟାଦେଶ ପାଇଥିବା ପିଇଓଙ୍କ ବିରୋଧରେ ବର୍ଷିଥିଲେ। ପିଇଓ ହରେକୃଷ୍ଣ ଦାସ କହିଛନ୍ତି, ମୋ ନାଁରେ କେବଳ କାର୍ଯ୍ୟାଦେଶ ଥିଲା, ଅନ୍ୟ କିଛି ଜାଣି ନ ଥିବା କହିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମେହେର ଏହା ବହୁ ପୁରଣା ପ୍ରକଳ୍ପ ବୋଲି କହିଛନ୍ତି। ହଳଦୀ ଭାଗବତ(ଟୁଙ୍ଗୀ)ମନ୍ଦିର ପରିଚାଳନା କମିଟି ସଭାପତି ମୁନୀରାମ ହାତୀ ଓ ଅନ୍ୟମାନେ ବିଡିଓଙ୍କୁ ଭେଟିଥିଲେ। ଏହାର ଦିନକ ପରେ ମଙ୍ଗଳବାର ଗାଁର ଅନ୍ୟ ଏକ ଗୋଷ୍ଠୀ କମ୍ୟୁନିଟି ସେଣ୍ଟରକୁ ନେଇ ବିଡିଓଙ୍କୁ ଭେଟିଥିଲେ। ପ୍ରକଳ୍ପକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ଥିବା ସେମାନେ କହିଛନ୍ତି। ପ୍ରକଳ୍ପ ଠିକ୍ ସ୍ଥାନରେ ହୋଇଛି ଓ କାମର ମାନ ଭଲ ଥିବା ବିଡିଓଙ୍କୁ କହିଥିଲେ। ଅଭିଯୋଗ ପାଇଛି, ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ପଟେଲ କହିଛନ୍ତି।

# ୨ଜଣଙ୍କ ଘର ଭାଙ୍ଗିଲା ହାତୀ



ହାତୀ ଭାଙ୍ଗି ଥିବା ଘର ସମ୍ମୁଖରେ କ୍ଷତିଗ୍ରସ୍ତ ପରିବାର।

ଖପ୍ରାଖୋଲ,୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ କିଛିଦିନ ହେଲା ଦୁଇଟି ହାତୀ ଚଳ ପ୍ରଚଳ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁଇ ହାତୀ ନାନ୍ଦୁପଲା ଗାଁରେ ପଶି ଦୁଇଜଣଙ୍କ ଘର ଭାଙ୍ଗି ଦେଇଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଘର ଭାଙ୍ଗିଥିବା ୨ଜଣ ହେଲେ ନାନ୍ଦୁପଲା ପଞ୍ଚାୟତ ଅଫିସ ନିକଟରେ ରହୁଥିବା ଚକ୍ର ବାଗ ଏବଂ ଆଇରତି ରାବଣ। ପରିବାର ଲୋକେ ଖାଇ ସାରି ଶୋଇଥିବା ବେଳେ ହାତୀ ଚାଉଳ, ଧାନ ଖାଇବାକୁ ପଛପଟୁ ଉଭୟଙ୍କ ଘର ଭାଙ୍ଗିଥିଲା। ଶବ୍ଦ ଶୁଣି ସେମାନେ ଚିତ୍କାର କରିବାରୁ ହାତୀ ପଛକୁ ହଟିଥିଲା। ବନବିଭାଗ ଖବର ପାଇ ହାତୀକୁ ଘଉଡାଇଥିଲେ। ହାତୀମାନେ ଗଲାବେଳେ ଛଞ୍ଚାଣବାହାଲି ଗାଁ ନିକଟରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଦେଇଥିଲେ। ବିଗତ କିଛିବର୍ଷ ହେଲା ହାତୀ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳକୁ ଆସି ଉପଦ୍ରବ କରୁଛନ୍ତି। ସୀମାନ୍ତ ବରଗଡ଼ ଜିଲାରେ ଥିବା ଜଙ୍ଗଲରୁ ହାତୀ ଆସୁଥିବା ଜଣାଯାଇଛି। ଏନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କୁ ପଚାରିବାରୁ ହାତୀ ଉପଦ୍ରବ ଯୋଗୁ କ୍ଷୟକ୍ଷତିର ତାଲିକା ଦେଲେ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି। ଏବେ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ତୁର୍ଲା ଗାଁ ପାଖରେ ହାତୀ ଥିବା ଜଣାଯାଇଛି।





ଉତ୍କଳ କନ୍ଧ ସମାଜ ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

# ଉତ୍କଳ କନ୍ଧ ସମାଜର ରାଲି, ଦାବିପତ୍ର ପ୍ରଦାନ

ଟିଟିଲାଗଡ଼,୧୯।୧୦ (ଡି.ଏନ.ଏ)

ଉତ୍କଳ କନ୍ଧ ସମାଜ କେନ୍ଦ୍ର କମିଟି ପକ୍ଷରୁ ସଭାପତି ଚିନ୍ତାମଣୀ ଭୋଇଙ୍କ ନେତୃତ୍ୱରେ ବୁଧବାର ବିଭିନ୍ନ ଦାବି ନେଇ ଟିଟିଲାଗଡରେ ଶୋଭାଯାତ୍ରା କରାଯାଇଥିଲା। ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ହାଇସ୍କୁଲ ପଡିଆରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ ୧୯୮୪ ମସିହାଠାରୁ କନ୍ଧ ସମାଜ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରିଆସୁଛି। ପଶ୍ଚିମ ଓଡିଶାର ୧୦ଟି ଜିଲାର ସଂଘ ସଦସ୍ୟ ନୀତିନିୟମକୁ ପାଳନ କରୁଛନ୍ତି। ହେଲେ ବର୍ତ୍ତମାନ କେତେକ ଅସାଧୁ ବ୍ୟକ୍ତିବିଶେଷ ସମାଜର ସ୍ୱୀକୃତି ବିନା ଲୋଗୋ, ରେଜିଷ୍ଟ୍ରେସନ ନମ୍ବର ଆଦି ବ୍ୟବହାର କରି ସରକାରଙ୍କ ବିରୋଧରେ ଆନ୍ଦୋଳନ, ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ଉପାର୍ଜନ କରୁଛନ୍ତି। ଉତ୍କଳ କନ୍ଧ ସମାଜ ଏବଂ ଏହାର ସଦସ୍ୟଙ୍କ ବିରୋଧରେ ଅପପ୍ରଚାର କରାଯାଉଛି। ଏନେଇ ଉତ୍କଳ କନ୍ଧ ସମାଜ କେନ୍ଦ୍ରୀୟ କମିଟି ପକ୍ଷରୁ ବୁଧବାର ପ୍ରଦତ୍ତ ଦାବିପତ୍ରରେ ଉକ୍ତ ସଂଗଠନ ସଭାପତି, ଉପସଭାପତି, ସମ୍ପାଦକଙ୍କ ନାମ ଉପଜିଲାପାଳଙ୍କୁ ସୂଚିତ କରିଛି। ଏହା ସହ ଉତ୍କଳ କେନ୍ଦ୍ରୀୟ କମିଟି ସଂଗଠନ ନିଜ ସହ ସାମିଲ ଜିଲାର ବର୍ତ୍ତମାନର ପ୍ରଗଣା ସଭାପତି, ସମ୍ପାଦକ ତଥା କର୍ମକର୍ତ୍ତାଙ୍କ ତାଲିକା ପ୍ରଶାସନକୁ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରଗଣାରୁ ପଦ୍ମନ ପ୍ରଧାନୀ, ଯୁବରାଜ ମାଝି, ପ୍ରହ୍ଲାଦ ମାଝି, ଦୟାନିଧି କଅଁର, ଭାବସିଂ ମାଝି, ସୁଶିଲ ଭୋଇ, ଚୂଡାମଣୀ ମାଝି, ଚକ୍ରଧର ଜାନୀ, ମନୋରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ପରାମର୍ଶ କର୍ମୀଙ୍କ ବୈଠକ

ମୁରିବାହାଲ, ୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଚାଷୀ ପରାମର୍ଶ କର୍ମୀଙ୍କ ବୈଠକ ସ୍ଥାନୀୟ ବୈଷୟିକ ପରାମର୍ଶ କେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧ୍ୟକ୍ଷ ସୁରେଶ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲା ପରିଷଦ ସଭ୍ୟ ମିଥିଳା ମାଝି, ବ୍ଲକ କୃଷି ଅଧିକାରୀ ଅମ୍ରିତ ଲୁଗୁନ, ପ୍ରାଣୀସମ୍ପଦ ଚିକିତ୍ସା ଅଧିକାରୀ ଭବାନୀ ଶଙ୍କର ବେହେରା, ଏଏଫଓ ସତ୍ୟ ଦାଶ, ଉଜ୍ଜ୍ୱଳ ପୁଟେଲ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟକ୍ରମକୁ ପରିବ୍ୟାପ୍ତ କରିବା ଉପରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ କୃଷି କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରି ତାଲିମ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। କୃଷି କର୍ମଚାରୀ କିଶୋର ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ଦେଓଗାଁ, ୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତରେ ଥିବା ପର୍ଯ୍ୟଟନସ୍ଥଳ ଭୀମପାହାଡରେ ଚଳିତ ମାସ ୨୨ରୁ ୨୮ତାରିଖ ପର୍ଯ୍ୟନ୍ତ ଗିରି ଗୋବର୍ଦ୍ଧନ ପୂଜା ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଥାଲବନ୍ଧ, ବନ୍ଧପାଲି, ରୁଗୁଡିପାଲି, ଭୀମଡୁଙ୍ଗୁରୀ, କୁଅଁରପଡା, କୁନ୍ଦେଇପଡା, ମିର୍ଦ୍ଧାପଡା ଆଦି ଗ୍ରାମର ସହଯୋଗରେ ହେବାକୁ ଥିବା ପୂଜା ଅବସରରେ ୨୪ପ୍ରହର ନାମଯଜ୍ଞ, କଂସ ଦରବାର ଓ ମୀନା ବଜାର ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# କାମରେ ଲାଗୁନି ଗୋଷ୍ଠୀ ଶୌଚାଳୟ



କରୁଆଝର ଗାଁର ଗୋଷ୍ଠୀ ଶୌଚାଳୟ।

ଲାଠୋର, ୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ଗୋଷ୍ଠୀ ଶୌଚାଳୟଗୁଡ଼ିକ ନିମ୍ନମାନର ନିର୍ମାଣ ସାଙ୍ଗକୁ ଉପଯୁକ୍ତ ସ୍ଥାନରେ କରାଯାଇ ନ ଥିବାରୁ ବ୍ୟବହାର ଉପଯୋଗୀ ହେଉନାହିଁ। ଯାହା ବି ଅଛି ତାହା ଆବର୍ଜନାରେ ଭରି ରହିଛି। ସାଧାରଣ ଲୋକଙ୍କ ବ୍ୟବହାର ଉଦ୍ଦେଶ୍ୟରେ ୨୦୨୦-୨୧ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ଏବଂ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ମିଳିତ ସୌଜନ୍ୟରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲାଠୋର, ମାଲପଡ଼ା, କରୁଆଝର, ଟଙ୍କପାଣି, ତେଲେନପାଲି ଏବଂ ଘୁନସର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାରାଯାଇଛି। ହେଲେ ସେହି ଶୌଚାଳୟଗୁଡ଼ିକ ଅତି ନିମ୍ନ ମାନର ନିର୍ମାଣ ହୋଇଛି। ଏଥିସହ ଉପଯୁକ୍ତ ସ୍ଥାନରେ ନିର୍ମାଣ କରାଯାଇ ନାହିଁ। ଏପରିକି କେତେକ ଜାଗାରେ ପାଣିର ବ୍ୟବସ୍ଥା ନଥାଇ ମଧ୍ୟ ଶୌଚାଳୟ ନିର୍ମାଣ କରାଯାଇଛି। କେତେକ ସ୍ଥାନରେ ଘରୋଇ ଜାଗାରେ ଶୌଚାଳୟ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ପୁନଶ୍ଚ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ସେହି ଶୌଚାଳୟଗୁଡ଼ିକ ଭଙ୍ଗା ଦଦରା ହୋଇ ପଡ଼ି ରହିଛି। ଫଳରେ ସରକାର ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ କରିଥିଲେ ତାହା ସାକାର ହୋଇନାହିଁ। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରଙ୍କୁ ପଚାରିଲେ କାମର ଦାୟିତ୍ୱରେ ଥିବା ବିଆରସି ଫକିର ମୋହନ ଭୋଇ କହିପାରିବେ ବୋଲି କହିଛନ୍ତି। ଅପରପକ୍ଷରେ ବିଆରସି କହୁଛନ୍ତି କନିଷ୍ଠ ଯନ୍ତ୍ରୀ ଏ ନେଇ ଯାହା କିଛି କହି ପାରିବେ। ଦୁଇ ଅଧିକାରୀଙ୍କ କଥାରେ ତାଳମେଳ ରହୁନାହିଁ। ଘଟଣାର ତଦନ୍ତ କଲେ ନିର୍ମାଣରେ ହୋଇଥିବା ଦୁର୍ନିତି ଲୋକାଲୋଚନକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ଉପଜିଲାପାଳ

ଖପ୍ରାଖୋଲ, ୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି ପାଟଣାଗଡ ଉପଜିଲାପାଳ ଡା ବିଜୟାନନ୍ଦ ସେଠୀ। ପ୍ରଥମେ ସରପଞ୍ଚମାନଙ୍କ ସହ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ସେ ଆଲୋଚନା କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ଯୋଗାଣ ସହାୟକଙ୍କ ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ, ଗହମ ବଣ୍ଟନର ସମୀକ୍ଷା କରିଥିଲେ। ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ଜିପିଇଓ ସୁଶାନ୍ତ କୁମାର ପାଣି, ଏଇ ମହେଶ ଲାଲ ଅଗ୍ରୱାଲ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସମେତ ବିଭିନ୍ନ ବିଭାଗଙ୍କ୍ର ଅଧିକାରୀ ଉପସ୍ଥିତ ଥିଲେ।

## ଓସିଏସ୍ ମଣ୍ଟୁ ଖମାରୀଙ୍କୁ ସମ୍ବର୍ଦ୍ଧନା

ମୁରିବାହାଲ, ୧୯।୧୦(ଡି,ଏନ,ଏ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଟେଙ୍ଗେରା ଶାନ୍ତି ନଗରର ଆଦିବାସୀ ଯୁବକ ଚଳିତବର୍ଷ ଓଡ଼ିଶା ସିଭିଲ ସର୍ଭିସ (ଓଏଏସ) ପରୀକ୍ଷାରେ ୨୭୮ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମଙ୍ଗଳବାର ତାଙ୍କୁ ଟିଟିଲାଗଡ଼ର ମହିଳା ଶକ୍ତି ସଙ୍ଗଠନ ଓ ମୁରିବାହାଲ ଭାଜପା ପକ୍ଷରୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ମଣ୍ଟୁଙ୍କ ବାପା ପବିତ୍ର ଖମାରୀ, ମା’ ଚମ୍ପାବତୀ ଖମାରୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ମହିଳା ଶକ୍ତି ଓ ଆଖି ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଅଞ୍ଜଳି ବେହେରା, ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଟିଟିଲାଗଡ଼ ନଗର ସଭାପତି ପ୍ରଶାନ୍ତ କୁମାର ଷଡଙ୍ଗୀ, ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, ମହିଳା ନେତ୍ରୀ ଲକ୍ଷ୍ମୀ ବଗର୍ତ୍ତି, ମମତା ସାହୁ, ସବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓସିଏସ୍ ପାଇଥିବା ମଣ୍ଟୁ ଖମାରୀଙ୍କ ଯୋଗୁ ମୁରିବାହାଲ ବ୍ଲକର ମାନସମ୍ମାନ ବୃଦ୍ଧି ଘଟିଛି ବୋଲି କୁହାଯାଇଥିଲା।



ଓଏଏସ ପାଇଥିବା ମଣ୍ଟୁ ଖମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଇଗ୍ନୋ ଷ୍ଟଡି ସେଣ୍ଟର ଉଠାଇବାକୁ ମସୁଧା

ବଲାଙ୍ଗୀର ଅଫିସ, ୧୯।୧୦





ଇଗ୍ନୋ ଛାତ୍ର ସାମୁଖ୍ଯ ପକ୍ଷରୁ ବଲାଙ୍ଗୀର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜିଲାପାଳ ଅଫିସ ସମ୍ମୁଖରେ ଇଗ୍ନୋ ଛାତ୍ର ସାମ୍ମୁଖ୍ୟର ବିକ୍ଷୋଭ**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଷ୍ଟଡି ସେଣ୍ଟରକୁ ଉଠାଇବା ନେଇ ମସୁଧା ଚାଲିଛି। ଏହାର ପ୍ରତିବାଦ କରିଛି ଇଗ୍ନୋ ଛାତ୍ର ସାମୁଖ୍ୟ। ବୁଧବାର ସାମ୍ମୁଖ୍ୟ ପକ୍ଷରୁ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୌଣସି ପରିସ୍ଥିତିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇଗ୍ନୋ ଷ୍ଟଡି ସେଣ୍ଟରକୁ ଉଠାଇବାକୁ ଦିଆଯିବନାହିଁ ବୋଲି ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଥିଲା। ଷ୍ଟଡି ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ବଦଳରେ ଏଠାରୁ ଏହାକୁ ଉଠାଇବା ମସୁଧା ଶିକ୍ଷା ବିରୋଧୀ ଓ ଷଡଯନ୍ତ୍ରପୂର୍ଣ୍ଣ ବୋଲି କୁହାଯାଇଥିଲା। ପରେ ଛାତ୍ର ସାମୁଖ୍ୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାସହିତ ଦାବିପତ୍ରକୁ ଉଚ୍ଚଶିକ୍ଷା ମନ୍ତ୍ରୀ, ଇଗ୍ନୋ ଦିଲ୍ଲୀ ଓ ପ୍ରାନ୍ତ ଶାଖା କୋରାପୁଟକୁ ପଠାଯାଇଥିଲା।

ଚଳିତବର୍ଷ ଇଗ୍ନୋ ପକ୍ଷରୁ ଆସନ୍ତା ଡ଼ିସେମ୍ବର ମାସରେ ହେବାକୁ ଥିବା ପରୀକ୍ଷା ପାଇଁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମତି ଦିଆଯାଇ ନ ଥିବା ସାମୁଖ୍ୟ ପ୍ରତିନିଧିମାନେ କହିଥିଲେ। ଏଭଳି ନିଷ୍ପତ୍ତି ଫଳରେ ଶତାଧିକ ଛାତ୍ରୀଛାତ୍ର ପ୍ରଥମେ ଯେଉଁମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି ସେମାନେ ବାଧ ହୋଇ ଅନ୍ୟ ଜିଲାକୁ ପରୀକ୍ଷା ଦେବା ପାଇଁ ଯିବେ। ଏହାକୁ ବିରୋଧ କରାଯିବାରୁ ପରବର୍ତ୍ତୀ ସମୟରେ ବଲାଙ୍ଗୀର ବିଇଡି କଲେଜରେ ପରୀକ୍ଷା ସେଣ୍ଟର ପାଇଁ ଅନୁମତି ଦିଆଯାଇଛି। ତେବେ ବିଜ୍ଞାନରେ ପଢୁଥିବା ଛାତ୍ରୀଛାତ୍ର ମଧ୍ୟ ଏଥର ବାଧହୋଇ କୋରାପୁଟ ଓ ଖଡ଼ିଆଳ କଲେଜକୁ ଯାଇ ତାଙ୍କ ପ୍ରାକ୍ଟିକାଲ ପରୀକ୍ଷା ଦେଇଛନ୍ତି। ସେପଟେ ବିଶ୍ୱବିଦ୍ୟାଳୟ କୁଳପତି ଇଗ୍ନୋକୁ ଚିଠି ଲେଖି ଜଣାଇଛନ୍ତି ଯେ ଏଠାରେ ଯଦି ପରୀକ୍ଷା କରାଯିବ ତାହେଲେ କେବଳ ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ଅନୁମତି ଦିଆଯାଇପାରିବ। ଏଭଳି ନିଷ୍ପତ୍ତି ଦ୍ୱାରା ଅନ୍ୟ ପରୀକ୍ଷାର୍ଥୀମାନେ କୁଆଡେ ଯାଇ ପରୀକ୍ଷା ଦେବେ ତାହା ବୁଝାପଡୁନାହିଁ ବୋଲି ଛାତ୍ର ସାମୁଖ୍ୟ ଆବାହକ ସ୍ୱାଧୀନ ମିଶ୍ର ପ୍ରଶ୍ନ କରିଛନ୍ତି। ୧୯୮୮ ମସିହାରୁ ରାଜେନ୍ଦ୍ର କଲେଜ ପରିସରରେ ଇଗ୍ନୋ ଷ୍ଟଡି ସେଣ୍ଟର କାର୍ଯ୍ୟ କରିଆସୁଛି। ଏହି ମୁକ୍ତ ବିଶ୍ୱବିଦ୍ୟାଳୟରେ ସହସ୍ରାଧିକ ଛାତ୍ରୀଛାତ୍ର ଶିକ୍ଷା ଯୋଗ୍ୟତା ହାସଲ କରିଛନ୍ତି। ଏବେ ମଧ୍ୟ ସହସ୍ରାଧିକ ଛାତ୍ରୀଛାତ୍ର ଇଗ୍ନୋ ଜରିଆରେ ଶିକ୍ଷା ଯୋଗ୍ୟତା ହାସଲ କରୁଛନ୍ତି। ବଲାଙ୍ଗୀର ଏବଂ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅଣଦେଖା କରି ଏଠାରୁ ଇଗ୍ନୋ ଷ୍ଟଡି ସେଣ୍ଟର ଉଠାଇବା ନିଷ୍ପତ୍ତି ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଏଥିପୂର୍ବରୁ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଏକ ରାଲି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ବାହାରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଆସିଥିଲା।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ।

**ବୌଦ୍ଧ,୧୯।୧୦(ସ୍ୱ.ପ୍ର.):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନା କେନ୍ଦ୍ରର ସଂଯୋଜକ ସନତ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଗୋପାଳ ଅମାତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବରିଷ୍ଠ ଶିକ୍ଷକ ଝୁମକା କଅଁର, ରଶ୍ମି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଆଠଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଶେଷରେ ଶିକ୍ଷକ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ଶିକ୍ଷା ଭିତ୍ତିଭୂମିର ସମୀକ୍ଷା କଲେ ପ୍ରତିନିଧି ମଣ୍ଡଳୀ

**ବିନିକା ୧୯ । ୧୦( ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଡିଗ୍ରୀ କଲେଜକୁ ବୁଧବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଦୁଇଜଣିଆ ପ୍ରତିନିଧି ମଣ୍ଡଳୀ ପରିଦର୍ଶନ କରିଥିଲେ। ଅଧ୍ୟାପକ ତ୍ରିଲୋଚନ ସେଟ, ବରିଷ୍ଠ ସେକ୍ସନ ଅଫିସର ମନୋରଞ୍ଜନ ପଟେଲ ମହାବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମ, ପରୀକ୍ଷା ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରି ସନ୍ତୋଷବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ହିମାଂଶୁ ଶେଖର ତ୍ରିପାଠୀ, ସମ୍ପାଦକ ବିକାଶ ମହାନ୍ତି, ଟ୍ରଷ୍ଟି ସୂର୍ଯ୍ୟ ନାରାୟଣ ପାଢ଼ୀ, ଅଧକ୍ଷ ମୀନକେତନ ପଧାନ, ଅଧାପିକା ମନିଷା ଭୋଇ, ଅର୍ପିତା ପଧାନ ପମୁଖ ସହଯୋଗ କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି

**ଦେଓଗାଁ,୧୯।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପର୍ଯ୍ୟଟନସ୍ଥଳ ଭୀମପାହାଡରେ ଚଳିତ ମାସ ୨୨ରୁ ୨୮ତାରିଖ ପର୍ଯ୍ୟନ୍ତ ଗିରି ଗୋବର୍ଦ୍ଧନ ପୂଜା ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଥାଲବନ୍ଧ, ବନ୍ଧପାଲି, ରୁଗୁଡିପାଲି, ଭୀମଡୁଙ୍ଗୁରୀ, କୁଅଁରପଡା, କୁନ୍ଦେଇପଡା, ମିର୍ଦ୍ଧାପଡା ଆଦି ଗ୍ରାମର ସହଯୋଗରେ ହେବାକୁ ଥିବା ପୂଜା ଅବସରରେ ୨୪ପ୍ରହର ନାମଯଜ୍ଞ, କଂସ ଦରବାର ଓ ମୀନା ବଜାର ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ବଢୁଛି ଜନ୍ତୁ ଶିକାର, କ୍ଷୟ ହେଉଛି ଜଙ୍ଗଲ

- ସୁବର୍ଣ୍ଣପୁର ବନବିଭାଗ ପ୍ରତି ସରକାରଙ୍କ ଦୃଷ୍ଟି ନାହିଁ
- ଡିଏଫ୍ଓ, ୨ ଏସିଏଫ୍, ରେଞ୍ଜ ଅଫିସର ପଦ ଖାଲି

**ସୋନପୁର,୧୯।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଦ୍ରୁତଗତିରେ ଜଙ୍ଗଲ କ୍ଷୟ ହେଉଛି। ଏଥିସହିତ ବନ୍ୟଜନ୍ତୁ ଶିକାର ମଧ ବୃଦ୍ଧି ପାଇଛି। ଜିଲାର ସଂରକ୍ଷିତ ଜଙ୍ଗଲଗୁଡିକରେ କାଠ ଚୋର ଓ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ବନ ବିଭାଗ ଏସବୁକୁ ରୋକି ପାରୁନି। ଗତ ୧ ବର୍ଷ ହେବ ବନଖଣ୍ଡ ଅଧିକାରୀ(ଡିଏଫଓ) ପଦବୀ ଖାଲି ପଡିଛି। ସେହିପରି ଦୁଇଟି ସହକାରୀ ବନ ସଂରକ୍ଷକ(ଏସିଏଫ) ଓ ବିନିକା ଏବଂ ଉଲୁଣ୍ଡା ରେଞ୍ଜ ଅଫିସର ପଦବୀ ଖାଲି ଅଛି। ମାତ୍ର ସରକାରଙ୍କ ଏଥିପ୍ରତି ଦୃଷ୍ଟି ନାହିଁ।

ଜିଲାରେ ଆବଶ୍ୟକତାଠାରୁ କମ୍ ପରିମାଣର ଜଙ୍ଗଲ ଅଛି। ଆୟତନ ଅନୁସାରେ ସର୍ବନିମ୍ନ ୩୩ ପ୍ରତିଶତ ଜଙ୍ଗଲ ରହିବା ସ୍ଥାନରେ କେବଳ ୧୮ ପ୍ରତିଶତ ରହିଛି। ତେଣୁ ଜଳବାୟୁ ସନ୍ତୁଳନ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଗତ ୧ ବର୍ଷ ହେବ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ପଦ ଖାଲି ପଡିଛି। ବର୍ଷାଧିକ କାଳ ଦୁଇଟି ସହକାରୀ ବନ ସଂରକ୍ଷକ ପଦବୀ ପୂରଣ ହେଉନି। ଜଣେ ସହକାରୀ ବନ ସଂରକ୍ଷକଙ୍କ ଦାୟିତ୍ୱରେ ସମସ୍ତ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷେ ଉଲୁଣ୍ଡା ଓ ବିନିକାରେ ଫରେଷ୍ଟ ରେଞ୍ଜ ଅଫିସର ପଦ ଖାଲି ପଡିଛି। ଡେପୁଟି ରେଞ୍ଜରମାନେ ରେଞ୍ଜ ଅଫିସର ଦାୟିତ୍ୱରେ ରହିଛନ୍ତି। ସରକାର ଜିଲାରେ ଖାଲି ପଡିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କାହାରିକୁ ନିଯୁକ୍ତି ଦେଉନାହାନ୍ତି। ବନାଞ୍ଚଳରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ବନଖଣ୍ଡ ଅଧିକାରୀ ନ ଥିବାରୁ ଅଧିକାଂଶ ବନପାଳ ଓ ବନରକ୍ଷୀ ହେଡକ୍ୱାର୍ଟର୍ସରେ ରହୁନାହାନ୍ତି। ବନ ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତିରେ ଜଙ୍ଗଲରେ କାଠ ଚୋର ଓ ଜନ୍ତୁ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସେପ୍ଟେମ୍ବର ମାସରେ ଶିକାରୀମାନେ ବିଦ୍ୟୁତ୍ ଫାଶ ବସାଇ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ଏକ ମାଈ କଲରାପତରିଆ ବାଘ ଶିକାର କରିଥିଲେ। ଉଲୁଣ୍ଡା, ବିନିକା, ବାରପାହାଡ, ଲଛିପୁର, ତରଭା ଓ ସୁବଳୟା ଜଙ୍ଗଲରେ ବ୍ୟାପକ ଗଛ କଟା ଯାଉଛି। କାଠ ମାଫିଆମାନେ ଉଲୁଣ୍ଡା ବନାଞ୍ଚଳରୁ ନିୟମିତ କାଠ ଚୋରାଚାଲଣ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଜଙ୍ଗଲରୁ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ହେଉଛି।


ସୁବର୍ଣ୍ଣପୁର ଡିଏଫଓଙ୍କ କାର୍ଯ୍ୟାଳୟ।

ଜିଲା ଗଠନ ହେବାର ବହୁ ବର୍ଷ ପରେ ଅର୍ଥାତ୍ ୨୦୧୦ ମସିହାରେ ସୁବର୍ଣ୍ଣପୁରରେ ବନଖଣ୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ୪୧୨୧୭ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ବନଖଣ୍ଡ ଅଧିନରେ ରହିଛି। ସୋନପୁର, ବୀରମହାରାଜପୁର, ବିନିକା ଓ ଉଲୁଣ୍ଡାକୁ ନେଇ ୪ଟି ବନାଞ୍ଚଳ ସୃଷ୍ଟି ହୋଇଛି। ୪ ଜଣ ବନାଞ୍ଚଳ ଅଧିକାରୀ ନିଯୁକ୍ତ ହେଉଛନ୍ତି। ଏବେ ଜିଲାରେ ୮୫ଟି ବନ ସୁରକ୍ଷା ସମିତି କାର୍ଯ୍ୟକ୍ଷମ ଅଛି। ବିଭାଗ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପୂର୍ବରୁ ଅନେକ କାର୍ଯ୍ୟ ହୋଇଥିଲା। କୋଭିଡ୍ ସମୟରେ ବନ ବିଭାଗ ଗରିବ ଶ୍ରମିକଙ୍କୁ କର୍ମସଂସ୍ଥାନ ଯୋଗାଇ ପ୍ରଶଂସିତ ହୋଇଥିଲା। ତେବେ ଜିଲାରେ ସ୍ଥାୟୀ ଅଧିକାରୀ ନ ଥିବାରୁ ଚଳିତ ବର୍ଷ ବନୀକରଣ ଓ ଚାରା ଉତ୍ପାଦନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନି। ଜାଇକା, କାମ୍ପା ଭଳି ଯୋଜନାରେ ଅନୁଦାନ ଆସୁଥିଲେ ମଧ ତାର ସଦୁପଯୋଗ ହେଉନି। ସହରୀ ବନୀକରଣ କାର୍ଯ୍ୟ, ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ଏବଂ ରାସ୍ତା ପାର୍ଶ୍ୱ ବନୀକରଣ ଠିକ୍‌ଭାବେ ହୋଇପାରୁନି। ତଦାରଖ ଅଭାବରୁ ଗଛଗୁଡିକ ମରିଯାଉଛି। ବଲାଙ୍ଗୀର ଡିଏଫଓ ନିତିଶ କୁମାର ସୁବର୍ଣ୍ଣପୁର ଜିଲା ଦାୟିତ୍ୱରେ ଅଛନ୍ତି। କିନ୍ତୁ ସେ ଅତିରିକ୍ତ ଦାୟିତ୍ୱରେ ଥିବାରୁ ବଲାଙ୍ଗୀର ଭଳି ବଡ ଜିଲାର ଦାୟିତ୍ୱ ସହ ସୁବର୍ଣ୍ଣପୁର ଜିଲାକୁ ଠିକ୍ ଭାବେ ସମୟ ଦେଇ ପାରୁନାହାନ୍ତି। ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆଙ୍କୁ ପଚାରିବାରୁ ବନ ବିଭାଗର କର୍ମଚାରୀମାନେ ଠିକ୍ ଭାବରେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ଜିଲାରେ ଡିଏଫଓ, ୨ ଏସିଏଫ ଓ ୨ରେଞ୍ଜ ଅଫିସର ନଥିଲେ ମଧ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟ ଜାରି ରହିଥିବା କହିଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବାଉଁଶୁଣୀ,୧୯।୧୦(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା କ୍ଲଷ୍ଟର ଆନୁକୂଲ୍ୟରେ ବହିରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସିଆରସିସି ତୋଷଣ କୁମାର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯଯାତି କେଶରୀ ମହାଳିକ ଓ ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ ଯୋଗ ଦେଇଥିଲେ । ଏହି ଅବସରରେ କ୍ଲଷ୍ଟରର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କାର୍ଯ୍ୟକ୍ରମରେ ବହିରା ହାଇସ୍କୁଲ ଶିକ୍ଷୟିତ୍ରୀ ସସ୍ମିତା ଜେନା, ବହିରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହାଡିବନ୍ଧୁ ସାହୁ, ଶିରୀଶ ଗାଇଗୋରିଆ, ପ୍ରମୋଦ ବେହେରା, ହିମାଂଶୁ ବିଶି, ବବିତା ଭୋଇ, ଲାଳମଣି ଖଟୁଆ, ଲୋହିତ ସେଠୀ, ପ୍ରମୋଦ ପୁରୋହିତ, ବାବୁଲା ବଘାର, ଲବଙ୍ଗଲତା ଅଧିକାରୀ, କ୍ଷୀରୋଦ ବେହେରା, ଲିଙ୍ଗରାଜ ମହାକୁଡ଼, ଖଗେଶ୍ୱର ନାଏକ, ବିଶ୍ୱମୋହନ ନାଏକ, ମର୍ଦ୍ଦରାଜ କର୍ମୀ, ପ୍ରଦୀପ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲାସ୍ତରୀୟ ଦକ୍ଷତା ବିକାଶ ସଂଯୋଗୀକରଣ କାର୍ଯ୍ୟକ୍ରମ



ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**ବୌଦ୍ଧ,୧୯।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଦିନ ଜିଲା ପ୍ରଶାସନ ଓ ଆକସନ ଏଡ ପକ୍ଷରୁ ଜିଲାସ୍ତରୀୟ କିଶୋର ବାଳିକା ବାଳକମାନଙ୍କର ବିଭିନ୍ନ ଦକ୍ଷତା ଓ ସଂଯୋଗୀକରଣ କାର୍ଯ୍ୟକ୍ରମ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଟିଆଇ ଅଧକ୍ଷ କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସୁଦକ୍ଷା ଯୋଜନାର ବିସ୍ତୃତ ବିବରଣୀ ଦେଇଥିଲେ । ଏହାଛଡା ଡିଡିଇଜିକେୱା ଓ ଆରସେଟିରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସ୍ୱଳ୍ପ ଓ ଦୀର୍ଘ ସମୟ ମିଆଦ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ତାଲିମ, ଓ ନିଯୁକ୍ତି ବିଷୟରେ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଜିଲାପାଳ ସାହୁ କିଶୋରୀକିଶୋରମାନଙ୍କ ବିଭିନ୍ନ ଧନ୍ଦାମୂଳକ ଓ ଦକ୍ଷତା ବିଷୟ ତାଲିମ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ଖୁବଶୀଘ୍ର ଡିଡିଇଜିକେୱା ର ନିଜସ୍ୱ ତାଲିମ କେନ୍ଦ୍ର ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ନିୟୋଜନ ଅଧିକାରୀ ସୁଶାନ୍ତ ନାଏକ ଓ ଜିଲା ବାଲ୍ୟବିବାହ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବବିତା ରାଣୀ ଦଳବେହେରା, ଜିଲା ଶିକ୍ଷାଧିକାରୀ ଡ. ଉଦୟନାଥ ମାଝିଙ୍କ ସମେତ ଆଇଟିଆଇ ଅଧ୍ୟକ୍ଷ,ସରକାରୀ ପଲିଟେକନିକ ଅଧକ୍ଷ, ଡିଆଇସି ପରିଚାଳକ, ଡେପୁଟି ସିଇଓ ଓରମାସ, ଆସିଷ୍ଟାଣ୍ଟ ଡାଇରେକ୍ଟର ହସ୍ତକଳା, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

### ଗଞ୍ଜେଇ ଚାଲାଣ ମାମଲା

**ବୌଦ୍ଧ,୧୯।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଲ୍ପନା ସ୍ୱାଇଁ ବୁଧବାର ଦିନ ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୧୦।୦୨।୨୦୧୬ ତାରିଖ ସକାଳେ ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମନମୁଣ୍ଡା- ବାଉଁଶୁଣୀଠାରେ ପାଟ୍ରୋଲିଂ କରୁଥିବା ସମୟରେ ଶଗଡା ଆଡୁ ବାଉଁଶୁଣୀ ଛକକୁ ସଂଯୋଗ କରୁଥିବା ରାସ୍ତା ପଟୁ ଏକ କାର (ନଂ ଓଡି-୦୩-ବି- ୬୧୭୧) ଆସୁଥିବା ଦେଖି ସନ୍ଦେହରେ ଗାଡିକୁ ଅଟକାଇ ତଲାସୀ କରିଥିଲେ । ତଲାସୀ ସମୟରେ ଗାଡିରେ ଏକ ବସ୍ତାରେ ଥିବା ୧୧ କିଲୋ ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ଗାଡିରେ ବସିଥିବା ଅଭିଯୁକ୍ତ ବରଗଡ ଜିଲା ଗାଇସିଲେଟ ଥାନା କେନ୍ଦୁଭଟା ଗ୍ରାମର ଲକ୍ଷପତି ସାହୁ ( ୩୮ ) ଓ ସଞ୍ଜୟ କୁମାର ସାହୁ (୩୪)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତୀ ସମୟରେ ମାମଲଟି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେଶ ନଂ (୨ଏସିସି ୩/୧୬ ) ହୋଇ ବିଚାର ହୋଇଥିଲା। ମାମଲାର ତିନି ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଲ୍ପନା ସ୍ୱାଇଁ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷର ଖଲାସ କରିଥିଲେ। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରୀତମ ମିଶ୍ର ପରିଚାଳନା କରୁଥିଲେ ।

## ପୋଲିସ, ପରିବହନ ବିଭାଗ ଯାଞ୍ଚ ହେବ କଡାକଡି

### ଜିଲାସ୍ତରୀୟ ସୁରକ୍ଷା ପରିଚାଳନା ବୈଠକ

**ସୋନପୁର,୧୯।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା ପରିଚାଳନା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ ଆରକ୍ଷୀ ଅଧିକ୍ଷକ ଚନ୍ଦ୍ର ଶେଖର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ଗୁରୁ, କନିଷ୍ଠ ଏମଭିଆଇ, ପୂର୍ତ୍ତ ଓ ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ସ ସୁରକ୍ଷା ପରିଚାଳନା ଉପରେ ଆଲୋଚନା କରିଥିଲେ । ଜିଲାର ମୁଖ୍ୟ ରାସ୍ତା, ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଥିବା ବୁଲାଣି ଓ ଦୁର୍ଘଟଣାପ୍ରବଣ ସ୍ଥାନରେ ବିଶେଷ ସୂଚନା ଫଳକ ସହ ଆଲୋକୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ତଥା ଅଧକ୍ଷ ଦାଶ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟବହୃତ ସମସ୍ତ ଯାନବାହାନଗୁଡିକ ମୋଟର ଯାନ ଆଇନ ମୁତାବକ ବ୍ୟବସ୍ଥିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ସହିତ ନାବାଳକଙ୍କ ଗାଡିଚାଳନା ଉପରେ ଆବଶ୍ୟକ ଦୃଷ୍ଟି ଦେବାକୁ ନିଷ୍ପତ୍ତି ହୋଇଥିଲା। ୧୬ ବର୍ଷର ଛାତ୍ରୀଛାତ୍ର ସ୍କୁଟି ଚାଳନା କରି ପାରିବେ, ମାତ୍ର ଏଥି ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଦରକାର। ସେହିପରି ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ର ଗିୟର ଗାଡି ଚଳାଇ ପାରିବେ ଓ ଏଥି ନିମନ୍ତେ ମଧ ଡ୍ରାଇଭିଂ ଲାଇସେନ୍ସ ଆବଶ୍ୟକ। ଗ୍ରାମୀଣ ରାସ୍ତାରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ସୂଚନା ଫଳକ ଓ ସ୍ପିଡ୍‌ବ୍ରେକର ଲଗାଇବାକୁ ଅଧିକାରୀଙ୍କୁ ପରାମର୍ଶ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲାରେ ସଡକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁସଂଖ୍ୟାକୁ ହ୍ରାସ କରିବା ନିମନ୍ତେ ଆବଶ୍ୟକ ଜନ ସଚେତନତା ଏବଂ ପୋଲିସ ପ୍ରଶାସନ ସହ ପରିବହନ ବିଭାଗର ମିଳିତ ଯାଞ୍ଚ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।


ସୁରକ୍ଷା ପରିଚାଳନା କମିଟି ବୈଠକରେ ଅଧକ୍ଷ ଓ ଅଧିକାରୀ ବୃନ୍ଦ।

## ଭସାଣି ସହିତ ଶେଷହେଲା ମୁର୍ଷୁଣି ଗଜଲକ୍ଷ୍ମୀ ପୂଜା

**ଅମରପାଲି,୧୯।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣିରେ ଗତ ୧୧ଦିନ ଧରି ଚାଲିଥିବା ୪୦ତମ ଗଜଲକ୍ଷ୍ମୀ ପୂଜା ବୁଧବାର ଭସାଣି ସହିତ ଶେଷ ହୋଇଯାଇଛି। ସକାଳୁ ଲକ୍ଷ୍ମୀ ମଣ୍ଡପରେ ମାଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ପରେ ପୂର୍ଣ୍ଣାହୂତି ପଡିଥିଲା। ଏହାପରେ ଅପରାହ୍ନରେ ଭଷାଣି ଉତ୍ସବ ଆରମ୍ଭ ହୋଇଥିଲା। ଘଣ୍ଟବାଦ୍ୟ, ଦୁଲଦୁଲି, ରୋଡ ଡ୍ୟାନ୍ସ, ଡିଜେ ସହିତ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟରେ ଭସାଣି ଶୋଭାଯାତ୍ରା ସରଗରମ ହୋଇଥିଲା। ମେଢକୁ ହରିହର ଯୋରରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ଲବ ଲୁମାର ସାହୁଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରାରେ ପୂଜା କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ବର୍ଷ ପୂଜା ସବୁ ବର୍ଷ ଅପେକ୍ଷା ଆକର୍ଷଣୀୟ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତ୍ୟହ ମୁରାସୁର ଦରବାର ପରିବେଷଣ ହେଉଥିଲା। ଗୋପାଳ ପଣ୍ଡା ମୂରାସୁର ଭୂମିକାରେ ଚମତ୍କାର ଅଭିନୟ କରିଥିଲେ। ଏହା ବ୍ୟତୀତ ମୀନା ବଜାର, ଚକ୍ରଦୋଳି, ବ୍ରେକଡ୍ୟାନ୍ସ ସହିତ ଭଳିକି ଭଳି ଘରକରଣା ଓ ସୌଖିନ ଦ୍ରବ୍ୟର କିଣାବିକାର ମଜା ଉଠାଇଥିଲେ ଲୋକେ।


ଗଜଲକ୍ଷ୍ମୀଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ଭବିଷ୍ୟତ ଗଠନ ପାଇଁ ପରିଶ୍ରମୀ ହୁଅ

### ବୀରମହାରାଜପୁର ମହିଳା କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଅମରପାଲି,୧୯।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ମହାବିଦ୍ୟାଳୟରେ ନୂତନ ଛାତ୍ରୀମାନଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଆଶୁତୋଷ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବୀରମହାରାଜପୁର ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟ ଅତିଥି, ପୂର୍ବତନ ଜିଲ ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଏବଂ କଲେଜ ପରିଚାଳନା କମିଟି ସମ୍ପାଦକ ରଞ୍ଜିତ କୁମାର ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀମାନେ କଲେଜର ନୀତିନିୟମ ମାନି ଚଳିବା ସହିତ ମନଧ୍ୟାନ ଦେଇ ପାଠ ପଢିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ଛାତ୍ରୀମାନେ କଲେଜର ଶୈକ୍ଷିକ ବାତାବରଣରେ ନିଜକୁ ଖାପ ଖୁଆଇ ଚଳିବାକୁ ପରାମର୍ଶ ଦେଇଥିଲେ। ସଫଳତା ପାଇବା ପାଇଁ କୌଣସି ଶର୍ଟକର୍ଟ ଉପାୟ ନୁହେଁ, କଠିନ ଅଧବସାୟ ଓ ପ୍ରଚେଷ୍ଟା ଲୋଡା। ତେଣୁ ସମସ୍ତେ ନିଜର ଭବିଷ୍ୟତ ଗଠନ ପାଇଁ ପରିଶ୍ରମୀ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ ଅଧାପିକା ସନ୍ତୋଷିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନା, ଅଧାପିକା ଗୀତାଞ୍ଜଳି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବୀରମହାରାଜପୁର ମହିଳା କଲେଜ ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

## ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

### ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମୀକ୍ଷା

**ବୌଦ୍ଧ,୧୯।୧୦(ସ୍ୱ.ପ୍ର.)**



ସମୀକ୍ଷା ବୈଠକରେ ମନ୍ତ୍ରୀ ଓ ଅନ୍ୟମାନେ ।

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ଦିନ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜିଲାରେ ଚାଲିଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା ସଂପର୍କରେ ବିଭାଗୀୟ ମନ୍ତ୍ରୀ ପ୍ରଦିପ କୁମାର ଅମାତ ସମୀକ୍ଷା କରିଛନ୍ତି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପାୱାର ପଏଣ୍ଟ ମାଧ୍ୟମରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାରେ ଚାଲିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା,ଗ୍ରାମୀଣ ଆବାସ ଯୋଜନା, ଗ୍ରାମ୍ୟ ପାନୀୟଜଳ ଯୋଗାଣ ନେଇ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଅମାତ ସମସ୍ତ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱ ଦେବା ସହିତ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାରେ କେତେ ହିତାଧିକାରୀ ଜବକାର୍ଡ ପାଇଛନ୍ତି ଏବଂ ସେମାନଙ୍କୁ କେତେଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି ସମୀକ୍ଷା କରାଯିବା ସହିତ ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ୧୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ନ କଲେ ବିଭାଗୀୟ ଯନ୍ତ୍ରୀଙ୍କ ଦରମା ବନ୍ଦ କରାଯିବାକୁ ମନ୍ତ୍ରୀ ଅମାତ ତାଗିଦ କରିଥିଲେ । ଜିଲାରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହିତ ଜିଲାର ପ୍ରତ୍ୟେକ ପରିବାରକୁ ପାନୀୟଜଳ ଓ ବିଦ୍ୟୁତ ଯୋଗାଇ ଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ବୈଠକରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା,ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ସତ୍ୟ ନାରାୟଣ ଦାଶ,ଅତିରିକ୍ତ ସଚିବ ଡ. ମହେଶ୍ୱର ସ୍ୱାଇଁ, ସ୍ୱୟଂପ୍ରଭା ମହାନ୍ତି , ଡେପୁଟି ସେକ୍ରେଟେରୀ କୁଳମଣି ମିଶ୍ର, ଇଂ. ହାଡିବନ୍ଧୁ ବେହେରା,ଇଂ. ସୁରେଶ ମହନ୍ତ ପ୍ରମୁଖ ଯୋଗଦେଇ ବିଭାଗୀୟ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ପ୍ରକଳ୍ପ ନିର୍ଦ୍ଦେଶ ଜଳଛାୟା ମିଶନର ପ୍ରଦିପ୍ତ କୁମାର ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡା,ଏପିଡି ଗ୍ରାମୀଣ ଆବାସ ଯୋଜନା ସନ୍ଧ୍ୟାରାଣୀ ମହାପାତ୍ର, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ପଞ୍ଚାୟତିରାଜ ବିଭାଗର ଯନ୍ତ୍ରୀ,ବ୍ଲକ ପୋଜେକ୍ଟ କୋଡିନେଟର,ଜିପିଟିଏ,ଭିଏଲଡବ୍ଲୁ ଏବଂ ଜିଆରଏସମାନେ ଯୋଗ ଦେଇଥିଲେ ।

## ଦିଗଶିରା ଫୁଟବଲ: ଲୋକାଲ ଏଫସି ସୋନପୁର ବିଜୟୀ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ୫୧ତମ ରନିଙ୍ଗ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ଦିବସର ପ୍ରଥମେ ମ୍ୟାଚ ମୁରଶୁଣ୍ଡି ଓ ଆଗଲପୁର ମଧରେ ହୋଇଥିଲା। ଆଗଲପୁର ପେନାଲଟି ସୁଟଆଉଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖାଇରମାଲ ଓ ଲୋକାଲ ଏଫସି ସୋନପୁର ମଧରେ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ଲୋକାଲ ଏଫସି ସୋନପୁର ପେନାଲିଟ ସୁଟଆଉଟରେ ବିଜୟୀ ହୋଇଥିଲା। ପରେ ପ୍ରଥମ ମ୍ୟାଚ ବିଜୟୀ ଆଗଲପୁର ଓ ଦ୍ୱିତୀୟ ମ୍ୟାଚ ବିଜୟୀ ଲୋକାଲ ଏଫସି ସୋନପୁର ମଧରେ ହୋଇଥିଲା। ଏଥିରେ ସୋନପୁର ଦଳ ବିଜୟୀ ହୋଇଛି।

## ସଂକ୍ଷେପରେ

### ଆଜି ସମସ୍ତ ସରକାରୀ ଅଫିସ ବନ୍ଦ

#### ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

**ବଲାଙ୍ଗୀର ଅଫିସ, ୧୯।୧୦:** ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ଏବଂ ଆକ୍ସନ କମିଟି ନେତୃତ୍ୱରେ ବୁଧବାର ସରକାରୀ ଅଫିସ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ସଦର ମହକୁମାରେ ଥିବା ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ କରାଯିବ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏଥିରେ ଆକ୍ସନ କମିଟି, ଜିଲା ଓକିଲ ସଂଘ, ନାଗରିକ କମିଟି, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ ସୈନିକ ସଂଘ ସମେତ ଶତାଧିକ ସଙ୍ଗଠନ ସଦସ୍ୟ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ଦାବିପୂରଣ ନହେବା ପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନ ଜାରି ରହିବ ବୋଲି ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ସମସ୍ତ ସରକାରୀ ଅଫିସ ବନ୍ଦ କରାଗଲେ ମଧ ସ୍କୁଲ କଲେଜ, ଦୋକାନ ବଜାର ଖୋଲା ରହିବ ଏବଂ ଗାଡିମଟର ଚଳାଚଳ କରିବ ବୋଲି ସୂଚନା ଦେଇଛନ୍ତି।

### ଶିଶୁ ମହୋତ୍ସବ ସୁରଭି: ଭାଗନେଲେ ୧୧୭ ଛାତ୍ରୀଛାତ୍ର

**ଲୋଇସିଂହା,୧୯।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୨ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏବିଓ ରଶ୍ମିମତୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲୋଇସିଂହା କ୍ଲଷ୍ଟର ୧୫ଟି ବିଦ୍ୟାଳୟରରୁ ୧୧୭ ଜଣ ପ୍ରତିଯୋଗୀ ଭାଗ ନେଇ ୧୭ ଗୋଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ବ୍ଲକସ୍ତରୀୟ ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବବିତା ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଏସ ଡୁଙ୍ଗରିପାଲି ସିଆରସିସି ନିତ୍ୟାନନ୍ଦ ବାଗ, କୁଶମେଲର ସୁରଜ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ପର୍ଶୁରାମ ସୁନା ସଭା ପରିଚାଳନା କରିଥିଲେ। ସିଆରସିସି ଶୁଭଙ୍କର ପଧାନଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସମାଧାନ ବାଟ ଫିଟିଲାନି

## ରୁଗୁଡିଖାଲ ବିବାଦୀୟ ଜମି

**ଲୋଇସିଂହା,୧୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ରୁଗୁଡିଖାଲ ରାମ ମନ୍ଦିର ଓ ସାପ୍ତାହିକ ବଜାର ରାସ୍ତାକୁ ଜନୈକ ବ୍ୟକ୍ତି ନିଜର ରୟତି ଜମି ଦାବି କରି ଆବରୋଧ କରିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି। ଉପଜିଲାପାଳ କୁମାର ନାଗ ଭୂଷଣଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସଂଘମିତ୍ରା କାଲୋ ଓ ରାଜସ୍ୱ କର୍ମଚାରୀ ବୁଧବାର ବିବାଦୀୟ ଜମି ମାପଚୁପ କରିଥିଲେ। ଉପଯୁକ୍ତ ସୀମା ଚିହ୍ନଟରେ ରାଜସ୍ୱ କର୍ମଚାରୀ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ବିବାଦର ସମାଧାନର ବାଟ ବାହାରି ପାରି ନ ଥିବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ରୁଗୁଡିଖାଲରେ ରହିଛି ରାମ ମନ୍ଦିର। ମନ୍ଦିର ସଂଲଗ୍ନରେ ଶୁକ୍ରବାର ସପ୍ତାହିକ ବଜାର ବସିଥାଏ । ମନ୍ଦିର ଓ ବଜାରକୁ



ତହସିଲଦାରଙ୍କ ଉପସ୍ଥିତିରେ ବିବାଦୀୟ ଜମି ମାପଚୁପ ଚାଲିଛି।

ଯିବା ପାଇଁ ୨୬ ନଂ ଜାତୀୟ ରାଜପଥରୁ ରାସ୍ତା ସଂଯୋଗୀକରଣ ହୋଇଛି। ପ୍ରଶାସନ ତରଫରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି । ହେଲେ ଉକ୍ତ ରାସ୍ତାକୁ ଜଣେ ବ୍ୟକ୍ତି ନିଜର ରୟତି ଦାବି କରି ତାରବାଡ ଦେଇଛନ୍ତି । ମନ୍ଦିର ଏବଂ ସପ୍ତାହିକ ବଜାରକୁ ଯିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବରୋଧକୁ ବେଆଇନ ଦାବି କରି ବୁଢୀପଦର ପଞ୍ଚାୟତବାସୀ ଓ ମାନସ ଯଜ୍ଞ କମିଟି ତହସିଲଦାର ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ହେଲେ କୌଣସି ସମାଧାନ ନହେବାରୁ ୧୦ ଅକ୍ଟୋବରରେ ରୁଗୁଡିଖାଲରେ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦିଆଯାଇଥିଲା । ୯ ଅକ୍ଟୋବରରେ ଉପଜିଲାପାଳ ନାଗ ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀଙ୍କୁ ଡାକି ଆଲୋଚନା କରିଥିଲେ। ବିବାଦୀୟ ଜମି ମାପଚୁପ କରିବାକୁ ୧୯ ତାରିଖକୁ ଧାର୍ଯ୍ୟ ରଖିଥିଲେ। ଉଭୟ ପକ୍ଷକୁ ନେଇ ଜମି ମାପଚୁପ କରାଯାଇଥିଲା। ହେଲେ ସୀମା ଚିହ୍ନଟ ଥିବାବେଳେ କୁଆଡେ ରାଜସ୍ୱ କର୍ତ୍ତୃପକ୍ଷ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

# କୃଷକ ସାଥୀ, କୃଷିମିତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ



ବଲାଙ୍ଗୀର ଜିଲା କୃଷି କାର୍ଯ୍ୟାଳୟ ସଭାଗୃହରେ କୃଷକସାଥୀ ଓ କୃଷିମିତ୍ରଙ୍କୁ ଜିଲାପାଳ ଚଞ୍ଚଳ ରାଣା ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

**ବଲାଙ୍ଗୀର ଅଫିସ,୧୯।୧୦**

ବଲାଙ୍ଗୀର ଜିଲା କୃଷି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଓ କୃଷି ବିଭାଗ ପକ୍ଷରୁ କୃଷକ ସାଥୀ ଓ କୃଷିମିତ୍ରଙ୍କ ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଫଇଏସର ଜିଲା ସଂଯୋଜିକା ଜେସିକା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ଉଦ୍‌ଘାଟନ କରିବା ସହ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲା ଉଦ୍ୟାନ ଅଧିକାରୀ ପ୍ରଫୁଲ୍ଲ କୁମାର ଭଞ୍ଜ, ବଲାଙ୍ଗୀର ବ୍ଲକ ବିଡିଓ ପ୍ରୀତମ ତନ୍ତୀ, ସଦର ବ୍ଲକ କୃଷି ଅଧିକାରୀ ତଥା ସିଡିଏଓ ସୁଧାକର ନନ୍ଦ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପିଡି ସୁଦର୍ଶନ ସାଏ ଯୋଗଦେଇ ନିରନ୍ତର କୃଷି ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଏଗ୍ରିକଲଚର ସ୍କିଲ କାଉନସିଲ ଅଫ ଇଣ୍ଡିଆ ତରଫରୁ ଦକ୍ଷତା ବୃଦ୍ଧି ପାଇଁ କୃଷକସାଥୀ ଓ କୃଷିମିତ୍ର ମାନଙ୍କୁ ନେଇ କରାଯାଇଥିବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଖପ୍ରାଖୋଲ, ମୁରିବାହାଲ, ବଙ୍ଗୋମୁଣ୍ଡା, ଟୁରେକେଲା ବ୍ଲକର ୨୦ଜଣ କୃଷକସାଥୀ ଓ କୃଷିମିତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପେକ୍ଷୀରେ ମୁରିବାହାଲ ମାଷ୍ଟର ଟ୍ରେନର ଭାରତୀ ଗହୀର ଓ କୃଷକସାଥୀ ଡମ୍ବରୁଧର ରଣା ଏଫଇଏସର ଆଭିମୁଖ୍ୟ ଉପରେ କହିବା ସହ ଜୈବିକ ପଦ୍ଧତିରେ ଚାଷ ଓ ଉନ୍ନତ ଜଳ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଯୋଗଦେଇ ଏଫଇଏସର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମାଷ୍ଟରଟ୍ରେନର ସିଦ୍ଧେଶ୍ୱର ମାଝି, ଅଭୟ ତ୍ରିପାଠୀ, କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଥବୀର ଧରୁଆ, ଲୌକିକ ଧରୁଆ ତଥା କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ଆକ୍ରମଣ, ବାଇକ ଭାଙ୍ଗିଲେ

**ଦେଓଗାଁ,୧୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା-ଭୂତିଆରବାହାଲ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଦେଓଗାଁ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲ ଖେଳ ଶିକ୍ଷକ ମୋହନ କୁମାର ରଣା ଆକ୍ରମଣର ଶିକାର ହୋଇଛନ୍ତି। ୩ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍କୁଲ ଛୁଟି ପରେ ଖେଳ ଶିକ୍ଷକ ରଣା ତାଙ୍କ ସହଯୋଗୀ ତୁଳସୀଦାସ ଭୋଇଙ୍କ ସହ ନିଜଘର ତମିଆକୁ ବାଇକ (ନଂ ଓଡି୦୩ୟୁ ୯୧୬୫)ଯୋଗେ ଫେରୁଥିଲେ। କୁଠୁର୍ଲାରୁ ଭୂତିଆରବାହାଲ ମଝିରେ ଥିବା କ୍ରଶର ନିକଟରେ ୩ଜଣ ମୁଖାପିନ୍ଧା ଯୁବକ ହଠାତ୍ ସମ୍ମୁଖକୁ ଆସି ଏକ ଲୁହାରଡରେ ବାଇକ ସମ୍ମୁଖ ଭାଗକୁ ପିଟି ଦେଇଥିଲେ। ସେ ତଳେ ପଡିଯିବା ପରେ ବାଇକକୁ ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିଲେ। କୌଣସିମତେ ସେ ଓ ଭୋଇ ସେଠାରୁ ଦୌଡି ପଳାଇବା ପରେ ଦୁର୍ବୃତ୍ତମାନେ ଏକ ଲାଲରଙ୍ଗର ଆପାଚିରେ ଫେରାର ହୋଇଯାଇଥିଲେ। ତେବେ କେଉଁ କାରଣରୁ ଆକ୍ରମଣ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ତେବେ କେହି ଜଣେ ତାଙ୍କୁ ଫୋନରେ ଆଗରୁ ଧମକ ଦେଉଥିବାରୁ ଏଭଳି ଆକ୍ରମଣ ହୋଇଥାଇପାରେ ବୋଲି ରଣା ସନ୍ଦେହ କରିଛନ୍ତି।





ଚେନ୍ନାଇ ଜୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଗାୟିକା ଲିପସାଙ୍କ ସହ ଅନ୍ୟମାନେ।

## ଚେନ୍ନାଇରେ ଜୁହାର ପରିବାରର ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୧୯।୧୦(ସ୍ୱ.ପ୍ର.)**

ଚେନ୍ନାଇ ଇମେଜ ଅଡିଟରିୟମ ହଲଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେନ୍ନାଇ ଜୁହାର ପରିବାର ପକ୍ଷରୁ ଅନୁଷ୍ଠିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ୩୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଏଥିରେ କଳାହାଣ୍ଡିର ପ୍ରସିଦ୍ଧ ଗାୟିକା ସୁଶ୍ରୀ ଲିପସା ମହାରଣାଙ୍କ ଗୀତରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ। ପରେ ଅତିଥିଙ୍କ ଦ୍ୱାରା ଗାୟିକା ମହାରଣାଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତାମିଲନାଡୁର ସାଇବର କ୍ରାଇମ୍ସ ଡିଜିପି ଅମରେଶ ପୂଝାରୀ, କେନ୍ଦ୍ର ଶକ୍ତି ବିଭାଗ ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ନୂଆଁଖାଇ ଉତ୍ସବ କମିଟି ଆବାହକ ବନବିହାରୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଶିଷ



@ ସୁନୀଲ



@ ଅଭିଷେକ



@ ଉମେଶ



@ ପିକୁନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀରାମ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଡୁଙ୍ଗୁରିପାଲି, ୧୯।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡକ୍ଟର ଦିଲୀପ କୁମାର ସାହୁ ବିଜ୍ଞାନ ବିଷୟ ସମ୍ପର୍କରେ, ଅଧାପକ ଲୋକନାଥ ମାଝି ବାଣିଜ୍ୟ ବିଷୟରେ, ଡକ୍ଟର ଗୁଣନିଧି ବାରିକ ଗବେଷଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ଶୈକ୍ଷିକ ମୁଖ୍ୟ ଅଧାପକ ମଧୁସୂଦନ ରଥ ଶିକ୍ଷା ପଦ୍ଧତି, ଅଧୟନ ପଦ୍ଧତି ସମ୍ପର୍କରେ, ଛାତ୍ରାବାସ ଅଧୀକ୍ଷକ ଡକ୍ଟର ରବିନାରାୟଣ ତ୍ରିପାଠୀ ଛାତ୍ରାବାସର ଶୃଙ୍ଖଳା ଉପରେ ଏବଂ ଖେଳ ଶିକ୍ଷକ ସ୍ୱପ୍ନ ସାଗର ସରାଫ ଖେଳର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ କ୍ୟାଲେଣ୍ଡର ବଣ୍ଟନ କରାଯାଇଥିଲା। ଶେଷରେ ଅଧାପକ ଦେବେନ୍ଦ୍ର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁର୍ବେଦ କଲେଜରେ ଏନ୍‌ଏସ୍‌ଏସ୍ ଶିବିର

**ବଲାଙ୍ଗୀର ଅଫିସ, ୧୯।୧୦**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସରରେ ଜାତୀୟ ସେବା ଶିବିର(ଏନ୍‌ଏସ୍‌ଏସ୍) ଜରିଆରେ ସଫେଇ ଅଭିଯାନ କରାଯାଇଥିଲା। ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ଥିବା ଆବର୍ଜନା, ଅନାବନା ଗଛ, ଶୁଖିଲା ପତ୍ର ଓ ମଇଳା ସଫେଇ କରି କ୍ୟାମ୍ପସକୁ ସ୍ୱଚ୍ଛ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା ଅରୁଣ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା ଅନ୍ତର୍ଭୁକ୍ତ ୫୦ ଜଣ ସ୍ୱେଚ୍ଛାସେବୀ ଏଠାରେ ସାମିଲ ହୋଇ ସଫେଇ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ସାମୂହିକ ଭାବେ ଉଦ୍ୟାନ, ଶ୍ରେଣୀଗୃହ ଓ ଏବଂ ଚିକିତ୍ସାଳୟକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଶିକ୍ଷାନୁଷ୍ଠାନର ଜାତୀୟ ସେବା ଶିବିର ଯୋଜନା ଅଧିକାରୀ ଅଧାପକ ଡା ବୁଦ୍ଧଦେବ ମିଶ୍ର, ସହକାର୍ଯ୍ୟକ୍ରମ ଅଧିକାରୀ ଡା ସ୍ନେହଲତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆୟୁର୍ବେଦ କଲେଜ ପରିସରରେ ଜାତୀୟ ସେବା ଶିବିର ଜରିଆରେ ସଫେଇ କରାଯାଉଛି।

# ରାଣୀପୁର ଝରିଆଲ ପୀଠ ଉନ୍ନତି ପାଇଁ ୧୦୦ କୋଟି ଦିଅ

**ବଲାଙ୍ଗୀର ଅଫିସ, ୧୯।୧୦**

ପ୍ରସିଦ୍ଧ ପର୍ଯ୍ୟଟନ ପୀଠ ରାଣୀପୁର-ଝରିଆଲର ଉନ୍ନତି ପାଇଁ ରାଜ୍ୟ ସରକାର ତୁରନ୍ତ ୧୦୦ କୋଟି ଟଙ୍କା ପ୍ରଦାନ କରନ୍ତୁ ବୋଲି କୋସଲ ରାଏଜ୍‌ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ବୁଧବାର ଏହି ଦାବି ନେଇ ମୋର୍ଚ୍ଚା ସଦସ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଣୀପୁର-ଝରିଆଲ ପୀଠର ଖ୍ୟାତି ସମଗ୍ର ଦେଶ ଏପରିକି ବିଶ୍ୱସ୍ତରରେ ରହିଛି। ଏଠାରେ ଭାରତର ହାତଗଣତି ଯୋଗିନୀ ପୀଠ ଭିତରୁ ଗୋଟିଏ ଯୋଗିନୀ ପୀଠ ରହିଛି। ଏହା ସହିତ ଇଟାରେ ତିଆରି କାରୁକାର୍ଯ୍ୟପୂର୍ଣ୍ଣ ଇନ୍ଦ୍ରଲାଠ ମନ୍ଦିର ରହିଛି। ଏଠାକାର ପ୍ରାକୃତିକ ପରିବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ସୋମେଶ୍ୱର ମନ୍ଦିର ରହିଛି ଏବଂ ଏହା ଶ୍ରଦ୍ଧାଳୁଙ୍କ ପାଇଁ ସୋମତୀର୍ଥ ଭାବେ ଜଣାଶୁଣା। ଏହି ପୀଠର ଉନ୍ନତି ଏପର୍ଯ୍ୟନ୍ତ ହୋଇପାରିନଥିବାରୁ ଏଠାରେ ଦର୍ଶକମାନେ ନାହିଁ ନ ଥିବା ଅସୁବିଧା ଭୋଗୁ କରୁଛନ୍ତି। କୋସଲ ରାଏଜ୍ ମୁକ୍ତ





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୋସଲ ରାଏଜ୍ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ମୋର୍ଚ୍ଚା ସଦସ୍ୟମାନେ କହିଥିଲେ ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ପୀଠକୁ ଅଣଦେଖା ଓ ଅବହେଳା କରୁଛନ୍ତି। ଏଠାରେ ମଧ ଆଞ୍ଚଳିକ ବୈଷମ୍ୟ ବାରି ହୋଇପଡୁଛି। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ଆସି ରାଣୀପୁର-ଝରିଆଲ ପୀଠର ଉନ୍ନତିକରଣ ପାଇଁ ଘୋଷଣା କରିଥିଲେ। ଏହାସତ୍ତ୍ୱେ ଏଠାରେ ବିକାଶ କାର୍ଯ୍ୟ ହୋଇନାହିଁ। ରାଜ୍ୟ ସରକାର ପୁରୀ ଶ୍ରୀମନ୍ଦିର ପାଇଁ ୩ ହଜାର ୫ ଶହ କୋଟି, ଲିଙ୍ଗରାଜ ମନ୍ଦିର ପାଇଁ ୧୫ ଶହ କୋଟି, ତାରାତାରିଣୀ ପୀଠ ପାଇଁ ୩ ଶହ କୋଟି, ଚିଲିକା ପାଇଁ ୮ ଶହ କୋଟି ଓ କୋଣାର୍କ ମନ୍ଦିର ପାଇଁ ୧ ହଜାର କୋଟି ଅନୁଦାନ ଘୋଷଣା କରିଛନ୍ତି। ମାତ୍ର ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ ପୀଠ ପାଇଁ ଅନୁଦାନ ଦିଆଯାଉନାହିଁ। ତୁରନ୍ତ ଏହି ପୀଠର ଉନ୍ନତିକରଣ ପାଇଁ ଅତି କମ୍‌ରେ ୧୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା। କୋସଲ ରାଏଜ୍ ମୁକ୍ତି ମୋର୍ଚ୍ଚାର ସାଗର ଚରଣ ଦାସ, ଗଣେଶ ସାହୁ, ବିକାଶ ଅଗ୍ରୱାଲ, ସିପୁନ ଖାମାରୀ ଏବଂ ବିକାଶ ସାଙ୍କ ନେତୃତ୍ୱରେ ବହୁ ସଦସ୍ୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।